DHARITRI

ସମ୍ବଲପୁର, ଶନିବାର, ଜାନୁୟାରୀ ୪/୨୦୨୦ (୧୬ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, January 4 / 2020 ★★

୧୬ଶ ଭାଗ ୨୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



## ମାନବ ବିଶ୍ୱର ନମ୍ବର ୱାନ

ଭାରତୀୟ ଯୁବ ଖେଳାଳି ମାନବ ଠାକ୍କର ସଦ୍ୟ ପ୍ରକାଶିତ ୨୧ବର୍ଷରୁ କମ୍ ପୁରୁଷ ସିଙ୍ଗଲ୍ସ ଆଇଟିଟିଏଫ୍ ର୍ୟାଙ୍କିଙ୍ଗ ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। **୧୫**

**୦୯** 

## ଆଲିଆଙ୍କୁ ଭିଡ଼ରୁ ବଞ୍ଚାଇଲେ ରଣବୀର

ବଲିଉଡ୍‌ର ଚର୍ଚ୍ଚିତ ଯୋଡ଼ି ଆଲିଆ ଭଟ୍ଟ ଓ ରଣବୀର କପୁର ମୁମ୍ବାଇ ଏୟାରପୋର୍ଟରୁ ବାହାରିବା ମାତ୍ରେ ପ୍ରଶଂସକ ଭିଡ଼ ଜମାଇଥିଲେ। ଆଲିଆଙ୍କୁ ରଣବୀର ଭିଡ଼ରୁ ବଞ୍ଚାଇଥିଲେ।



# ଆମେରିକା, ଇରାନ ଯୁଦ୍ଧମୁହାଁ

**ୱାଶିଂଟନ/ତେହେରାନ, ୩।୧ (ପି.ଟି./ଏଏଫ୍‌ପି)**

ଦୁଇ ଶତ୍ରୁଙ୍କ ମଧ୍ୟରେ କୁହୁଳୁଥିବା ବିବାଦ ଶେଷରେ ନିଆଁ ହୋଇ ଭୟାବହ ରୂପ ଧାରଣ କରିଛି। ଆମେରିକାର ରକେଟ ମାଡ଼ରେ ଇରାନ ସେନାର ଶକ୍ତିଶାଳୀ କମାଣ୍ଡର ଜେନେରାଲ କାସିମ ସୋଲେମାନୀ ନିହତ ହୋଇଛନ୍ତି। ବିଦେଶରେ ଆମେରିକୀୟ ସୈନ୍ୟଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ଶୁକ୍ରବାର ପେଣ୍ଟାଗନ ଘୋଷଣା କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସ୍ପଷ୍ଟ ହୋଇଛି। ଏହି ଅପ୍ରତ୍ୟାଶିତ ଘଟଣାକ୍ରମ ଦୁଇ ପାରମ୍ପରିକ ଶତ୍ରୁ ଆମେରିକା ଓ ଇରାନ ମଧ୍ୟରେ ଚରମ ଉତ୍ତେଜନା ସୃଷ୍ଟି କରିଛି। ସାମାଜିକ ଗଣମାଧ୍ୟମରେ କେହି କେହି ଏହାକୁ ତୃତୀୟ ବିଶ୍ୱଯୁଦ୍ଧର ଅୟମାରମ୍ଭ ବୋଲି ଅଭିହିତ କରିବାରେ ଲାଗିଛନ୍ତି।

ଆମେରିକା ଓ ଇରାନ ମଧ୍ୟରେ ଶତ୍ରୁତା ପୁରୁଣା। ଏକାଧିକ ପ୍ରସଙ୍ଗରେ ଦୁଇରାଷ୍ଟ୍ରର ଆକ୍ରମଣାତ୍ମକ ଆଭିମୁଖ୍ୟ ପାରସ୍ୟ ଉପସାଗରୀୟ ଅଞ୍ଚଳରେ ଉତ୍ତେଜନା ବୃଦ୍ଧିର କାରଣ ହୋଇଥାଏ। ଏହି ଶତ୍ରୁତାକୁ ନେଇ ନିକଟରେ ଇରାକ ରାଜଧାନୀ ବାଗଦାଦରେ ଇରାନ ସମର୍ଥିତ ବିଦ୍ରୋହୀଙ୍କ ଉପରେ ଆମେରିକା ସେନା ଆକାଶମାର୍ଗରୁ ଆକ୍ରମଣ କରିଥିଲା। ଇରାନ ସମର୍ଥିତ ଉତ୍ତ୍ୟକ୍ତ ବିକ୍ଷୋଭକାରୀମାନେ ପ୍ରତିଶୋଧପରାୟଣ ହୋଇ ବୁଧବାର ବାଗଦାଦସ୍ଥିତ ଆମେରିକା ଦୂତାବାସକୁ ଟାର୍ଗେଟ କରିଥିଲେ। ଏହି ଆକ୍ରମଣ ପାଇଁ ଇରାନକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କଡ଼ା ଚେତାବନୀ ଦେଇଥିଲେ। ଏହାସହ ଆମେରିକା ପ୍ରତିରକ୍ଷା ସଚିବ ମାର୍କ ଏସ୍ପର ମଧ୍ୟପ୍ରାଚ୍ୟ କ୍ଷେତ୍ରକୁ ତତ୍କାଳ ୭୫୦ ସୈନ୍ୟଙ୍କୁ ପଠାଇବା ପାଇଁ ଘୋଷଣା କରିଥିଲେ। ଏଇଠୁ ଆରମ୍ଭ ହୋଇଥିଲା ନୂଆବର୍ଷରେ ଦୁଇରାଷ୍ଟ୍ର ମଧ୍ୟରେ ପୁରୁଣା ଶତ୍ରୁତା। ଏହାର ଦୁଇଦିନ ପରେ ରାଷ୍ଟ୍ରପତି ଟ୍ରମ୍ପ୍ ନାଟକୀୟ ଭାବେ ଇରାନର ରିଭୋଲ୍ୟୁଶନାରୀ ଗାର୍ଡସ କମାଣ୍ଡର ଜେନେରାଲ କାସିମ ସୋଲେମାନୀଙ୍କୁ ହତ୍ୟାକରିବା ପାଇଁ ଶୁକ୍ରବାର ନିର୍ଦ୍ଦେଶ ଦେଇଥିଲେ ଏବଂ ଏହାକୁ ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି ଆମେରିକୀୟ ସୁରକ୍ଷା ବଳ। ଅଲ୍-ଗାର୍ଡସ ମୁଖ୍ୟ ତଥା ଏହାର ନିରାପତ୍ତା ସରଞ୍ଜାମ ସ୍ଥପତି ଜେନେରାଲ ସୋଲେମାନୀଙ୍କୁ ବାଗଦାଦ ଯାଉଥିବାବେଳେ ଶୁକ୍ରବାର ଭୋର ସମୟରେ ସେମାନେ ଟାର୍ଗେଟ କରିଛନ୍ତି। ସୋଲେମାନୀ ବାଗଦାଦ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଏକ କାର୍‌କେଡ୍‌ରେ ଯାଉଥିବାବେଳେ ଆମେରିକା ବଳ ଆକାଶମାର୍ଗରୁ ରକେଟ ମାଡ଼ କରିଛି। ଏଥିରେ ସୋଲେମାନୀ ଓ ଇରାକର ଶକ୍ତିଶାଳୀ ହାଶେଦ୍ ଅଲ-ଶବାବି ଅର୍ଦ୍ଧସାମରିକ ବଳ ଉପମୁଖ୍ୟଙ୍କ ସମେତ ଇରାନ ସମର୍ଥିତ କେତେଜଣ ସ୍ଥାନୀୟ ବିଦ୍ରୋହୀ ନିହତ ହୋଇଛନ୍ତି।

୬୨ ବର୍ଷୀୟ ସୋଲେମାନୀ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଖାମେନିଙ୍କ ଘନିଷ୍ଠ ସହଯୋଗୀ ଥିଲେ। ଖାମେନିଙ୍କ ପରେ ଇରାନରେ ସେ ଥିଲେ ଦ୍ୱିତୀୟ ପ୍ରଭାବଶାଳୀ ବ୍ୟକ୍ତିତ୍ୱ। ତାଙ୍କ ନେତୃତ୍ୱାଧୀନ କୁଦ୍‌ସ ଫୋର୍ସ ହେଉଛି ଇରାନ ରିଭୋଲ୍ୟୁଶନାରି ଗାର୍ଡସର ଏକ ବିଶିଷ୍ଟ ୟୁନିଟ। ଏହି ୟୁନିଟ ପ୍ରତ୍ୟକ୍ଷ ଭାବେ ସୁପ୍ରିମ ଲିଡରଙ୍କ ନିକଟରେ ଉତ୍ତରଦାୟୀ। ଟ୍ରମ୍ପ୍‌ଙ୍କ ନିର୍ଦ୍ଦେଶରେ ଏହି ଏୟାର ଷ୍ଟ୍ରାଇକ୍ କରାଯାଇଥିବା ପେଣ୍ଟାଗନ ସ୍ପଷ୍ଟ କରିଛି। ସେପଟେ ସୋଲେମାନୀଙ୍କ ହତ୍ୟା ପରେ ଟ୍ରମ୍ପ୍ ଫ୍ଲୋରିଡା ଗସ୍ତ କରିଛନ୍ତି। ଟ୍ରମ୍ପ୍ ନିଜ ଦେଶର ଜାତୀୟ ପତାକାକୁ ଟୁଇଟ୍ କରି ବିଜୟର ବାର୍ତ୍ତା ଦେଇଛନ୍ତି। ୱାଶିଂଟନରେ ଏହାକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରିପବ୍ଲିକାନମାନେ ଟ୍ରମ୍ପ୍‌ଙ୍କୁ ପ୍ରଶଂସାରେ ପୋତି ଦେଇଥିବାବେଳେ ଡେମୋକ୍ରାଟମାନେ ଏହାର ଆଇନଗତ ବୈଧତାକୁ ନେଇ ପ୍ରଶ୍ନ ଉଠାଇବା ସହ ପରିଣାମକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଆକ୍ରମଣର ଜବାବ ଦେବାକୁ ଯାଇ ଇରାନ ସୁପ୍ରିମ ଲିଡର ଖାମେନି ଆମେରିକାକୁ ଚରମବାଣୀ ଶୁଣାଇଛନ୍ତି। ଅପରାଧୀଙ୍କ ଉପରେ ସାଂଘାତିକ ପ୍ରତିଶୋଧ ନିଆଯିବ ବୋଲି ଧମକ ଦେଇଛନ୍ତି। ଏହାସହ ସେ ତିନିଦିନିଆ ଜାତୀୟ ଶୋକଦିବସ ଘୋଷଣା କରିଛନ୍ତି। ଦୁଇଦେଶ ଯୁଦ୍ଧମୁହାଁ ହେବା ପରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇଛି।



ବାଗ୍‌ଦାଦ ଅନ୍ତର୍ଜାତୀୟ ବିମାନବନ୍ଦରରେ ଆମେରିକାର ରକେଟ ମାଡ଼ ପରେ ଏକ ଗାଡ଼ି ଜଳିଯାଉଛି। ଇରାକ ପ୍ରଧାନମନ୍ତ୍ରୀଙ୍କ ପ୍ରେସ୍ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଏହି ଫଟୋ ଜାରି କରାଯାଇଛି।



ଇରାନର ପ୍ରଭାବଶାଳୀ କୁଦ୍‌ସ ଫୋର୍ସ ମୁଖ୍ୟ ଜେନେରାଲ କାସିମ ସୋଲେମାନୀ।

### ଚିନ୍ତାରେ ବିଶ୍ୱ ସମୁଦାୟ

- ବାଗଦାଦ ବିମାନବନ୍ଦରରେ ଆମେରିକା ସେନାର ଆକ୍ରମଣ
- ଇରାନ ସେନା କମାଣ୍ଡର କାସିମ ସୋଲେମାନୀ ନିହତ
- ତାଙ୍କ ସହ ଆଉ କେତେଜଣ ଅଧିକାରୀ ଓ ବିଦ୍ରୋହୀ ମୃତ
- ଆମେରିକାକୁ ପ୍ରତିଶୋଧର ଧମକ ଦେଲେ ଇରାନ ସୁପ୍ରିମ ଲିଡର

## ୩।୧ରୁ ଆରମ୍ଭ ହୋଇପାରେ ବଜେଟ ଅଧିବେଶନ



**ନୂଆଦିଲ୍ଲୀ,୩।୧**

ଚଳିତ ମାସ ୩୧ରେ ବଜେଟ ଅଧିବେଶନ ଆରମ୍ଭ କରିବା ନେଇ ସରକାର ବିଚାର କରୁଛନ୍ତି। ସେହିଭଳି ସାଧାରଣ ବଜେଟ ଫେବୃୟାରୀ ପହିଲାରେ ଉପସ୍ଥାପନ ହୋଇପାରେ। ବଜେଟ ଅଧିବେଶନ ନେଇ ଚୂଡ଼ାନ୍ତ ତାରିଖର ବିଜ୍ଞପ୍ତି ଏ ଯାଏ ପ୍ରକାଶ ପାଇନାହିଁ। ସଂସଦୀୟ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି(ସିସିପିଏ) ଏ ନେଇ ତାରିଖ ପ୍ରସ୍ତାବ ଦେବା ପରେ ବିଜ୍ଞପ୍ତି ଆସିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ସିସିପିଏ ବୈଠକ ଶୀଘ୍ର ବସିବା ସହ ଏ ସଂକ୍ରାନ୍ତରେ ପ୍ରସ୍ତାବ ଦେବ। ବଜେଟ ଅଧିବେଶନର ଆରମ୍ଭ ଦିନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସଂସଦର ଉଭୟ ସଦନର ମିଳିତ ଅଧିବେଶନକୁ ଅଭିଭାଷଣ ଦେବେ। ସମାନ ଦିନରେ ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରକାଶ ପାଇବ। ବଜେଟ ଅଧିବେଶନ ଏପ୍ରିଲ ଯାଏ ଚାଲିବ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ସରକାରୀ ଅଧିକାରୀ କହିଛନ୍ତି।

## ଫେବୃୟାରୀ ପ୍ରଥମ ସପ୍ତାହରେ ବିଧାନସଭା



**ଭୁବନେଶ୍ୱର,୩।୧(ବ୍ୟୁରୋ)**

ଆସନ୍ତା ଫେବୃୟାରୀ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରୁ ୨୦୨୦ର ପ୍ରଥମ ବିଧାନସଭା ଅଧିବେଶନ ଆରମ୍ଭ ହେବ। ଏ ନେଇ ସଂସଦୀୟ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ଅବଗତ କରାଯାଇଛି। ରାଜ୍ୟପାଳଙ୍କ ଅଭିଭାଷଣ ପାଇଁ ତଥ୍ୟ ମଗାଯାଇଛି। ଜାନୁୟାରୀ ୨୦ ସୁଦ୍ଧା ସମସ୍ତ ବିଭାଗ ସରକାରଙ୍କ ବିକାଶର ତଥ୍ୟ ସଂସଦୀୟ ବିଭାଗକୁ ପ୍ରଦାନ କରିବେ। ଅନ୍ୟପକ୍ଷରେ ଏ ନେଇ ବିଧାନସଭା ସଚିବାଳୟ ପକ୍ଷରୁ ମଧ୍ୟ ଏକ ପ୍ରସ୍ତାବ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ବିଧାନସଭା ଅଧିବେଶନ ପାଇଁ ଚୂଡ଼ାନ୍ତ ତାରିଖ ଧାର୍ଯ୍ୟ ହୋଇ ନ ଥିଲେ ମଧ୍ୟ ଫେବୃୟାରୀ ୬ କିମ୍ବା ୭ରୁ ବିଧାନସଭା ଅଧିବେଶନ ଆରମ୍ଭ କରିବା ନେଇ ପ୍ରସ୍ତାବ ଦିଆଯାଇଥିବା ଜଣାପଡ଼ିଛି।

# ରାଜ୍ୟ ସାରା କୋହଲା ପାଗ

**ଭୁବନେଶ୍ୱର,୩।୧(ବ୍ୟୁରୋ)**

- ୬, ୭ରେ ପ୍ରବଳ ଥଣ୍ଡା
- ଜିଲାପାଳଙ୍କୁ ସତର୍କ କଲେ ଏସ୍ଆର୍‌ସି
- ସ୍କୁଲଗୃହ ରାତ୍ର ଆଶ୍ରୟସ୍ଥଳ କରିବାକୁ ନିର୍ଦ୍ଦେଶ
- ୯ରେ ପୁଣି ବର୍ଷା
- ଧାନମଣ୍ଡିକୁ ଘୋଡ଼ାଇ ରଖିବାକୁ ନିର୍ଦ୍ଦେଶ

ଝିପି ଝିପି ବର୍ଷା, କୋହଲା ପାଗ ଯୋଗୁ ରାଜ୍ୟରେ ସୃଷ୍ଟି ହୋଇଛି ଏକ ଶୀତୁଆ ପରିବେଶ। ଆଗକୁ ବର୍ଷା ଅଧିକ ନ ଥିଲେ ମଧ୍ୟ ପ୍ରବଳ ଥଣ୍ଡା ଦେହ ମୁଣ୍ଡକୁ ଥରାଇ ଦେବ। ଶୁକ୍ରବାର ସକାଳୁ ମେଘ ଢାଙ୍କି ଦେବା ସାଙ୍ଗକୁ ଝିପି ଝିପି ବର୍ଷା ଆରମ୍ଭ ହୋଇଯାଇଥିଲା। ଦିନ ବଢ଼ିବା ସାଙ୍ଗକୁ ବର୍ଷା ପରିମାଣ ମଧ୍ୟ ବଢ଼ିଯାଇଥିଲା। ବର୍ଷା ଓ କୋହଲା ପାଗ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଦିନତମାମ ବର୍ଷା ଲାଗିରହିଥିଲା। ଉପକୂଳଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାର କେତେକ ସ୍ଥାନରେ ତୁହାକୁ ତୁହା ବର୍ଷା ଲାଗିରହିଥିଲା। ଆଉ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହୋଇଥିଲା।

ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ୩୧.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ତାଳଚେରରେ ୧୫, ସମ୍ବଲପୁରରେ ୧୪, କେନ୍ଦୁଝରରେ ୧୪, ସୁନ୍ଦରଗଡ଼ରେ ୪, ଅନୁଗୋଳରେ ୧୧, ପୁରୀରେ ୨, ଚାନ୍ଦବାଲିରେ ୭, କଟକରେ ୪, ଭୁବନେଶ୍ୱର ୮, ବଲାଙ୍ଗୀର ୧୫.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁ ରାଜ୍ୟର କେତେକ ସ୍ଥାନରେ ଧାନ ଫସଲ ପ୍ରଭାବିତ ହୋଇଛି। ପାଚିଲା ଧାନ ବିଲରେ ପଡ଼ିରହିଛି। ବର୍ଷା ଯୋଗୁ ସେଗୁଡ଼ିକ ନଷ୍ଟ ହେବାର ଆଶଙ୍କା ରହିଛି। ବର୍ଷା ଛାଡ଼ି ଯିବା ପରେ ରାଜ୍ୟରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପ୍ରବଳ ଥଣ୍ଡା ହେବାର ସମ୍ଭାବନା ରହିଛି। ବର୍ଷା ଓ ଥଣ୍ଡାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି) ପ୍ରଦୀପ୍ତ କୁମାର ଜେନା ଆବଶ୍ୟକ ପ୍ରତିକାର ମୂଳକ ପଦକ୍ଷେପ ☞ପୃଷ୍ଠା-୪

■ ଓମ୍ୱାଡ୍‌ସି ପ୍ରକଳ୍ପ ଉପରେ ସନ୍ତୋଷ ପ୍ରକାଶ କଲେ ନିରୀକ୍ଷଣ କର୍ତ୍ତୃପକ୍ଷ

# ୧୭ଶହ କୋଟିର ନୂଆ ପ୍ରକଳ୍ପକୁ ମଞ୍ଜୁରୀ

**ଭୁବନେଶ୍ୱର,୩।୧(ବ୍ୟୁରୋ)**

- ଓମ୍ୱାଡ୍‌ସି ୱେବସାଇଟ୍ ଉନ୍ମୋଚିତ
- ସବୁ ଜିଲାରେ ଖୋଲିବ ସେଲ୍

ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ(ଓମ୍ୱାଡ୍‌ସି) ପାଣ୍ଠି ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ବିଷୟରେ ବିଚାରପତି ଏ.କେ. ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗଠିତ ନିରୀକ୍ଷଣ କର୍ତ୍ତୃପକ୍ଷ ସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରାୟ ୧୭୦୦କୋଟି ଟଙ୍କା ମୂଲ୍ୟର ନୂତନ ପ୍ରକଳ୍ପଗୁଡ଼ିକୁ ମଧ୍ୟ ଅନୁମୋଦନ ମିଳିଛି। ଖାରବେଳ ଭବନ ସଭାଗୃହରେ ଶୁକ୍ରବାର ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ବିଚାରପତି ଏ.କେ. ପଟ୍ଟନାୟକ କହିଛନ୍ତି ଯେ, ସେ ବିଭିନ୍ନ ସମୟରେ କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ ଆଦି ଜିଲାର ଅନେକ ସ୍ଥାନ ପରିଦର୍ଶନ କରି ଦେଖିଛନ୍ତି, କ୍ଷେତ୍ରସ୍ତରରେ ଓମ୍ୱାଡ୍‌ସି ପ୍ରକଳ୍ପଗୁଡ଼ିକର ତ୍ୱରିତ୍ କାର୍ଯ୍ୟାନ୍ୱୟନ ଚାଲିଛି। ଆସନ୍ତା ମାସଗୁଡ଼ିକରେ ଏହି କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହେବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ରହିଥିବା ସେ କହିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କ୍ଷେତ୍ରସ୍ତରରେ କାର୍ଯ୍ୟାନ୍ୱୟନ ଦକ୍ଷତାର ବୃଦ୍ଧି ଏବଂ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ଓ ସେବା ଯୋଗାଣକୁ ଅଗ୍ରାଧିକାର ଦେବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଓମ୍ୱାଡ୍‌ସି ପାଣ୍ଠି ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ପରିଚାଳନା ନିମନ୍ତେ ଜିଲାସ୍ତରରେ ସେଲ୍ ଖୋଲାଯିବ। ଅନ୍ୟପକ୍ଷରେ ବିଚାରପତି ପଟ୍ଟନାୟକଙ୍କ ଦ୍ୱାରା ଓମ୍ୱାଡ୍‌ସି ୱେବସାଇଟ ଉନ୍ମୋଚନ କରାଯାଇଛି। ଓମ୍ୱାଡ୍‌ସିର କାର୍ଯ୍ୟକଳାପ ଓ ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହିତ ସେମାନଙ୍କ ମତାମତ ଗ୍ରହଣ କରିବା ଏହି ୱେବ୍‌ସାଇଟର ଲକ୍ଷ୍ୟ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ସେହିପରି ସମୁଦାୟ ମୟୂରଭଞ୍ଜ ଜିଲାକୁ ଓମ୍ୱାଡ୍‌ସି ଅନ୍ତର୍ଭୁକ୍ତ କରିବା ପ୍ରସ୍ତାବକୁ ବିଚାରପତି ପଟ୍ଟନାୟକ ଅନୁମୋଦନ ଦେଇଛନ୍ତି।

### ଆଜିର ସମ୍ପାଦକୀୟ

**କେରଳରେ ଅର୍ଥସଙ୍କଟ**

### ଆଜିର ମନ୍ତବ୍ୟ

“ ସିଏଏ ନିଷ୍ପତ୍ତିକୁ ନେଇ ସରକାର ୧ ଇଞ୍ଚ ବି ପଛଘୁଞ୍ଚା ଦେବେନାହିଁ।

**-ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

Taste the difference! Vencobb FRESH CHICKEN

03.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 90 | 145 | 155 |
| BDK | 88 | 142 | 152 |
| BLS | 87 | 141 | 151 |
| ANG | 90 | 145 | 155 |
| BHM | 90 | 145 | 155 |

*Conditions Apply

Issued in the Interest of Consumers

## ବାପାଙ୍କ ମୃତଦେହ ବୋହିଲେ, ଅନ୍ତିମ ସଂସ୍କାର କଲେ

# ସାମାଜିକ ବାସନ୍ଦ ବିରୋଧରେ ଦୃଢ଼ ହେଲେ ପ୍ରମିଳା

**ଗୁଡ଼ଭେଲା,୩।୧(ଡ଼ି.ଏନ.ଏ.)**

ବାପାଙ୍କ ମୃତଦେହ ଘରେ ୨ ଦିନ ହେଲା ପଡ଼ିଥିଲା। ମୁଣ୍ଡପିଟି କାନ୍ଦୁଥିଲେ ପରିବାର ଲୋକେ । ଶୋକରେ କାହାର ପାଟି ଫିଟୁ ନ ଥିଲା । ମୃତଦେହ ସତ୍କାର ହୋଇ ନ ଥିବାରୁ ଭୋକ ଉପାସରେ ରହିଥିଲେ ସାରା ପରିବାର । ଏମିତି ପରିସ୍ଥିତିରେ ଜାତିଭାଇ କି ଅନ୍ୟ କେହି ଆଡ଼ ଆଖିରେ ଚାହିଁବାକୁ ଆସିଲେନି। ଝିଅ ଅନ୍ୟ ଜାତିରେ ବିବାହ କରିଥିବାରୁ ସାମାଜିକ ବାସନ୍ଦର ଦୁର୍ଦ୍ଦଶା ଭୋଗୁଥିବା ଏହି ପରିବାର ପାଇଁ କେହି ସାହା ଭରସା ବି ନ ଥିଲେ । ଏପରି ଅବସ୍ଥାରେ ଝିଅ ନିଜ କୋହକୁ ଛାତିରେ ଚାପି ଧରିଥିଲେ । ଦୃଢ଼ କରିଥିଲେ ନିଜ ମନୋବଳ । ଦୁଇ ହାତରେ ପୋଛି ଦେଇଥିଲେ ନିଜ ଆଖିର ଲୁହ । ଆଉ କାହାକୁ ଅପେକ୍ଷା ନ କରି ନିଜ ବାଡ଼ି ପଟେ ବାପାଙ୍କ ମୃତଦେହ ସତ୍କାର କରିଥିଲେ ସେ... ।

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଘୁନା ଗାଁରେ ଗୁରୁବାର ଘଟିଛି ଏହି ଅଭାବନୀୟ ଘଟଣା । ସେହି ଗାଁର ବାଳି ସେଲମା(୭୦)ଙ୍କ ଏକମାତ୍ର ଝିଅ ପ୍ରମିଳା କିଛି ବର୍ଷ ତଳେ ଅନ୍ୟଜାତିର ସୁଦେର ମାଝିଙ୍କୁ ପ୍ରେମ ବିବାହ କରିଥିଲେ। ଏହି ଘଟଣା ପରେ ବାଳିଙ୍କ ପରିବାରକୁ ଜାତିଭାଇ ଗାଁରୁ ବାସନ୍ଦ କରି ଦେଇଥିଲେ। ଜାତିର ଚାପ ଓ ଏକଘରକିଆ ହେବା ଭୟରେ ବାଳି ଝିଅ ପାଇଁ ଶୁଦ୍ଧି ହୋଇଥିଲେ। ବିବାହ ପରେ ସୁଦେର ଓ ପ୍ରମିଳା କଳାହାଣ୍ଡି ଜିଲା ମ.ରାମପୁରରେ ରହୁଥିଲେ। ବିବାହର ୨ ବର୍ଷ ପରେ ତାଙ୍କର ପୁଅଟିଏ ଜନ୍ମ ହୋଇଥିଲା । ହେଲେ ଏହାର କିଛିଦିନ ପରେ ସୁଦେରଙ୍କ ପରଲୋକ ଘଟିଥିଲା। ଏପରି ଅବସ୍ଥାରେ ଝିଅ ଓ ନାତିର ଦୟନୀୟ ଅବସ୍ଥାକୁ ଦେଖି ବାଳି ସହି ପାରି ନ ଥିଲେ। ସାମାଜିକ ବାସନ୍ଦ ଭୟକୁ ଖାତିର ନ କରି ସେ ଝିଅ ଓ ନାତିଙ୍କୁ ନିଜ ଘରକୁ ନେଇ ଆସି ରଖିଥିଲେ। ଫଳରେ ବାଳିଙ୍କ ପରିବାରକୁ ସାମାଜିକ ବାସନ୍ଦ କରାଯାଇଥିଲା। ଶେଷରେ ଗାଁ ବାହାରେ ଥିବା ନିଜ କ୍ଷେତରେ କୁଡ଼ିଆ କରି ବାଳି ନିଜ ଝିଅ ଓ ନାତିଙ୍କ ସହ ରହୁଥିଲେ।

ଗତ ୨ ମାସ ଧରି ଅସୁସ୍ଥ ଥିବା ବାଳିଙ୍କ ଗତ ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଥିଲା। ଗାଁରେ ଥିବା ବାଳିଙ୍କ ନିଜ ଭାଇ, ବନ୍ଧୁ ଓ ସମ୍ପର୍କୀୟମାନେ ଏହି ଦୁଃଖଦ ଖବର ଜାଣିବା ପରେ ବି ସାମାଜିକ ବାସନ୍ଦ ହେବା ଭୟରେ କେହି ତାଙ୍କ ଘରକୁ ଯାଇ ନ ଥିଲେ। ଫଳରେ ବୁଧବାର ପର୍ଯ୍ୟନ୍ତ ବାଳିଙ୍କ ମୃତଦେହ ସେହି କୁଡ଼ିଆରେ ପଡ଼ି ରହିଥିଲା। ଗୁରୁବାର ସହାନୁଭୂତି ଦେଖାଇ ଅନ୍ୟ ଜାତିର ଲୋକେ ଦାହକାର୍ଯ୍ୟ ସମ୍ପନ୍ନ କରିବା ପାଇଁ ପ୍ରମିଳାଙ୍କୁ କାଠ ଦେଇଥିଲେ। କିନ୍ତୁ କେହି ମୃତଦେହ ଛୁଇଁ ନ ଥିଲେ। ଏପରି ସ୍ଥିତିରେ ☞ପୃଷ୍ଠା-୪



କୁଡ଼ିଆ ପାଖ କ୍ଷେତରେ ବାଳି ସେଲମାଙ୍କ ମୃତଦେହକୁ ତାଙ୍କ ଝିଅ ଏକା ଏକା ଅନ୍ତିମ ସଂସ୍କାର କରୁଛନ୍ତି।

- ସହଯୋଗ କଲେ ୫ ବର୍ଷର ନାତି
- କାନ୍ଧ ଦେଲେନି ଜାତିଭାଇ
- ଝିଅ ଅନ୍ୟ ଜାତିରେ ବିବାହ କରିଥିବାରୁ ବାସନ୍ଦ
- ପ୍ରଶାସନ ପାଖରେ ଖବର ନାହିଁ



ଜମ୍ମୁ-କଶ୍ମୀରରେ ରହୁଥିବା ରୋହିଙ୍ଗ୍ୟାମାନଙ୍କୁ ନାଗରିକତ୍ୱ ମିଳିପାରିବ ନାହିଁ ସେମାନେ ଦେଶରୁ ବିତାଡ଼ିତ ହେବେ।
- ଜିତେନ୍ଦ୍ର ସିଂ, କେନ୍ଦ୍ରମନ୍ତ୍ରୀ

## ସଂକ୍ଷେପରେ

### ବାଣ କାରଖାନାରେ ବିସ୍ଫୋରଣ: ୪ ମୃତ

**କୋଲକାତା,୩।୧(ପି.ଟି.)**-ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲା ଅନ୍ତର୍ଗତ ନୈହାଟୀଠାରେ ଥିବା ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୪ ଜଣଙ୍କ ମୃତ୍ୟୁ ହେବା ସହ ଜଣେ ଗୁରୁତର ଆହତ ହୋଇଛନ୍ତି। ଶୁକ୍ରବାର ଅପରାହ୍ଣ ସାଢ଼େ ୩ଟାରେ ହୋଇଥିବା ଏହି ବିସ୍ଫୋରଣ ଯୋଗୁ ଘଟଣାସ୍ଥଳରେ ୪ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ନିଆଁକୁ ଆୟତ୍ତ କରିବା ଲାଗି ୧୦ଟି ଦମକଳ ଗାଡ଼ିକୁ ନିୟୋଜିତ କରାଯାଇଥିଲା।

### ସେନା ହେଲିକପ୍ଟର ଦୁର୍ଘଟଣାରେ ୪ ନିହତ

**କଲମ୍ବୋ,୩।୧(ପି.ଟି.)**-ଶ୍ରୀଲଙ୍କା ବାୟୁସେନାର ଏକ ହେଲିକପ୍ଟର ଶୁକ୍ରବାର ହାପୁଥାଲେସ୍ଥିତ ଏକ ପାର୍ବତ୍ୟାଚଳରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ଥିବା ମୋଟ ୪ ଜଣ ମୃତ୍ୟୁବରଣ କରିଛନ୍ତି। ଚାଇନା ନିର୍ମିତ ୱାଇ-୧୨ ହେଲିକପ୍ଟର ପୂର୍ବ ଉପକୂଳ ଦେଇ ଯାଉଥିବାବେଳେ ଏଭଳି ଦୁର୍ଘଟଣା ହୋଇଥିଲା। ୱିରାୱିଲାସ୍ଥିତ ଦକ୍ଷିଣ ସାମରିକ ବିମାନଘାଟିରୁ ହେଲିକପ୍ଟର ଉଡ଼ାଣ ଆରମ୍ଭ କରିଥିଲା। ଏ ନେଇ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

### ୬ ଗାଡ଼ି ପୋଡ଼ିଲେ ମାଓବାଦୀ

ରାଞ୍ଚି,୩।୧(ଆଇଏଏନ୍ଏସ୍): ଝାଡ଼ଖଣ୍ଡରେ ନୂଆ ସରକାର ଦାୟିତ୍ୱ ଗ୍ରହଣକରିବା ପରେ ମାଓବାଦୀମାନେ ସେମାନଙ୍କ ଅସଲ ରୂପ ଦେଖାଇଛନ୍ତି। ହଜାରିବାଗ୍ ଜିଲା କରିଗରା ନଦୀକୂଳରେ ପୋଲ ନିର୍ମାଣ କାର୍ଯ୍ୟ କରୁଥିବା ଏକ ଘରୋଇ କମ୍ପାନୀର ୬ଟି ଗାଡ଼ିକୁ ସେମାନେ ପୋଡ଼ିଦେଇଛନ୍ତି। ପ୍ରାୟ ୨୫ଜଣ ସଶସ୍ତ୍ର ମାଓବାଦୀ ସେଠାରେ ପହଞ୍ଚି ନିର୍ମାଣ କମ୍ପାନୀକୁ ୮ କୋଟି ଟଙ୍କା ବଟି ମାଗିଥିଲେ। ଦାଦାବଟି ଦେବାକୁ ମନାକରାଯିବାରୁ ମାଓବାଦୀମାନେ ଏଭଳି ପୋଡ଼ାଜଳା କରିଥିବା ପୋଲିସ କହିଛି। ଗତ ନଭେମ୍ବର ୨୨ରେ ପ୍ରାୟ ୧୫ ସଶସ୍ତ୍ର ମାଓବାଦୀ ଉକ୍ତ ନିର୍ମାଣ କମ୍ପାନୀ କ୍ୟାମ୍ପ ଉପରେ ଆକ୍ରମଣ କରିଥିଲେ। ସେଠାରେ କାର୍ଯ୍ୟରତ ଶ୍ରମିକଙ୍କୁ ମାଡ଼ମାରି ସେମାନଙ୍କ ମୋବାଇଲ ନେଇଯାଇଥିଲେ। ଘରୋଇ କମ୍ପାନୀ ପକ୍ଷରୁ ୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସେଠାରେ ପୋଲ ନିର୍ମାଣ କରାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୯ରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ମୋଟ ୬୦ ଗାଡ଼ିକୁ ମାଓବାଦୀମାନେ ପୋଡ଼ିବାରେ ସଫଳ ହୋଇଥିଲେ।

### ଇତିହାସର ଆଇନାରେ

### ଜାନୁୟାରୀ ୪ର ପ୍ରମୁଖ ଘଟଣା

୧୯୯୦ ଜାନୁୟାରୀ ୪ରେ ପାକିସ୍ତାନର ସିନ୍ଧ ପ୍ରଦେଶ ଅନ୍ତର୍ଗତ ସୁକ୍କୁରଠାରେ ଟ୍ରେନ ଦୁର୍ଘଟଣା ହେବାରୁ ୩୦୭ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ୭୦୦ ଆହତ ହୋଇଥିଲେ। ଏକ ଯାତ୍ରୀବାହୀ ଟ୍ରେନ ସହ ମାଲବାହୀ ଟ୍ରେନର ଧକ୍କା ଯୋଗୁ ଏଭଳି ଘଟିଥିଲା।

୨୦୧୬ ଜାନୁୟାରୀ ୪ରେ ୩୮ତମ ପ୍ରଧାନ ବିଚାରପତି ଏସ୍.ଏଚ୍. କାପାଡ଼ିଆ ମୁମ୍ବାଇରେ ପ୍ରାଣ ହରାଇଥିଲେ। ସେ ଉତ୍ତରାଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ସହ ବିଭିନ୍ନ ହାଇକୋର୍ଟରେ କାର୍ଯ୍ୟ କରିଥିଲେ।



ବାଗଦାଦରେ କମାଣ୍ଡର ସୋଲେମାନୀଙ୍କ ହତ୍ୟା ପରେ ତେହେରାନରେ ଆମେରିକା ବିରୋଧୀ ବିକ୍ଷୋଭ।



ଶ୍ରୀନଗରରେ ଶିଆ ମୁସ୍‌ଲିମ ସମ୍ପ୍ରଦାୟର ଲୋକେ ସୋଲେମାନୀଙ୍କ ଫଟୋ ଧରି ଆମେରିକା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ମଧ୍ୟପ୍ରାଚ୍ୟରେ ବିସ୍ଫୋରକ ସ୍ଥିତି

**ୱାଶିଂଟନ/ତେହେରାନ,୩।୧**

- ସ୍ଥିତି ଉପରେ ନାଟୋ ନଜର
- ଇସ୍‌ମାଇଲ କାଦି କୁଦ୍‌ସ ଫୋର୍ସର ନୂଆ ମୁଖ୍ୟ ନିଯୁକ୍ତ
- ଇରାକ, ଇରାନ ଛାଡ଼ିବାକୁ ନିଜ ନାଗରିକଙ୍କୁ ଆମେରିକାର ପରାମର୍ଶ
- ଆଣବିକ ଚୁକ୍ତିରୁ ଆମେରିକା ଓହରିବା ପରେ ବଢ଼ିଛି ତିକ୍ତତା



ଆୟାତୋଲ୍ଲା ଅଲି ଖାମେନି

ତୁମେ ଯୁଦ୍ଧ ଆରମ୍ଭ କଲେ ଆମେ ତାକୁ ଶେଷ କରିବୁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଧମକ ଦେଇଥିଲେ ଇରାନୀ ଜେନେରାଲ କାସିମ ସୋଲେମାନୀ। ଶେଷରେ ଆମେରିକାର ରକେଟ ମାଡ଼ରେ ସୋଲେମାନୀଙ୍କ ଜୀବନ ଶେଷ ହୋଇଯାଇଛି। ଏହି ଆକ୍ରମଣ ପରେ ଇରାନ ପକ୍ଷରୁ ଆମେରିକାକୁ ପ୍ରତିଆକ୍ରମଣର ଧମକ ଦିଆଯାଇଛି। ଏସବୁକୁ ନେଇ ମଧ୍ୟପ୍ରାଚ୍ୟରେ ବିସ୍ଫୋରକ ସ୍ଥିତି ସୃଷ୍ଟି ହୋଇଛି। ସ୍ଥିତି ଉପରେ ନାଟୋ ନଜର ରଖିଥିବା କହିଛି। ବାଗଦାଦସ୍ଥିତ ଆମେରିକା ଦୂତାବାସ ପକ୍ଷରୁ ତୁରନ୍ତ ଇରାକ ଛାଡ଼ି ଚାଲିଯିବା ପାଇଁ ଆମେରିକୀୟମାନଙ୍କୁ ପରାମର୍ଶ ଦିଆଯାଇଛି।

୨୦୧୮ରେ ଆଣବିକ ଚୁକ୍ତିରୁ ୱାଶିଂଟନ ଓହରିଯିବା ପରେ ଆମେରିକା ଓ ଇରାନ ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଥିଲା। ଦୁଇଦିନ ତଳେ ବାଗଦାଦ ଦୂତାବାସ ଆକ୍ରମଣକୁ ନେଇ ଆମେରିକାର କ୍ରୋଧ ବଢ଼ିଥିଲା। ଇରାନକୁ ପାନେ ଦେବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଷ୍ପତ୍ତି ନେଇଥିଲେ। କୁଦ୍‌ସ ଫୋର୍ସରେ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟରତ ଥିବା ସୋଲେମାନୀଙ୍କ ପ୍ରଭାବ ମଧ୍ୟପ୍ରାଚ୍ୟରେ ଅଧିକ ଥିଲା। ସେ ସମ୍ପୃକ୍ତ ଅଞ୍ଚଳରେ ଆମେରିକାର ଦରିଆପାରି ବ୍ୟାପାରରେ ହସ୍ତକ୍ଷେପ କରି ଦେଶର ଛବିକୁ ମଳିନ କରୁଥିଲେ ବୋଲି ୱାଶିଂଟନ ଅଭିଯୋଗ ଆଣିଥିଲା। ଶୁକ୍ରବାର ସୋଲେମାନୀଙ୍କୁ ହତ୍ୟା କରି ଦୂତାବାସ ଆକ୍ରମଣର ପ୍ରତିଶୋଧ ନେଇଛି ଆମେରିକା। ଇରାନ ମଧ୍ୟ ଆମେରିକାକୁ ଏହାର ପରିଣାମ ଭୋଗିବ ବୋଲି ପ୍ରତିଶୋଧର ଧମକ ଦେଇଛି। ଇରାନ ରାଷ୍ଟ୍ରପତି ହାସନ ରୁହାନି କହିଛନ୍ତି, ଏହି ଆକ୍ରମଣ ପରେ ଆମେରିକା ବିରୋଧରେ ଆମର ଲଢ଼େଇ ଆହୁରି ମଜଭୁତ ହେବ। ଆମେରିକାର ବିସ୍ତାରବାଦକୁ ଦମନ ଓ ଇସ୍‌ଲାମିକ ମୂଲ୍ୟବୋଧର ସଂରକ୍ଷଣ ପାଇଁ ସୋଲେମାନୀଙ୍କ ମୃତ୍ୟୁ ଆମକୁ ବଳ ଦେବ। ଇରାନ ଏବଂ ସ୍ୱାଧୀନତା ଆଶାରେ ସଂଗ୍ରାମ କରୁଥିବା ଅନ୍ୟ ଦେଶଗୁଡ଼ିକ ସୋଲେମାନୀଙ୍କ ହତ୍ୟାର ପ୍ରତିଶୋଧ ନେବେ ବୋଲି ରାଷ୍ଟ୍ରପତି ରୁହାନି କହିଛନ୍ତି। ସୋଲେମାନୀଙ୍କ ମୃତ୍ୟୁ ପରେ ଇସ୍‌ମାଇଲ୍ କାନିଙ୍କୁ କୁଦ୍‌ସ ଫୋର୍ସ ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି। ବ୍ରିଗେଡିୟର ଜେନେରାଲ ଇସ୍‌ମାଇଲ୍ କାନି ଏଣିକି ଏହି ସୁରକ୍ଷା ବଳର ନେତୃତ୍ୱ ନେବେ ବୋଲି ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନି ନିଜ ଅଫିସିଆଲ ୱେବ୍‌ସାଇଟ୍‌ରେ ଏକ ବିବୃତି ଜାରି କରିଛନ୍ତି।

ଇତିମଧ୍ୟରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ତୁରନ୍ତ ଇରାକ ଓ ଇରାନ ଛାଡ଼ି ସ୍ୱଦେଶକୁ ଚାଲିଯିବା ପାଇଁ ନିଜ ନାଗରିକମାନଙ୍କୁ ଆମେରିକା ପରାମର୍ଶ ଦେଇଛି। ସେମାନେ ଯଥାଶୀଘ୍ର ସମ୍ଭବ ବିମାନ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଚାଲିଯାଆନ୍ତୁ ବୋଲି ବାଗଦାଦସ୍ଥିତ ଆମେରିକା ଦୂତାବାସ କହିଛି। ନାଟୋ ସାମରିକ ମେଣ୍ଟ ସ୍ଥିତି ଉପରେ କଡ଼ା ନଜର ରଖିଥିବା ଏହାର ମୁଖପାତ୍ର ଡିଲନ୍ ହ୍ୱାଇଟ ସୂଚନା ଦେଇଛନ୍ତି।

### ‘ବହୁ ଆଗରୁ କରିବାର ଥିଲା’



ଡୋନାଲ୍ଡ ଟ୍ରମ୍ପ

**ୱାଶିଂଟନ,୩।୧**–ଜେନେରାଲ କାସିମ ସୋଲେମାନି ଦୀର୍ଘ ସମୟ ଧରି ହଜାର ହଜାର ଆମେରିକୀୟଙ୍କୁ ହତ୍ୟା କିମ୍ବା ରକ୍ତାକ୍ତ କରିବାରେ ଲାଗିଥିଲେ। ଏହାସହ ସେ ଆହୁରି ଅନେକଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚୁଥିଲେ। କିନ୍ତୁ ଶେଷରେ ଧରାପଡ଼ିଯାଇଛନ୍ତି ! ସେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ପାଇଁ ଦାୟୀ। ଇରାନ ଏହି ବିଷୟକୁ ସ୍ୱୀକାର କରି ନ ପାରିଲେ ମଧ୍ୟ ସୋଲେମାନୀ ନିଜ ଦେଶରେ ବି ଆତଙ୍କ ଖେଳାଇ ଘୃଣ୍ୟ ହୋଇଯାଇଥିଲେ। ତାଙ୍କୁ ବହୁ ବର୍ଷ ପୂର୍ବରୁ ହତ୍ୟା କରାଯିବା ଆବଶ୍ୟକ ଥିଲା ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟୁଇଟ୍ କରିଛନ୍ତି।

## ଆଉ ଏକ ଯୁଦ୍ଧକୁ ସମ୍ଭାଳି ହେବନାହିଁ

**ଜାତିସଂଘ,୩।୧(ପି.ଟି.)**



ଆଣ୍ଟୋନିଓ ଗୁଟେରେସ୍

ଆମେରିକାର ଏୟାର ଷ୍ଟ୍ରାଇକ୍‌ରେ ଇରାନର ଶୀର୍ଷ ସାମରିକ କମାଣ୍ଡର କାସିମ ସୋଲେମାନୀ ନିହତ ହେବା ପରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ଜାତିସଂଘ ସମେତ ବିଶ୍ୱ ସମୁଦାୟ ଚିନ୍ତାବ୍ୟକ୍ତ କରିଛନ୍ତି।

**ଚିନ୍ତାବ୍ୟକ୍ତ କଲେ ଜାତିସଂଘ, ଅନ୍ତର୍ଜାତୀୟ ସମୁଦାୟ**

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି, ଉପସାଗରରେ ଆଉ ଏକ ଯୁଦ୍ଧକୁ ବିଶ୍ୱ ସମ୍ଭାଳି ପାରିବ ନାହିଁ। ଉତ୍ତେଜନା ହ୍ରାସ ପାଇଁ ନେତାମାନେ ସଂଯମ ରହିବାର ବେଳ ଆସିଛି। ସେହିପରି ଚାଇନା, ରୁଷିଆ ଓ ଫ୍ରାନ୍ସ ଭଳି ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ଏହାକୁ ନେଇ ଚିନ୍ତିତ ଥିବା କହିଛନ୍ତି। ଆମେରିକାର ଏହି କାର୍ଯ୍ୟାନୁଷ୍ଠାନ ପରେ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ହ୍ରାସ କରିବା ଲାଗି ବ୍ରିଟେନ ଓ ଜର୍ମାନୀ ପରାମର୍ଶ ଦେଇଛନ୍ତି। ସିରିଆ ରାଷ୍ଟ୍ରପତି ବଶର ଅଲ-ଅସାଦ ଜେନେରାଲ ସୋଲେମାନୀଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ସିରିଆରେ ୯ ବର୍ଷ ଧରି ଚାଲିଥିବା ଗୃହଯୁଦ୍ଧ ବେଳେ ସୋଲେମାନୀ ତାଙ୍କ ଶାସନର ସୁରକ୍ଷା ପାଇଁ ସହାୟକ ହୋଇଥିଲେ। ତାଙ୍କ ଅବଦାନକୁ ଭୁଲି ହେବନାହିଁ ବୋଲି ଅସାଦ କହିଛନ୍ତି। ପାକିସ୍ତାନ ମଧ୍ୟ ସଂଯମ ରହିବାକୁ ଦୁଇପକ୍ଷଙ୍କୁ ପରାମର୍ଶ ଦେଇଛି।

## ଅନୁପ୍ରବେଶ ଅପେକ୍ଷାରେ ୨୫୦ ପାକ୍ ଆତଙ୍କବାଦୀ

**ନୂଆଦିଲ୍ଲୀ,୩।୧(ଆଇଏଏନ୍ଏସ୍)**



ମନୋଜ ମୁକୁନ୍ଦ ନରୱଣେ

ଭାରତ ମଧ୍ୟକୁ ଅନୁପ୍ରବେଶ କରିବା ଲାଗି ନିୟନ୍ତ୍ରଣ ରେଖା (ଏଲ୍ଓସି) ଆରପଟେ ପାଖାପାଖି ୨୫୦ ପାକିସ୍ତାନୀ ଆତଙ୍କବାଦୀ ଅପେକ୍ଷା କରି ରହିଛନ୍ତି। ସେମାନେ ପ୍ରତିଦିନ ଅନୁପ୍ରବେଶ ପାଇଁ ଉଦ୍ୟମ କରୁଥିବା ନୂଆ ସେନାଧ୍ୟକ୍ଷ ଜେନେରାଲ ମନୋଜ ମୁକୁନ୍ଦ ନରୱଣେ ଶୁକ୍ରବାର କହିଛନ୍ତି। ଏଲ୍ଓସି ଅପରପାର୍ଶ୍ୱରେ ୨୦ରୁ ୨୫ ଲଞ୍ଚ୍ ପ୍ୟାଡ୍ ସକ୍ରିୟ ରହିଛି। ଭାରତୀୟ ସେନା ସେଗୁଡ଼ିକ ଉପରେ କଡ଼ା ନଜର ରଖିଥିବା ସେନାଧ୍ୟକ୍ଷ କହିଛନ୍ତି। ଗତବର୍ଷ ବାୟୁସେନା ବାଲାକୋଟରେ ଏୟାରଷ୍ଟ୍ରାଇକ୍ କରି ଆତଙ୍କବାଦୀଙ୍କ ଶିବିର ଧ୍ୱଂସ କରିଦେଇଥିଲା। ଏବେ ପାକିସ୍ତାନ ଉକ୍ତ ଶିବିରକୁ ପୁଣିଥରେ ସକ୍ରିୟ କରିଛି। ତେଣୁ ପାକ୍ ପୁଣିଥରେ ଉତ୍ତେଜନା ସୃଷ୍ଟି ପାଇଁ ଯୋଜନା କରୁଥିବାରୁ ସତର୍କ ହେବାକୁ ପଡିବ ବୋଲି ନୂଆ ସେନାମୁଖ୍ୟ କହିଛନ୍ତି।

## କଂଗ୍ରେସରେ ଯୋଗଦେଲେ ୬ ବିଏସ୍‌ପି ବିଧାୟକ

**ନୂଆଦିଲ୍ଲୀ,୩।୧(ପି.ଟି.)**

ରାଜସ୍ଥାନର ୬ ବିଏସ୍‌ପି ବିଧାୟକ ଶୁକ୍ରବାର କଂଗ୍ରେସରେ ସାମିଲ ହୋଇଛନ୍ତି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ତାଙ୍କ ବାସଭବନରେ ଭେଟି ଏହି ବିଧାୟକମାନେ ଦଳରେ ସାମିଲ ହୋଇଛନ୍ତି। ପୂର୍ବରୁ ମଧ୍ୟ ଏହି ବିଧାୟକମାନେ କଂଗ୍ରେସ ସରକାରକୁ ନିଃସର୍ତ୍ତ ସମର୍ଥନ ଘୋଷଣା କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ ରାଜସ୍ଥାନ ଦାୟିତ୍ୱରେ ଥିବା ଏଆଇସିସି ସାଧାରଣ ସମ୍ପାଦକ ଅବିନାଶ ପାଣ୍ଡେଙ୍କ ସହ ଏହି ବିଏସ୍‌ପି ବିଧାୟକମାନେ ସୋନିଆଙ୍କୁ ସାକ୍ଷାତ କରିଥିଲେ। କଂଗ୍ରେସର ପ୍ରାଥମିକ ସଦସ୍ୟତା ଗ୍ରହଣ କରିବା ପରେ ବିଧାୟକମାନଙ୍କୁ ସୋନିଆ ନୂଆବର୍ଷ ଗ୍ରୀଟିଂସ୍ ପ୍ରଦାନ କରି ଶୁଭାଶୀର୍ବାଦ ପ୍ରଦାନ କରିଥିଲେ।

**■ ସଭରକରଙ୍କୁ ସେବାଦଳର ଆକ୍ଷେପ**

## କଂଗ୍ରେସ ଉପରେ ବର୍ଷିଲେ ଭାଜପା, ଶିବସେନା

**ମୁମ୍ବାଇ, ନୂଆଦିଲ୍ଲୀ,୩।୧(ପି.ଟି.)**



ବୀର ସଭରକର

ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କ ସହ ସ୍ୱାଧୀନତା ସଂଗ୍ରାମୀ ବୀର ସଭରକରଙ୍କର ଶାରୀରିକ ସମ୍ପର୍କ ରହିଥିଲା ବୋଲି କଂଗ୍ରେସ ସେବାଦଳ ପକ୍ଷରୁ ପ୍ରକାଶିତ ପୁସ୍ତିକାରେ ଦାବି କରାଯିବା ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ଏହାକୁ ନେଇ ନୂଆ ସହଯୋଗୀ ଦଳ ଶିବସେନା ଏବଂ ବିରୋଧୀ ଭାଜପା ଶୁକ୍ରବାର କଂଗ୍ରେସ ଉପରେ ବର୍ଷିଛନ୍ତି। ଦେଶଭକ୍ତ ଭାବେ ସଭରକରଙ୍କ ପରିଚୟକୁ ନେଇ କଂଗ୍ରେସ ମନରେ ମଇଳା ରହିଛି ବୋଲି ଶିବସେନା କହିଛି। ଏହା ହିନ୍ଦୁତ୍ୱ ନୀତି ଆଦର୍ଶ ବିରୋଧରେ ଅତ୍ୟନ୍ତ ଘୃଣ୍ୟ ଓ ବିକୃତ ମାନସିକତା ବୋଲି କହିବା ସହ କଂଗ୍ରେସ କ୍ଷମା ମାଗୁ ବୋଲି ଭାଜପା ଦାବି କରିଛି।

କଂଗ୍ରେସ ନେତାମାନଙ୍କ ବିଭିନ୍ନ ସମ୍ପର୍କ ବିଷୟରେ ବିଶ୍ୱ ଜାଣିଛି, ଯାହା ସେ ଖୋଲିବାକୁ ଚାହୁଁନାହାନ୍ତି ବୋଲି ଭାଜପା ସାଧାରଣ ସମ୍ପାଦକ ଅନିଲ ଜୈନ କହିଥିଲେ। ବୀର ସଭରକର ସବୁଦିନ ପାଇଁ ମହାନ୍ ହୋଇ ରହିବେ। ଗୋଟିଏ ଗୋଷ୍ଠୀ ତାଙ୍କ ବିରୋଧରେ କହିଆସିଛି, ଯାହା ସେମାନଙ୍କ ମାନସିକତାରେ ମଇଳା ଭରିରହିଥିବା ସ୍ପଷ୍ଟ କରୁଛି ବୋଲି ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ କହିଛନ୍ତି।

‘ବୀର ସଭରକର, କିତ୍‌ନେ ବୀର ?’ ପୁସ୍ତିକା କଂଗ୍ରେସ ସେବାଦଳ ପକ୍ଷରୁ ମଧ୍ୟପ୍ରଦେଶରେ ବଣ୍ଟାଯାଇଥିଲା। ଯେଉଁଥିରେ ଉପରୋକ୍ତ ଅଭିଯୋଗ ସମେତ ସଭରକର ବ୍ରିଟିଶଠାରୁ ଟଙ୍କା ଗ୍ରହଣ କରିଥିବା ଅଭିଯୋଗ ହୋଇଥିଲା। ଏଭଳି ଘୃଣ୍ୟ ମନ୍ତବ୍ୟ ପାଇଁ କଂଗ୍ରେସ କ୍ଷମା ମାଗିବା ଆବଶ୍ୟକ ବୋଲି ମହାରାଷ୍ଟ୍ର ଭାଜପା ସଭାପତି ଚନ୍ଦ୍ରକାନ୍ତ ପାଟିଲ ଦାବି କରିଛନ୍ତି।

## ବିପ୍ଳବ ଆଣିବ କୃଷି ପ୍ରଯୁକ୍ତି

**ବେଙ୍ଗାଲୁରୁ,୩।୧(ପି.ଟି.)**



**ଭାରତୀୟ ବିଜ୍ଞାନ କଂଗ୍ରେସ ଅଧିବେଶନକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ବେଙ୍ଗାଲୁରୁରେ ଭାରତୀୟ ବିଜ୍ଞାନ କଂଗ୍ରେସର ୧୦୭ତମ ଅଧିବେଶନକୁ ଉଦ୍‌ଘାଟନ କରିବା ସହ ଯୁବ ବୈଜ୍ଞାନିକମାନଙ୍କୁ ଇନୋଭେଟ, ପେଟେଣ୍ଟ, ପ୍ରଡ୍ୟୁସ୍ ଓ ପ୍ରସ୍‌ପର (ନବପ୍ରବର୍ତ୍ତନ, ବୈଜ୍ଞାନିକ ଆବିଷ୍କାରର ଅଧିକାର, ଉତ୍ପାଦନ ଓ ସମୃଦ୍ଧ) ଉପରେ ଗୁରୁତ୍ୱ ଦେବା ଲାଗି ପରାମର୍ଶ ଦେଇଛନ୍ତି। ଏହି ୪ ପଦକ୍ଷେପ ଭାରତକୁ ଦ୍ରୁତତର ଅଭିବୃଦ୍ଧି ହାସଲରେ ଆଗେଇନେବ ବୋଲି ସେ କହିଛନ୍ତି। ଭାରତୀୟ ବିଜ୍ଞାନ, ପ୍ରଯୁକ୍ତି ଏବଂ ନବପ୍ରବର୍ତ୍ତନକୁ ଉଚ୍ଚ ସୋପାନକୁ ନେଇଯିବାର ଆବଶ୍ୟକତା ରହିଛି । ବିଜ୍ଞାନକୁ ସହଜ କରିବା ସହ ସୂଚନା ପ୍ରଯୁକ୍ତିର ବ୍ୟବହାର କରି ପ୍ରଶାସନରୁ ନାଲିଫିତାର ପରମ୍ପରା ହ୍ରାସ କରିବାକୁ ସରକାର ପ୍ରତିବଦ୍ଧ। କୃଷିର ବିକାଶରେ ସହାୟକ ହେଲା ଭଳି ଜ୍ଞାନକୌଶଳରେ କ୍ରାନ୍ତି ଆଣି ଚାଷୀମାନଙ୍କୁ ସହାୟତା କରିବା ଲାଗି ପ୍ରଧାନମନ୍ତ୍ରୀ ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇଥିଲେ। ଭାରତର ବିକାଶ ବିଜ୍ଞାନ ଓ ପ୍ରଯୁକ୍ତି ସେକ୍ଟରର ସଫଳତା ଉପରେ ନିର୍ଭର କରେ। ତେଣୁ ଦେଶର ବିଜ୍ଞାନ ପ୍ରଯୁକ୍ତି ଓ ଇନୋଭେଶନରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ହେବ ବୋଲି ମୋଦି କହିଥିଲେ।

**■ ନବୀନଙ୍କ ସମେତ ୧୧ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ପିନାରାୟୀ ବିଜୟନ୍**

# ସିଏଏ ବିରୋଧରେ ଏକାଠି ହେବାକୁ ଆହ୍ୱାନ

**ଥିରୁଭାନନ୍ତପୁରମ୍,୩।୧(ପି.ଟି.)**



ବିବାଦୀୟ ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ରଦ୍ଦ କରିବା ପାଇଁ କେରଳ ବିଧାନସଭାରେ ପ୍ରସ୍ତାବ ଗୃହୀତ ହେବା ପରେ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଶୁକ୍ରବାର ୧୧ଟି ରାଜ୍ୟର ପ୍ରତିପକ୍ଷଙ୍କୁ ପତ୍ର ଲେଖି ଗଣତନ୍ତ୍ର ଓ ଧର୍ମନିରପେକ୍ଷତାର ସୁରକ୍ଷା ପାଇଁ ଆହ୍ୱାନ ଦେଇଛନ୍ତି। ସିଏଏକୁ ନେଇ ସମାଜର ଅଧିକାଂଶ ଗୋଷ୍ଠୀ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଥିବା ବିଜୟନ୍ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଆମ ଗଣତନ୍ତ୍ର ଓ ଧର୍ମନିରପେକ୍ଷତାର ମୂଲ୍ୟବୋଧର ସୁରକ୍ଷା ଓ ସଂରକ୍ଷଣ ଚାହୁଁଥିବା ସମସ୍ତ ଭାରତୀୟ ଏକାଠି ହେବା ସମୟର ଆବଶ୍ୟକତା ବୋଲି ସେ କହିଛନ୍ତି। ସିଏଏ ବିରୋଧରେ ପଦକ୍ଷେପ ନେବା ପାଇଁ ସେ ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ପ୍ରମୁଖଙ୍କୁ ପତ୍ର ଲେଖିଛନ୍ତି।

ସୂଚନାଯୋଗ୍ୟ ଗତ ମଙ୍ଗଳବାର କେରଳ ବିଧାନସଭାରେ ସିଏଏ ରଦ୍ଦ ଦାବି ନେଇ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଶାସକ ସିପିଆଇ(ଏମ୍)–ଏଲ୍‌ଡିଏଫ୍ ଏବଂ ବିରୋଧୀ ଦଳ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ପ୍ରସ୍ତାବକୁ ସମର୍ଥନ କରିଥିବାବେଳେ ଭାଜପାର ଏକମାତ୍ର ବିଧାୟକ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ. ରାଜଗୋପାଳ ବିରୋଧ କରିଥିଲେ। କେରଳ ବିଧାନସଭାର ଏହି ପଦକ୍ଷେପକୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ସମର୍ଥନ ଜଣାଇଛନ୍ତି। ଏହା ଜନତାର ସ୍ୱର ଏବଂ କେନ୍ଦ୍ର ଏଥିପ୍ରତି ଧ୍ୟାନଦେବା ଆବଶ୍ୟକ ବୋଲି ଅମରିନ୍ଦର କହିଛନ୍ତି। ଏନେଇ ସେ କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ଖୋଲାଚିଠି ଲେଖି ସିଏଏ ସମ୍ପର୍କରେ ରାଜ୍ୟଗୁଡ଼ିକ ଆଇନଗତ ପରାମର୍ଶ ନେଇଥିବା ଜଣାଇଛନ୍ତି। କେରଳ ଲୋକଙ୍କ ସ୍ୱରକୁ ସେମାନଙ୍କ ନିର୍ବାଚିତ ଜନପ୍ରତିନିଧି ପ୍ରସ୍ତାବ ମାଧ୍ୟମରେ ଉପସ୍ଥାପନ କରିଥିବା ଅମରିନ୍ଦର କହିଛନ୍ତି। ପଶ୍ଚିମବଙ୍ଗ, ପଞ୍ଜାବ, ମଧ୍ୟପ୍ରଦେଶ, ଛତିଶଗଡ଼ ଆଦି ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ନୂଆ ନାଗରିକତ୍ୱ ଆଇନକୁ ଅସାମ୍ବିଧାନିକ କହିବା ସହ ସେମାନଙ୍କ ରାଜ୍ୟରେ ଲାଗୁ କରିବେ ନାହିଁ ବୋଲି କହିସାରିଛନ୍ତି।

### ‘ଇଞ୍ଚେ ବି ପଛକୁ ଘୁଞ୍ଚିବୁନି’



**ଯୋଧପୁର,୩।୧**–ସବୁ ବିରୋଧୀ ଦଳ ଏକାଠି ହେଲେ ବି ନାଗରିକତ୍ୱ ଆଇନ (ସିଏଏ) କାର୍ଯ୍ୟକାରୀ କରିବା ନିଷ୍ପତ୍ତିରୁ ସରକାର ଇଞ୍ଚେ ବି ପଛକୁ ଘୁଞ୍ଚିବେ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ଘୋଷଣା କରିଛନ୍ତି। ଏହା ପରିବର୍ତ୍ତେ ଭାଜପା ସିଏଏ ସମ୍ପର୍କରେ ଯୁବସମାଜ ଓ ସଂଖ୍ୟାଲଘୁମାନଙ୍କୁ ବୁଝାଇ ସେମାନଙ୍କ ସମର୍ଥନ ହାସଲ କରିବାକୁ ଜୋର୍‌ଦାର ଉଦ୍ୟମ କରିବ। ସିଏଏ କାହାର ନାଗରିକତ୍ୱ ଛଡ଼ାଇନେବା ପାଇଁ ନୁହେଁ। ବରଂ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧର୍ମୀୟ ବିଦ୍ୱେଷର ଶିକାର ହୋଇ ଭାରତରେ ଶରଣ ନେଇଥିବା ସଂଖ୍ୟାଲଘୁମାନଙ୍କୁ ନାଗରିକତ୍ୱ ପ୍ରଦାନ କରିବା ଏହି ଆଇନର ଉଦ୍ଦେଶ୍ୟ। ଯୋଧପୁରରେ ସିଏଏ ଏବଂ ଏନ୍‌ଆର୍‌ସି ସଚେତନତା ସଭାରେ ଉଦ୍‌ବୋଧନ ଦେଇ ଶାହା ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ସେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। ଯଦି ରାହୁଲ ଆଇନ ପଢ଼ିନାହାନ୍ତି ତେବେ ଏହି ଆଇନର ଅର୍ଥ କ’ଣ ତାହା ଅଧ୍ୟୟନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ୮ରେ ଶ୍ରମିକ ସଂଗଠନଗୁଡ଼ିକର ଦେଶବ୍ୟାପୀ ଧର୍ମଘଟ

**ନୂଆଦିଲ୍ଲୀ,୩ା୧:** କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକ ଚଳିତ ମାସ ୮ ତାରିଖରେ ଦେଶବ୍ୟାପୀ ଧର୍ମଘଟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବେତନ ଏବଂ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ନେଇ ସରକାରଙ୍କ ସହ ଆଲୋଚନା ବିଫଳ ହୋଇଛି। ବିଭିନ୍ନ ଦାବି ଉପରେ ସରକାର କୌଣସି ସମାଧାନ ପନ୍ଥା ବାହାର କରିନାହାନ୍ତି। ଏଣୁ ଏହା ବିରୋଧରେ ଦେଶବ୍ୟାପୀ ଧର୍ମଘଟ କରାଯିବ ବୋଲି ଅଲ୍ ଇଣ୍ଡିଆ ଟ୍ରେଡ ୟୁନିୟନ କଂଗ୍ରେସ (ଏଆଇଟିୟୁସି)ର ସମ୍ପାଦକ ସୁକୁମାର ଡାଲ୍‌ମେ କହିଛନ୍ତି। ଉଚ୍ଚ ସର୍ବନିମ୍ନ ବେତନ, ଏକପାଖିଆ ଶ୍ରମ ସଂସ୍କାର, ଅସଙ୍ଗଠିତ କ୍ଷେତ୍ର ଲାଗି ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ ଏବଂ ଶ୍ରମଶକ୍ତିର ଠିକାକରଣ ଭଳି ଅନ୍ୟ ପ୍ରସ୍ତାବକୁ ସଂଘ ପକ୍ଷରୁ ବିରୋଧ କରାଯାଇଛି। ସେହିଭଳି ଭାରତୀୟ ମଜଦୁର ସଂଘ(ବିଏମ୍‌ଏସ୍)ଆସନ୍ତା ଶୁକ୍ରବାର ଅନ୍ୟ ଏକ ଧର୍ମଘଟ କରିବ ବୋଲି ସୂଚନା ରହିଛି।

### ■ ସ୍ୱଚ୍ଛ ସର୍ବେକ୍ଷଣରେ ବିଏମ୍‌ସିର କ୍ରମାଗତ ଖରାପ ପ୍ରଦର୍ଶନ

# ରାଜ୍ୟର ୫ ସହର ତଳେ ଭୁବନେଶ୍ୱର

- ସରିଛି ଦୁଇ କ୍ୱାର୍ଟର ସର୍ଭେ
- ପ୍ରଥମ କ୍ୱାର୍ଟରରେ ବ୍ରହ୍ମପୁର, ଦ୍ୱିତୀୟ କ୍ୱାର୍ଟରରେ ଭଦ୍ରକ ନଂ.୧

ଭୁବନେଶ୍ୱର, ୩ା୧ (ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ସହରରେ କରାଯାଉଥିବା ସ୍ୱଚ୍ଛ ସର୍ବେକ୍ଷଣ ସର୍ଭେରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କ୍ରମାଗତ ଭାବେ ଖରାପ ପ୍ରଦର୍ଶନ କରିବା ପରେ ଆଗକୁ ଭଲ ପ୍ରଦର୍ଶନ ନିମନ୍ତେ ଅଣ୍ଟା ଭିଡ଼ିଲାଣି। ଇତିମଧ୍ୟରେ ଏହି ସର୍ବେକ୍ଷଣର ଦୁଇଟି କ୍ୱାର୍ଟର ସରି ଫଳାଫଳ ପ୍ରକାଶ ପାଇଛି। ଯେଉଁଥିରେ ଭୁବନେଶ୍ୱରର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ପ୍ରକାଶିତ




ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ପ୍ରଥମ କ୍ୱାର୍ଟରରେ ୩୧୧ ଓ ଦ୍ୱିତୀୟ କ୍ୱାର୍ଟରରେ ୧୬୬ ର୍‍ୟାଙ୍କରେ ରହିଛି। ସବୁଠାରୁ ବଡ଼ କଥା ହେଲା, ଓଡ଼ିଶାର ଅନ୍ୟ ସହର ତୁଳନାରେ ପୁଣି ଥରେ ଭୁବନେଶ୍ୱରର ପ୍ରଦର୍ଶନ ଖରାପ ପରିଲକ୍ଷିତ ହୋଇଛି। ପ୍ରଥମ କ୍ୱାର୍ଟରରେ ଓଡ଼ିଶାରୁ ତାଲିକାରେ ସ୍ଥାନ ପାଇଥିବା ସହର ମଧ୍ୟରୁ ବ୍ରହ୍ମପୁର, ରାଉରକେଲା, କଟକ, ସମ୍ବଲପୁର ପରେ ୨୨୫.୧୩ ସ୍କୋର ପାଇ ଭୁବନେଶ୍ୱର ପଞ୍ଚମ ସ୍ଥାନରେ ରହିଛି। ସେହିପରି ଦ୍ୱିତୀୟ କ୍ୱାର୍ଟରରେ ଭଦ୍ରକ, ବ୍ରହ୍ମପୁର ପରେ ୭୭୯.୯୬ ସ୍କୋର ପାଇ ଭୁବନେଶ୍ୱର ରାଜ୍ୟର ତୃତୀୟ ସ୍ଥାନରେ ରହିଛି। ଏହା ତଳକୁ ବାଲେଶ୍ୱର, ପୁରୀ, ରାଉରକେଲା, କଟକ, ସମ୍ବଲପୁର ଓ ବାରିପଦା ସହର ରହିଛି। ଉଲ୍ଲେଖଯୋଗ୍ୟ, ୨୦୧୭ରେ ଭୁବନେଶ୍ୱର ୯୪ତମ ସ୍ଥାନରେ ଥିବାବେଳେ ୨୦୧୮ରେ ଏହା ଖସି ୨୧୮ ଓ ୨୦୧୯ରେ ୨୮୮ରେ ପହଞ୍ଚିଥିଲା। ସାରା ଦେଶରୁ ୪ ହଜାର ୨୩୭ ସହରକୁ ଏହି ସର୍ଭେରେ ସାମିଲ କରାଯାଇଥିବାବେଳେ କ୍ରମାଗତ ଭାବେ ଭୁବନେଶ୍ୱରର ଖରାପ ପ୍ରଦର୍ଶନ ବିଏମ୍‌ସିର ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଛି। ଗତଥର ଭୁବନେଶ୍ୱରକୁ କମ୍ ମାର୍କ ମିଳିଥିବା ଯୋଗୁ ଚଳିତ ଥର ଭଲ ପ୍ରଦର୍ଶନ କରିବା ପାଇଁ ବିଏମସି ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଇଥିଲା। ଭୁବନେଶ୍ୱରରେ ପରିମଳ ବ୍ୟବସ୍ଥାରେ ବହୁତ ପରିବର୍ତ୍ତନ ଆସିଥିବା କଥା ଅଧିକାରୀମାନେ କହୁଥିଲେ। ମାତ୍ର ମୁକୁଳା ଡ୍ରେନ ସାଙ୍ଗକୁ କୁଢ କୁଢ ଆବର୍ଜନା ଯୋଗୁ ପ୍ରଥମ ଦୁଇଟି କ୍ୱାର୍ଟରର ପ୍ରଦର୍ଶନ ଆଶାଜନକ ହୋଇପାରିନାହିଁ।

### ଆଜିଠୁ ତୃତୀୟ କ୍ୱାର୍ଟର କ୍ଷେତ୍ର ପରିଦର୍ଶନ

ସ୍ୱଚ୍ଛତା ସର୍ବେକ୍ଷଣ ପାଇଁ ଜାନୁଆରୀ ୪ରୁ ୩୧ ଯାଏ କ୍ଷେତ୍ର ପରିଦର୍ଶନ ଆରମ୍ଭ ହେବ। ଏ ନେଇ ବିଏମ୍‌ସି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ସର୍ଭେକୁ ଠିକ୍ ଢଙ୍ଗରେ ପରଚାଳନା କରିବା ପାଇଁ ବିଏମ୍‌ସି ବିଭିନ୍ନ କର୍ମଚାରୀ, ଘରୋଇ ସଂସ୍ଥା ଓ ନୋଡାଲ ଅଫିସରଙ୍କୁ ନିଯୁକ୍ତ କରିବା ସହ ସହରକୁ ସ୍ୱଚ୍ଛ ରଖିବା ଲାଗି ପଦକ୍ଷେପ ନେଉଛି ବୋଲି ଡେପୁଟି କମିଶନର ଶ୍ୟାମସୁନ୍ଦର ସେଠୀ କହିଛନ୍ତି।

# ଫନୀ ମୁକାବିଲା ନେଇ ଓଡ଼ିଶାର ପ୍ରସ୍ତୁତିକୁ ଅମିତ୍ ଶାହାଙ୍କ ପ୍ରଶଂସା

ଭୁବନେଶ୍ୱର,୩ା୧(ବ୍ୟୁରୋ)

ଓଡିଶାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାକୁ ନେଇ ଜାତିସଂଘ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିବା ବେଳେ କେନ୍ଦ୍ର ସରକାର ମଧ୍ୟ ଓଡିଶାର ପ୍ରସ୍ତୁତି ଉତ୍ତମ ବୋଲି ମାନିଛନ୍ତି। ଫନୀ ବାତ୍ୟା ପରେ ଓଡିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବାତ୍ୟା ଫନୀ ପ୍ରସ୍ତୁତିକୁ ନେଇ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି। ଗୁରୁବାର ନାଗପୁରଠାରେ ଜାତୀୟ ଅଗ୍ନିଶମ ସେବା କଲେଜ(ଏନ୍‌ଏଫ୍‌ଏସ୍‌ସି)ର ନୂଆ କ୍ୟାମ୍ପସକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଯେ, ୧୯୯୯ରେ ଓଡିଶାର ମହାବାତ୍ୟାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ନିକଟରେ ହୋଇଥିବା ଫନୀ ବାତ୍ୟାରେ ୬୪ ଜଣଙ୍କର ମୃତ୍ୟୁ ଘଟିଥିଲା। ଓଡିଶା ସରକାରଙ୍କର ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଯୁଗୋପଯୋଗୀ ହୋଇଥିବାରୁ ମୃତ୍ୟୁସଂଖ୍ୟା ବହୁ ମାତ୍ରାରେ ହ୍ରାସ କରାଯାଇ ପାରିଛି ବୋଲି ଶାହା କହିଛନ୍ତି। ଓଡିଶା ସରକାରଙ୍କ ପ୍ରସ୍ତୁତି ଯୋଗୁ ୧.୬ ନିୟୁତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ପାରିଥିଲା। ରାଜ୍ୟ ସରକାରଙ୍କ ବାତ୍ୟା ପୂର୍ବ ପ୍ରସ୍ତୁତି ଉଚ୍ଚମାନର ଥିବା ଯୋଗୁ ମୃତ୍ୟୁ ସଂଖ୍ୟାକୁ ବହୁମାତ୍ରାରେ ରୋକାଯାଇ ପାରିଥିଲା। ଏଥିପାଇଁ ପୂର୍ବରୁ ବହୁ ପ୍ରସ୍ତୁତି ଓଡିଶା ସରକାରଙ୍କୁ କରିବାକୁ ପଡିଛି । ଏଥିଯୋଗୁ ଗତ ଦଶନ୍ଧି ମଧ୍ୟରେ ଦେଶରେ ପ୍ରାକୃତିକ ବିପର୍ଯ୍ୟୟଜନିତ ମୃତ୍ୟୁ ହାର ୧ ପ୍ରତିଶତରୁ କମ୍ ରହିଛି ବୋଲି ଶାହା କହିଥିଲେ।




## ଲାଞ୍ଚ: ଲ୍ୟାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ଗିରଫ

**କଟକ ଅଫିସ, ୩ା୧:** ଦେଢହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି ନବରଙ୍ଗପୁରଠାରେ ଥିବା ଲାର୍ଜ ଏରିଆ ମଲ୍‌ଟି ପର୍ପୋଜ୍ କୋଅପରେଟିଭ ସୋସାଇଟି (ଲାମ୍ପ୍‌ସ)ର ପରିଚାଳନା ନିର୍ଦ୍ଦେଶକ ବାନାମ୍ବର ପଟ୍ଟନାୟକ। ଶୁକ୍ରବାର ୯୯.୩୨ କୁଇଣ୍ଟାଲ ଧାନ ମଣ୍ଡିରେ କ୍ରୟ କରିବା ପାଇଁ ମୋତିରାମ ଭାତ୍ରା ନାମକ ଜଣେ ବ୍ୟକ୍ତିଙ୍କଠାରୁ ପଟ୍ଟନାୟକ ଦେଢହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଶୁକ୍ରବାର ମଣ୍ଡି ନିକଟରେ ପରିଚାଳନା ନିର୍ଦ୍ଦେଶକ ପଟ୍ଟନାୟକ ମୋତିରାମଙ୍କଠାରୁ ପୂର୍ବ ଦାବି ମୁତାବକ ଲାଞ୍ଚ ଗ୍ରହଣ କରିଥିଲେ। ଏହି ସମୟରେ ସେଠାରେ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ ପଟ୍ଟନାୟକଙ୍କ ରାୟଗଡ଼ା ଜିଲା ଗୁଣୁପୁରଠାରେ ଥିବା ଭଡ଼ାଘରକୁ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଛି। ଏ ସମ୍ପର୍କରେ କୋରାପୁଟ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୧/୨୦୨୦) ରୁଜୁ ହୋଇଛି।

### କଂସର- ଜମନକିରା ରାସ୍ତା ନିର୍ମାଣରେ ଦୁର୍ନୀତି ପ୍ରସଙ୍ଗ

# ନିର୍ବାହୀ ଯନ୍ତ୍ରୀଙ୍କ ସମେତ ୪ ନିଲମ୍ବିତ






ସମ୍ବଲପୁର କଂସର- ଜମନକିରା ରାସ୍ତା (ବାମ) । ଜମନକିରା ରାସ୍ତାର ସୂଚନା ଫଳକ ।

ସମ୍ବଲପୁର,୩ା୧(ବ୍ୟୁରୋ)

ସମ୍ବଲପୁର ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଧୀନ କଂସର-ଜମନକିରା ପ୍ରଧାନମନ୍ତ୍ରୀ ରାସ୍ତା କାମରେ ହୋଇଥିବା ଦୁର୍ନୀତି ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ତତ୍କାଳୀନ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ଅନ୍ୟ ୩ ଜଣଙ୍କୁ ନିଲମ୍ବନ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚିଠିନଂ-୨୮୫୮୫୩୦୦୫୩୨୦/୧୯ରେ ନିଲମ୍ବନ ନିର୍ଦ୍ଦେଶ ଦିଆଯାଇଛି । ସେମାନେ ହେଲେ ପୂର୍ବତନ ନିର୍ବାହୀ ଯନ୍ତ୍ରୀ ତଥା ବର୍ତ୍ତମାନ ଗଞ୍ଜାମ ଜିଲାରେ ଅବସ୍ଥାପିତ କିଶୋର ମିଶ୍ର, ପୂର୍ବତନ ସହକାରୀ ଯନ୍ତ୍ରୀ ତଥା ସମ୍ବଲପୁର ଜିଲା ରେଢ଼ାଖୋଲ ଅବସ୍ଥାପିତ ହିମାଂଶୁଶେଖର ସେଠୀ, ଦେବଗଡ ଗ୍ରାମ୍ୟ ଉନ୍ନୟନ ଡିଭିଜନର କନିଷ୍ଠ ଯନ୍ତ୍ରୀ ହିମାଂଶୁ ବେହେରା, ଏଷ୍ଟିମେଟର୍ ଇଂ. ସୁବୋଧ ମୁଦୁଲି । ନିର୍ବାହୀ ଯନ୍ତ୍ରୀ ମିଶ୍ରଙ୍କୁ ବ୍ରହ୍ମପୁର ମୁଖ୍ୟାଳୟକୁ ସ୍ଥାନାନ୍ତରିତ କରାଯାଇଛି । ତଦନ୍ତ କମିଟି ଡ. ସି.ଏସ ସାହୁ,ରାଜ୍ୟ ଯାଞ୍ଚ ମୁଖ୍ୟ ଶ୍ରୀପତି ପଣ୍ଡା ଓ ସମ୍ବଲପୁର ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ ପାତ୍ର ମିଳିତ ଭାବେ ତଦନ୍ତ କରିଥିଲେ। ତାଙ୍କ ତଦନ୍ତ ରିପୋର୍ଟ ଆଧାରରେ ବିଭାଗ ପକ୍ଷରୁ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହିପରି ଅଧୀକ୍ଷଣ ଯନ୍ତ୍ରୀ ପାତ୍ର ରିଆମାଳ ଥାନାରେ ଦେଇଥିବା ଅଭିଯୋଗର ତଦନ୍ତ ଜାରି ରହିଛି । ନିଲମ୍ବିତ ୪ ଜଣ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥା ତୁଳସୀ କନଷ୍ଟ୍ରକଶନ୍‌ଙ୍କ ମାଲିକ ହାଇକୋର୍ଟରୁ ଜାମିନରେ ଆସିଛନ୍ତି । ହେଲେ ଅନିୟମିତତାକୁ ନେଇ ପୋଲିସ ତଦନ୍ତ ଜାରି ରହିଛି ।

ଏହି ରାସ୍ତାରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହେଲାପରେ ଧରିତ୍ରୀରେ ଅକ୍ଟୋବର ୨୬ରେ ଏକ ସ୍ୱତନ୍ତ୍ର ରିପୋର୍ଟ ପ୍ରକାଶ ପାଇଥିଲା । ଏହାକୁ ନେଇ ୨୮ ଅକ୍ଟୋବରରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ ପ୍ରଦୀପ କୁମାର ଜେନା ଉଦ୍‌ବେଗ ପ୍ରକାଶ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ୫ ଜଣିଆ ତଦନ୍ତ କମିଟି ଗଠନ କରି ଶୀଘ୍ର ତଦନ୍ତ ରିପୋର୍ଟ ଦେବାକୁ ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ନିର୍ଦ୍ଦେଶ ପାଇବା ପରେ ସମ୍ବଲପୁର ଅଧୀକ୍ଷଣ ଯନ୍ତ୍ରୀ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ । ଦୁର୍ନୀତିକୁ ଚାପି ଦେବା ପାଇଁ ଦୁଇ ଜଣ ଠିକାଦାର ରାତି ଅଧିଆ ମରାମତି କାମ କରିଥିଲେ । ବ୍ୟୟ ଅଟକଳ ଅନୁସାରେ ଆବଶ୍ୟକ ସାମଗ୍ରୀ ବ୍ୟବହାର ନ କରି ଉପରେ ପିଚୁ କରି ଦେଇଥିଲେ । ଏହାକୁ ନେଇ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଠିକାଦାରଙ୍କୁ କାମ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପରେ ବିଶେଷଜ୍ଞ ଦଳ ଯାଞ୍ଚ କରି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ରିପୋର୍ଟ ପ୍ରଦାନ କରିଥିଲେ ।

ଧରିତ୍ରୀ ପ୍ରଭାବ

ସୂଚନାଯୋଗ୍ୟ, ଆର୍ଥିକ ବର୍ଷ ୨୦୧୭-୧୮ରେ କଂସର-ଜମନକିରା ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ କରି ପ୍ୟାକେଜ ନଂ. ଓଆର-୦୮-ଟେଣ୍ଡର ଡକାଯାଇଥିଲା । ମୋଟ ୧୪ କିମି ରାସ୍ତାରେ ୫ କୋଟି ୭୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିଲା । ଏହି କାମକୁ ଦେବଗଡ଼ ଜିଲାର ତୁଳସୀ କନଷ୍ଟ୍ରକଶନ୍ ନାମକ ଠିକା କମ୍ପାନୀ ଟେଣ୍ଡର ମାଧମରେ ପାଇଥିଲେ । ବାକି ୬ କିମି ରାସ୍ତା କାମ ହୋଇ ନାହିଁ । ଯେତିକି ପରିମାଣ କାମ ହୋଇଛି ସେଥିରେ ମଧ ବ୍ୟାପକ ଅନିୟମିତତା କରାଯାଇଥିଲା । ରାଜନୈତିକ ସମ୍ପର୍କ ଓ ବଡବଡିଆଙ୍କ ଆଶୀର୍ବାଦ ଥିବାରୁ କାମ ଶେଷ ହୋଇ ନ ଥିଲେ ମଧ୍ୟ ୨୦୧୯ ମେ' ମାସରେ ଫାଇନାଲ ବିଲ କରାଯାଇଥିଲା ।

# ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କଟକ ଅଫିସ, ୩ା୧:** ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀଙ୍କୁ ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶନିବାର ଜଷ୍ଟିସ୍ ଝାବେରୀଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଏହି କାର୍ଯ୍ୟକ୍ରମରେ ବିଚାରପତି ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟ, ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି, ସମ୍ପାଦକ ସଞ୍ଜୟ କୁମାର ଦାସ, ଯୁଗ୍ମ ସମ୍ପାଦକ ଯତେଶ୍ୱର ନାୟକଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସୂଚନାଥାଉ କି, ଜଷ୍ଟିସ୍ ଝାବେରୀ ୨୦୦୪ରେ ଗୁଜରାଟ ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୦୫ରେ ସେ ଗୁଜରାଟ ହାଇକୋର୍ଟର ସ୍ଥାୟୀ ବିଚାରପତି ହୋଇଥିଲେ। ୨୦୧୬ରେ ତାଙ୍କୁ ରାଜସ୍ଥାନ ହାଇକୋର୍ଟକୁ ବଦଳି କରାଯାଇଥିଲା। ସେଠାରୁ ବଦଳି ପରେ ସେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ୨୦୧୮ ଅଗଷ୍ଟ ୧୨ ତାରିଖରେ ଶପଥ ଗ୍ରହଣ କରିଥିଲେ। ସେ ଓଡ଼ିଶା ହାଇକୋର୍ଟରେ ଯୋଗଦେବା ସମୟରେ ମୋଟ୍ ୧ ଲକ୍ଷ ୬୮ ହଜାର ବିଚାରାଧୀନ ମାମଲା ପଡ଼ି ରହିଥିଲା। ମାତ୍ର ସେ ହାଇକୋର୍ଟ ଛାଡ଼ିବା ବେଳକୁ ମାମଲା ସଂଖ୍ୟା ଦେଢ଼ ଲକ୍ଷ ଅଛି। ମୋଟାମୋଟି ଭାବେ ତାଙ୍କ ଅବଧି ମଧ୍ୟରେ ସେ ଅନେକ ପୁରୁଣା ମାମଲା ସହିତ ନୂଆ ମାମଲାର ଫଇସଲା କରିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................


ଆୟୁଷ୍ମାନ୍
ପରିବାରବର୍ଗ


କାହ୍ନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗ୍ରାମାଞ୍ଚଳ ରାସ୍ତା, ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଗୁରୁତ୍ୱ

## ବିଧାନସଭା ଗୃହ କମିଟି ବୈଠକ

ଭୁବନେଶ୍ୱର,୩ା୧(ବ୍ୟୁରୋ): ଓଡ଼ିଶା ବିଧାନସଭା ନିବେଦନ ଗୃହ କମିଟିଙ୍କର ଦଶମ ବୈଠକ ଶୁକ୍ରବାର ବିଧାନସଭା କମିଟି ପ୍ରକୋଷ୍ଠ ନଂ-୫୪ରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଡ. ପ୍ରମୋଦ କୁମାର ମଲ୍ଲିକ ଏହାର ଅଧକ୍ଷତା କରିଥିଲେ। ବୈଠକରେ ପଞ୍ଚଦଶ ଓ ଷୋଡ଼ଶ ବିଧାନସଭାରେ କରାଯାଇଥିବା ବିଚାରାଧୀନ ନିବେଦନଗୁଡ଼ିକ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ପଦାଧିକାରୀମାନଙ୍କ ସହିତ ଆଲୋଚନା କରାଯାଇଥିଲା ।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କିମ୍ବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଜଳେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖୁଆଡଠାରୁ କାଙ୍କଡଫେରା, ନେତୁଆଠାରୁ ଆଦିର୍ଗା ଓ ଗୋକୁଣ୍ଡି ହାଟପଡ଼ିଆଠାରୁ ଲୁହାପଡ଼ା ପର୍ଯ୍ୟନ୍ତ ପୂର୍ତ୍ତ ରାସ୍ତା ନିର୍ମାଣର ଆବଶ୍ୟକତା ନେଇ ଆଲୋଚନା ହୋଇଥିଲା । ଏହା ଛଡ଼ା ତଳସରା ବିଧାନସଭା

ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲେଫ୍ରିପଡ଼ା ବ୍ଲକ୍‌ର ମେଗବିରା ଓ ଫୁଟକଣା ମଧରେ ଥିବା ନାଳ ଉପରେ ପୋଲ ନିର୍ମାଣ, ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲକ୍ଷ୍ମୀମରାଠାରେ ଅଙ୍ଗ ନଦୀ ଉପରେ ପୋଲ କିମ୍ବା ବିଜୁ ସେତୁ ନିର୍ମାଣ ଓ ଘୁ. ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ଏନ୍‌ବିସିସି, ନୂଆଦିଲ୍ଲୀ କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣର ଆବଶ୍ୟକତା ନେଇ ମଧ ଆଲୋଚନା ହୋଇଥିଲା। ସେହିପରି ବିଧାନସଭା ବିଭାଗୀୟ ସ୍ଥାୟୀ କମିଟି-୫ଙ୍କର ଦ୍ୱାଦଶ ବୈଠକ ଶୁକ୍ରବାର ବିଧାନସଭା କମିଟି ପ୍ରକୋଷ୍ଠ ନଂ ୫୪ରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲ୍ ଏବଂ ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ଜିଲା ସଦର ମହକୁମା ଡାକ୍ତରଖାନାର ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା ।

## ପ୍ରଥମ ପୃଷ୍ଠାରୁ...

### ରାଜ୍ୟ ସାରା ..

ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଲରେ କଟା ହୋଇପଡିଥିବା ଧାନକୁ ତୁରନ୍ତ ଖଳାକୁ ଆଣିବା ଓ ସୁରକ୍ଷିତ ସ୍ଥାନରେ ଏହାକୁ ଘୋଡାଇ ରଖିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ରାଜ୍ୟରେ ଖରିଫ ଧାନ ସଂଗ୍ରହ ଚାଲିଛି। ଚାଷୀମାନେ ବିକିବା ପାଇଁ ମଣ୍ଡିକୁ ଧାନ ଆଣୁଛନ୍ତି। ମଣ୍ଡିଗୁଡ଼ିକରେ ଧାନର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଏସ୍‌ଆର୍‌ସି ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରବଳ ଥଣ୍ଡା ସମ୍ଭାବନା ଥିବାରୁ ଅସହାୟ ବାସହୀନ ଲୋକଙ୍କ ପାଇଁ ଗ୍ରାମାଞ୍ଚଳରେ ସ୍କୁଲ ଗୃହକୁ ରାତ୍ର ଆଶ୍ରୟସ୍ଥଳ ଭାବେ ବ୍ୟବହାର କରିବାକୁ କୁହାଯାଇଛି।

ରାଜସ୍ଥାନରୁ ଝାଡଖଣ୍ଡ ଉପର ଦେଇ ଏକ ଟ୍ରପ ଲାଇନ ରହିଛି। ଏଥିଯୋଗୁ ରାଜ୍ୟରେ ଦୁଇଦିନ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଶନିବାର ମଧାହ୍ନ ସୁଦ୍ଧା ବର୍ଷା ଛାଡିଯିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଣ୍ଟା ମଧରେ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ଭଦ୍ରକ, ବାଲେଶ୍ୱର, ଯାଜପୁର, କୋରାପୁଟ, କଟକ, ଖୋର୍ଦ୍ଧା, ସୁବର୍ଣ୍ଣପୁର, ବୌଦ୍ଧ ଏବଂ ସୁନ୍ଦରଗଡ଼ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୫ ଓ ୬ ତାରିଖରେ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଦୁଇଦିନ ରାଜ୍ୟରେ ଥଣ୍ଡା ପରିମାଣ ବଢ଼ିଯିବ। ସର୍ବନିମ୍ନ ତାପମାତ୍ରା ୬ ରୁ ୭ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଯିବ। ୮ ତାରିଖରୁ ପୁଣି ପାରଦ ଉପରମୁହାଁ ହେବ। ୯ ତାରିଖରେ ଉତ୍ତର ଏବଂ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ପୁଣି ୧୦ ତାରିଖରୁ ଉତ୍ତର ପୂର୍ବ ଦିଗରୁ ଥଣ୍ଡା ବାୟୁ ପ୍ରବାହ ହେବ। ରାଜ୍ୟରେ ଶୀତ ପରିମାଣ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

### ସାମାଜିକ ବାସନ୍ଦ...

ପ୍ରମିଳା ନିଜକୁ ଦୃଢ଼ କରିଥିଲେ । ନିଜେ ବାପାଙ୍କ ଅନ୍ତିମ ସଂସ୍କାର କରିବାକୁ ନିଷ୍ପତ୍ତି ନେଇଥିଲେ । ଶେଷରେ ପ୍ରମିଳା ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ । ବାପାଙ୍କ ମୃତଦେହକୁ ଘରେ ଥିବା ଖଟିଆରେ ରଖିଥିଲେ। ଏହି ଖଟିଆକୁ ଘରଠାରୁ ପ୍ରାୟ ୫୦ ମିଟର ଦୂର ନିଜ ଚାଷ ଜମିକୁ ଟାଣି ଟାଣି ନେଇଥିଲା। ଗାଁ ଲୋକ ଦେଇଥିବା କାଠକୁ ବାପାଙ୍କ ମୃତଦେହ ଉପରେ ରଖି ମୁଖାଗ୍ନି ଦେଇଥିଲେ। ଏଥିରେ ପ୍ରମିଳାଙ୍କ ୫ ବର୍ଷର ପୁଅ ସହଯୋଗ କରିଥିଲେ। ଶୁକ୍ରବାର ଏହି ଘଟଣା ସାମ୍ନାକୁ ଆସିବା ପରେ ପ୍ରମିଳାଙ୍କ ପ୍ରତି ସମସ୍ତଙ୍କ ସହାନଭୂତି ଓଜାଡି ହୋଇପଡିଛି । ଅନ୍ୟପକ୍ଷେ ଆଜିର ଯୁଗରେ ସାମାଜିକ ବାସନ୍ଦକୁ ସମସ୍ତେ ନିନ୍ଦା କରିଛନ୍ତି । ଏ ବିଷୟରେ ଗୁଡ଼ଭେଲା ବିଡ଼ିଓ ସୂର୍ଯ୍ୟ କୁମାର ନାୟକ କହିଛନ୍ତି , ଘୁନା ପଞ୍ଚାୟତ ତରଫରୁ ହରିଶ୍ଚନ୍ଦ୍ର ଯୋଜନାରେ ପ୍ରମିଳାଙ୍କୁ ୨ ହଜାର ଟଙ୍କା ପ୍ରାଥମିକ ସହାୟତା ଦିଆଯାଇଛି। ତାଙ୍କ ପରିବାରକୁ ଜାତି ଲୋକେ ବାସନ୍ଦ କରିଥିବା କଥା ପ୍ରଶାସନ ଜାଣିନାହିଁ ବୋଲି ସେ କହିଛନ୍ତି ।

# ସିଏଏକୁ ନେଇ ମୁହଁ ଖୋଲିଲେ ଶଙ୍କରାଚାର୍ଯ୍ୟ | ଭାରତକୁ ହିନ୍ଦୁରାଷ୍ଟ୍ର ଘୋଷଣା କରାଯାଉ

## ସମୀକ୍ଷା କରିଥିଲେ ହିଂସାକାଣ୍ଡ ହୋଇ ନ ଥାନ୍ତା

ପୁରୀ ଅଫିସ,୩ା୧: ସଂଶୋଧିତ ନାଗରିକତ୍ୱ ଆଇନ(ସିଏଏ)କୁ ବିରୋଧ କରି ବିଭିନ୍ନ ରାଜ୍ୟରେ ଜୋରସୋରରେ ଆନ୍ଦୋଳନ ଚାଲିଛି। ପୁଣି କେତେକ ଜାଗାରେ ସମର୍ଥନ ଶୋଭାଯାତ୍ରା ମଧ ବାହାରୁଛି। ସିଏଏକୁ ନେଇ ଦିନକୁ ଦିନ ପରିସ୍ଥିତି ସଙ୍ଗିନ ହେଉଥିବାବେଳେ ଶୁକ୍ରବାର ଏ ସମ୍ପର୍କରେ ମୁହଁ ଖୋଲିଛନ୍ତି ପୁରୀ ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ସେ କହିଛନ୍ତି ଭାରତକୁ ହିନ୍ଦୁରାଷ୍ଟ୍ର ଭାବେ ଘୋଷଣା କରାଯାଉ। ଅନ୍ୟପକ୍ଷେ ସିଏଏ ପାସ୍ ହେବା ପୂର୍ବରୁ ସମୀକ୍ଷା କରିଥିଲେ, ଏଭଳି ହିଂସାକାଣ୍ଡ ହୋଇ ନ ଥାନ୍ତା। ସିଏଏ ପ୍ରସଙ୍ଗରେ ଶୁକ୍ରବାର ଗଣମାଧମକୁ ତାଙ୍କ ପ୍ରତିକ୍ରିୟା ଦେଇ ଶଙ୍କରାଚାର୍ଯ୍ୟ କହିଛନ୍ତି, ନାଗରିକତ୍ୱ ସଂଶୋଧନ ଆଇନ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏହା କେବଳ ଭାରତର ନୁହେଁ ବିଶ୍ୱର ସମସ୍ୟା। ମିଳିତ ଜାତିସଂଘ ଏ କ୍ଷେତ୍ରରେ ସମ୍ବେଦନଶୀଳ ହୋଇ ଉଚିତ ପଦକ୍ଷେପ ନେବା ଦରକାର। ବିଶ୍ୱରେ ମୋଟ ୨୦୪ଟି ଦେଶ ରହିଛି । ଏଥିମଧରୁ ପ୍ରାୟ ୫୦ଟି ମୁସ୍‌ଲିମ ରାଷ୍ଟ୍ର ଥିବାବେଳେ ଅନେକ ଖ୍ରୀଷ୍ଟିୟାନ ଦେଶ ରହିଛି। କିନ୍ତୁ ଅନେକ ଦେଶରେ ହିନ୍ଦୁମାନେ ବସବାସ କରୁଥିଲେ ବି ସ୍ୱତନ୍ତ୍ର ହିନ୍ଦୁରାଷ୍ଟ୍ର ନାହିଁ। ପ୍ରାଥମିକ ପର୍ଯ୍ୟାୟରେ ଜାତିସଂଘ ଭାରତ, ନେପାଳ ଏବଂ ଭୁଟାନକୁ ହିନ୍ଦୁରାଷ୍ଟ୍ର ଘୋଷଣା କରୁ। ବାହାର ଦେଶରେ ଥିବା ହିନ୍ଦୁମାନେ ପରିସ୍ଥିତିରେ ପଡି ହେଉ କିମ୍ବା ଉତ୍ପୀଡ଼ନର ଶିକାର ହେଉଥିବା ଅନୁଭବ କରି ଯଦି କୌଣସି ଦେଶ ଛାଡିବାକୁ ଚାହୁଁଛନ୍ତି ତେବେ ସେମାନଙ୍କୁ ଏହି ୩ ରାଷ୍ଟ୍ରରେ ଥଇଥାନ କରାଯାଉ। ମାନବାଧିକାର ଅନ୍ତର୍ଗତ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ମଧ ଯୋଗାଇ ଦିଆଯାଉ। ଏଥିସହିତ ଜାତିସଂଘରେ ଏ ନେଇ ସ୍ୱତନ୍ତ୍ର ନ୍ୟାୟାଳୟ ପ୍ରତିଷ୍ଠା କରାଯିବା ସପକ୍ଷରେ ମତ ରଖିଛନ୍ତି ଶଙ୍କରାଚାର୍ଯ୍ୟ। ବିଭିନ୍ନ ଦେଶରେ ଧର୍ମୀୟ ସଂଖ୍ୟାଲଘୁଙ୍କୁ ଥଇଥାନ ପାଇଁ ଏହି ନ୍ୟାୟାଳୟ କାମ କରୁ । ଏପରି ହେଲେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଉପୁଜିବ ନାହିଁ । ଭାରତ ଅତିଥି ଦେବୋ ଭବ ନୀତିକୁ ଆପଣାଇଛି। ଯେଉଁମାନେ ଭାରତର ଶରଣ ପଶିଛନ୍ତି ତାକୁ ଏ ଦେଶ ଅତିଥି ଭାବେ ସ୍ୱୀକାର କରିଛି । କିନ୍ତୁ ଏହି ଦୟା କାଲି ଆମ ପାଇଁ ଘାତକ ନ ହେଉ ବୋଲି କହିଛନ୍ତି ଶଙ୍କରାଚାର୍ଯ୍ୟ । ଏକ ଉଦାହରଣ ଦେଇ ଜଗଦ୍‌ଗୁରୁ କହିଥିଲେ, ବୃନ୍ଦାବନର ଏକ ଜାଗାରେ ମାଛ ମରି ପାଣିରେ ଭାସୁଥିବା ଦେଖି ସ୍ଥାନୀୟ ଲୋକଙ୍କୁ ତା'ର କାରଣ ପଚାରିଥିଲେ । ୨ ବର୍ଷ ହେବ ବର୍ଷା ହୋଇ ନ ଥିଲା। ଅଚାନକ ମୂଷଳ ଧାରାରେ ବର୍ଷା ହେବାରୁ ଆବର୍ଜନା ପାଣିରେ ରହୁଥିବା ମାଛ ସ୍ୱଚ୍ଛପାଣିରେ ନିଜକୁ ଖାପଖୁଆଇ ନ ପାରି ମରିଗଲେ। ତେବେ ଏଥିରୁ ଗୋଟିଏ କଥା ସ୍ପଷ୍ଟ, ଆବର୍ଜନା ପାଣିରେ ବଢୁଥିବା ମାଛଙ୍କୁ ସ୍ୱଚ୍ଛ ପାଣି ଅଡୁଆ। ଅର୍ଥାତ୍ ଲୁଣିପାଣିରେ ରହୁଥିବା ମାଛଙ୍କୁ ମଧୁର ପାଣି ଏବଂ ମିଠାପାଣିରେ ରହୁଥିବା ମାଛଙ୍କୁ ଲୁଣିପାଣିରେ ରଖିଲେ ସେମାନେ ନିଜକୁ ଖାପ ନ ଖୁଆଇ ମରିଯିବେ। ସେହିଭଳି ଶାସନ ଦାୟିତ୍ୱରେ ଥିବା ବ୍ୟକ୍ତିମାନେ ଦେଶର ହିତ ପାଇଁ କୌଣସି ପଦକ୍ଷେପ ନେବା ପୂର୍ବରୁ ପ୍ରଥମେ ଚିନ୍ତା କରିବା ଦରକାର। ସହିଷ୍ଣୁତା ସୃଷ୍ଟି ଲାଗି ବିଚାରବିମର୍ଶ କରିବା ଉଚିତ। ନିୟମ ପାରିତ ହେବା ପରେ ଯେଉଁ ପଦକ୍ଷେପ ନିଆଗଲା ତା' ପୂର୍ବରୁ ଯଦି ଏହାର ସମୀକ୍ଷା କରାଯାଇଥାନ୍ତା ତେବେ ହିଂସାକାଣ୍ଡ ଘଟି ନ ଥାନ୍ତା ବୋଲି କହିଛନ୍ତି ଶଙ୍କରାଚାର୍ଯ୍ୟ ।


# classifieds Everyday
**0674-2580101, 2549302**




**SALE**

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68453

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68943

New Year Offer on purchasing of BDA/ Bank approved remaining few flats in final finishing stage near NH, Patrapada, Bhubaneswar. 9238326233, 9040072544. D-38566

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-15714

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ ଟ.1,75,000ରେ ପ୍ଲଟ୍ ମିଳୁଛି। Contact: 8908492594. D-15790

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-15713

**Bhubaneswar ପିତାପଲ୍ଲୀଛକରେ NHକୁ ଲାଗିକି plot ମିଳୁଅଛି। 9090963952.** D-68451

**ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3K.m well developed demarcated plot sqft. 650/-, 9348063060.** D-68464

**ଭୁବନେଶ୍ୱର କଟଣା ଗେଟ୍ ଠାରେ sqft.-180/-, ଅରଗୁଳ ରେଲ୍‌ୱେଷ୍ଟେସନ ପାଖରେ sqft.-180/-, ନଖରା ତ୍ରିନାଥ ବଜାର SC ପ୍ଲଟ୍ 370/- ଘରବାରି outright/ instalment- 9348817649, 7750909843.** D-68462

**Bhubaneswar Infocity-II ମଦନପୁର ନିକଟରେ sqft.499/- demarcation plot କିଣନ୍ତୁ 9861218400** D-68463

**New Year Dhamaka: Discount Rs.100/- available @ landmark Ph-2, Sundarpada. It offers ready to move 2 & 3 BHK flat with huge open space, club, garden, jugging track @ 2800 per sqft. 9938569014, 9861433014.** D-16001

**1500Sqft. Gharabari plots developed with 40ft. mainroad 30ft. Internal Road Entrance gate with Security room Connected with Electricity 8 Km. from Bhubaneswar Airport on Sundarapada-Jatni Road for sale Rs.850/- 9937162220.** D-16018

1/2/3BHK apartment near Sum Hospital, good ambience club house, GYM, terrace, garden, jogging track & other features @Rs.3050/- per sqft. Contact- 9078263828. D-16027

**Book 2BHK flat at GGP Colony, Rasulgarh, (SBI, RERA approved). 7978584549.** D-68952

**2800sqft. gharabari plot immediately sale at Bomikhal, Bhubaneswar, only buyer directly contact Deepak: 9937329999.** D-68046

Sthitiban demarcated plot, 1Km from Balikuda NH, only O/R purchase. Hero Honda is free on purchase of 2000sqft. 8658182243. D-68045

**2BHK flat 1120sqft. adjacent to Mountlitera Zee School Kateni, Bhubaneswar for sale @ 18,50,000/-** 9937847725.** D-16033




Construct your building as per your terms and condition. Contact: 9937064680. D-27284

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16029

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Two Bedroom house Ground floor Laxmi Sagar, Bhubaneswar. 9437075580, 9439205580. D-67273




Rejuvenate and ayurvedic full body massage by smart therapist. 9114402304. D-68946

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68742

Ayurvedic full body massage ladies and gents. Contact: 9861064981. D-68743

Completely stress management therapy, visit us our clinic. Contact: 7852986810. D-68532

Full body herbal massage with refreshment expert therapist. 7381239385, 06742540855. D-68947

Experience full body massage with us (expert). Call: 7377048581, 06742597822. D-68948

Herbal full body massage by smart / expert therapist. Contact: 8338067247. D-68949

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68950

Newly open full body massage by ladies, gents therapist. 8018656899 D-60860

Ayurvedic full body massage by ladies, gents therapist. 7008773793 D-60861

Newly open full body massage with gents and ladies, 9090377418. D-59942

Refresh your mind and soul with best therapy at Orchid Salon/Spa. 9937287222. D-68745




3000 ଟଙ୍କାରେ ନିଜର LED Business କରନ୍ତୁ। ଦିନକୁ ୧୦୦୦ କମାନ୍ତୁ। Mob: 9777434078. D-15939

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


## AFFIDAVIT

By an affidavit on 03.01.2020 sworn before the Executive Magistrate, Cuttack, Sadar, I Smt. Manjulata Sethi, W/o- Nilamani Sethi declare that Manjulata Dei, Manjushree Sethi and Manjulata Sethi is one and same person and my actual date of birth is 15.01.1961. Henceforth, I would be known as Manjulata Sethi for all purposes and documents. D-37388

By virtue of an affidavit sworn before the Executive Magistrate, BBSR, on 03.01.2020, I Pupu Pattnayak S/o Pravat Kumar Pattnayak R/o- Plot No- 1191, Nayapalli, P.S. Nayapalli, Bhubaneswar-751012 Dist- Khurda, have changed my name to Pritish Pattnayak. Henceforth, I shall be known as Pritish Pattnayak for all purposes. D- 16031

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପାରିବାରିକ ସମସ୍ୟା ସମାଧାନ କରି ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତା, ବ୍ୟବସାୟ, ପରିବହନ ଓ ନିର୍ମାଣାଧୀନ କାମରେ ସଫଳତା ହାସଲକରିବେ। ଭାଗ୍ୟସ୍ଥ ଚନ୍ଦ୍ର ହେତୁ ଆନୁଷ୍ଠାନିକ କ୍ଷେତ୍ରରେ ସୁପରାମର୍ଶ ଓ ପ୍ରେରଣା ଦେଇ ପ୍ରଶଂସିତ ହେବେ। ଅଫିସରେ ଜଣେ ଅଧସ୍ତନ କର୍ମଚାରୀ ପ୍ରତିବାଦର ସ୍ୱର ଉଠାଇ ପରିସ୍ଥିତିକୁ ଜଟିଳ କରିପାରନ୍ତି।

**ବୃଷ** ଶୁକ୍ରଦୃଷ୍ଟ ତୃତୀୟ ଭାବ ଯୋଗୁ ଭାଇ, ବନ୍ଧୁ, ପାଖପଡ଼ୋଶୀ ଓ ସହକର୍ମୀମାନଙ୍କ ସହ ସୁସମ୍ପର୍କ ସ୍ଥାପିତ ହେବ। ନିଜର କାମକୁ ପଛକୁ ପକାଇ ବନ୍ଧୁଙ୍କ ପାଇଁ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ପରିବହନ ପ୍ରଭୃତି କ୍ଷେତ୍ରରୁ ଲାଭବାନ୍ ହେବେ। ଭୁଲ୍ ବୁଝାମଣା ଓ ଯୁକ୍ତିତର୍କ କାରଣରୁ ପରିବାରରେ ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ।

**ମିଥୁନ** ମଙ୍ଗଳଙ୍କ ଦୃଷ୍ଟି ହେତୁ ଜମିଜମା କିଣାବିକା ଦିଗରେ ଆଲୋଚନା କରିପାରନ୍ତି। ଆର୍ଥିକ ଅନଟନ ଓ କୌଣସି ବିବାଦୀୟ କଥା ପରିସ୍ଥିତିକୁ ସରଗରମ କରିଦେଇପାରେ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବ। ଗୁରୁକ୍ଷେତ୍ରସ୍ଥ ଚନ୍ଦ୍ର ଯୋଗୁ ଜୀବନଶୈଳୀରେ ପରିବର୍ତ୍ତନ ଆଣିଲେ ଭାଙ୍ଗି ପଡ଼ିଥିବା ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ।

**କର୍କଟ** ଅଷ୍ଟମସ୍ଥ କର୍ମାଧିପ ସ୍ୱଭାବରୁ ସମସ୍ୟା ଆସିଲେ ମଧ ସମାଧାନ ହୋଇଯିବ। ବଳହୀନ ରବିଙ୍କ ଯୋଗୁ ପିତାଙ୍କ ସହ ମତପାର୍ଥକ୍ୟ ପାରିବାରିକ ଅଶାନ୍ତିକୁ ଆମନ୍ତ୍ରଣ କରିବ। ବାକ୍ ଅସଂଯମତା ଯୋଗୁ ବନ୍ଧୁମାନଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ଶିଳ୍ପ,ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରିବେ।

**ସିଂହ** ଏକାଦଶସ୍ଥ ରାହୁ ଆପଣଙ୍କୁ ବିବାଦୀୟ ସ୍ଥିତି, ମାଲିମକଦ୍ଦମାରେ ବିଜୟୀ କରାଇ ବିଜାତୀୟ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ସ୍ଥାପନ କରାଇବ। ପଦସ୍ଥ ବ୍ୟକ୍ତିଙ୍କ ସହ ଭୁଲ୍ ବୁଝାମଣା ଓ ଅସାବଧାନତା କାରଣରୁ ସୁଯୋଗ ହାତଛଡ଼ା ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ବୁଝାମଣା ଅଭାବରୁ ସମ୍ପର୍କହାନି ଆଶଙ୍କା ଦେଖାଦେବ।

**କନ୍ୟା** ଦୈହିକ ସୁସ୍ଥତା ସାଙ୍ଗକୁ ବନ୍ଧୁବର୍ଗଙ୍କ ସାହାଯ୍ୟ, ସହଯୋଗ କାର୍ଯ୍ୟ ହାସଲ ଦିଗରେ ସହାୟକ ହେବ। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ଓ ସାହିତ୍ୟ, କଳା, କ୍ଷେତ୍ରରୁ ପ୍ରଶଂସିତ ହେବେ। ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ। ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ବହୁ ଶୁଭଫଳ ପ୍ରଦାନ କରିବ।

**ତୁଳା** କେନ୍ଦ୍ରସ୍ଥ ଶୁକ୍ର କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ, ସାମାଜିକ ପ୍ରତିଷ୍ଠା ପ୍ରଦାନ କରିବ। ଚେଷ୍ଟା କରୁଥିବା କାମଗୁଡ଼ିକ ପାଇଁ ବିଶେଷ ଚିନ୍ତିତ ହେବାକୁ ପଡ଼ିବ ନାହିଁ। ପରିବାରରେ ପରସ୍ପର ମନର ଦୁଃଖ ଓ ଅବସୋସକୁ ପ୍ରକାଶ କରି ନ ପାରି ନୀରବ ରହିବାକୁ ବାଧ ହେବେ। ନିଜର ସଙ୍କୋଚତା ପ୍ରବୃତ୍ତି କେତେକ ସାମ୍ବବ୍ୟ ସମସ୍ୟାକୁ ନିମନ୍ତ୍ରଣ କରିପାରେ।

**ବିଛା** ଦୈହିକ ସୁସ୍ଥତା ସାଙ୍ଗକୁ ବନ୍ଧୁବର୍ଗଙ୍କ ଆଦର ଅଭ୍ୟର୍ଥନା ମନୋବଳ ବୃଦ୍ଧିରେ ସହାୟକ ହେବ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହମତି କିମ୍ବା ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ, ବ୍ୟବସାୟ ଓ ବାଣିଜ୍ୟ କାରବାରରେ ଲାଭବାନ୍ ହେବେ। ଆଇନ ଅଦାଲତ,କଳା, ସାହିତ୍ୟରେ ସମସ୍ୟା ସମାଧାନର ଆଶା ରହିଛି।

**ଧନୁ** ଅଷ୍ଟମାଧିପତି ଚତୁର୍ଥ କେନ୍ଦ୍ରସ୍ଥ ଯୋଗୁ ପରିବାର, ପରିବହନ, ସାମାଜିକ ସ୍ଥିତି କେତେକାଂଶରେ ହ୍ରାସ ପାଇବ। ମନାନ୍ତର ଜନିତ ହ୍ରାସ ପାଇଥିବା ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବା ଆଶା ରହିଛି। ଜଣେ ବ୍ୟକ୍ତିଙ୍କ ସାହାଯ୍ୟରୁ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଯାତ୍ରା, ନିର୍ମାଣ ପ୍ରଭୃତିରେ ଆଂଶିକ ସଫଳତା ମିଳିବ।

**ମକର** ଚନ୍ଦ୍ରଙ୍କ ଭାଗ୍ୟସ୍ଥାନ ପ୍ରତି ଦୃଷ୍ଟି ଓ ରାଶିରେ ଶୁକ୍ର ଯୋଗୁ ଯାହା ଅଭିଳାଷ ରଖିଛନ୍ତି ତାହା ନିଶ୍ଚିତ ପୂରଣ ହୋଇଯିବ। ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ସରକାରୀ ସ୍ତରରୁ ଅର୍ଥ ସାହାଯ୍ୟ ପାଇବେ। ବହୁ ପୂର୍ବରୁ ଆଶା କରିଥିବା କୌଣସି ଖବର ପାଇ ଖୁସି ହେବେ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** ଆଜି ଆଶା କରିଥିବା ଦିଗରୁ ଅର୍ଥଲାଭ ସହ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିବେ। ଅତ୍ୟଧିକ କର୍ମଜଞ୍ଜାଳ ଜନିତ ମାନସିକ ଚାପ ବୃଦ୍ଧି ପାଇବ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ,ଏଜେନ୍ସିପ୍ କ୍ଷେତ୍ରରେ ସମସ୍ୟା ଦୂରହୋଇଯିବ। ପ୍ରିୟ ବନ୍ଧୁଟିର ଅଶାଳୀନ ମନ୍ତବ୍ୟ କିମ୍ବା ପକ୍ଷପାତିତାକୁ ନାପସନ୍ଦ କରିବେ।

**ମୀନ** ରେବତୀ ନକ୍ଷତ୍ରରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ ପୂର୍ବ ସଂକଳ୍ପିତ କାର୍ଯ୍ୟସାଧିତ ହେବାରେ କୌଣସି ଅସୁବିଧା ରହିବ ନାହିଁ। କର୍ମକ୍ଷେତ୍ରରେ ଶତ୍ରୁତାଜନିତ ବିଭିନ୍ନ ସମସ୍ୟା ମନକୁ ଭାରାକ୍ରାନ୍ତ କରି ରଖିବ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ବ୍ୟସ୍ତ ଓ ବିବ୍ରତତାକୁ ଦେଖି ଆତ୍ମୀୟ ଓ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ।

ଆଜି ଜାନୁୟାରୀ ୪ ତାରିଖ, ପୌଷ ଶୁକ୍ଳ ନବମୀ ଶନିବାର,ବିଶ୍ୱ ବ୍ରେଲ୍ ଦିବସ, ଲୁଇ ବ୍ରେଲ୍‌ଙ୍କ ଜୟନ୍ତୀ,ରାଶିନକ୍ଷତ୍ର-ଦିବା, ଘ୧୦ ।୩୬ମି. ପର୍ଯ୍ୟନ୍ତ, ରେବତୀ/ମୀନ, ତତ୍ପରେ ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୭ ।୫୨ମି. ଗତେ ଘ୧୦ ।୦୩ମି. ମଧ୍ୟେ ଅମୃତବେଳା। ଦିବା ଘ୭ ।୫୦ମି. ଗତେ ଘ୯ ।୧୧ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୯ ।୦୯ମି. ଗତେ ଘ୧୦ ।୩୦ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ପୂର୍ବତନ ବିଧାୟକ ଦୈତାରୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର,୩।୧(ବ୍ୟୁରୋ):** ଛତ୍ରପୁରର ପୂର୍ବତନ ବିଧାୟକ ଦୈତାରୀ ବେହେରାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୋକବାର୍ତ୍ତାରେ କହିଛନ୍ତି ଯେ, ନିଜ ଅଞ୍ଚଳର ବିକଶ ପାଇଁ ସ୍ୱର୍ଗତ ବେହେରା ସର୍ବଦା ସ୍ମରଣୀୟ ହୋଇ ରହିବେ। ସେ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ନିଜର ସମବେଦନା ଜଣାଇଛନ୍ତି। ପୂର୍ବତନ ବିଧାୟକ ବେହେରା ଦୀର୍ଘ ବର୍ଷ ଧରି ଅସୁସ୍ଥ ଥିଲେ। ବ୍ରହ୍ମପୁର ହସ୍ପିଟାଲରେ ୮୪ ବର୍ଷ ବୟସରେ ତାଙ୍କର ଗୁରୁବାର ପରଲୋକ ହୋଇଥିଲା।

### ପକ୍ଷୀ ଗଣନା ଆରମ୍ଭ

**ଭୁବନେଶ୍ୱର, ୩।୧(ବ୍ୟୁରୋ):** ସାରା ରାଜ୍ୟର ବିଭିନ୍ନ ବନଖଣ୍ଡରେ ଶୁକ୍ରବାରଠାରୁ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏଥିପାଇଁ ୨୫ ଟିମ୍ ଗଠିତ ହୋଇଛି। ଟିମ୍‌ରେ ବନବିଭାଗ କର୍ମଚାରୀ, ପରିବେଶବିତ୍, ବନ୍ୟପ୍ରାଣୀ ବିଶେଷଜ୍ଞ ଓ ସ୍ଥାନୀୟ ସାଧାରଣ ଲୋକଙ୍କୁ ସାମିଲ କରାଯାଇଛି। ପ୍ରାୟ ଏକ ହଜାର ଲୋକ ଗଣନାରେ ରହିଛନ୍ତି। ଏହିକ୍ରମରେ ଶୁକ୍ରବାର ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡରେ ପକ୍ଷୀ ଗଣନା ଆରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ମୋଟ ୪୦ଜଣ ସାମିଲ ହୋଇଥିଲେ। ଏଠାରେ ପକ୍ଷୀ ଗଣନା ସହ ଆସନ୍ତା ୯ରୁ ୧୧ ତାରିଖ ପର୍ଯ୍ୟନ୍ତ କୁମ୍ଭୀର ଗଣନା କାର୍ଯ୍ୟକ୍ରମ ମଧ ଚାଲିବ। ପକ୍ଷୀ ଓ କୁମ୍ଭୀର ଗଣନା ସମୟରେ ମହାନଦୀ ଭିତର ସିଷ୍ଟମ୍‌ରେ ମାଛ ଧରିବା ନିମନ୍ତେ ପ୍ରତିବନ୍ଧକ ଲଗାଯାଇଛି। ଏଥିସହ ଜାନୁୟାରୀ ପ୍ରଥମ ୨ ସପ୍ତାହ ଯାଏ ପର୍ଯ୍ୟଟକଙ୍କ ପାଇଁ ସାତକୋଶିଆ ଅଭୟାରଣ୍ୟ ବନ୍ଦ ରହିବ। ସେହିପରି ଶିମିଳିପାଳ ଅଞ୍ଚଳରେ ଥିବା ଆର୍ଦ୍ର ଭୂମିରେ ମଧ ପକ୍ଷୀ ଗଣନା ଆରମ୍ଭ ହୋଇଛି।

### ସିଏଏକୁ ପୂର୍ବତନ ଏନ୍ଏସ୍ଏଙ୍କ ବିରୋଧ

**ନୂଆଦିଲ୍ଲୀ,୩।୧(ପି.ଟି.):** ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ସରକାରଙ୍କ ସ୍ୱପ୍ରେରିତ କୂଟନୈତିକ ଲକ୍ଷ୍ୟ ବୋଲି ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ତଥା ବହିର୍ବ୍ୟାପାର ସଚିବ ଶିବଶଙ୍କର ମେନନ ଶୁକ୍ରବାର କହିବା ସହ ଏହାର ପରିଣାମ ସମ୍ପର୍କରେ ସତର୍କ କରାଇଦେଇଛନ୍ତି। ଏହା ଭାରତକୁ ଏକଘରକିଆ କରିଦେବା ସହ ଉଭୟ ଦେଶ ଓ ବିଦେଶରେ ବିରୋଧର ସ୍ୱର ବଢୁଥିବା ସେ କହିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ଏନ୍ଏସ୍ଏଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ସିଏଏ କାର୍ଯ୍ୟକାରିତାର ପ୍ରତିକୂଳ ପ୍ରଭାବ ସମ୍ପର୍କରେ କହିଥିଲେ। ଏଭଳି ପଦକ୍ଷେପ ଭାରତକୁ ପାକିସ୍ତାନ ଭଳି ଏକ ଅସହିଷ୍ଣୁ ରାଷ୍ଟ୍ର ସହ ତୁଳନୀୟ କରିଛି। ଏହି ଆଇନ ଗୃହୀତ ହେବା ଫଳରେ ଭାରତର ଅନୁଭବ ବଦଳିଯାଇଛି। ଫଳରେ ବନ୍ଧୁ ରାଷ୍ଟ୍ରଗୁଡ଼ିକ ମୁହଁ ଫେରାଇବା ଆରମ୍ଭ କଲେଣି ବୋଲି ମେନନ କହିଛନ୍ତି।

# ପୋଲିସ ଇନ୍‌ଫର୍ମର ସନ୍ଦେହରେ ଜଣକୁ ଗୁଳିକରି ହତ୍ୟା

**ଦାରିଙ୍ଗବାଡ଼ି/ କ.ନୂଆଗାଁ, ୩।୧(ଡି.ଏନ୍.ଏ.)**


ମାଓବାଦୀମାନେ ରଞ୍ଜନ ଶୋଇଥିବା ଘର ଭାଙ୍ଗିଛନ୍ତି।

କନ୍ଧମାଳ ଜିଲା କ. ନୂଆଗାଁ ବ୍ଲକ ଲେଡିଙ୍ଗିଆ ପଞ୍ଚାୟତ ବୁଡ୍ଡୁମାହାରେ ଗୁରୁବାର ରାତିରେ ମାଓବାଦୀମାନେ ଜଣକୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଗୁଳିକରି ହତ୍ୟା କରିଛନ୍ତି। ହତ୍ୟାର ଶିକାର ହୋଇଛନ୍ତି ବାଲିଗୁଡା ଥାନା ରେବିଙ୍ଗିଆ ପଞ୍ଚାୟତ ମାର୍ଦ୍ଦୋଳ ଗ୍ରାମର ରଞ୍ଜନ ଦିଗାଳ (୪୫)। ଦୁର୍ଗମ ଅଞ୍ଚଳ ହୋଇଥିବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିଲା। ରଞ୍ଜନଙ୍କ ସ୍ତ୍ରୀ ମୀନାକ୍ଷୀ କ.ନୂଆଗାଁ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ନଂ.୧/୨୦ରେ ହତ୍ୟା ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ସୁରକ୍ଷା ଦୃଷ୍ଟିରୁ ପୋଲିସ ସିର୍ଡ଼ିଗୁଡା ପର୍ଯ୍ୟନ୍ତ ପହଞ୍ଚିଥିଲା। ଗ୍ରାମବାସୀଙ୍କ ସହାୟତାରେ ରଞ୍ଜନଙ୍କ ମୃତଦେହ ମହାପ୍ରୟାଣ ଗାଡ଼ିରେ ଅଣାଯାଇଥିଲା।

ରଞ୍ଜନଙ୍କୁ ପୂର୍ବରୁ ମାଓବାଦୀମାନେ ଇନ୍‌ଫର୍ମର ସନ୍ଦେହରେ ଜନ ଅଦାଲତକୁ ଡକାଇଥିଲେ। ସେ ଭୟରେ ଗ୍ରାମଛାଡ଼ି ପ୍ରାୟ ୫୦ କି.ମି. ଦୂର ଶଶୁର ଘର ବୁଡ୍ଡୁମାହାରେ ସ୍ତ୍ରୀ ଓ ୨ ସନ୍ତାନଙ୍କ ସହ ରହୁଥିଲେ। ତାଙ୍କ ସ୍ତ୍ରୀ ମୀନାକ୍ଷୀ ବୁଡ୍ଡୁମାହା ଅଙ୍ଗନୱାଡ଼ି କେନ୍ଦ୍ରରେ କର୍ମୀଭାବେ କାର୍ଯ୍ୟରତ।

ପ୍ରକାଶ ଯେ, ଗୁରୁବାର ବିଳମ୍ବିତ ରାତିରେ ପ୍ରାୟ ୭ ରୁ ୮ ସଶସ୍ତ୍ର ମାଓବାଦୀ ବୁଡ୍ଡୁମାହା ଆସିଥିଲେ। ରଞ୍ଜନ ପରିବାର ସହ ଶୋଇଥିବାବେଳେ ତାଙ୍କୁ ଡାକିଥିଲେ। ମାତ୍ର ଭୟରେ ସେମାନେ ଘରୁ ବାହାରି ନ ଥିଲେ। ମାଓବାଦୀମାନେ ଘର ଭାଙ୍ଗି ପଶି ରଞ୍ଜନଙ୍କୁ ବାହାରକୁ ଟାଣିଆଣି ଗୁଳି କରି ହତ୍ୟା କରିଥିଲେ। ମୃତଦେହକୁ ଆଣି ଗାଁ ମୁଣ୍ଡରେ ଥିବା ବିଦ୍ୟାଳୟ ସମ୍ମୁଖରେ ଛାଡ଼ି ଚାଲିଯାଇଥିବା ରଞ୍ଜନଙ୍କ ଶାଶୁ ଲିସାରା ପ୍ରଧାନ କହିଛନ୍ତି। ସେମାନେ ନେହୁରା ହୋଇଥିଲେ ମଧ ମାଓବାଦୀମାନେ କିଛି ଶୁଣି ନ ଥିଲେ। ବରଂ ସମସ୍ତଙ୍କୁ ମାଡ଼ ମାରିଥିବା ଲିସାରା କହିଛନ୍ତି। ରଞ୍ଜନ ପୋଲିସ ଇନ୍‌ଫର୍ମର ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ମୃତଦେହ ନିକଟରେ ମାଓବାଦୀମାନେ ଛାଡ଼ିଯାଇଥିବା ପୋଷ୍ଟରରେ ଉଲ୍ଲେଖ ରହିଛି। ଅନ୍ୟ ଏକ ପୋଷ୍ଟରରେ ସିପିଆଇ ମାଓବାଦୀ ବିରୋଧରେ ରଞ୍ଜନ କାର୍ଯ୍ୟ କରିଆସୁଥିଲେ। ଏନେଇ ତାଙ୍କୁ ଜନ ଅଦାଲତକୁ ବିଚାର ପାଇଁ ବାରମ୍ବାର ଡକାଯାଇଥିଲା। ମାତ୍ର ସେ ନିଜ ଗ୍ରାମରୁ ଲୁଚି ପଳାଇବା ସହ ପୋଲିସ ଇନ୍‌ଫର୍ମର ଭାବେ କାର୍ଯ୍ୟ କରି ଲୋକଙ୍କୁ ଭୟଭୀତ କରାଉଥିଲେ। ସେ ଜଣେ ମହିଳା କ୍ୟାଡର ମାଓବାଦୀଙ୍କ ହତ୍ୟାରେ ସାମିଲ ଥିଲେ। ତେଣୁ ଜନ ଅଦାଲତର ନିଷ୍ପତ୍ତି ପ୍ରକାରେ ରଞ୍ଜନଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ଆହୁରି ଅନେକ ଇନ୍‌ଫର୍ମର ରହିଛନ୍ତି ସେମାନେ ମଧ ଜନଅଦାଲତକୁ ନ ଆସିଲେ ଏଭଳି ମୃତ୍ୟୁଦଣ୍ଡ ଦିଆଯିବ ବୋଲି ପୋଷ୍ଟରରେ ଚେତାବନୀ ଦିଆଯାଇଛି। ଶେଷରେ କେକେବିଏନ ଡିଭିଜନାଲ କମିଟି, ସିପିଆଇ (ମାଓବାଦୀ) ବୋଲି ଉଲ୍ଲେଖ ରହିଛି।

**ମାଓବାଦୀଙ୍କ ବର୍ବରକାଣ୍ଡ**

# ଭୁବନେଶ୍ୱର ଖୋଲା ମଳମୁକ୍ତ ସହର

**ବିଏମ୍‌ସିର ଘୋଷଣା**

- ମାର୍ଚ୍ଚ ଶେଷ ସୁଦ୍ଧା ଭୁବନେଶ୍ୱରର ୨୦ ସ୍ଥାନରେ ନିର୍ମାଣ ହେବ ପରିଶ୍ରାଗାର

**ଭୁବନେଶ୍ୱର, ୩।୧ (ବ୍ୟୁରୋ):** ଭୁବନେଶ୍ୱରରେ ବର୍ତ୍ତମାନ ୨୨୬ଟି ଶୌଚାଳୟ କାର୍ଯ୍ୟରତ ଥିବାବେଳେ ଏଥିରେ ୧୬୯୮ଟି ସିଟ୍‌ରେ ଲୋକେ ଶୌଚ କରୁଛନ୍ତି। ସାମୂହିକ, ଗୋଷ୍ଠୀ, ଇ-ଟଏଲେଟ୍ ଓ ପେଟ୍ରୋଲପମ୍ପ ଆଦିରେ ଏହି ଶୌଚାଳୟଗୁଡ଼ିକୁ କାର୍ଯ୍ୟକାରୀ କରାଯାଇଛି। ମାର୍ଚ୍ଚ ଶେଷ ସୁଦ୍ଧା ଭୁବନେଶ୍ୱରର ୨୦ଟି ମୁଖ୍ୟ ସ୍ଥାନରେ ପରିଶ୍ରାଗାରର ନିର୍ମାଣ କରାଯିବ। ବିଏମ୍‌ସି ପକ୍ଷରୁ ଭୁବନେଶ୍ୱରକୁ ଖୋଲା ମଳମୁକ୍ତ (ଓପନ ଡେଫିକେସନ୍ ଫ୍ରି/ଓଡ଼ିଏଫ୍++) ସହର ଭାବେ ଘୋଷଣା କରାଯାଇଛି ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଶୁକ୍ରବାର ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ ଆମ୍ ଘୋଷଣା ଉତ୍ସବରେ କମିଶନର ଚୌଧାରୀ କହିଥିଲେ, ଭୁବନେଶ୍ୱରକୁ ଲୋକେ ମନ୍ଦିର ମାଳିନୀ ସହର ଅଥବା ଦେଶର ୧ ନମ୍ବର ସ୍ମାର୍ଟ ସିଟି ଭାବେ ଜାଣିଛନ୍ତି। ହେଲେ ଏବେ ଭୁବନେଶ୍ୱରକୁ ସ୍ୱଚ୍ଛ ସହର ଭାବେ ପରିଗଣିତ କରିବାର ସମୟ ଆସିଛି। ସହରକୁ ପରିଚ୍ଛନ୍ନ ଏବଂ ସବୁଜିମାରେ ପରିଣତ କରିବା ପାଇଁ ବିଏମ୍‌ସି ଗୋ-ଗ୍ରୀନ୍ ଅଭିଯାନ ଆରମ୍ଭ କରିଛି। ଉପହାରରେ ଚାରା, ପୁସ୍ତକ ଦେବା ସହ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା ପାଇଁ ସେ ନାଗରିକଙ୍କୁ ପରାମର୍ଶ ଦେଇଛନ୍ତି। ଉତ୍ସବରେ ବିଏମ୍‌ସି ପ୍ରଶାସକ ତଥା ରାଜ୍ୟ ମହାନଗର ନିଗମ ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ଯୋଗଦେଇ କହିଥିଲେ, ଭୁବନେଶ୍ୱର ଏବେ ଓଡ଼ିଏଫ୍++ ସହର ଭାବେ ପରିଗଣିତ ହୋଇଛି। ଏହା ପରେ ଏବେ ତୃତୀୟ ପକ୍ଷଙ୍କ ଦ୍ୱାରା ଏହାର ସ୍ଥିତି ପରଖିବା ଅଥବା ସମୀକ୍ଷା କରିବା ପାଇଁ ପ୍ରକ୍ରିୟା ଜାରି ରହିବ। ଓଡ଼ିଏଫ୍++ ପରେ ପରେ ଏବେ ବିଏମ୍‌ସି ଗାର୍ବେଜ୍ ଫ୍ରି ସିଟି (ଜିଏଫ୍‌ସି) ଭାବେ ଭୁବନେଶ୍ୱରକୁ ଗଢି ତୋଳିବା ପାଇଁ ନଗର ଉନ୍ନୟନ ବିଭାଗ ପରାମର୍ଶ ଦେଇଛି। ଯାହାକି ଆଗକୁ ଏକ ବଡ଼ ବେଞ୍ଚମାର୍କ ହୋଇ ସାମ୍ନାକୁ ଆସିବ। ଜିଏଫ୍‌ସି ସହର ଭାବେ ଦେଶର ୪ହଜାର ୮୩୦ଟି ସହରକୁ ନେଇ ସର୍ଭେ କରାଯିବ। ୭ଟି ଷ୍ଟାର୍ ପାଇଥିବା ସହରଗୁଡ଼ିକୁ ହିଁ ଉକ୍ତ ସର୍ଭେରେ ସ୍ଥାନିତ କରାଯିବ। ତେଣୁ ବିଏମ୍‌ସି ଭୁବନେଶ୍ୱରକୁ ଜିଏଫ୍‌ସି ସହର ଭାବେ ଗଢ଼ିତୋଳିବା ଉଚିତ୍ ବୋଲି ସେ କହିଥିଲେ। ଏଥିସହ ଆଗକୁ ହେବାକୁ ଥିବା ସ୍ୱଚ୍ଛ ସର୍ବେକ୍ଷଣରେ ପରିମଳ ବ୍ୟବସ୍ଥା ସୁଧାରି ଭଲ ପ୍ରଦର୍ଶନ କରିବାକୁ ନାୟକ ପରାମର୍ଶ ଦେଇଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ, ଅବନୀ ପଟ୍ଟନାୟକ, ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ଶ୍ରୀମନ୍ତ ମିଶ୍ର, ଶ୍ୟାମସୁନ୍ଦର ସେଠୀ ଓ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ପୁରୀ ଦେଶର ଦ୍ୱିତୀୟ ସ୍ୱଚ୍ଛ ବେଳାଭୂମି

**ଭୁବନେଶ୍ୱର,୩।୧(ବ୍ୟୁରୋ):** ପୁରୀ ଦେଶର ଦ୍ୱିତୀୟ ସବୁଠାରୁ ପରିଷ୍କାର ବା ସ୍ୱଚ୍ଛ ବେଳଭୂମୀ । ଏଥିସହିତ ଗଞ୍ଜାମ ଜିଲାର ଗୋପାଳପୁର ବେଳାଭୂମି ଚତୁର୍ଥ ସଫା ବେଳାଭୂମି ମାନ୍ୟତା ପାଇଛି। ଜାତୀୟ ଉପକୂଳ ଗବେଷଣା କେନ୍ଦ୍ର (ଏନସିସିଆର) ସର୍ଭେ ରିପୋର୍ଟରୁ ଏହା ଜଣାପଡ଼ିଛି। ରିପୋର୍ଟରେ କୁହାଯାଇଛି ଯେ ଓଡ଼ିଶାର ବେଳାଭୂମିଗୁଡିକ କମ ପ୍ରଦୂଷିତ। ଏନସିସିଆର ପକ୍ଷରୁ ୨୦୧୯ ସେପ୍ଟେମ୍ବରରେ ଦେଶର ୩୪ଟି ବେଳଭୂମିର ସର୍ଭେ କରାଯାଇଥିଲା। ଏଥିପାଇଁ ପୁରୀ ପ୍ରଶାସନ ପକ୍ଷରୁ ସଫେଇ କାର୍ଯ୍ୟରେ ନିୟୋଜିତ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ ଦିଆଯାଇଛି। ପୁରୀ ଜିଲା ପ୍ରଶାସନ ପକ୍ଷରୁ ବେଳାଭୂମିକୁ ପରିସ୍କାର ରଖିବା ପାଇଁ ମୋ ବେଳାଭୂମି ଅଭିଯାନ କରାଯାଇଥିଲା। ଗତ ସେପ୍ଟେମ୍ବରରେ ଜାତୀୟ ଉପକୂଳ ସଫେଇ ଦିବସ ଅବସରରେ ପୁରୀ ବେଳଭୂମିରେ ଏକ ମେଗା ସଫେଇ କାର୍ଯ୍ୟ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ କରି ଖୁସି ବ୍ୟକ୍ତି କରି କହିଛନ୍ତି ଯେ ଓଡିଶାର ସ୍ୱଚ୍ଛ ବେଳାଭୂମି ପର୍ଯ୍ୟଟକମାନଙ୍କୁ ଅପେକ୍ଷା କରି ରହିଛି। ଏ କ୍ଷେତ୍ରରେ ଏନସିସିଆର ଆମକୁ ସମର୍ଥନ ଦେଇଛି।

**ଉତ୍ତର ଭାରତରେ ଘନ କୁହୁଡ଼ି**

# ଅଧିକାଂଶ ଟ୍ରେନ୍ ବାତିଲ୍ ଓ ବିଳମ୍ବ

**ଭୁବନେଶ୍ୱର, ୩।୧ (ବ୍ୟୁରୋ):** ଉତ୍ତର ଭାରତରେ ଘନ କୁହୁଡ଼ି ଯୋଗୁ ଟ୍ରେନ ଚଳାଚଳ ପ୍ରଭାବିତ ହୋଇଛି। ପୂର୍ବତଟ ରେଳପଥ ସହ ଜଡ଼ିତ ଟ୍ରେନଗୁଡ଼ିକ ମଧ ଏହାଦ୍ୱାରା ପ୍ରଭାବିତ ହୋଇଛି। ଅଧିକାଂଶ ଟ୍ରେନ ବିଳମ୍ବରେ ଚାଲୁଥିବାବେଳେ ଓ ସୁରକ୍ଷାକୁ ଗୁରୁତ୍ୱ ଦେଇ କେତେକ ଟ୍ରେନ୍‌କୁ ବାତିଲ୍ କରାଯାଇଛି। ଘନ କୁହୁଡ଼ି ସମୟରେ ପରିସ୍ଥିତି ଦେଖି ଟ୍ରେନ୍‌ଗୁଡ଼ିକ ବାତିଲ୍ କିମ୍ବା ସମୟ ସୂଚୀରେ ପରିବର୍ତ୍ତନ କରାଯାଇପାରେ। ଏଭଳି ସ୍ଥିତିରେ ରେଳପଥ ପକ୍ଷରୁ ସୁରକ୍ଷା ନିୟମ ତିଆରି କରାଯାଇଛି। ଲୋକୋ ପାଇଲଟ(ଡ୍ରାଇଭର)ମାନେ କୁହୁଡ଼ି ପରିସ୍ଥିତି ଦେଖି ଆବଶ୍ୟକସ୍ଥଳେ ଟ୍ରେନର ବେଗ କମାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଟ୍ରେନ ଚଳାଚଳରେ ଅସୁବିଧା ନ ହେବା ପାଇଁ ୨୪ ଘଣ୍ଟିଆ ନିରୀକ୍ଷଣ କରାଯାଉଛି। ବିଶେଷ କରି ଟ୍ରାକ୍‌ରେ ରାତି ଓ ଭୋର ସମୟରେ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ପୁରୁଷୋତ୍ତମ ଏକ୍ସପ୍ରେସ, ନୀଳାଚଳ, ନନ୍ଦନକାନନ, ସମ୍ପର୍କ କ୍ରାନ୍ତି, ଦୂରନ୍ତୋ, କଳିଙ୍ଗ ଉତ୍କଳ, ରାଜଧାନୀ ଏବଂ ଅନୁଗୁଳ-ଝାରସୁଗୁଡ଼ା ପଥ ଦେଇ ଚଳାଚଳ କରୁଥିବା ଟ୍ରେନଗୁଡ଼ିକ ବିଳମ୍ବ ହେବାର ଆଶଙ୍କା କରାଯାଉଛି। ଏହି ବିଳମ୍ବ ଯୋଗୁ ସଂଯୋଗକାରୀ ଟ୍ରେନଗୁଡ଼ିକୁ ବାତିଲ୍ କରାଯାଉଛି। ବାତିଲ୍ ଓ ବିଳମ୍ବିତ ଯାତ୍ରା କରିବାକୁ ଥିବା ଟ୍ରେନ ସମ୍ବନ୍ଧରେ ସୂଚନା ଏସ୍ ଏମ୍ଏସ୍ ଜରିଆରେ ଦେବାକୁ ଯୋଜନା ହୋଇଛି। କେତେକ ଗୁରୁତ୍ୱପୂର୍ଣ୍ଣ ଟ୍ରେନକୁ ନିୟମିତ କରିବା ସକାଶେ ଅନେକ ଟ୍ରେନକୁ ବାତିଲ୍ କରିବାକୁ ପଡୁଛି। ରେଳ ଚଳାଚଳକୁ ସୁଗମ କରିବା ପାଇଁ ପୂର୍ବତଟ ରେଳପଥ ତା'ର କାର୍ଯ୍ୟଶକ୍ତିକୁ ପ୍ରସ୍ତୁତ ରଖିବା ସହ ବିଳମ୍ବିତ ଟ୍ରେନଗୁଡ଼ିକୁ ଶୀଘ୍ର କାର୍ଯ୍ୟଭାର ବହନ କରିବା ପାଇଁ ରକ୍ଷଣାବେକ୍ଷଣ କର୍ମଚାରୀଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଟ୍ରେନ ଚଳାଚଳ ସମ୍ବନ୍ଧୀୟ ସୂଚନା ପାଇବା ପାଇଁ ଯାତ୍ରୀ ୧୩୯ ରେ ଡାଏଲ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଜିଲ୍ଲା ଚିଠି
### ରାୟଗଡ଼ା



## ମେଡିକାଲ କଲେଜ

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ହେଲେ ରାୟଗଡ଼ା ଜିଲାରେ ଲୋକେ ଠିକ୍ ଭାବେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହୋଇଛନ୍ତି । ଜିଲାରେ ଉତ୍ତମ ଓ ଆଧୁନିକ ଚିକିତ୍ସା ଅଭାବରୁ ରୋଗୀମାନଙ୍କୁ ଜିଲା ବାହାରକୁ ଯିବାକୁ ପଡୁଛି । ଫଳରେ ସାଧାରଣ ଲୋକଙ୍କ ସମୟ ନଷ୍ଟ ହେବା ସହ ଅନେକ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଏହାଦ୍ୱାରା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକେ ଅଧିକ ପ୍ରଭାବିତ ହେଉଛନ୍ତି। ଜିଲାର ବିଭିନ୍ନ ଚିକିତ୍ସାଳୟରୁ ମାସକୁ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସା ନିମନ୍ତେ ବାହାରକୁ ଯାଉଥିବା ଜଣାପଡ଼ିଛି। ସେହିପରି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରୁ ମାସକୁ ହାରାହାରି ୨୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ କୋରାପୁଟ ଏବଂ ବ୍ରହ୍ମପୁର ସ୍ଥାନାନ୍ତର କରାଯାଉଛି। ଗୁରୁତର ଅବସ୍ଥାରେ ଜଣେ ରୋଗୀଙ୍କୁ ୧୩୦ରୁ ୨୦୦ କିଲୋମିଟର ଯାତ୍ରା କରିବାକୁ ପଡୁଛି । ଏଥିପାଇଁ ଚିକିତ୍ସା ପାଇବା ପୂର୍ବରୁ ବହୁ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବା ସ୍ୱାଭାବିକ । କେତେକ କ୍ଷେତ୍ରରେ ବହୁ ରୋଗୀଙ୍କ ମୃତ୍ୟୁ ଘଟୁଥିବା ନଜିର ରହିଛି। ଗତ ୨ ବର୍ଷର ରାୟଗଡ଼ା ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟକୁ ଅନୁଧ୍ୟାନ କଲେ ଜଣାପଡୁଛି ଯେ, ରାୟଗଡ଼ା ଜିଲାରୁ ମାସକୁ ପ୍ରାୟ ୮୦ ହଜାର ରୋଗୀ ବିଭିନ୍ନ ଡାକ୍ତରଖାନାକୁ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଆସିଥାନ୍ତି । ହେଲେ ଚିକିତ୍ସା ଭିତ୍ତିଭୂମିର ଅଭାବ ଥିବାରୁ ରୋଗୀ ଠିକ୍ ଭାବେ ସେହି ସୁବିଧା ପାଉନାହାନ୍ତି। ଜିଲାରେ ସିକିଲ୍ ସେଲ୍ ଭଳି ମାରାତ୍ମକ ରୋଗର ଚିକିତ୍ସା ନିମନ୍ତେ କୌଣସି ସୁବିଧା ନ ଥିବା ବେଳେ କର୍କଟ, ହୃଦ୍‌ରୋଗ, ମଧୁମେହ, ମାନସିକ ରୋଗୀଙ୍କ ପାଇଁ ଆଧୁନିକ ଚିକିତ୍ସା ସୁବିଧା ଶୂନ । ବିଭିନ୍ନ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ସୁବିଧା ନ ଥିବାରୁ ଲୋକେ ବିଭିନ୍ନ ଅସୁବିଧା ଭୋଗୁଛନ୍ତି । ସେଥିଲାଗି ଜିଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର ଧରିଛି। ୨୦୧୪ରେ ରାଜ୍ୟ ସରକାର ୧୦୦ ସିଟ୍ ଓ ୫୦୦ ଶଯ୍ୟା ବିଶିଷ୍ଟ ଏକ ମେଡିକାଲ କଲେଜ ପିପିପି ବ୍ୟବସ୍ଥା ମାଧ୍ୟମରେ ଜିଲାରେ ଖୋଲିବା ପାଇଁ ଘୋଷଣା କରିଥିଲେ । ଏଥିସହ ବିଧାନସଭାରେ ମଧ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏ କଥା ଉଠାଇଥିଲେ । ମେଡ଼ିକାଲ କଲେଜ ନିମନ୍ତେ ପ୍ରାୟ ୨୫ ଏକର ଜମି ଚିହ୍ନଟ ହୋଇ ସାରିଛି । ତଥାପି ବର୍ତ୍ତମାନ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇ ପାରିନାହିଁ । କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନଙ୍କୁ ଭେଟି ରାୟଗଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ଏକ ପତ୍ର ପ୍ରଦାନ କରିଛନ୍ତି । ଏଥିଲାଗି ଭାରତୀୟ ଜାତୀୟ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ମଧ୍ୟ ଏକ ପତ୍ର ହର୍ଷବର୍ଦ୍ଧନଙ୍କୁ ଦେଇଛନ୍ତି । ରାୟଗଡ଼ା ନାଗରିକ ମଞ୍ଚ ଜିଲାରେ ମେଡ଼ିକାଲ କଲେଜର ସ୍ଥାପନ ନିମନ୍ତେ ଦୀର୍ଘଦିନ ଧରି ଜନ ଆନ୍ଦୋଳନ, ପଦଯାତ୍ରା, ସଭା କରିବା ସହ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ରାଜସ୍ୱ ସଚିବଙ୍କୁ ଦାବିପତ୍ର ଦେଇଆସୁଛି। ଏଥିସହ ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଏଥିପାଇଁ ଦାବି ଉଠିଛି। ରାୟଗଡ଼ାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଜିଲାରେ ଖାଲି ପଡ଼ିଥିବା ୭୦ ଓ ନୂତନ ଭାବେ ସୃଷ୍ଟି ହୋଇଥିବା ୫୫ ଏହିପରି ମୋଟ ୧୨୫ଟି ପଦବୀରୁ କେବଳ ୧୦୯ଟି ପଦବୀରେ ଡ଼ାକ୍ତର କାର୍ଯ୍ୟଭାର ସମ୍ଭାଳୁଛନ୍ତି ।

– ଭାଗ୍ୟଶ୍ରୀ ମିଶ୍ର





ନୂତନ ବର୍ଷ ୨୦୨୦ ସମସ୍ତଙ୍କ ପାଇଁ ସୁଖ ସମୃଦ୍ଧି ଆଣିଦେଉ ଏତିକି ହିଁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।





କୁବେର ମହାପାତ୍ର
ସଭାପତି, ଜିଲ୍ଲା ପରିଷଦ ଶିକ୍ଷକ ସଂଘ (ନୂତନ ପେନ୍‌ସନ ଯୋଜନା), ସୋହେଲା ବ୍ଲକ, ଜିଲ୍ଲା-ବରଗଡ଼ ।

ଦଶମ ବାର୍ଷିକ ଜନ୍ମଦିନ ଶୁଭେଚ୍ଛା





ଆୟୁଷ୍ମାନ ପୁଣ୍ୟାଂଶୁ କର (ସିପୁ)
ଏରୋଡ୍ରମ ଏରିଆ, ଭୁବନେଶ୍ୱର
ଆଜି ଧନ ତୁମ ଶୁଭ ଜନ୍ମଦିନ
ଏବେ ଦଶବର୍ଷ ଗଲା ପୂରି,
କୋଟିଏ ବରଷ ଏପରି କଟିବ
ପ୍ରଭୁଙ୍କ ପାଦରେ ଏତିକି ଅଳି ।
ଶୁଭେଚ୍ଛା ସହ:
ବାପା,ମାମା,କକେଇ, ଖୁଡ଼ୀ, ଗୁରୁଜନ ସହ ଭାଇ, ଭଉଣୀ ।
ଧ-୧୬୦୨୮

ବିଜ୍ଞାପନ ସଂଖ୍ୟା.୦୯ **ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭଟଲି, ବରଗଡ଼** ତା.୦୨।୦୧।୨୦୨୦

ଏତଦ୍ୱାରା ଭଟଲି ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ୨୦୧୯-୨୦ (ଅପ୍ରେଲ ୧ ତାରିଖ ୨୦୧୯ଠାରୁ ସେପ୍ଟେମ୍ବର ୩୦ତାରିଖ ୨୦୧୯ ପର୍ଯ୍ୟନ୍ତ) ଆର୍ଥିକ ବର୍ଷରେ ସମ୍ପାଦିତ ହୋଇଥିବା ସମସ୍ତ ପ୍ରକଳ୍ପଗୁଡିକର ସାମାଜିକ ସମୀକ୍ଷା ନିମ୍ନ କାର୍ଯ୍ୟସୂଚୀ ମୁତାବକ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସାମାଜିକ ସମୀକ୍ଷା ଗ୍ରାମସଭା ମାଧ୍ୟମରେ ଅନୁଷ୍ଠିତ ହେବ। ଉକ୍ତ ଗ୍ରାମ ସଭାକୁ ସମ୍ପୃକ୍ତ କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ବିଧିବଦ୍ଧ ଭାବେ ଆୟୋଜନ କରିବେ ଏବଂ ଗ୍ରାମ୍ୟ ସାଧନ କର୍ମୀମାନେ ପରିଚାଳନା କରିବେ। ସମ୍ପୃକ୍ତ ଗ୍ରାମରୋଜଗାର ସେବକ, ମେଟ୍, କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଉପସ୍ଥିତ ରହି ସମସ୍ତ ରେକର୍ଡ ତଥା ଅନ୍ୟାନ୍ୟ କାଗଜାତ ଉପସ୍ଥାପନ କରିବେ। ଏହି ସଭାରେ ଉକ୍ତ ଗ୍ରାମ ପଞ୍ଚାୟତ ଶାସନ ଅନ୍ତର୍ଗତ ସମସ୍ତ ସଭ୍ୟ/ସଭ୍ୟା, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସମସ୍ତ ଜବକାର୍ଡଧାରୀ ଶ୍ରମିକ, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ହିତାଧିକାରୀ ଓ ଭଦ୍ର ବ୍ୟକ୍ତି, ଭଦ୍ର ମହିଳା ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ଗ୍ରାମପଞ୍ଚାୟତ ଓ ବିଭିନ୍ନ ଲାଇନ୍ ବିଭାଗ ଜରିଆରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଗୁଡିକର ସମ୍ପାଦନ ତଥା ମଷ୍ଟରରୋଲ ଯାଞ୍ଚ ବାବଦକୁ ସତ୍ୟାସତ୍ୟ ପ୍ରତିପାଦନ କରି ସାମାଜିକ ସମୀକ୍ଷା କରିବେ। ଉକ୍ତ ବୈଠକରେ ନିମ୍ନଲିଖିତ ବିଷୟ ଉପରେ ବିଷଦ ଭାବରେ ଆଲୋଚନା ଓ ଯାଞ୍ଚ କରାଯିବ। ୧.ମଷ୍ଟରରୋଲ ବାବଦକୁ ସମସ୍ତ ତଥ୍ୟ ଉପରେ ଆଲୋଚନା ଓ ଯାଞ୍ଚ। ୨.ପରିବାର ପଞ୍ଜୀକରଣ ଉପରେ ସ୍ୱଚ୍ଛତା ପ୍ରତିପାଦନ। ୩. କାର୍ଯ୍ୟପତ୍ର ବଣ୍ଟନରେ ସଠିକତା ନିରୁପଣ। ୪. କାର୍ଯ୍ୟପାଇଁ ଆବେଦନ କରାଯାଉଥିବା ଜବକାର୍ଡଧାରୀମାନଙ୍କୁ ଆଇନ ଅନୁଯାୟୀ କାର୍ଯ୍ୟ ପ୍ରଦାନ। ୫. ପ୍ରକଳ୍ପ କାର୍ଯ୍ୟକାରିତା ଓ ତଦାରଖ। ୬. ବେରୋଜଗାରି ଭତ୍ତା ପ୍ରଦାନ। ୭. ଅଭିଯୋଗ ଓ ପଦକ୍ଷେପ ଗ୍ରହଣ। ୮. ପ୍ରକଳ୍ପର ମୂଲ୍ୟାୟନ। ୯. ଏମ୍.ଜି.ଏନ୍.ଆର.ଇ.ଜି.ଏ ସମ୍ପର୍କିତ ସମସ୍ତ କାଗଜାତ ଏବଂ ରେକର୍ଡ ଯାଞ୍ଚ ଇତ୍ୟାଦି। ୧୦. ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା, ଜାତୀୟ ପରିବାର ମଙ୍ଗଳ ଯୋଜନା ର ଯାଞ୍ଚ।

| କ୍ର. ନଂ. | ଗ୍ରାମ ପଞ୍ଚାୟତର ନାମ | [illegible] | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | ଜନ ଶୁଣାଣି/ ସାମାଜିକ ସମୀକ୍ଷା ଗ୍ରାମସଭା ଗ୍ରାମ ପଞ୍ଚାୟତରେ | ସମୟ | ପ୍ରାଧିକୃତ ଅଧିକାରୀ |
|---|---|---|---|---|---|---|---|
| ୧ | ନାରଙ୍ଗପୁର | ୧ | ୦୬।୦୧।୨୦୨୦ | ୧୬।୦୧।୨୦୨୦ | ୧୭।୦୧।୨୦୨୦ | ପୂର୍ବାହ୍ନ ୧୦.୩୦ ଘ. | ମଳୟ କୁମାର ସତପଥି, ଡବ୍ଲୁଇଓ |
| | ଭଟଲି | ୨ | | | | | କବିତା ଅଗସ୍ତି, ଏସ୍ଆଇ |
| | କମଗାଁ | ୩ | | | | | ରଶ୍ମିତା ନାଏକ, ଏଇଇ |
| ୨ | କେଲେଣ୍ଡାପାଲି | ୧ | ୨୦।୦୧।୨୦୨୦ | ୩୦।୦୧।୨୦୨୦ | ୩୧।୦୧।୨୦୨୦ | | ରଶ୍ମିତା ନାଏକ, ଏଇଇ |
| | ସୁକୁଡ଼ା | ୨ | | | | | ଲଳିତା ଛୁରା, ବିପିଏମ |
| | ଭଡ଼ିଗାଁ | ୩ | | | | | ମଳୟ କୁମାର ସତପଥି, ଡବ୍ଲୁଇଓ |
| ୩ | ହାଲୁପାଲି | ୧ | ୦୩।୦୨।୨୦୨୦ | ୧୩।୦୨।୨୦୨୦ | ୧୪।୦୨।୨୦୨୦ | | ମଳୟ କୁମାର ସତପଥି, ଡବ୍ଲୁଇଓ |
| | ତୁମାଲପାଲି | ୨ | | | | | ଲଳିତା ଛୁରା, ବିପିଏମ |
| | ମୁଲବାର | ୩ | | | | | କବିତା ଅଗସ୍ତି, ଏସ୍ଆଇ |
| ୪ | ଚଡେଇଗାଁ | ୧ | ୧୭।୦୨।୨୦୨୦ | ୨୭।୦୨।୨୦୨୦ | ୨୮।୦୨।୨୦୨୦ | | ରଶ୍ମିତା ନାଏକ, ଏଇଇ |
| | ଉର୍ଦ୍ଦୁନା | ୨ | | | | | ମଳୟ କୁମାର ସତପଥି, ଡବ୍ଲୁଇଓ |
| | କେଶାଇପାଲି | ୩ | | | | | କବିତା ଅଗସ୍ତି, ଏସ୍ଆଇ |
| ୫ | ହାତୀସର | ୧ | ୦୨।୦୩।୨୦୨୦ | ୧୨।୦୩।୨୦୨୦ | ୧୩।୦୩।୨୦୨୦ | | ରଶ୍ମିତା ନାଏକ, ଏଇଇ |
| | ଖରମୁଣ୍ଡା | ୨ | | | | | ମଳୟ କୁମାର ସତପଥି, ଡବ୍ଲୁଇଓ |
| | ନୂଆଁଗଡ଼ | ୩ | | | | | ଲଳିତା ଛୁରା, ବିପିଏମ |
| | ତେଜାଗୋଲା | ୪ | | | | | କବିତା ଅଗସ୍ତି, ଏସ୍ଆଇ |

ଉପରୋକ୍ତ କାର୍ଯ୍ୟସୂଚୀ ପ୍ରକାରେ ସମସ୍ତ ଗ୍ରାମ ପଞ୍ଚାୟତ ସରପଞ୍ଚମାନଙ୍କୁ ପରାମର୍ଶ ଦିଆଗଲା ଯେ ନୋଟିସ ଢେଙ୍ଗୁରା ମାଧ୍ୟମରେ ଜନସାଧାରଣଙ୍କ ଅବଗତି ନିମନ୍ତେ ବହୁଳ ପ୍ରଚାର ଓ ପ୍ରସାର କରାଇବେ ଏବଂ ଗ୍ରାମସଭା ବିବରଣୀ ନକଲ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ୩ଦିନ ମଧ୍ୟରେ ପ୍ରେରଣ କରିବେ। **ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ**

**ରେଳ ବିକାଶ ନିଗମ ଲିମିଟେଡ଼**
(ଭାରତ ସରକାରଙ୍କ ଏକ ପ୍ରାବନ୍ଧୀକ ସଂସ୍ଥା)
ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨, ରେଳ ବିକାଶ ନିଗମ କାର୍ଯ୍ୟାଳୟ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

**ବିଜ୍ଞପ୍ତି**

ପତ୍ର ସଂଖ୍ୟା: RVNL/BBS/HDS/PRDP/CPM-II/11250 ତାରିଖ: 03.01.2020

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ହରିଦାସପୁର ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ପ୍ରସ୍ତାବିତ ନିର୍ମାଣାଧୀନ ରେଳ ପ୍ରକଳ୍ପର **କେନ୍ଦ୍ରାପଡ଼ା ଜିଲ୍ଲାର ଡୁମ୍ବୁକା ଗ୍ରାମର ଶ୍ରୀ ଭାବଗ୍ରାହୀ ନାୟକଙ୍କ, ଖାତା ନଂ.320, ପ୍ଲଟ ନଂ.1133, ଏକର 0.03** ଘରବାରି ସହିତ ଏବଂ **ଅଗ୍ନୁଳାଇ ଗ୍ରାମର ଶ୍ରୀ ନିରଞ୍ଜନ ପ୍ରଧାନଙ୍କ, ଖାତା ନଂ.401, ପ୍ଲଟ ନଂ.742, ଏକର 0.06** ନିମ୍ନ ଅଧିକାରୀଙ୍କ ଦ୍ୱାରା ସିଧାସଳଖ ଭାବେ କ୍ରୟ କରାଯିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରି ଏହି ବାବଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ପ୍ରଦତ୍ତ କୌଣସି ଜମିରେ ଖାତାରୟତ ଏବଂ ତଦ୍‌ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।

**୧. ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨ଙ୍କ କାର୍ଯ୍ୟାଳୟ, ରେଳ ବିକାଶ ନିଗମ ଲିମିଟେଡ଼, ରେଳ ବିହାର,ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୩**
**୨. ପରିଚାଳନା ନିର୍ଦ୍ଦେଶକ, ହରିଦାସପୁର-ପାରଦ୍ୱୀପ ରେଳପଥ କମ୍ପାନୀ କାର୍ଯ୍ୟାଳୟ, ପଲ୍‌ହାଇଟ୍, ଜୟଦେବ ବିହାର, ଭୁବନେଶ୍ୱର-୨୩**
**୩. ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ହରିଦାସପୁର-ପାରାଦ୍ୱୀପ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, କେନ୍ଦ୍ରାପଡ଼ା**

ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-II, ଭୁବନେଶ୍ୱର
ଫୋନ୍: (0674)2300506,2300483, 2300643, ଫାକ୍ସ : (0674) 2303798


## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ, ଖଣ୍ଡୁଆଳ ସ୍କୁଲ ପଡିଆ, ପୂର୍ବାହ୍ନ ୯ଟା ।
- ସାଂସ୍କୃତିକ ଶୋଭାଯାତ୍ରା, ସମଲେଶ୍ୱରୀ ମନ୍ଦିର, ପୂର୍ବାହ୍ନ ସାଢ଼େ ୯ଟା ।
- ଓଣ୍ଡୁର ୧୭ତମ ଜିଲା ସମାବେଶ, କୁମ୍ଭାରପଡା ଲାୟନ୍ସ କ୍ଲବ, ପୂର୍ବାହ୍ନ ସାଢ଼େ ୯ଟା ।
- ୨୩ତମ ଲୋକମହୋତ୍ସବ ଉଦଘାଟନୀ ଉତ୍ସବ, ଅଇଁଠାପାଲି ପିଏଚଡି ପଡିଆ, ଅପରାହ୍ନ ୫ଟା ।

**ବୌଦ୍ଧ**

- ବୌଦ୍ଧ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ତୃତୀୟ ସନ୍ଧ୍ୟା, କଚେରୀ ଖେଳ ପଡିଆ, ଗୌତମ ବୁଦ୍ଧ ମଣ୍ଡପ, ଅପରାହ୍ନ ୫ଟା


**National Entrance Screening Test 2020**
**NEST 2020**
Admission to 5-year Integrated MSc Programmes in Biology, Chemistry, Mathematics and Physics at NISER (Bhubaneswar) and UM-DAE CEBS (Mumbai)
(Autonomous Institutions under Department of Atomic Energy, Government of India)

The National Entrance Screening Test (NEST) is a compulsory test for admission to the 5-year Integrated MSc programme in basic sciences - Biology, Chemistry, Mathematics and Physics-at National Institute of Science Education and Research (NISER), Bhubaneswar and University of Mumbai-Department of Atomic Energy Centre for Excellence in Basic Sciences (UM-DAE CEBS), Mumbai. NEST 2020 will be conducted in around 90 towns and cities all over India on **Saturday, June 06, 2020.**

The candidates admitted to the programme are eligible to receive annual scholarship of Rs 60,000 through DISHA program of Department of Atomic Energy, Government of India. In addition, the scholarship recipients receive grant of Rs 20,000 per annum for summer internship. Candidates selected by DST for the INSPIRE-SHE program are endorsed for INSPIRE scholarship by NISER and CEBS.

**For detailed information on NEST 2020 application procedure and previous years' question papers please visit NEST 2020 website: www.nestexam.in**

**Application:**
Through ONLINE portal ONLY.
Visit **www.nestexam.in** to apply.
Online portal opens on **Jan. 07, 2020,** & closes on **Apr. 03, 2020**

**Examination:**
ONLINE/computer based ONLY.
Date of examination: **June 06, 2020 (Saturday)**
Time: **9:00 AM - 12:30 PM** (1st session)
**2:00 PM - 5:30 PM** (2nd session)
Results announcement : **June 16, 2020**

**Address for correspondence :**
The Chief Coordinator, NEST 2020
UM-DAE Centre for Excellence in Basic Sciences
University of Mumbai, Kalina, Santacruz (East), Mumbai-400 098 (India)
E-mail: **nest2020@cbs.ac.in**
Website: **www.nestexam.in**

**Fees structure and mode of payment :**
Male(General and OBC categories) : Rs 1200/-
Male (SC and ST categories) : Rs 600/-
Female (all categories) : Rs 600/-
Divyang Category : Rs 600/-
**Pay ONLY via Net banking/Credit card / Debit card**

# କେରଳରେ ଅର୍ଥସଂକଟ



ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆର୍ଥିକ ସଂକଟ ଦେଇ ଗତି କରୁଥିବା ପିନାରାୟି ବିଜୟନଙ୍କ ନେତୃତ୍ୱାଧୀନ କେରଳ ସରକାରଙ୍କ ପାଇଁ ଆଉ ଗୋଟିଏ ସମସ୍ୟା ହେଉଛି ରାଜ୍ୟ ଅର୍ଥ ବିଭାଗର ମୁଖ୍ୟ ପଦଟି ଖାଲି ପଡ଼ିଛି। ଏପରି ସମୟରେ ଏହି ବିଭାଗର ଦୁଇ ବରିଷ୍ଠ ଆଇଏଏସ୍ ଅଧିକାରୀ ପ୍ରତିନିଯୁକ୍ତିରେ କେନ୍ଦ୍ରରେ ଅବସ୍ଥାପିତ ହେବା ଘଟଣା ପରିସ୍ଥିତିକୁ ଅଧିକ ଜଟିଳ କରିଦେଇଛି। ରାଜ୍ୟର ଅର୍ଥବ୍ୟବସ୍ଥା ଦୁଃସ୍ଥିତି ମଧ୍ୟରେ ଗତି କରୁଥିବାବେଳେ ଯୁଗ୍ମ ମୁଖ୍ୟ ସଚିବ (ଅର୍ଥ) ମନୋଜ ଜୋଶୀ ଏବଂ ପ୍ରମୁଖ ସଚିବ (ଅର୍ଥ ସଂସାଧନ) ସଞ୍ଜୀବ କୌଶିକ ଏକାବେଳେ ଅର୍ଥ ବିଭାଗ ଛାଡ଼ୁଛନ୍ତି। ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ୧୯୮୯ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଜୋଶୀ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ଯୁଗ୍ମ ସଚିବଭାବେ ନିଯୁକ୍ତି ପାଇଥିବାବେଳେ ୧୯୯୨ ବ୍ୟାଚ୍ ଅଧିକାରୀ କୌଶିକ ଅର୍ଥ ମନ୍ତ୍ରାଳୟର ଅର୍ଥନୈତିକ ସେବା ବିଭାଗର ଯୁଗ୍ମ ସଚିବ ଅଛନ୍ତି। ରାଜ୍ୟର ଆର୍ଥିକ ସଙ୍କଟ ସୁଧାରିବା ଲାଗି କାର୍ଯ୍ୟ କରୁଥିବା ୬ ଜଣିଆ ଟିମ୍‌ରେ ଏହି ଦୁଇ ବାବୁ ସଦସ୍ୟ ରହିଥିଲେ। ଖର୍ଚ୍ଚକାଟ ଓ ରାଜସ୍ୱ ସଂଗ୍ରହ କରିବାର ଉପାୟ ଖୋଜି ବାହାର କରିବା ଲାଗି ଏହି ଟିମ୍‌କୁ ଦାୟିତ୍ୱ ଦିଆଯାଇଥିଲା। ଜୋଶୀ ଓ କୌଶିକଙ୍କ ଏଭଳି ଆକସ୍ମିକ ପ୍ରସ୍ଥାନ ପରେ ଏବେ ଅନ୍ୟ ବରିଷ୍ଠ ଅଧିକାରୀମାନେ ସେମାନଙ୍କ ପଦବୀରେ କାର୍ଯ୍ୟକରିବା ଲାଗି ଅନିଚ୍ଛା ପ୍ରକାଶ କରିବା ଘଟଣା ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। କେରଳର ଶୋଚନୀୟ ଅର୍ଥନୈତିକ ଅବସ୍ଥାକୁ ବିଚାରକୁ ନେଲେ ଏହାକୁ ସଜାଡ଼ିବା ଏକ କଠିନ କାର୍ଯ୍ୟ ବୋଲି ସ୍ପଷ୍ଟ ମନେହେଉଛି। ପ୍ରାପ୍ତ ସୂତ୍ରରୁ ଜଣାପଡ଼େ ଯେ, ଅର୍ଥ ବିଭାଗ ଦୁଇବର୍ଷ ପାଇଁ ଏକ ପ୍ଲାନ୍ ହଲିଡେ (ଦୁଇଟି ପଞ୍ଚବାର୍ଷିକ ଯୋଜନା ମଧ୍ୟରେ ବିରତି) ଘୋଷଣା କରିବାକୁ କିମ୍ବା ଅନ୍ତତଃ ଯୋଜନା ଅବଧି କମାଇବାକୁ ସରକାରଙ୍କୁ ପ୍ରସ୍ତାବ ଦେଇଥାଉଛି। କିନ୍ତୁ ପିନାରାୟି ସରକାର ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି।

## କମିଶନର ଦୌଡ଼

ଦିଲ୍ଲୀରେ ଆଗକୁ ନିର୍ବାଚନ ଆସୁଥିବାବେଳେ ଏହି ସମୟରେ କିଏ ରାଜଧାନୀର ନୂଆ ପୋଲିସ କମିଶନର ହେବେ ତାହାକୁ ନେଇ ଉତ୍ସୁକତା ପ୍ରକାଶ ପାଉଛି। ଏବେକାର କମିଶନର ଅମୂଲ୍ୟ ପଟ୍ଟନାୟକ ୩୧ ଜାନୁଆରୀ, ୨୦୨୦ରେ ଅବସର ନେବାକୁ ଯାଉଥିବାବେଳେ ଏହି ପଦବୀ ଲାଗି ଅନେକ ବରିଷ୍ଠ ଅଧିକାରୀ ଦୌଡ଼ରେ ଅଛନ୍ତି। ଏଥିରେ ସିଆରପିଏଫ୍‌ର ସ୍ୱତନ୍ତ୍ର ମହାନିର୍ଦ୍ଦେଶକ ଏସ୍.ଏନ୍. ଶ୍ରୀନିବାସନ୍ ଆଗରେ ରହିଛନ୍ତି। ଏହାବ୍ୟତୀତ ଅନ୍ୟମାନଙ୍କ ମଧ୍ୟରେ ଅଜୟ କାଶ୍ୟପ, ତାଜ୍ ହାସନ୍ ଏବଂ ଏସ୍. ନିତ୍ୟାନନ୍ଦଙ୍କ ଭଳି ୟୁଟି କ୍ୟାଡର୍ ଆଇପିଏସ୍ ଅଧିକାରୀଙ୍କ ନାମ ମଧ୍ୟ ଚର୍ଚ୍ଚାକୁ ଆସିଛି। ତେବେ କେନ୍ଦ୍ର ସରକାର ଏଥର ୟୁଟି କ୍ୟାଡର ବାହାରୁ କୌଣସି ଅଧିକାରୀଙ୍କୁ ନିଯୁକ୍ତି ଦେଇପାରନ୍ତି ବୋଲି କେତେକେ ବିଶ୍ୱାସ କରୁଛନ୍ତି। ଏହାର କାରଣ ହେଉଛି, ୟୁଟି କ୍ୟାଡରରେ କମ୍ ସଂଖ୍ୟକ ବାବୁ ଥିବାରୁ ସେମାନଙ୍କ ମଧ୍ୟରୁ ଭଲ ପ୍ରତିଭା ବାଛିବାର ସୁଯୋଗ କମ୍ ରହିଛି। ସାଧାରଣରେ ବିଦ୍ରୋହ ଓ ଅସନ୍ତୋଷ ଯୋଗୁ ରାଜଧାନୀରେ ଲାଗିରହିଥିବା ଆଇନଶୃଙ୍ଖଳା ପରିସ୍ଥିତିରେ ସରକାର ନିର୍ବାଚନ ପୂର୍ବରୁ ତାଙ୍କ ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଇବା ଭଳି ରିସ୍କ ନେବା ଲାଗି ଚାହୁଁନାହାନ୍ତି। ଏଥିପାଇଁ ସରକାର କ୍ୟାଡର୍ ବାହାରୁ ଜଣେ ବରିଷ୍ଠ ଅଧିକାରୀଙ୍କୁ ଆଣିବା ଲାଗି ଚାହାନ୍ତି, ଯାହା ୟୁଟି କ୍ୟାଡର ବାବୁମାନଙ୍କୁ କେବେହେଲେ ଖୁସି କରିବ ନାହିଁ। ତେବେ ଏସବୁ ଶୁଣାକଥା ଏବଂ ବାସ୍ତବରେ ସରକାର କ'ଣ ନିଷ୍ପତ୍ତି ନେବେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ଜଣାପଡ଼ିନାହିଁ।

## ଟଣ୍ଡନ୍‌ଙ୍କୁ ନା

ଉତ୍ତରପ୍ରଦେଶ କ୍ୟାଡର ବରିଷ୍ଠ ଆଇଏଏସ୍ ଅଧିକାରୀ ଆଲୋକ ଟଣ୍ଡନଙ୍କୁ ସଚିବ ପଦରେ ନିଯୁକ୍ତି ଦେବା ଲାଗି କେନ୍ଦ୍ର ସରକାର ରାଜି ହୋଇ ନ ଥିବା ଜଣାପଡ଼ିଛି। ଏପରିକି ସ୍ୱୟଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏଥିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରି ବି କେନ୍ଦ୍ର ସରକାରଙ୍କୁ ମନାଇବାରେ ବିଫଳ ହୋଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ଏହାର ମୂଳ କାରଣ ହେଉଛନ୍ତି ନିଜେ ଟଣ୍ଡନ। ଗତ ଅକ୍ଟୋବରରେ ତାଙ୍କୁ ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ବିଭାଗ (ଡିଏଆର୍‌ପିଜି)ର ସଚିବ ପଦ ସହିତ ପେନ୍‌ସନ ଓ ପେନ୍‌ସନଭୋଗୀ କଲ୍ୟାଣ ବିଭାଗର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିବା ପାଇଁ କୁହାଯାଇଥିଲା, ଯାହାକୁ ସେ ମନା କରିଦେଇଥିଲେ। ସେଥିପାଇଁ ବର୍ତ୍ତମାନ ଯୋଗୀ ଆଦିତ୍ୟନାଥଙ୍କ ଅନୁରୋଧକୁ ବି କେନ୍ଦ୍ର ସରକାର ଟାଳିଦେଇଥିବା ଜଣାପଡ଼ିଛି। ଟଣ୍ଡନ୍ ଡିଏଆର୍‌ପିଜିରେ ଯୋଗଦେବାକୁ ଚାହୁଁ ନ ଥିଲେ ଏବଂ ଉତ୍ତରପ୍ରଦେଶ ସରକାରଙ୍କୁ ଆଉ ୧୨ ମାସ ସମୟ ଦେବା ଲାଗି କେନ୍ଦ୍ରକୁ ଚିଠି ଲେଖିବା ପାଇଁ କହିଥିଲେ। ସେ ଏବେ ନୋଏଡା, ଗ୍ରେଟର ନୋଏଡା ଓ ଯମୁନା ଏକ୍ସପ୍ରେସ୍‌ୱେ ଇଣ୍ଡଷ୍ଟ୍ରିଆଲ ଡେଭ୍‌ଲପ୍‌ମେଣ୍ଟ ଅଥରିଟିର ଅଧ୍ୟକ୍ଷ ଅଛନ୍ତି। ସେ ମଧ୍ୟ ଭିତ୍ତିଭୂମି ଓ ଶିଳ୍ପ ବିକାଶ ବିଭାଗର କମିଶନର (ଆଇଆଇଡିସି) ଦାୟିତ୍ୱରେ ରହିଛନ୍ତି। କେନ୍ଦ୍ର ସରକାର ତାଙ୍କ ଅନୁରୋଧକୁ ଗ୍ରହଣ କରିବାକୁ ମନା କରିଦେଲେ ଓ ଅସନ୍ତୋଷ ପ୍ରକାଶ କରିବା ପାଇଁ ତାଙ୍କୁ ସଚିବ ପଦରେ ନିଯୁକ୍ତିରୁ ବଞ୍ଚିତ କଲେ। ଏହି ବାବୁଙ୍କ ଚାକିରି କାଳ ଆଉ ତିନିବର୍ଷରୁ କମ୍ ବାକି ରହିଛି ଓ ତାଙ୍କ ଭବିଷ୍ୟତ କ୍ୟାରିୟରର ସମ୍ଭାବନା ଏବେ ସଂକୁଚିତ ହୋଇଯାଇଛି।

Email: dilipcherian@gmail.com

# ଆକାଶ ଛିଣ୍ଡିପଡ଼ିଲା



ଉପେନ୍ଦ୍ର ବିଶ୍ୱାଳ

ଟିକି ଚଢ଼େଇଟିଏ, ଟିଁଟିଭ ପକ୍ଷୀ। ରାତିରେ ଶୋଇବାବେଳେ ବି ଗୋଟେ ଗୋଡ଼ ଉପରକୁ ଟେକି ଶୋଇରହେ, ଆକାଶଟି ଛିଣ୍ଡି ପଡ଼ିବା ଆଶଙ୍କାରେ। ଶଙ୍କାଗ୍ରସ୍ତ ମନଟି ସଦା ସନ୍ଦେହରେ ଥାଏ- କାଳେ ଖସି ପଡ଼ିଲା କି ଆଉ। ଦିନେ, ହଠାତ୍ ବଡ଼ ଶବ୍ଦଟିଏ ହେଲା। ସେଇଠୁ 'ଆକାଶଟି ଛିଣ୍ଡି ପଡ଼ିଲା, ଆକାଶଟି ଛିଣ୍ଡି ପଡ଼ିଲା' ଚିତ୍କାର ଛାଡ଼ି ଦୌଡ଼ିଲା, ପକ୍ଷୀରାଜ ଇଗଲକୁ ଜଣାଇବାକୁ। ତା' ଦେଖାଦେଖି କାଠହଣା ପକ୍ଷୀଟି ବି ରଡ଼ି ଛାଡ଼ି ଦୌଡ଼ିଲା। ଦୁଇ ପକ୍ଷୀଙ୍କର ଉଦ୍‌ବିଗ୍ନ ଭାବ ଓ ଦୌଡ଼ ଦେଖି ବତକ ବି ଦୌଡ଼ିଲା, ତାଙ୍କ ସାଥିରେ ସତ ବୋଲି ମାନି। ବାଟରେ କୁଣ୍ଡାଖିଆ ପକ୍ଷୀ ଏମାନଙ୍କୁ ଦେଖି ଜାଣିବାକୁ ଚାହିଁଲା ବ୍ୟସ୍ତ ଓ ବିବ୍ରତ ହେବାର ରହସ୍ୟ। ତିନି ତୁଣ୍ଡରୁ 'ଆକାଶଟି ଛିଣ୍ଡି ପଡ଼ିଲା' ବୋଲି ଶୁଣି ସେ ବି ଛାନିଆ ହୋଇ ଦୌଡ଼ିଲା ଇଗଲକୁ ଅବଗତ କରାଇବାକୁ। ଏମାନଙ୍କର ସରଳପଣର ସୁଯୋଗ ନେଇ ଧୂର୍ତ୍ତ ଶୃଗାଳଟିଏ ଶିକାର ଉଦ୍ଦେଶ୍ୟରେ ଏମାନଙ୍କୁ ପଟେଇ ପାଛୋଟି ନେଲା, ପକ୍ଷୀରାଜ ଘରକୁ। ବଣସୀମାରେ ଗୋଟିଏ ବିଲର ହିଡ଼ରେ ଥିବା ଗାତଟିକୁ ଦେଖାଇ ''ଏଇଟା ହେଉଛି ପକ୍ଷୀରାଜ ଇଗଲଙ୍କର ଭୂତଳ ପ୍ରାସାଦ। ସୁଡ଼ଙ୍ଗ ଦେଇ ମୁଁ ପ୍ରଥମେ ପକ୍ଷୀରାଜଙ୍କ ପାଖକୁ ଯାଉଛି, ମୋ ପଛେ ପଛେ ତୁମେ ଜଣକ ପରେ ଜଣେ ଆସ'' କହି ଗାତ ଭିତରକୁ ପଶିଗଲା। ପ୍ରଥମେ ଟିଁଟିଭ ପକ୍ଷୀଟି ଅବିଳମ୍ବେ ଶିକାର ହେଲା। ପରେ ପରେ ବତକ ଓ କାଠହଣା ପକ୍ଷୀ ବି। କୁଣ୍ଡାଖିଆ ଶେଷରେ ଅତି ସନ୍ତର୍ପଣରେ ସତର୍କତାର ସହିତ ଭିତରକୁ ପଶୁଥିବାବେଳେ ଦୈବାତ୍ ବର୍ତ୍ତିଗଲା ଶୃଗାଳର ଶିକାରରୁ ଏବଂ ଏକମୁହାଁ ହୋଇ ଦୌଡ଼ିଲା ପ୍ରାଣ ବିକଳରେ। କଥାଟିର ମର୍ମାର୍ଥ ହେଲା- ବିନା ବିଚାରରେ କୌଣସି କଥାକୁ ଅନ୍ଧଭାବେ ଗ୍ରହଣ କରିନେବାଟା ବୋକାମି। ଏଇ ଯେମିତି, ଆକାଶଟି ଛିଣ୍ଡି ପଡ଼ିଲା ବୋଲି ଟିଁଟିଭ ପକ୍ଷୀଟି ଭ୍ରମିତ ହେଲା ଓ ଅନ୍ୟମାନେ ବି ତା' କଥାକୁ ଅନ୍ଧଭାବେ ଗ୍ରହଣ କରିନେଲେ, ବାସ୍ତବତାକୁ ନ ବୁଝି। ଦ୍ୱିତୀୟତଃ ଶୃଗାଳଟି ବହୁ ପରୀକ୍ଷିତ ଧୂର୍ତ୍ତ ବୋଲି ଜାଣି ବି ତା' କଥାରେ ଭଳିଯିବା ଅର୍ଥ ଅନର୍ଥକୁ ଆମନ୍ତ୍ରଣ କରିବା।

ଏବେ ଆସିବା ଆଲୋଚ୍ୟ ପ୍ରସଙ୍ଗଟିକୁ। ଦେଶରେ କୋଟି କୋଟି ଟଙ୍କାର ଧନ-ଜୀବନ ହାନି ହେଲା, ଦିନ କେଇଟାରେ। ମନେ ହେଲା, ସତେ ଯେମିତି ଏହା ଘଟିଗଲା ଇସଲାମାବାଦର ଇସାରାରେ ଅବା ଚାଇନାର ଚାହିଁବା ଅନୁଯାୟୀ। ଭାରତର ଭାବମୂର୍ତ୍ତି ଭୂଲୁଣ୍ଠିତ ହେଲା, ଦେଶର ସୁନାମ ଉପରେ ଆଞ୍ଚ ଆସିଲା। ଜାତିସଂଘ ଏବଂ ଇସ୍‌ଲାମିକ ଦେଶଗୁଡ଼ିକର ସହାନୁଭୂତି ସାଉଁଟିବାକୁ ପାକିସ୍ତାନକୁ ସୁଯୋଗଟି ମିଳିଗଲା। କୋଟି କୋଟି ଟଙ୍କାର ଦେଶ ସମ୍ପତ୍ତି ଯେଉଁ ନଷ୍ଟ ହେଲା, ତା' କ'ଣ ମୋଦିଙ୍କର ନା ଭାଜପାର? ଦେଶର କ୍ଷତି ଅର୍ଥ କ'ଣ ଆମର କ୍ଷତି ନୁହେଁ? ଏଇ କିଛିମାସ ପୂର୍ବରୁ କଶ୍ମୀର ପ୍ରସଙ୍ଗରେ ଭାରତ ବିରୋଧରେ ଜାତିସଂଘର ଦ୍ୱାରସ୍ଥ ହୋଇଥିଲା ପାକିସ୍ତାନ, ଆମ ମୁହଁରୁ ଉଚ୍ଚାରିତ ଭାଷାକୁ ନେଇ। ପୁଣି ସେମିତି ପାକିସ୍ତାନକୁ ପ୍ରୋତ୍ସାହିତ କଲା ପରି ଭାଷା (ନାଗରିକ ସଂଶୋଧନ ପ୍ରସ୍ତାବକୁ ଜାତିସଂଘକୁ ନେବାକୁ) କହୁଛୁ। ଏହା କେଉଁ ପ୍ରକାର ରାଷ୍ଟ୍ରଭକ୍ତିର ଲକ୍ଷଣ? ସଂସଦର ଉଭୟ ସଦନରେ ପାରିତ ପ୍ରସ୍ତାବରେ ଏମିତି କ'ଣ ଥିଲା ଯେ ଆକାଶଟି ଛିଣ୍ଡି ପଡ଼ିଲା ବୋଲି ହୁରି ପଡ଼ିଲା। ତାକୁ ଠିକ୍ ତର୍ଜମା ନ କରି, ଆଗପଛ ବିଚାର ନ କରି ବିସ୍ଫୋରଣର ରୂପ ଦେବା କେତେଦୂର ଯୁକ୍ତିଯୁକ୍ତ। ବାମ ଓ ଦକ୍ଷିଣ ହସ୍ତ ଉଭୟଙ୍କର ଭୂମିକା ଭିନ୍ନ ଭିନ୍ନ। ଅଧିକ ସମ୍ମାନ ଓ ଗୁରୁତ୍ୱ ପାଉଥିବା ମନେ କରି ଡାହାଣ ହାତକୁ ବାମ ହାତ ଅସହିଷ୍ଣୁତାରେ କିଛି ବିପରୀତ ଭୂମିକା ନିର୍ବାହ କଲେ ଦେହକୁ କଷ୍ଟ ହେବ ହିଁ ହେବ। ପୋଡ଼ା-ଜଳା, ହିଂସାତ୍ମକ କାଣ୍ଡ ଭିଆଇବାଟା କଦାପି ମାନବୀୟ ଲକ୍ଷଣ ନୁହଁ। ସଂରଚନା କାର୍ଯ୍ୟ କରିବା ଯେମିତି ଦେବତ୍ୱ, ଧ୍ୱଂସାତ୍ମକ କ୍ରିୟାକଳାପ ବି ସେମିତି ଦାନବତ୍ୱ। ଆମେ କ'ଣ ଜଣେ ଜଣେ ସେଇ ଦାନବ ସମ୍ପ୍ରଦାୟର କି?

ବିଭାଜନ ବେଳାରୁ ଅଦ୍ୟାବଧି ଦଶନ୍ଧି ଦଶନ୍ଧି ଧରି ଲୁହଲହୁକୁ ପିଇ ଅତି ଦୟନୀୟ ଜୀବନ ନିର୍ବାହ କରୁଥିବା ଆଶ୍ରିତ ଓ ନିର୍ଯାତିତଙ୍କୁ ସମ୍ମାନର ସହିତ ଟିକେ ବଞ୍ଚିବାର ଅଧିକାର ଦେବାଟା କ'ଣ ମହାପାପ? ଅତୀତର ଭୁଲ୍‌ଗୁଡ଼ିକୁ ସୁଧାରିବାକୁ ପ୍ରୟାସ କରିବା କ'ଣ ଅନ୍ୟାୟ? ମୁସଲମାନମାନଙ୍କର ସ୍ୱାର୍ଥ ଜଗିବାକୁ ଅନେକ ଇସ୍‌ଲାମିକ୍ ଦେଶ ଥିଲାବେଳେ, ରୋହିଙ୍ଗ୍ୟା ମୁସଲମାନଙ୍କ ପାଇଁ ଲୁହ ଢାଳୁଥିବା ବ୍ୟକ୍ତିମାନେ ନିର୍ଯାତିତ ଏଇ ଅଣମୁସଲମାନ ସଂଖ୍ୟାଲଘୁଙ୍କ ପ୍ରତି ଏତେ ଅବେବେକୀ କେମିତି? ପାକିସ୍ତାନର ପ୍ରବକ୍ତା ସାଜୁଥିବା ବ୍ୟକ୍ତିମାନେ କହିପାରିବେ କି ସ୍ୱାଧୀନତାବେଳେ ପାକିସ୍ତାନରେ ଥିବା ପ୍ରାୟ ୧୫ ଭାଗ ହିନ୍ଦୁ ଆଜି କେମିତି ୧.୫ ଭାଗରେ ପହଞ୍ଚିଲେ। ଆମେରିକା ସମେତ ଅନେକ ମୁସ୍‌ଲିମ୍ ଦେଶ ଏପରି କି ଜାତିସଂଘର ବାରମ୍ବାର ତାଗିଦ୍ ଓ କଡ଼ା ଚେତାବନୀକୁ ଖ୍ୟାତିର ନ କରି ପାକିସ୍ତାନର ବନ୍ଧୁରାଷ୍ଟ୍ର ହୋଇ ବି ଚାଇନା ଗୋଟିଏ ପରେ ଗୋଟିଏ ଇସ୍‌ଲାମ ବିରୋଧୀ କଠୋର ପଦକ୍ଷେପମାନ ନେଇ ଚାଲିଛି। ଅତି ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ଏଠାରେ ପିଢ଼ି ପରେ ପିଢ଼ି ବାସ କରୁଥିବା ମୁସଲମାନ ଭାଇମାନଙ୍କୁ ଉସୁକାଉଥିବା ବ୍ୟକ୍ତିମାନେ କେବେ ଚାଇନା ଆଡ଼କୁ ନଜର ଦେଇଛନ୍ତି କି? ଏମାନେ କହିପାରିବେ କି ବିଶ୍ୱର ବୃହତ୍ତମ ଜନସଂଖ୍ୟାର ଭୂଖଣ୍ଡ ଚାଇନାରେ ଆଜି କେତୋଟି ମଦ୍ରାସା ଚାଲିଛି ଇସ୍‌ଲାମୀ ପାଠ୍ୟ ଖସଡ଼ା ପାଇଁ। ବିଶ୍ୱର ସର୍ବାଧିକ ମୁସଲମାନବହୁଳ ଦେଶଟି ଆମ ଆଖିରେ ଆଙ୍ଗୁଠି ଗେଞ୍ଜି କହୁଛି- ମୋତେ ଟିକେ ଆଖି ପୂରାଇ ଦେଖ। ମୌଳବାଦରୁ ମୁକ୍ତ ରହୁଥିବା ଯୋଗୁ ମୁଁ କେମିତି ଆଗେଇ ଚାଲିଛି ଶାନ୍ତି ଓ ସମୃଦ୍ଧିର ପଥେ। ଇଣ୍ଡୋନେସିଆର ଏ ଇଙ୍ଗିତକୁ ନା ବୁଝୁଛି ପାକିସ୍ତାନ ନା ଆମ ଦେଶର ଛଦ୍ମ ଧର୍ମନିରପେକ୍ଷତାର ଧ୍ୱଜାଧାରୀମାନେ। ବିଡ଼ମ୍ବନାର ବିଷୟ ଯେ ଧୂର୍ତ୍ତ ରାଜନେତାମାନଙ୍କଠାରୁ ବାରମ୍ବାର ଭଣ୍ଡିତ, ଲଣ୍ଡିତ ହୋଇ ବି ଆମର ଚେତା ପଶୁନି ଅଦ୍ୟାବଧି। ଭାରତର କିଛି ରାଜନେତା ଓ ସମ୍ପୃକ୍ତ ଦଳଗୁଡ଼ିକ ମୁସଲମାନମାନଙ୍କୁ ଏ ଦେଶର ମହାର୍ଘ ମଣିଷ ବା ଭାଗ୍ୟବାନ ବାସିନ୍ଦା ବୋଲି ବିଚାରନ୍ତି ନାହିଁ। ବରଂ ଭୋଟ ପାଇଁ ଉଦ୍ଦିଷ୍ଟ ଏକ ସଂରକ୍ଷିତ ସମ୍ପ୍ରଦାୟ ବୋଲି ବିବେଚନା କରୁଥିବାର ମନେ ହୁଏ। ରାଜନୀତିର ରୋଟି ସେକିବାକୁ ବ୍ୟଗ୍ର ଏଇ ବ୍ୟକ୍ତିମାନେ ସାଧାରଣ ଲୋକଙ୍କୁ ଉସୁକାଇଥା'ନ୍ତି ବନ୍ଦ ଆଦି ନକାରାତ୍ମକ କାମ କରିବାକୁ। ଆମେ ଏହା ସତ୍ତ୍ୱେ ସେମାନଙ୍କ କଥାରେ ଭଳିଯାଉ ବାରମ୍ବାର। ଆଉ, ସେତେବେଳେ ଚେତା ପଶେ ଯେତେବେଳେ ପୋଲିସ ନାନାଦି ଦଫା ଲଗାଇ ଆମ ବିରୋଧରେ ମକଦ୍ଦମା ଚଳାଏ। ବର୍ଷେ ତଳେ ଭଦ୍ରକରେ ସଂଘଟିତ ଦଙ୍ଗାରେ ଫସିଥିବା ବ୍ୟକ୍ତିମାନେ ଯେମିତି ଅଙ୍ଗେ ନିଭାଉଛନ୍ତି ଭୟଙ୍କର ଶଠତାର ଶିକାର ହୋଇ।

ବିଚିତ୍ର ସ୍ଥିତି ଏ ଭୂମିରେ। ସିବିଆଇ ଯଦି ପିଛା କଲା ବା ସ୍ୱାର୍ଥପୂର୍ତ୍ତିରେ ବାଧା ଉପୁଜିଲା, କେନ୍ଦ୍ରବିରୋଧୀ ହେବାକୁ ବେଶି ସମୟ ଲାଗେନି ଏଠି। ପୁଲ୍‌ୱାମାଠାରେ ସଂଘଟିତ ନରସଂହାର ବିରୋଧରେ ଆମ ସେନାର କଡ଼ା ଜବାବକୁ ମଧ୍ୟ ଆମେ ନାପସନ୍ଦ କରୁ। ତିନି ତଲାକ୍ ପରି ବର୍ବର ବ୍ୟବସ୍ଥାର ଉଚ୍ଛେଦକୁ ବିରୋଧ କରୁ। କଶ୍ମୀର ଘାଟିର ଯାବତୀୟ ସମସ୍ୟାର ମୂଳାଧାର ଥିବା ୩୭୦ ଧାରାର ଉଚ୍ଛେଦକୁ ତୀବ୍ର ବିରୋଧ କରୁ। ଭାରତର ସରଳ ଜନସାଧାରଣ କେବେ ଜାଣିବାକୁ ପ୍ରୟାସ ବି କରନ୍ତି ନାହିଁ ସାମାନ୍ୟ ପ୍ରସଙ୍ଗକୁ ଆଳ କରି, ସେଥିରେ ପ୍ରେଟ୍ରୋଲ ଢାଳି ଅଗ୍ନିସଂଯୋଗ କରୁଥିବା ବ୍ୟକ୍ତିମାନଙ୍କର ଅସଲ ଚେହେରାକୁ। ନିଷିଦ୍ଧ ଉଗ୍ରବାଦୀ ସଂଗଠନ 'ସିମି'ର ପ୍ରତିଷ୍ଠାତା ଜଣେ ସଦସ୍ୟଙ୍କୁ ରାଜ୍ୟ ସଭାକୁ ପଠାଇ ପୁରସ୍କୃତ କରିବା କି ପ୍ରକାର ଦେଶଭକ୍ତି? ସାରଦା ଚିଟ୍‌ଫଣ୍ଡ ସହିତ ଆତଙ୍କବାଦୀ ସଂଗଠନଗୁଡ଼ିକର ସମ୍ବନ୍ଧ କ'ଣ? କାହିଁକି ବାଂଲାଦେଶ ସରକାର ଏ ସଂକ୍ରାନ୍ତରେ ଭାରତ ନିକଟରେ ତୀବ୍ର ପ୍ରତିବାଦ ଜଣାଇଥିଲା? ସିବିଆଇ କବଳରୁ ଜଣେ ପୋଲିସ ଅଫିସରଙ୍କୁ ନିଜ ପଣତ ତଳେ ଲୁଚାଇ ରଖିବାର ଉଦ୍ଦେଶ୍ୟ କ'ଣ? ଏହିପରି ଅନେକ ପ୍ରଶ୍ନର ଉତ୍ତର ଖୋଜି ବସିଲେ ଆମେ ପାଇପାରିବା ଏମାନଙ୍କର ପ୍ରକୃତ ପରିଚୟ। ଆମେ ରହୁ ବା ନ ରହୁ ଦେଶର ଗୌରବ ଗରିମା ଅକ୍ଷୁଣ୍ଣ ରହୁ। ଦେଶ ସୁରକ୍ଷିତ ରହୁ।

ମୋ- ୯୪୩୭୪୩୬୦୭୩,
unbiswal05@gmail.com

# ବାସ୍ତବ ପ୍ରଭୁପୂଜା



ବରଦା ପ୍ରସନ୍ନ ଦାସ

ପରମାତ୍ମାଙ୍କ ଶାସନର ସମ୍ବିଧାନ ହେଉଛି ବେଦ। ଭୋଗବିଳାସର ବସ୍ତୁଗୁଡ଼ିକୁ ଶ୍ରେଷ୍ଠ ସମ୍ପଦ ମଧ୍ୟରେ ଗଣାଯାଏ ନାହିଁ। ବାସ୍ତବିକ ମନୁଷ୍ୟର ଶ୍ରେଷ୍ଠ ସମ୍ପଦ ହେଉଛି ସ୍ୱାସ୍ଥ୍ୟବାନ ଶରୀର ଓ ଉତ୍ତମ ଚରିତ୍ର। ଭାଗବତରେ ଲେଖାଅଛି- ''ବିଶ୍ୱାସ ମୂଳେ ଏ ଜଗତ, ପ୍ରାଣୀ ହୁଅନ୍ତି ଆତଯାତ।'' ବିଶ୍ୱାସ ଆଧାରରେ ସବୁ କାମ ଚାଲେ। କେତେକ ପୂର୍ବପୁରୁଷ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ସୀମାବଦ୍ଧ। ଆଉ କେତେକ ପୂର୍ବପୁରୁଷ ଅନୁଯାୟୀ ପ୍ରଚଳିତ। ସମାଜ, ଜାତି, ସମ୍ପ୍ରଦାୟ, ଦେଶ ଦେଶ ମଧ୍ୟରେ ଏହାର ଭିନ୍ନତା ପରିଲକ୍ଷିତ ହୋଇଥାଏ। ଏହାର କାରଣ ହେଲା ଭିନ୍ନ ଭାଷା, ବିଭିନ୍ନ ପରମ୍ପରା, ଧର୍ମ ଓ ଧର୍ମ ଧାରଣାର ସ୍ୱାଧୀନତା। ବିଭିନ୍ନ ସମ୍ପ୍ରଦାୟର ଧର୍ମଶାସ୍ତ୍ର ଆଧାରରେ ମଣିଷର ବିଶ୍ୱାସ, ଚିନ୍ତନ ପରମ୍ପରା ଗତିକରେ। ଏ ସବୁ ମଧ୍ୟରେ ଆମର ସର୍ବ ପୁରାତନ ଶାସ୍ତ୍ରକୁ ପରାଧୀନତାର ବନ୍ଧନ ଭିତରେ ରଖି ଆମେ କ୍ରମେ ବହୁ ମାତ୍ରାରେ ଭୁଲିଯିବାକୁ ବାଧ ହେଉଛୁ। ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହେଲା ଓ ୧୯୪୭ ମସିହାରେ ଦେଶ ସ୍ୱାଧୀନତା ହାସଲ କଲା। ଏହା ପୂର୍ବରୁ ବିଦେଶୀ ଶାସନ ଚାଲିଥିଲା। ଆମ ଶାସ୍ତ୍ରକୁ ଘରକୁ ଘର ବୁଲି ନଷ୍ଟ ଭ୍ରଷ୍ଟ କରିଦିଆଯାଇଥିଲା। ତେଣୁ ସେଥିରୁ ଆମେ ଦୂରେଇ ଯିବାକୁ ବାଧ ହୋଇଛୁ। ମହାନ୍ ବ୍ୟକ୍ତି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ନେତୃତ୍ୱରେ ଆମ ସର୍ବପୁରାତନ ସନାତନ ଧର୍ମଶାସ୍ତ୍ର ବେଦର ପୁନରୁଦ୍ଧାର ପାଇଁ ଉଦ୍ୟମ ହୋଇଛି। ଅତୀତରେ ପୁରାଣ, କୋରାନ ଓ ବାଇବେଲର ଅନ୍ଧବିଶ୍ୱାସଗୁଡ଼ିକୁ ଖଣ୍ଡନ କଲେ ବୋଲି ବୈଜ୍ଞାନିକ ଗାଲିଲିଓଙ୍କୁ ଦିଆଗଲା ଆମରଣ ଜେଲ ଯାତନା, ବୈଜ୍ଞାନିକ ବ୍ରୁନୋଙ୍କୁ କିରୋସିନ ଢାଳି ମାରି ଦିଆଯାଇଥିଲା, ମହର୍ଷି ଦୟାନନ୍ଦଙ୍କୁ ବିଷ ଦେଇ ହତ୍ୟା କରାଗଲା ଓ ମହାତ୍ମା ସକ୍ରେଟିସଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା।

ଅନ୍ଧବିଶ୍ୱାସ ଯୋଗୁ ମାନବ ଜାତି ଭିତରେ ଭେଦଭାବ ବଢ଼ି ଚାଲିଛି। ଫଳରେ ଆମେ ଅସହ୍ୟ ଦୁଃଖଦୁର୍ଦ୍ଦଶା ଭୋଗକରି ଅଶାନ୍ତି ମଧ୍ୟରେ ଗତି କରିଚାଲିଛୁ। ଏସବୁଥିରୁ ଉଦ୍ଧାର ପାଇବାକୁ ହେଲେ ବେଦର ସାରକଥା ଆମକୁ ମାନିବାକୁ ହେବ।

ବେଦର ମର୍ମାର୍ଥ ହେଲା, ଜୀବଗଣଙ୍କୁ ସାହାଯ୍ୟ କରିବା ଦ୍ୱାରା ପରମପିତା ପ୍ରସନ୍ନ ହୋଇଥାନ୍ତି। ଅର୍ଥାତ୍ ଦୁଃଖୀର ଦୁଃଖ ନିବାରଣ, ରୋଗୀକୁ ଔଷଧ ବଣ୍ଟନ, କ୍ଷୁଧାର୍ଥକୁ ଅନ୍ନଦାନ, ତୃଷାର୍ତ୍ତକୁ ଜଳଦାନ, ନିର୍ବସ୍ତ୍ରକୁ ବସ୍ତ୍ର ଦାନ, ଅଜ୍ଞାନକୁ ଜ୍ଞାନଦାନ, ଅସହାୟକୁ ସହାୟତା ପ୍ରଦାନ, ବିପଦରେ ଥିବା ଲୋକଙ୍କୁ ଉଦ୍ଧାର କରିବା ଓ ପର ଉପକାର ଇତ୍ୟାଦି। ଏସବୁ କାର୍ଯ୍ୟ ହେଲା ବାସ୍ତବ ପ୍ରଭୁପୂଜା। ଜୀବଜଗତର ସେବା ହିଁ ସର୍ବଶ୍ରେଷ୍ଠ ଧର୍ମ। ଅତଏବ ପରମେଶ୍ୱରଙ୍କୁ ପୂଜା କରିବାର ଏତେ ସୁନ୍ଦର ପ୍ରଣାଳୀକୁ ଛାଡ଼ି ମନ୍ଦିରରେ ପୂଜାପାଠ କରିବା ଦ୍ୱାରା କିଛି ଲାଭ ହୋଇ ନ ଥାଏ।

ସକାଳେ ସନ୍ଧ୍ୟାରେ କିଛି ସମୟ ଈଶ୍ୱର ଚିନ୍ତନ ଏକାଗ୍ର ମନରେ କରିବା ଉଚିତ। ଏହାକୁ ହିଁ ଧ୍ୟାନ କୁହାଯାଏ। ସେହି ଦୟାମୟ ପରମେଶ୍ୱରଙ୍କ ଗୁଣ ଚିନ୍ତନ ହିଁ ପ୍ରଭୁପୂଜା। ବେଦ ହେଉଛି ବିଶ୍ୱ ପାଠାଗାରର ସର୍ବପ୍ରାଚୀନ ପୁସ୍ତକ। ବେଦଠାରୁ ମଣିଷ ସମାଜ ଦୂରେଇ ଯିବାର କାରଣ ହେଲା ଏହାକୁ ନିୟମିତ ପାଠ କରୁଥିବା ବ୍ରାହ୍ମଣମାନେ ଏଥିରୁ ନିବୃତ୍ତ ହୋଇ ବିଭିନ୍ନ ପୁରାଣ ଆଦି ପାଠ ଦିଗରେ ଆଗ୍ରହ ପ୍ରକାଶ କଲେ। ଶୃଙ୍ଗାରରସାତ୍ମକ ସଂସ୍କୃତ କାବ୍ୟ ଆଲୋଚନା ପାଇଁ ଆଗ୍ରହ ପ୍ରକାଶ ପାଇଲା। ସାମ୍ପ୍ରଦାୟିକ ଗୁରୁମାନେ ନିଜ ନିଜର କାୟା ବିସ୍ତାର କରି ସମାଜରେ ଆଧିପତ୍ୟ ଜାହିର କଲେ। ପ୍ରାଦେଶିକ ଭାଷା ପ୍ରଚଳନ ଫଳରେ ସଂସ୍କୃତ ଭାଷା ଅଧ୍ୟୟନ ପ୍ରତି ଆଗ୍ରହ କମିଲା। ସମ୍ପ୍ରତି କେତେଜଣ ମହାନ୍ ବ୍ୟକ୍ତି ବେଦର ପୁନରୁଦ୍ଧାର ପାଇଁ ଉଦ୍ୟମ ଜାରି ରଖିଛନ୍ତି। ବିଶ୍ୱର ଜୀବଗଣଙ୍କ ଉପକାର କରିବା ଦ୍ୱାରା ହିଁ ବିଶ୍ୱପିତା ଆମ ଉପରେ ପ୍ରସନ୍ନ ହୋଇଥାନ୍ତି।

ସେହିପରି ଭାବେ ସେବା। ଲୋକଙ୍କର ସେବା କରିବା ପାଇଁ ସମସ୍ତ ଯୋଜନା ପ୍ରଣୟନ କରାଯାଇଛି। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ବିଶ୍ୱର ବିଭିନ୍ନ ଦେଶରେ ସରକାର ଚେଷ୍ଟିତ। ଓଡ଼ିଶା ରାଜ୍ୟ ପ୍ରଶାସନର କେନ୍ଦ୍ରସ୍ଥଳୀ ସଚିବାଳୟଠାରେ ନିୟନ୍ତ୍ରଣ ଚାବିକାଠି ରହିଛି। ଲୋକଙ୍କର ସେବା କରିବାକୁ ପ୍ରାଧାନ୍ୟ ଦିଆଯାଇ ପ୍ରଥମେ ରାଜ୍ୟ ସଚିବାଳୟ ନାମକୁ ପରିବର୍ତ୍ତନ କରାଯାଇ 'ଲୋକସେବା ଭବନ' ରଖାଯାଇଛି, ଯାହାକି ବେଦର ଆଦର୍ଶକୁ ଯଥାର୍ଥ ସମ୍ମାନ ମିଳିଛି। ପ୍ରତ୍ୟକ୍ଷ ଓ ପରୋକ୍ଷରେ, ଜାଣତ ହେଉ ବା ଅଜାଣତରେ ପ୍ରଭୁପୂଜାର ଅର୍ଥ ଲୋକସେବାକୁ ହିଁ ବୁଝାଇଥାଏ। ଯେଉଁ ହିନ୍ଦୁ ଧର୍ମଶାସ୍ତ୍ର ବେଦ ଏପରି ସତ୍ୟ ଓ ଯଥାର୍ଥ ବିଚାରରେ ପରିପୂର୍ଣ୍ଣ, ସେହି ହିନ୍ଦୁ ଆଜି ଅଜ୍ଞାନତାର ମହାରୋଗରେ ପୀଡ଼ିତ, ଅଜ୍ଞାନତାର ଘନ ଅନ୍ଧକାରରେ ଆଚ୍ଛନ୍ନ ଭ୍ରମ ଏବଂ ଅନ୍ଧବିଶ୍ୱାସର ଅନ୍ଧକୂପରେ ନିପୀଡ଼ିତ। ଏଣୁ ଆସନ୍ତୁ, ଆମ ପୁରାତନ ଉପାଦେୟ ଶାସ୍ତ୍ର ବେଦକୁ ଉଦ୍ଧାର ପାଇଁ ଉଦ୍ୟମ କରିବା ଓ ପ୍ରକୃତ ଜ୍ଞାନର ପରିଚୟ ପାଇଁ ଜାତି ଓ ଦଳମତ ନିର୍ବିଶେଷରେ ଏକାଠି କାର୍ଯ୍ୟକରିବା। ଏହାର ସରଳୀକରଣ ଏବଂ ଓଡ଼ିଆ ଅନୁବାଦ କରାଇ ସମସ୍ତ ଜିଲା ଏବଂ ଉପଖଣ୍ଡସ୍ତରରେ ଉପଲବ୍ଧ କରାଇବା ପାଇଁ ପଦକ୍ଷେପ ନେବା। ଏ ଦିଗରେ ସର୍ବାଗ୍ରେ ସମସ୍ତଙ୍କର ଆଗ୍ରହ ପ୍ରକାଶ ପାଇବା ଆଜିର ସବୁଠୁ ବେଶି ଆବଶ୍ୟକତା। ଅତୀତରେ ଦେବଭୂମି ଭାରତରେ ଗୁରୁକୁଳ ଆଶ୍ରମଗୁଡ଼ିକରେ ସଂସ୍କୃତ ଭାଷା ସହ ଅଧ୍ୟୟନ କରାଯାଉଥିଲା। କାଳକ୍ରମେ ସେଗୁଡ଼ିକ ଲୋପ ପାଇବା ପରେ ସଂସ୍କୃତ ଭାଷା ସହ ବେଦପାଠ ଲୋପ ପାଇଥିଲା। ସମ୍ପ୍ରତି ପୁନର୍ବାର ଭାରତରେ ଏକଶହରୁ ଊର୍ଦ୍ଧ୍ୱ ଗୁରୁକୁଳ ଶିକ୍ଷା ଆଶ୍ରମ ଚାଲୁଛି। ଏହାର ସଂଖ୍ୟା ବୃଦ୍ଧି ପାଇଲେ ଏବଂ ସଂସ୍କୃତ ଭାଷାର ପ୍ରଚଳନ ବୃଦ୍ଧି ହେଲେ ବେଦପାଠର ଚାହିଦା ବୃଦ୍ଧି ପାଇବ।

ମହାନ୍ତି ଲେନ୍, କେଶରପୁର, କଟକ-୧,
ମୋ-୯୮୬୧୧୪୫୬୮୭

## ଏଇ ଭାରତରେ

ଜୀବନର ମୋଡ଼ କେତେବେଳେ କେମିତି ନେବ ତାହା କହିବା ମୁସ୍କିଲ, ଯେମିତି ଘଟିଛି ଅର୍‌ମିଦାଙ୍କ କ୍ଷେତ୍ରରେ। ୭୬ ବର୍ଷୀୟା ଅର୍‌ମିଦା ଫର୍ଣ୍ଣାଡିଜ୍ ଲକ୍ଷ ଲକ୍ଷ ଶିଶୁଙ୍କ ଜୀବନ ବଞ୍ଚାଉଛନ୍ତି। ୧୯୭୧ରୁ ମହାରାଷ୍ଟ୍ର ସିଓନସ୍ଥିତ ହସ୍ପିଟାଲର ନିଓନାଟାଲ କେୟାର୍ ୟୁନିଟ୍‌ରେ ନାଟୋଲୋଜିଷ୍ଟ ଭାବେ ଦାୟିତ୍ୱ ନିର୍ବାହ କରିବା ସମୟରେ ସେହି ଅଞ୍ଚଳର ଗରିବ ପରିବାର ତଥା ମୁମ୍ବାଇର ଧରାବି ବସ୍ତିର ରୁଗ୍‌ଣ ଓ ଅପରିପକ୍ୱ ଶିଶୁମାନଙ୍କ ଯତ୍ନ ନେବା ଆରମ୍ଭ କରିଥିଲେ। ଏହି ଅଞ୍ଚଳରେ ମା' ଓ ଶିଶୁମୃତ୍ୟୁ ଘଟଣା ଅତି ସାଧାରଣ। ଦିବ୍ୟାଙ୍ଗ ଶିଶୁ ଜନ୍ମ ନେଲେ ମା'ମାନେ ସେମାନଙ୍କୁ ନେବା ଲାଗି ଅମଙ୍ଗ ହୋଇଥାନ୍ତି। ଶିଶୁମାନଙ୍କ ସ୍ୱାସ୍ଥ୍ୟ ସୁଧାରିବା ସହ ଶିଶୁ ମୃତ୍ୟୁହାର କମାଇବା ଲାଗି ଫର୍ଣ୍ଣାଡିଜ ୧୯୮୯ରେ ପ୍ରଥମ ହ୍ୟୁମ୍ୟାନ୍ ମିଲ୍କ ବ୍ୟାଙ୍କ୍ ଆରମ୍ଭ କରିଥିଲେ। ବଳାତ୍କାରରେ ଜଣେ ଛୋଟ ଶିଶୁର ମୃତ୍ୟୁ ହେବା ଘଟଣା ତାଙ୍କୁ ପ୍ରଭାବିତ କରିଥିଲା। ପରେ ସେ ତାଙ୍କ ବନ୍ଧୁଙ୍କ ସହଯୋଗରେ 'ସ୍ନେହା' ନାମକ ସ୍ୱେଚ୍ଛାସେବୀ ସଂସ୍ଥା ଆରମ୍ଭ କରିଥିଲେ। ଏହି ସଂସ୍ଥା ପ୍ରସୂତି ଓ ନବଜାତର ସ୍ୱାସ୍ଥ୍ୟ, ପିଲାଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିକାରକ ଖାଦ୍ୟ ଉପରେ ଗୁରୁତ୍ୱ ଦେଉଛି। ମହିଳା ଓ ପିଲାମାନଙ୍କ ଉପରେ ହେଉଥିବା ହିଂସା ଦୂର କରିବା ପାଇଁ କାର୍ଯ୍ୟ କରୁଛି। ଫର୍ଣ୍ଣାଡିଜ 'ସ୍ନେହା' ମାଧ୍ୟମରେ ଗାଁ ଓ ବସ୍ତିରେ କାର୍ଯ୍ୟ କରୁଛନ୍ତି। ୟୁନିଭର୍ସିଟି କଲେଜ ଲଣ୍ଡନ (ୟୁସିଏଲ୍)ର ଜଣେ ଡାକ୍ତର ତାଙ୍କ କାର୍ଯ୍ୟ ଦେଖିବା ପରେ ୟୁସିଏଲ୍ ୧୫ ବର୍ଷଯାଏ ଏହି ସଂସ୍ଥାକୁ ସହଯୋଗ କରିଥିଲା। ପରେ ଫର୍ଣ୍ଣାଡିଜଙ୍କ ସହ ବହୁ ବ୍ୟକ୍ତି ଓ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି। ମୁମ୍ବାଇ ବସ୍ତିରୁ ଆରମ୍ଭ ହୋଇଥିବା ତାଙ୍କର ଏହି ସଂସ୍ଥା ଏବେ ମହାରାଷ୍ଟ୍ରର ସବୁ ଜିଲା ସମେତ ଅନ୍ୟ ୭ଟି ରାଜ୍ୟରେ କାର୍ଯ୍ୟ କରୁଛି। ସଂସ୍ଥାରେ ୪୦୦ ସ୍ଥାୟୀ କର୍ମଚାରୀ ଓ ୭୦୦ ସ୍ୱେଚ୍ଛାସେବୀ ସେବାରେ ଲାଗିଛନ୍ତି। ଫର୍ଣ୍ଣାଡିଜଙ୍କ ସ୍ୱାମୀ ଜଣେ ଡାକ୍ତର ଓ ସେ ମଧ୍ୟ ତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି।

## ଚିରନ୍ତନୀ

ହେ ନିଜଭୁଲା ! କେସନ କହ
ନ ଭୁଲ ପଥ ବନ ରାଇଜେ ?
ଅନ୍ଧାରି ଏହି କଣ୍ଟକ ପଥେ
ଜନ ପରାଣୀ ନାହିଁ କାହିଁ ଯେ !
(ନିଜ ଭୁଲା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୪ ଜାନୁୟାରୀ ୧୯୯୫

- ଭାରତ ଓ ଇରାନ ମଧ୍ୟରେ ସାମୁଦ୍ରିକ ବାଣିଜ୍ୟ ସହଯୋଗ ଚୁକ୍ତି ସ୍ୱାକ୍ଷରିତ।
- ପୂର୍ବତନ ମନ୍ତ୍ରୀ ଲଳିତମୋହନ ଗାନ୍ଧୀ ଓଡ଼ିଶା କଂଗ୍ରେସ ନାମରେ ଏକ ନୂଆ ରାଜନୈତିକ ଦଳ ଗଠନ କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 2 | | 8 | | A | 5 | 9 | | | | 0 | 6 |
| | | | 4 | | | 1 | | | C | | E | | | |
| | | 6 | 0 | | | | | 2 | | 5 | | A | | B |
| 5 | | 9 | A | | | | | | | | B | 3 | | |
| | | | | 5 | | | 4 | B | 1 | | | | | |
| | | | 5 | | | B | | 0 | | | 2 | | 3 | |
| | | | | C | | 9 | | 7 | | | | | A | |
| E | B | | | 2 | | | C | | | D | | | 1 | 9 |
| 3 | | | 6 | | 7 | | | | 5 | | | 4 | | 0 |
| | 7 | | | D | 1 | | | 8 | | 6 | C | | 5 | E |
| | | | | | E | A | 9 | | | 1 | 7 | | | |
| | 6 | | | 8 | | | | 4 | | | | C | D | |
| 1 | 3 | | | 4 | | 7 | | | | | D | | | |
| | | A | | 3 | D | | | | | | | E | | 1 |
| D | | | | | | E | 0 | | | 2 | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | D | C | 2 | 8 | B | A | 1 | 6 | E | 4 | 7 | 5 | 9 | 3 |
| 1 | 9 | 2 | E | 6 | A | D | B | 3 | 5 | 8 | C | 4 | 7 | 0 |
| B | 7 | 5 | 3 | 1 | 9 | 4 | C | 8 | 0 | A | D | 6 | E | 2 |
| A | E | 6 | C | 4 | 7 | 5 | 0 | 9 | 2 | 1 | 3 | D | 8 | B |
| 8 | 3 | 4 | 5 | 0 | D | 2 | 7 | E | B | 9 | 6 | 1 | A | C |
| 7 | C | 0 | 9 | E | 3 | B | D | 1 | 8 | 5 | 4 | A | 2 | 6 |
| 4 | B | A | 1 | D | 6 | 3 | 8 | 2 | C | 7 | 9 | 0 | 5 | E |
| E | 8 | 3 | A | 2 | 5 | 6 | 4 | C | D | 0 | 1 | 9 | B | 7 |
| 9 | 5 | 1 | 4 | B | 8 | 7 | A | 0 | 6 | 2 | E | 3 | C | D |
| 6 | 2 | D | 0 | 7 | C | E | 9 | 5 | 3 | B | A | 8 | 4 | 1 |
| 2 | 6 | 8 | 7 | 3 | 4 | 9 | E | B | A | D | 0 | C | 1 | 5 |
| D | 4 | 9 | B | C | 2 | 0 | 3 | A | 1 | E | 5 | 7 | 6 | 8 |
| C | A | B | D | 5 | E | 1 | 6 | 4 | 7 | 3 | 8 | 2 | 0 | 9 |
| 3 | 0 | E | 8 | A | 1 | C | 5 | 7 | 9 | 6 | 2 | B | D | 4 |
| 5 | 1 | 7 | 6 | 9 | 0 | 8 | 2 | D | 4 | C | B | E | 3 | A |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପଦୋନ୍ନତି

ମହାଶୟ,

ଧରିତ୍ରୀ(୨୫।୧୨)ର ସମ୍ପାଦକୀୟ 'ପଦୋନ୍ନତି' ଶୀର୍ଷକରେ ରାଜ୍ୟରେ କାର୍ଯ୍ୟରତ ତୃତୀୟ ଓ ଚତୁର୍ଥ ଶ୍ରେଣୀର ସରକାରୀ କର୍ମଚାରୀମାନେ ପଦୋନ୍ନତି କ୍ଷେତ୍ରରେ ଅବହେଳାର ଶିକାର ହେବାର ଅନୁଶୀଳନ ବେଶ୍ ଉଚ୍ଚକୋଟୀର ହୋଇଛି। ଏପରି ତଳିଆ କର୍ମଚାରୀମାନେ ପ୍ରଶାସନର ମୂଳ ସ୍ତରରେ କାର୍ଯ୍ୟରତ ଥାଇ ନିଜର ଦକ୍ଷତା ଓ ଅଭିଜ୍ଞତା ବଳରେ ସରକାରଙ୍କ ସହାୟକ ହୋଇଥିଲେ ହେଁ ସେମାନଙ୍କ ଚାକିରି କାଳରେ ବେଶି ହେଲେ ଗୋଟିଏ ବା ଦୁଇଟି ପଦୋନ୍ନତି ମିଳେ। ଖାଲି ମଝିରେ ମଝିରେ ପଦୋନ୍ନତି କମିଟି ବୈଠକ ବସିବ ଓ ଆଶାୟୀମାନେ ଉପକୃତ ହେବେ ବୋଲି ହାୱା ସୃଷ୍ଟି କରାଯାଏ। ଚାତକ ପରି ଅନାଇ ରହିଥିବା ମଧ୍ୟମ ଓ ତଳିଆ କର୍ମଚାରୀଙ୍କ ଆଶା ନିରାଶାରେ ପରିଣତ ହୁଏ। ଉପରିସ୍ଥ ଅଧିକାରୀଙ୍କ ବିରୋଧରେ ଅଧସ୍ତନ କର୍ମଚାରୀ ସ୍ୱର ଉତ୍ତୋଳନ କରିବାକୁ ସାହସ ଜୁଟାଇପାରନ୍ତି ନାହିଁ। କିନ୍ତୁ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନେ ଯଥାସମୟରେ ପଦୋନ୍ନତି ପାଇ ବହୁ ସୁବିଧାସୁଯୋଗ ହାସଲ କରନ୍ତି। ବହୁ ବିଳମ୍ବରେ ହେଲେ ମଧ୍ୟ ସରକାର ଏପରି ତଳିଆ କର୍ମଚାରୀଙ୍କ ଦୁଃଖକୁ ହୃଦୟଙ୍ଗମ କରି ଡିସେମ୍ବର ୩୧ ତାରିଖ ସୁଦ୍ଧା ପଦୋନ୍ନତି ପ୍ରକ୍ରିୟା ଶେଷ କରି ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ରାଜ୍ୟ ସଙ୍ଗୀତ ମାନ୍ୟତା କେବେ

ଏବେ ରାଜ୍ୟରେ ଖାଦ୍ୟଶସ୍ୟ ଓ ପନିପରିବା ଅମଳ ଏବଂ ବିକ୍ରିବଟା ସମୟ। ଗାଁଠୁ ସହର ଖେଳକୁଦ, ଉତ୍ସବ ଆଉ ପିକ୍‌ନିକ୍ ଋତୁ ଚାଲିଛି। ଶୀତବସ୍ତ୍ର ବିକାଳି ଗରାଖଙ୍କ ମନ କିଣି ନେଉଛନ୍ତି। ବିଳମ୍ବ ନ କରି ଏବେ ବନ୍ଦେ ଉତ୍କଳ ଜନନୀ ଗୀତକୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦେବାର ଅଭିଯାନ ପାଇଁ ପଡିରହିଥିବା ଶୀତଳଭଣ୍ଡାରରୁ ଅବିଳମ୍ବେ କଢାଗଲେ ଭଲହୁଅନ୍ତା। ଭଟ୍‌ଲି ଏମଏଲ୍ଏ ଓ ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ମନ୍ତ୍ରୀଙ୍କ କହିବା ଅନୁଯାୟୀ ବନ୍ଦେ ଓଡ଼ିଶା ଜନନୀ ହେଲେ ଭଲ ହୋଇଥାଆନ୍ତା। ଏପରି ଦେଖିବାକୁ ଗଲେ ଜନଗଣ ମନରେ ଉତ୍କଳ ଅଛି ଓ ଓଡ଼ିଶାବାସୀ ସମସ୍ତେ ମୁଣ୍ଡପାତି ମାନିନେବା ଦରକାର। କାବ୍ୟ ଓ ସାହିତ୍ୟରେ ଓଡ଼ିଶା ଅର୍ଥରେ ଉତ୍କଳ ଶବ୍ଦ ବ୍ୟବହାର କରାଯାଇଥାଏ। ଏଥିରେ କିଛି ଭୁଲ୍ ନାହିଁ। ସରକାରଙ୍କ ନିର୍ଦ୍ଦେଶ ପରେ ରାଜ୍ୟର କେବଳ ଔଷଧ ଦୋକାନଗୁଡ଼ିକରେ ବଡ଼ ବଡ଼ ଅକ୍ଷର ଥିବା ଓଡ଼ିଆ ନାମଫଳକ ଦୃଶ୍ୟମାନ। ଗୋଟିଏ ଦିନରେ ସମସ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବା ଭଳି ପୁରୁଣା ନାମଫଳକ କାଢ଼ିଦେଇ ସବୁ ବ୍ୟବସାୟ ପ୍ରତିଷ୍ଠାନ ଏକ ନିର୍ଦ୍ଦିଷ୍ଟ ତାରିଖରୁ ବଡ଼ ବଡ଼ ଓଡ଼ିଆ ଅକ୍ଷରରେ ଲେଖାଥିବା ନାମଫଳକ ବ୍ୟବହାର କରନ୍ତୁ। ସରକାର ସେ ଦିଗରେ ଉଦ୍ୟମ କରନ୍ତୁ। ଅନ୍ୟ ଭାଷାରେ ଛୋଟ ଛୋଟ ଅକ୍ଷରରେ ଲେଖା ରହିଲେ କାହାରି କିଛି ଅସୁବିଧା ରହିବନି।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ଛାତରୁ କଂକ୍ରିଟ ଖସି ବୃଦ୍ଧା ଗୁରୁତର

ରେଙ୍ଗାଲି, ୩।୧ (ଡି.ଏନ.ଏ)
ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲପଙ୍ଗା ସ୍ଥିତ ଆଦିତ୍ୟ ଆଲୁମିନିୟମ କାରଖାନାର ପଣ୍ଡଲୋଇ ବିସ୍ଥାପିତ ଆର୍‌ଆର କଲୋନୀରେ ଛାତରୁ କଂକ୍ରିଟ ଖସି ଜଣେ ବୃଦ୍ଧା ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଯାଇଛି। ଆର୍‌ଆର କଲୋନୀର କ୍ୱାର୍ଟର ନଂ. ଜି-୨୨ରେ ଗୁରୁବାର ରାତିରେ ଶୋଇଥିବା ବେଳେ ସୁପ କିଶାନ (୭୫)ଙ୍କ ଉପରେ ଛାତରୁ କଂକ୍ରିଟ ଖସି ପଡିଥିଲା। ଫଳରେ ସେ ଗୁରୁତର ଆହତ ହୋଇ ପଡିଥିଲେ । ଏହାକୁ ନେଇ ଆରଆର କଲୋନୀରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ କମ୍ପାନୀ କର୍ତ୍ତୃପକ୍ଷ ଏକ ବୋଲେରୋ ଯୋଗେ ଉକ୍ତ ବୃଦ୍ଧଙ୍କୁ କମ୍ପାନୀ ଡାକ୍ତରଖାନାରେ ଚିକିତ୍ସା କରାଇ ଘରେ ଛାଡିଥିଲେ ।

### ଡାକ୍ତର ଅଭାବ ଯୋଗୁ ରୋଗୀସେବା ବ୍ୟାହତ

# ଡାକ୍ତରଖାନା ସମ୍ମୁଖରେ ଧାରଣା


ଭାଜପା ନେତା ଓ କର୍ମୀମାନେ କୁଚିଣ୍ଡା ଡାକ୍ତରଖାନା ସମ୍ମୁଖରେ ଧାରଣା ଦେଇଛନ୍ତି ।

**କୁଚିଣ୍ଡା, ୩।୧ (ଡି.ଏନ.ଏ)**
କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର ଅଭାବ ଯୋଗୁ ରୋଗୀସେବାରେ ବାଧା ଉପୁଜୁଛି । ଏତେବଡ ଡାକ୍ତରଖାନା କେବଳ ୫ଜଣ ଡାକ୍ତରରେ ଚାଲିଛି। ୨୦୧୯ ଅକ୍ଟୋବର ୨୮ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଓ ବିଧାୟକ କିଶୋର ଚନ୍ଦ୍ର ନାୟକ ଡାକ୍ତରଖାନା ପରିଦର୍ଶନରେ ଆସିଥିଲେ। ଏହି ସମୟରେ ଡାକ୍ତରଖାନାର ସମସ୍ୟା ନେଇ ସ୍ଥାନୀୟ ଜନସାଧାରଣ ମନ୍ତ୍ରୀଙ୍କୁ ଅବଗତ କରିଥିଲେ । ଡାକ୍ତର କେବେ ପୂରଣ ହେବ ବୋଲି ପଚାରିବାରୁ ୨ମାସ ଭିତରେ ୫୦ରୁ ୬୦ ପ୍ରତିଶତ ଡାକ୍ତର ପୂରଣ ହୋଇଯିବ ବୋଲି ମନ୍ତ୍ରୀ ଦାସ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏଯାଏ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇପାରିନାହିଁ। ଏହାର ପ୍ରତିବାଦରେ ଭାଜପା ପକ୍ଷରୁ ପୂର୍ବତନ ବିଧାୟକ ରବିନାରାୟଣ ନାଏକଙ୍କ ନେତୃତ୍ୱରେ କର୍ମୀମାନେ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନା ସମ୍ମୁଖରେ ଧାରଣାରେ ବସିଥିଲେ । ପ୍ରଭାରୀ ସୁଶୀଲ କୁମାର କର, ଜିଲା ପରିଷଦ ସଭ୍ୟା ନୀଳିମା କାଲୋ, ମମତା ପଟେଲ, ବରିଷ୍ଠ ନେତା ଶୈଳେନ୍ଦ୍ର ନାୟକ, କାହ୍ନୁଚରଣ ନାୟକ, ପୂର୍ଣ୍ଣଚନ୍ଦ୍ର ପଟେଲ, ମୁନୁ ବାବୁ, ଲଳିତ ପୃଷ୍ଟେଠଙ୍କ ସମେତ ଶତାଧିକ ନେତୃମଣ୍ଡଳୀ ଓ କର୍ମୀ ଉପସ୍ଥିତ ଥିଲେ ।

## ପୋଖରୀରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

■ହତ୍ୟାକରି ଫିଙ୍ଗି ଦେଇଥିବା ସନ୍ଦେହ


ସମ୍ବଲପୁର ଘୁଷୁରିଯୋଡା ବନ୍ଧରେ ମହିଳାଙ୍କ ମୃତ ଦେହ ଉଦ୍ଧାର ସମୟରେ ଲୋକାରଣ୍ୟ ।

**ସମ୍ବଲପୁର,୩।୧(ବ୍ୟୁରୋ)**
ସମ୍ବଲପୁର ଜିଲା ଟାଉନଥାନା ମୁଦିପଡା ଘୁସୁରୀଯୋଡା ବନ୍ଧରୁ ଶୁକ୍ରବାର ସକାଳେ ମହିଳାକଙ୍କ ଗଳିତ ମୃତ ଦେହ ଉଦ୍ଧାର ହୋଇଛି। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ପୋଲିସ ଉଦ୍ଧାର କରିଥିଲା । ସେ ଦେଉଲ ବନ୍ଦର ଗୀତା ଶର୍ମା ( ୩୫) ବୋଲି ଜଣାପଡିଛି। ଗୀତା ଡିସେମ୍ବର ୩୦ ତାରିଖ ଠାରୁ ନିଖୋଜ ଥିଲେ । ଏନେଇ ଥାନାରେ ୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ହେଲେ ଗୀତାଙ୍କ ମୃତ ଦେହ ଓ ପାରଶ୍ୱାରିକ ସ୍ଥିତିରେ ହତ୍ୟା କରି ପୋଖରୀରେ ଫିଙ୍ଗି ଦେଇଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଶୁକ୍ରବାର ସକାଳେ ମହିଳାଙ୍କ ଗଳିତ ମୃତଦେହ ଭାସୁଥିବା କେତେକ ଯୁବକ ଦେଖିଥିଲେ । ଘଟଣା ସ୍ଥଳରେ ଲୋକରଣ୍ୟ ହୋଇଗଲା । ପରେ ପୋଲିସ ପହଞ୍ଚି ମୃତଦେହ ପୋଖରୀ ଭିତରୁ ଉଦ୍ଧାର କରିଥିଲା । ଗୀତା ଛତିଶଗଡର ବିବାହ କରିଥିଲେ । ହେଲେ ୧ ମାସ ହେଲା ବାପ ଘରେ ରହି ଆସୁଥିଲେ । ସେମାବାର ଦିନରୁ ସେ ନିଖୋଜ ହୋଇଯାଇଥିଲେ । ପରିବାର ବର୍ଗ ଖୋଜା ଖୋଜି କରିଥିଲେ ହେଲେ ପତ୍ତା ପାଇ ନଥିଲେ । ଏନେଇ ଟାଉନଥାନାରେ ନିଖୋଜ ମାମଲା ରୁଜୁ ହୋଇଥିଲା ।

■ସୁପରଭାଇଜରଙ୍କୁ ପଦୋନ୍ନତିରେ ଅନିୟମିତତା ଅଭିଯୋଗ

# ଦିବ୍ୟାଙ୍ଗ, ଜାତିଗତ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇନାହିଁ

**ସମ୍ବଲପୁର,୩।୧(ବ୍ୟୁରୋ)**
ସମ୍ବଲପୁର ଜିଲାରେ ଅଙ୍ଗନବାଡି କର୍ମୀମାନଙ୍କୁ ସୁପରଭାଇଜର ପଦକୁ ପଦୋନ୍ନତି ଦିଆଯାଇଛି । ଡିସେମ୍ବର ୩୦ ତାରିଖରେ ଏନେଇ ନାମ ତାଲିକା ପ୍ରକାଶ ପାଇଛି । ହେଲେ ଏହି ପଦୋନ୍ନତି ଦେବାରେ ଅନମିୟତା ହୋଇଥିବା ଅଭିଯୋଗ ହେଉଛି । ସରକାରୀ ନିୟମକୁ ପାଳନ କରାଯାଇ ନାହିଁ । ପଦୋନ୍ନତିରେ ସମଗ୍ର ଜିଲାରୁ ଅଙ୍ଗନୱାଡି କର୍ମୀଙ୍କୁ ସୁଯୋଗ ନ ଦେଇ କେବଳ ୨ ବ୍ଲକର ଅଙ୍ଗନୱାଡି କର୍ମୀଙ୍କୁ ସାମିଲ କରାଯାଇଛି । ଏପରି କି ଜାତିଗତ ସଂରକ୍ଷଣ ଓ ଭିନ୍ନକ୍ଷମ ସଂରକ୍ଷଣ ପାଇଁ ସରକାରଙ୍କ ବ୍ୟବସ୍ଥା ଥିବାବେଳେ ନିୟମକୁ ପାଳନ କରାଯାଇ ନାହିଁ । ଗତ ବର୍ଷ ମଧ୍ୟ ପଦୋନ୍ନତିରେ ଏହି ବ୍ଲକଗୁଡିକରୁ ଅଙ୍ଗନୱାଡି କର୍ମୀଙ୍କୁ ସାମିଲ କରାଯାଇଥିଲା । ଏଥିରେ ବିଭାଗୀୟ ଅଧିକାରୀଙ୍କ ସଂପୃକ୍ତି ରହିଛି ବୋଲି ଅଭିଯୋଗ ହୋଇଛି। ବରିଷ୍ଠ କର୍ମୀ ଅନୁସାରେ ପଦୋନ୍ନତି ଦିଆଯାଉଥିବା କହୁଛନ୍ତି ହେଲେ ତାଙ୍କ ମନ ଇଚ୍ଛା ତାଲିକା ପ୍ରସ୍ତୁତ କରୁଛନ୍ତି । ଏଥିରୁ ଅନେକ ଭିନ୍ନକ୍ଷମ ଓ ପ୍ରକୃତ କର୍ମୀ ସୁଯୋଗ ପାଉ ନାହାନ୍ତି । ଦିବ୍ୟାଙ୍ଗଙ୍କ ପାଇଁ ମୋଟ ପଦରୁ ୪ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି । ହେଲେ ଜଣେ ମଧ୍ୟ ଭିନ୍ନକ୍ଷମଙ୍କୁ ପଦୋନ୍ନତିରେ ସାମିଲ କରାଯାଇ ନାହିଁ । ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଉ ବୋଲି ଦାବି ହେଉଛି ।
ସୁଚନାଯୋଗ୍ୟ, ଜିଲା ସାମାଜିକ ମଙ୍ଗଳ ବିଭାଗ ପକ୍ଷରୁ ଜିଲାର ମୋଟ ୯ ଜଣ ଅଙ୍ଗନୱାଡି କର୍ମୀଙ୍କୁ ପଦୋନ୍ନତି ଦିଆଯାଇଛି । ସେମାନଙ୍କ ମଧ୍ୟରୁ କେବଳ ଜମନକିରା ବ୍ଲକର ୮ ଜଣ ଅଙ୍ଗନୱାଡି କର୍ମୀଙ୍କ ନାମ ରହିଥିବା ବେଳେ ମାତ୍ର ଜଣେ ବାମରା ବ୍ଲକର ରହିଛନ୍ତି । ହେଲେ ଜିଲାର ଅନ୍ୟ ୭ ବ୍ଲକର କୌଣସି ଅଙ୍ଗନୱାଡି କର୍ମୀଙ୍କୁ ସାମିଲ କରାଯାଇ ନାହିଁ । ଉକ୍ତ ୯ ଜଣ ସୁପରଭାଇଜର ପଦକୁ ପଦୋନ୍ନତି ଦେଇ ରେଢାଖୋଲରେ ୩ ଜଣଙ୍କୁ ଧନକଉଡାରେ ୧ ଜଣ, କୁଚିଣ୍ଡାରେ ୧ ଜଣ, ଜମନକିରାରେ ୧ ଜଣ, ବାମରାରେ ୧ ଜଣ, ଯୁଯୁମୁରା ୧ ଜଣଙ୍କୁ , ନାକଟିଦେଉଳରେ ଜଣେ ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ପଦୋନ୍ନତି ପ୍ରକ୍ରିୟା କିଭଳି ଭାବେ ହେଲା ସେ ନେଇ ତଦନ୍ତ ହେଲେ ନିଶ୍ଚିତ ଭାବେ ବଡ ଧରଣର ଅନମିୟତା ପଦାକୁ ଆସିବ ବୋଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଡିଏସ୍‌ଡବ୍ଲୁ ଗୀତାଞ୍ଜଳି ମହାପାତ୍ର କହିଛନ୍ତି ଯେ,ବାମରା ଓ ଜମନକିରା ବ୍ଲକ ଅଙ୍ଗନୱାଡି କେନ୍ଦ୍ର ପ୍ରଥମେ ଚାଲୁ ହୋଇଥିଲା । ତେଣୁ ବରିଷ୍ଠ ଅନୁସାରେ ନିଯୁକ୍ତି ଦିଆଯାଉଛି। କୌଣସି ଅନମିୟତା ହୋଇ ନାହିଁ ବୋଲି କହିଥିଲେ ।

### ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ ପାଳିତ

# ବିଶ୍ୱନାଥଙ୍କ ତ୍ୟାଗପୂତ ଜୀବନଦର୍ଶନ ସ୍ମରଣୀୟ ହୋଇ ରହିବ

**କୁଚିଣ୍ଡା, ୩।୧ (ଡି.ଏନ.ଏ)**
କୁଚିଣ୍ଡା ସ୍ଥିତ ଶ୍ରମିକ ଭବନରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ କୁମାର ମହାନ୍ତି ପ୍ରଥମେ ପଣ୍ଡିତଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ତାଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ବିଶ୍ୱନାଥ ପଣ୍ଡିତଙ୍କ ତ୍ୟାଗପୂତ ଜୀବନ ଦର୍ଶନ, ଶ୍ରମିକ ଆନ୍ଦୋଳନରେ ବଳିଷ୍ଠ ଭୂମିକା ଏବଂ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ପ୍ରତିଷ୍ଠାତା ସଭାପତି ଭାବେ ସ୍ମରଣୀୟ ହୋଇ ରହିବ ବୋଲି ସଭାପତି ମହାନ୍ତି ଉପସ୍ଥିତ କେନ୍ଦୁପତ୍ର କର୍ମଚାରୀମାନଙ୍କୁ ଉଦବୋଧନ ଦେଇଥିଲେ । ଏଥିରେ ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୃଜା, ଡିଭିଜନ ସମ୍ପାଦକ କୀର୍ତ୍ତନ ସେନାପତି, ନବୀନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୀମରାଜ ପ୍ରସାଦ, କୋଷାଧ୍ୟକ୍ଷ ଦଇତାରି ନାଏକ, ଭିକାରୀ ନାଏକ, ଜଗନ୍ନାଥ ନାଏକ, ହୀରାଲାଲ ପାଣିଗ୍ରାହୀ, ମିଳନ ପଲେଇ, ପୁଲିନ ସାହୁ, ପୁଷ୍ପକେତୁ ଦେବ, ଲୋକନାଥ ସେନାପତି, ରମେଶ ରାଉତ, ମହେନ୍ଦ୍ର ବେହେରା, ଇନ୍ଦୁମତୀ କିସାନ, ଟିକେଶ୍ୱରୀ କିସାନ, ନିବେଦିତା କିସାନ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।


ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

## ନିର୍ମାଣ ହେବ ୮ ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟ

■ଏସ୍‌ଏଚ୍‌ଜିଙ୍କ ଦ୍ୱାରା ପରିଚାଳନା ହେବ

**ସମ୍ବଲପୁର,୩।୧(ବ୍ୟୁରୋ)**
ସମ୍ବଲପୁର ମହାନଗର ନିଗମରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଆଉ ଏକ ପଦକ୍ଷେପ ଗ୍ରହଣ କରିଛି । ସହରର ୮ ସ୍ଥାନରେ କମ୍ପୋଷ୍ଟ ପ୍ଲାଣ୍ଟ ନିର୍ମାଣ କରାଯିବାକୁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ କାମ ଆରମ୍ଭ ହୋଇଛି। କମ୍ପୋଷ୍ଟ ପ୍ଲାଣ୍ଟକୁ ଏସ୍‌ଏଚ୍‌ଜି ମହିଳାମାନେ ତଦାରଖ କରିବା ସହ ପରିଚାଳନା କରିବେ ବୋଲି ସ୍ଥିର ହୋଇଛି । ସହରରୁ ବାହାରୁ ଥିବା ବର୍ଜ୍ୟବସ୍ତୁକୁ ପୃଥକ୍ ପୃଥକ୍ କରି କମ୍ପୋଷ୍ଟ ତିଆରି କରାଯିବ । ତାହା ବଜାରରେ ବିକ୍ରି କରିବାର ସୁବିଧା ରହିଛି । ଫଳରେ ଏଥିରେ ମହିଳମାନେ ଲାଭ ପାଇ ପାରିବେ ।
ପ୍ରଥମ ପର୍ଯ୍ୟାୟରେ ୪ଟି ସ୍ଥାନ ରାସନପୁର, ବାଲିବନ୍ଧା, ଦୁର୍ଗାପାଲି ଓ ବୁର୍ଲା ଠାରେ କାମ ଆରମ୍ଭ କରାଯାଇଛି । ଅନ୍ୟ ୪ ଟିରେ କାଇଁଶିର, ଚାଆଁରପୁର ଓ ହୀରାକୁଦରେ ୨ ଟି ପ୍ଲାଣ୍ଟ ନିର୍ମାଣ ହେବ । ଏଥିପାଇଁ ଖୁବ ଶୀଘ୍ର କାମ ଆରମ୍ଭ କରାଯିବ । ପ୍ରତ୍ୟେକ ପ୍ଲାଣ୍ଟ ପ୍ରତିଦିନ ୫ ଟନ କ୍ଷତ ତିଆରି କରି ପାରିବ। ଗୋଟିଏ ପ୍ଲାଣ୍ଟର ବ୍ୟୟ ଅଟକଳ ୭୯ ଲକ୍ଷ ରହିଛି । ପ୍ରତିଦିନ ଘର ବାହାରୁ ଥିବା ବର୍ଯ୍ୟବସ୍ତୁ ଓ ଅନ୍ୟ ସମାଗ୍ରୀକୁ ପୃଥକ ପୃଥକ କରାଯିବ । ଯେଉଁ ସାମଗ୍ରୀ କମ୍ପୋଷ୍ଟରେ ପରିଣତ ହେବ ତାହା ରଖାଯାଉ ଖତ ତିଆରି କରାଯିବ । ଏହା ହେବା ଫଳରେ ପରିବେଶ ପ୍ରଦୂଷଣରୁ ମୁକ୍ତ ପାଇବ। ସେହିପରି ପ୍ଲାଷ୍ଟିକ, ଆଲୁମିନିୟମ, ଲୁହା, କାଚକୁ ନଷ୍ଟ କରିବା ପାଇଁ ୩ଟି ସ୍ଥାନରେ ଏମ୍‌ଆରଏଫ୍ ପ୍ଲାଣ୍ଟ ନିର୍ମାଣ କରାଯିବ । ସୁଚନାଯୋଗ୍ୟ, ସହରରୁ ପ୍ରତ୍ୟେକ ଦିନ ପ୍ରାୟ ୧ ଶହ ଟନ ବର୍ଜ୍ୟବସ୍ତୁ ବାହାରୁଛି । ସେଥି ମଧ୍ରରୁ ୫୫ ଟନ କମ୍ପୋଷ୍ଟ ହେଲା ଭଳି ବର୍ଯ୍ୟବସ୍ତୁ ଅଟେ ।

## ଗରମ ପାଣି ପଡି ଶିଶୁ ଗୁରୁତର ଘଟଣା | ୧୪ ଦିନ ଚିକିତ୍ସିତ ହୋଇ ଘରକୁ ଫେରିଲେ

ରିଆମାଳ,୩।୧(ଡି.ଏନ.ଏ.)- ଗତ ଡିସେମ୍ବର ୨୧ରେ ରିଆମାଳ ବ୍ଲକ ଅନ୍ତର୍ଗତ ଠିଆନାଳ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରର ପାଚିକାଙ୍କ ଅସାବଧାନତା ଯୋଗୁ ଉକ୍ତ ଗ୍ରାମର ବୈକୁଣ୍ଠ ଦେହୁରୀଙ୍କ ଝିଅ ପଲ୍ଲବୀ (୪)ଉପରେ ଗରମ ପାଣି ପଡ଼ି ଯାଇଥିଲା। ସଙ୍ଗେସଙ୍ଗେ ତାକୁ ଛେଣ୍ଡିପଦା, ଅନୁଗୋଳ ଓ ପରେ ଗୁରୁତର ହେବାରୁ କଟକ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କଟକରେ ୧୪ ଦିନ ରହି ଚିକିତ୍ସା ପରେ ୬୦ ଶତକଡା ଭଲ ହେବା ପରେ ଡାକ୍ତର ତାଙ୍କୁ ଘରକୁ ପଠେଇ ଦେଇଥିବା ଜଣାପଡିଛି। ଅପରପକ୍ଷରେ ଫେରିଲା ପରେ ଗ୍ରାମରେ ଶୁକ୍ରବାର ଏକ ବୈଠକ କରାଇ ପଲ୍ଲବୀର ଉପଯୁକ୍ତ ଚିକିତ୍ସା ଓ ଯାହାଖର୍ଚ୍ଚସବୁ ଅଙ୍ଗନୱାଡି ଦିଦି ବୁଝିବେ ବୋଲି ନିଷ୍ପତି ନିଆଯାଇଛି। ପ୍ରକାଶ ଥାଉକି ବୈକୁଣ୍ଠ ଦେହୁରୀଙ୍କ ଝିଅ ପଲ୍ଲବୀ (୪) ସବୁଦିନ ପରି ସେଦିନ ଅଙ୍ଗନୱାଡି କେନ୍ଦ୍ରକୁ ପଢିବାକୁ ଯାଇଥିଲେ। କେନ୍ଦ୍ରର ପାଚିକା ଅଣ୍ଡାସିଝା ପାଣିଫୋପାଡିବାବେଳେ ଅସାବଧାନତା ଯୋଗୁ ପଲ୍ଲବୀ ଉପରେ ପଡିଥିଲା। ଗରମ ପାଣି ପଡିବାରୁ ପଲ୍ଲବୀର ମୁହଁ, ଆଖି, ଛାତି ପେଟ ପୋଡିଯାଇଥିଲା। ଏବେ ପଲ୍ଲବୀର ସ୍ୱାସ୍ଥ୍ୟ ଠିକ ଥିବା ପିତା ବୈକୁଣ୍ଠ କହିଛନ୍ତି।

■ଟ୍ରକ୍ ପଛରେ ପିଟିଲା ଟ୍ରକ

# କ୍ୟାବିନରେ ୨ଘଣ୍ଟା ଚାପି ହୋଇ ଡ୍ରାଇଭର ମୃତ



ଶୁକ୍ରବାର ସମ୍ବଲପୁର ଭାଲୁପାଲି ଛକ ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଟ୍ରକ୍ ।

**ସମ୍ବଲପୁର, ୩।୧ (ବ୍ୟୁରୋ)**
ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଭାଲୁପାଲି ନିକଟରେ ଟ୍ରକ ପଛରେ ଅନ୍ୟ ଏକ ଟ୍ରକ ପିଟି ହେବା ଫଳରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପୁରୀ ଜିଲାର ରୋହିତ ବେହେରା। ଟ୍ରକ କ୍ୟାବିନରେ ରୋହିତ ପ୍ରାୟ ୨ଘଣ୍ଟା ଧରି ଚାପି ହୋଇ ରହିଥିଲେ। ଜିଲା ସଦର ଡାକ୍ତରଖାନାରେ ରୋହିତଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଉଦ୍ଧାର କାର୍ଯ୍ୟ ବିଳମ୍ବ ହେବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ହେଲପର୍ ପ୍ରକାଶ ପ୍ରଧାନ ଗୁରୁତର ହୋଇଛନ୍ତି । ସେ ଜିଲା ସଦରଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ରହିଛନ୍ତି । ଅଇଁଠାପାଲି ଥାନା ପୋଲିସ କେଶ ନଂ. ୪/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।
ସୂଚନାଯୋଗ୍ୟ, ଝାରସୁଗୁଡାରୁ ଏକ ଟ୍ରକ (ନଂ. ଓଡି ୨୯ ଏଫ- ୧୧୨୫) ସମ୍ବଲପୁର ପଟକୁ ଆସୁଥିଲା। ଭାରସାମ୍ୟ ହୋଇ ରାସ୍ତା ଡିଭାଇଡର୍‌ରେ ଚଢ଼ି ଦୁର୍ଘଟଣାଗସ୍ତ ହୋଇଥିଲା । ସେହିପରି ପଛପଟୁ ଆସୁଥିବା ଅନ୍ୟ ଟ୍ରକ (ନଂ.ଓଡି ୨୯ ଏଫ- ୯୭୨୫) ଆସି ପଛପଟୁ ଧକ୍କା ଦେଇଥିଲା । ଫଳରେ ପଛ ଟ୍ରକର କ୍ୟାବିନଟି ସଂପୂର୍ଣ୍ଣ ଭିତରକୁ ପଶି ଯିବାବେଳେ ପଛରେ ଲୋଡ ହୋଇଥିବା ଆଲୁମିନିୟମ ପିଣ୍ଡଗୁଡିକ ଚାପି ହୋଇଯାଇଥିଲା । ଡ୍ରାଇଭର ରୋହିତ ଛଟପଟ ହୋଇ ଚିତ୍କାର କରୁଥିଲେ । ପ୍ରାୟ ୨ଘଣ୍ଟା ଜୀବନ ସହ ସଂଘର୍ଷ କରିଥିଲେ । ଘଟଣାସ୍ଥଳରେ ଥିବା ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ପାରି ନ ଥିଲା । ଉଦ୍ଧାର କାର୍ଯ୍ୟ ବିଳମ୍ବ ହେବାରୁ ରୋହିତଙ୍କ ପ୍ରାଣବାୟୁ ଉଡିଯାଇଥିଲା ।

## ବାଇକ ଦୁର୍ଘଟଣାରେ ଯୁବକ ମୃତ

**ସମ୍ବଲପୁର,୩।୧(ବ୍ୟୁରୋ)**
ସମ୍ବଲପୁର ଜିଲା ଅଇଁଠାପାଲି ଥାନା ମାଲିପାଲି ଛକ ନିକଟରେ ବାଇକ ଦୁର୍ଘଟଣା ଘଟି ବିବେକ ଅଗ୍ରୱାଲ (୨୩)ଙ୍କ ମୃତ୍ୟୁ ଘଟିଛି । ବିବେକ ବାଇକ (ନଂ. ଓଡି ୧୫ ପି- ୫୬୦୯) ଯୋଗ ସମ୍ବଲପୁର ପଟକୁ ଆସୁଥିଲେ । ହେଲେ ଭାରସାମ୍ୟ ହରାଇ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା । ଅଇଁଠାପାଲି ଥାନା ପୋଲିସ ମାମଲା ( ନଂ. ୨/୨୦) ରୁଜୁ କରି ଘଟଣାର ତଦନ୍ତ କରୁଛି ।

## ୪୫ହଜାର ଟଙ୍କା ଲୁଟ୍ ଅଭିଯୋଗରେ ଯୁବକ ଗିରଫ

**ବିନିକା,୩।୧ (ଡି.ଏନ୍.ଏ.)**
ବିନିକା-ରାମପୁର ମୁଖ୍ୟ ରାସ୍ତାର ଦାନିପାଲି ଛକ ନିକଟରେ ଜଣେ ବୃଦ୍ଧଙ୍କୁ ଲିଫ୍ଟ ଦେଇ ନକଟାମୁଣ୍ଡା ଗ୍ରାମର ନାରାୟଣ ମେହେର ନାମକ ଜଣେ ବ୍ୟକ୍ତି ୪୫ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ଅଭିଯୋଗକାରୀ ସର୍ଗୁଣା ଗ୍ରାମର ପୀତ କୁଅଁର ୩୦ ତାରିଖ ବିନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ବିନିକା ଥାନାରେ ଏକ ମାମଲା (ନଂ-୧) ରୁଜୁ ହୋଇଛି। ବିନିକା ପୋଲିସ ଅଭିଯୁକ୍ତ ନାରାୟଣଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ଥାନାରେ ଅଟକ ରଖି ଘଟଣା ବିଷୟରେ ପଚରା ଉଚୁରା ଚଳାଇଥିଲା। ଶେଷରେ ଶୁକ୍ରବାର ତାଙ୍କଠାରୁ ସମସ୍ତ ଟଙ୍କା ଜବତ କରି କୋର୍ଟ ଚାଲାଣ କରିଛି।


**UTKAL UNIVERSITY**
VANI VIHAR, BHUBANESWAR - 751004
ODISHA, INDIA
UTKAL UNIVERSITY
NAAC ACCREDITED A+
NATIONAL HIGHER EDUCATION MISSION

No. DRS/RUSA-1041-2016 (HR)/16 /2020 Dated the 3 January 2020

**INDICATIVE ADVERTISEMENT**

**Walk in Interview for Empanelment of Human Resources under RUSA 2.0 Project**

Applications are hereby invited from eligible candidates for empanelment / engagement of the following human resources in different project activities under RUSA 2.0. of the Utkal University at Vani Vihar, Chandikhole and at different regions of India (North, South, East and West). The University reserves the right to withdraw partial or full notification without assigning any reason. The empanelment / engagement of human resources is purely temporary and for a period up to 31 March 2020 and likely to be extended further depending on the availability of fund under RUSA 2.0.

| Sl | Position | Salary (in ₹/ Month) | No. of Position | Date of Interview |
|---|---|---|---|---|
| RURAL OUTREACH PROGRAM | | | | |
| 1 | Program Director | 80,000 - 1,00,000 | 1 | 14 January 2020 |
| 2 | Program Manager in the fields of (i) Health, (ii) Gender (iii) Agriculture, (iv) Artisans, (v) Youth, & (vi) Indigenous Knowledge | 40,000 - 45,000 | 4 | 14 January 2020 |
| REGIONAL CENTERS AT IN DIFFERENT REGIONS OF INDIA (NORTH, SOUTH, EAST & WEST) | | | | |
| 3 | Academic Coordinator | 1,00,000 | 4 | Will be intimated by e-mail |
| UTKAL ENTREPRENEURSHIP AND CAREER HUB (UECH) | | | | |
| 4 | Director, UECH | 80,000 - 100,000 | 1 | 14 January 2020 |
| 5 | Incubation Manager-IT / Training & Event | 50,000 - 60,000 | 1 | 14 January 2020 |
| 6 | Receptionist | 10,000 | 1 | 10 January 2020 |
| RUSA CELL | | | | |
| 7 | Consultant (Engineer) | 60,000 - 70,000 | 1 | 16 January 2020 |
| PR AND MEDIA CELL | | | | |
| 8 | Public Relation Officer | 50,000 - 60,000 | 1 | 16 January 2020 |
| 9 | Documentation Officer / Creative Writer | 50,000 - 60,000 | 1 | 16 January 2020 |
| 10 | Research Assistant | 15,000 - 20,000 | 1 | 10 January 2020 |

The detailed guideline indicating eligibility criteria and terms of reference and conditions, prescribed application form and other details can be downloaded from the website of the Utkal University **https://www.utkaluniversity.nic.in.**
The candidates seeking empanelment / engagement of human resources are required to send the filled in prescribed application form to **rusauuhr@gmail.com** on or before **9 January 2020** and come for walk in interview with the hard copies of the application along with the self-attested photocopies of the mark-sheets, certificates / degrees and other relevant documents and Original certificates and mark sheet in the prescribed date of walk-in-interview.

**Sd/- REGISTRAR**



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଅଭିଭାବକ ସମ୍ମିଳନୀ

ଭବାନୀପାଟଣା, ୩।୧(ଡି.ଏନ୍.ଏ.): ଭବାନୀପାଟଣା ସଦର ବ୍ଲକ କିସ୍ ବିଦ୍ୟାଳୟ ପରିସରରେ ଏକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କିସ ଅଭିଭାବକ ସଂଘ ସଭାପତି କନ୍ଧୁଧର ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମା' ମାଣିକେଶ୍ୱରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ମୁଖ୍ୟବକ୍ତା, ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ ସିଂ ସମ୍ମାନିତ ଅତିଥି, ଭବାନୀପାଟଣା ବ୍ଲକ ଉପାଧ୍ୟକ୍ଷ ସଚିଦାନନ୍ଦ ମହାଖୁଡ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

# ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ୍‌ରେ କର୍ମଶାଳା: କର୍ମ ହିଁ ଭଗବାନ

ସମ୍ବଲପୁର, ୩।୧ (ବ୍ୟୁରୋ)





ଶୁକ୍ରବାର ସମ୍ବଲପୁର ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ ସଭାକକ୍ଷରେ ଡବାବାଲା ରିତେଶ ଆନ୍ଦ୍ରେ ବକ୍ତବ୍ୟ ଦେଉଛନ୍ତି । କର୍ମଶାଳାରେ ଯୋଗଦେଇଥିବା ଶିଳ୍ପଦ୍ୟୋଗି ଓ ଛାତ୍ରୀଛାତ୍ରମାନେ ।

ବ୍ୟବସାୟିକ ବିକାଶ ଓ ଶୈଳୀ ଶୀର୍ଷକ ସ୍ୱତନ୍ତ୍ର କର୍ମଶାଳା ଶୁକ୍ରବାର ଶାସନ ଦେବେଇପାଲିସ୍ଥିତ ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ ଅଫ୍ ଟେକନୋଲୋଜି ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁମ୍ବାଇର ପ୍ରତିଷ୍ଠିତ ଡବାବାଲା ରିତେଶ ଆନ୍ଦ୍ରେ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ । ସେ କହିଥିଲେ ଯେ, କାର୍ଯ୍ୟ ହିଁ ଭଗବାନ ଅଟେ । ଯେବେ ମଣିଷ ନିଜ କାମରେ ଈଶ୍ୱରଙ୍କୁ ଦେଖିବା ଆରମ୍ଭ କରିବ, ସେତେ ବେଳେ ସେ ସଫଳତାର ଶୀର୍ଷରେ ପହଞ୍ଚି ପାରିବ । ମାନବ ସେବା ହିଁ ମାଧବ ସେବା ଉକ୍ତିଟି କେବଳ ପୁସ୍ତକ ଗତ ଭାଷଣରେ ନୁହେଁ, ଏହି ଉକ୍ତିକୁ ବ୍ୟବସାୟରେ ଯଥାର୍ଥରେ ନିଜ କାର୍ଯ୍ୟରେ ଉପଯୋଗ କରିପାରିଲେ ସେମାନେ ବ୍ୟବସାୟୀ ଶିଖରରେ ପହଞ୍ଚି ପାରିବ । ଏଥିରେ କୌଣସି ଏଥିରେ କୌଣସି ଦ୍ୱିମତ ନାହିଁ । ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ ଅଫ୍ ଟେକନୋଲୋଜି ସମ୍ପାଦକ ସଞ୍ଜୀବ ଅଗ୍ରୱାଲ ରିତେଶ ଓ ତାଙ୍କ ସହଯୋଗୀ ସୁନୀଲ ସିନ୍ଦ୍ରେଙ୍କୁ ଉପଢ଼ୌକନ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଇନଷ୍ଟିଚ୍ୟୁଟର ଶ୍ୱେତାଞ୍ଜଳି ନାୟକ ଓ ପ୍ରଜ୍ଞା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ରାଜଶେଖର ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କର୍ମଶାଳାରେ ବିଭିନ୍ନ ଅଞ୍ଚଳରୁ ଛାତ୍ରୀଛାତ୍ର, ଶିଳ୍ପଦ୍ୟୋଗୀମାନେ ଯୋଗଦେଇଥିଲେ । ସୂଚନାଯୋଗ୍ୟ, ମୁମ୍ବାଇରେ ଡବାବାଲା ଦୈନିକ ୧୬ ମିଲିୟନ ଲୋକଙ୍କୁ ରନ୍ଧାଖାଦ୍ୟ ପହଞ୍ଚାଇଥାନ୍ତି । ସେମାନଙ୍କ ଏହି ସଫଳ ବ୍ୟବସାୟିକ ସାମ୍ରାଜ୍ୟର ତରିକା ବିଷୟରେ ହାୱାର୍ଡ ବିଜିନେଶ ସ୍କୁଲ ଆଇଆଇଏମ ଅହମ୍ମଦା ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ କେସ ଷ୍ଟଡି ପାଠ୍ୟକ୍ରମରେ ମଧ୍ୟ ସାମିଲ କରାଯାଇଛି ।

# ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ଉତ୍ସବ ପ୍ରଧାନପାଟ

ଦେବଗଡ,୩।୧ (ଡି.ଏନ.ଏ)

ଆସନ୍ତା ଫେବୃୟାରୀ ଦ୍ୱିତୀୟ ସପ୍ତାହ ସୁଦ୍ଧା ଜିଲା ମହୋତ୍ସବ ଉତ୍ସବ ପ୍ରଧାନପାଟ ଆୟୋଜନ କରାଯିବା ପାଇଁ ଶୁକ୍ରବାର ଅନୁଷ୍ଠିତ ଜିଲା ସଂସ୍କୃତି ପରିଷଦ ଏବଂ ଉତ୍ସବ ପ୍ରଧାନପାଟ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉତ୍ସବ ପ୍ରଧାନପାଟକୁ ପାଞ୍ଚଦିନ କରିବା ପାଇଁ ସ୍ଥିର କରାଯାଇଛି । ଜିଲା ବ୍ୟାପି ଜନସାଧାରଣଙ୍କ ଉତ୍ସବରେ ସମ୍ପୃକ୍ତି ନିମନ୍ତେ ପ୍ରତ୍ୟେକ ବ୍ଲକର ଗ୍ରାମପଞ୍ଚାୟତସ୍ତରରେ ପଥପ୍ରାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଉତ୍ସବ ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ଜିଲାପାଳ ସାମଲ ଗୁରୁତ୍ୱାରୋପ କରିଥିଲେ । ଉତ୍ସବ ଆୟୋଜନ ନିମନ୍ତେ ବିଭିନ୍ନ ଜିଲାର ଭଲ ଭଲ ଲୋକନୃତ୍ୟଦଳ ଏବଂ ଅନ୍ୟ ପ୍ରଦେଶର ଭିନ୍ନ ଭିନ୍ନ ଶୈଳୀର ଲୋକନୃତ୍ୟଦଳ ସହିତ ଜିଲା ଭିତରେ ଥିବା ଶ୍ରେଷ୍ଠ ସାଂସ୍କୃତିକ ଦଳମାନଙ୍କୁ ଯୋଗାଯୋଗ କରାଯିବା ନିମନ୍ତେ ସ୍ଥିର କରାଯାଇଛି । ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ ଉତ୍ସବ ଅବସରରେ ପଲ୍ଲୀଶ୍ରୀ ମେଳା, ଖାଦ୍ୟମେଳା ଏବଂ ଜିଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନୀ ଆୟୋଜନ କରାଯିବ । ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଭିନ୍ନ ଭିନ୍ନ ସବ-କମିଟି ଗଠନ କରାଯିବ । ପ୍ରତ୍ୟେକ ବର୍ଷ ଭଳି ଉତ୍ସବ ସମୟରେ କବିତା ପାଠୋତ୍ସବ ଆୟୋଜନ କରାଯିବ ଏବଂ ଏହି ଅବସରରେ ଏକ ସ୍ମରଣୀକା ପ୍ରକାଶନ ନିମନ୍ତେ ବୈଠକରେ ନିଷ୍ପତି ନିଆଯାଇଛି । ବୈଠକରେ ଅତିରିକ୍ତ ଜିଲାପାଳ ଧରମ ହାଁସଦା, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଡିଏସପି ଡି.ଆଇ.ବି. ଶିବପ୍ରସାଦ ବିଶ୍ୱାଳ, ବାରକୋଟ ବିଡିଓ ଟୁନୁ ମେହେର, ପୌର ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନ, ସହକାରୀ ନିର୍ଦ୍ଦେଶକ,ଓରମାସ ସୁବଳ କୁମାର ଜେନାମଣି, ନିଜାରତ ଅଧିକାରୀ ସୁଶାନ୍ତ କୁମାର ନାୟକ, ଜିଲା ସୂଚନ ଓ ଲୋକସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ରଙ୍କ ସମେତ ଜିଲା ସଂସ୍କୃତି ପରିଷଦର ସଦସ୍ୟାସଦସ୍ୟ ଓ ଉତ୍ସବ ପ୍ରଧାନପାଟ ୨୦୧୯ ର ବିଭିନ୍ନ ସବ୍-କମିଟିର ଅଧ୍ୟକ୍ଷ ଓ ଆବାହକମାନେ ଯୋଗଦେଇଥିଲେ ।



ଦନ୍ତାହାତୀ ଘର ଭାଙ୍ଗି ଦେଇଛି ।

### ଥମୁନି ହାତୀ ଉପଦ୍ରବ

# ଗ୍ରାମବାସୀ ଆତଙ୍କିତ

ଦେବଗଡ଼,୩।୧(ଡି.ଏନ.ଏ)

ଦେବଗଡ ଜିଲାରେ ବିଭିନ୍ନ ସ୍ଥାନରେ ହାତୀ ଆତଙ୍କ ଜାରି ରହିଥିବା ବେଳେ ଗୁରୁବାର ରାତ୍ରୀରେ ଏକ ଦନ୍ତାହତୀ ରିଆମାଳ ଫରେଷ୍ଟ ରେଞ୍ଜ ନୂଆଁଡିହି ସେକ୍ସନ ଅଞ୍ଚଳ ମହାସିନ୍ଧୁ ଗ୍ରାମରେ ଆତଙ୍କ ସୃଷ୍ଟି କରିଛି । ମହାସିନ୍ଧୁ ଗ୍ରାମର ମାଙ୍ଗରା ମୁଣ୍ଡା ଓ ବିଞ୍ଜରା ମୁଣ୍ଡାଙ୍କ ଛପର ଘରକୁ ଉକ୍ତ ଦନ୍ତାହାତୀ ଭାଙ୍ଗିଦେବା ସହ ସେମାନଙ୍କର ବ୍ୟାପକ ଫସଲ ନଷ୍ଟ କରିଛି। ଅନ୍ୟପକ୍ଷରେ ବନ କର୍ମଚାରୀମାନେ ଗ୍ରାମବାସୀଙ୍କ ସହାୟତାରେ ହାତୀ ଘଉଡାଇବାରେ ଲାଗଛନ୍ତି । ହାତୀପଲ ଦ୍ୱାରା ଫସଲହାନୀର ଶିକାରହୋଇ ଚାଷୀ ଦୁର୍ଦ୍ଦଶାରେ ଦିନ କାଟୁଥିବା ବେଳେ ପ୍ରତିଶୋଧ ପରାୟଣ ହୋଇ ହାତୀ ମଣିଷ ଲଢେଇରେ ହାତୀ ଆକ୍ରମଣରେ ଜନସାଧାରଣଙ୍କ ଜୀବନ ଯାଉଥିବା ବେଳେ ଜନସାଧାରଣଙ୍କ ଆକ୍ରମଣରେ ହାତୀର ଜୀବନ ଯାଉଥିବା ଦେଖିବାକୁ ମିଳୁଛି । ଦେବଗଡ ବନଖଣ୍ଡ ଅଞ୍ଚଳରେ ଚଳିତବର୍ଷ ହାତୀ ଉପଦ୍ରବ ପୂର୍ବବର୍ଷ ମାନଙ୍କର ସମସ୍ତ ରେକର୍ଡକୁ ଟପିଥିବା ବେଳେ ଏହା ଉଭୟ ବନ ବିଭାଗ ଓ ହାତୀ ଉପଦୃତ ଅଞ୍ଚଳର ଗ୍ରାମବାସୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜଛି । ଏହାର ପ୍ରତିକାର ଗ୍ରାମବାସୀ ଦାବି କରିଛନ୍ତି ।

# ବ୍ରହ୍ମାକୁମାରୀ ଶିବାନୀ ଖୁସିର ମନ୍ତ୍ର ଦେଲେ

ସମ୍ବଲପୁର, ୩।୧ (ବ୍ୟୁରୋ)



ବୁର୍ଲା ଆନନ୍ଦ ବିହାର ପଡିଆଠାରେ ଏମସିଏଲ ଅଧ୍ୟକ୍ଷ ଭୋଳାନାଥ ଶୁକ୍ଳା ବ୍ରହ୍ମାକୁମାରୀ ଶିବାନୀଙ୍କୁ ସ୍ୱାଗତ କରୁଛନ୍ତି ।

ସଂପ୍ରତି ବିଶ୍ୱର ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସମ୍ଭବପର ନୁହଁ । ସେଥିପାଇଁ ନିଜ ମନକୁ ନିୟନ୍ତ୍ରଣ କରିବା ଉଚିତ । ଏହାଦ୍ୱାରା ସମସ୍ତ ପ୍ରକାର ସମସ୍ୟାର ସମାଧାନ ହୋଇପାରିବ। ଏହା ଫଳରେ ମଣିଷ ନିଜକୁ ସଦାସର୍ବଦା ଖୁସି ଓ ଉତଫୁଲିତ ରଖିପାରିବ। ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓ ମହାନଦୀ କୋଇଲା କମ୍ପାନୀ ପକ୍ଷରୁ ବୁର୍ଲା ଆନନ୍ଦ ବିହାରୀ ପଡିଆରେ ଆୟୋଜିତ ଖୁସିର ଉପହାର କାର୍ଯ୍ୟକ୍ରମରେ ବ୍ରହ୍ମକୁମାରୀ ଶିବାନୀ ଏହି ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଏମସିଏଲ ପରିଚାଳନା ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଭୋଳାନାଥ ଶୁକ୍ଳା ମୁଖ୍ୟଅତିଥି, ବୈଷୟିକ ନିର୍ଦ୍ଦେଶକ ଓପି ସିଂ, ବିର୍ତ୍ତ ନିର୍ଦ୍ଦେଶକ କେଆର ବାସୁଦେବନ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, କେକେ ମିଶ୍ର, ଜାଗୃତି ମହିଳା ମଣ୍ଡଳ ସଭାନେତ୍ରୀ ମଞ୍ଜୁଳା ଶୁକ୍ଳା, ଉପସଭାନେତ୍ରୀ ପଦ୍ମଜା ସିଂ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ବ୍ରହ୍ମାକୁମାରୀ ଡା. ଦାମିନୀ ମେହେଟା ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ବଲପୁର କେନ୍ଦ୍ରର ବ୍ରହ୍ମକୁମାରୀ ପାର୍ବତୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ଶୁକ୍ରବାର ଭୀମସାର ପ୍ରେକ୍ଷାଳୟରେ ମଧ ବ୍ରହ୍ମକୁମାରୀ ଶିବାନୀ ପ୍ରେରଣା ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଭୀମସାର ଅଧ୍ୟକ୍ଷ ଓ ଡିନ ଡା. ବ୍ରଜମୋହନ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ପିଡିଡିଆରଡିଏ ସୁକାନ୍ତ ତ୍ରିପାଠୀ, ଭୀମସାର ସୁପରିଟେଣ୍ଡେଣ୍ଟ ଡା. ଜୟଶ୍ରୀ ଦୋରା ସମ୍ମାନୀତ ଅତିଥି ଥିଲେ ।

# ସେବା ଭାରତୀର ସେବାକାର୍ଯ୍ୟ ଆରମ୍ଭ

ମଥୁରାନଗରୀ,୩।୧

ବରଗଡ଼ ଧନୁଯାତ୍ରା ଅବସରରେ ସେବା ଭାରତୀ, ବରଗଡ଼ ଶାଖା ପକ୍ଷରୁ ସ୍ୱତନ୍ତ୍ର ସେବାକାର୍ଯ୍ୟ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ଷ୍ଟଲ ଖୋଲାଯାଇଛି । ତହସିଲଦାର ସବ୍ୟସାଚୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦାନ କରି ଏହାକୁ ଉଦଘାଟନ କରିଥିଲେ। ନଗର ସଂଘ ଚାଳକ ଡା. ଅର୍ଜୁନ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଆରଏସଏସ, ସମ୍ବଲପୁର ବିଭାଗର ପ୍ରଚାରକ ଶ୍ରୀମନ୍ତ ପ୍ରଧାନ ମୁଖ୍ୟବକ୍ତା, ସେବା ଭରତୀ ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ହୃଷିକେଶ ନାଥ ସେବାକାର୍ଯ୍ୟ ଉପରେ ମତ ଉପସ୍ଥାପନ କରିଥିଲେ। ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆ ମୀନାବଜାରରେ ଏହି କାର୍ଯ୍ୟକ୍ରମ ଚାଲିବ। ଏଥିରେ ସ୍ୱଚ୍ଛତା, ସଚେତନତା, ପାନୀୟଜଳ ବଣ୍ଟନ, ଆମ୍ବୁଲାନ୍ସ ସେବା, ଆଶୁ ଚିକିତ୍ସା, ଜୈବିକ କୃଷିର ପ୍ରଚାର, ପ୍ରସାର ଆଦି ସେବା ଦିଆଯାଉଛି। ନଗର କାର୍ଯ୍ୟବାହ ପ୍ରତାପ ପଟ୍ଟନାୟକ, କେଦାର ମିଶ୍ର, ମୃତ୍ୟୁଞ୍ଜୟ ମହାରଣା, ପ୍ରକାଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଇତ ଚାଷ ସୁନା ଚାଷ**
**ବୈଶାଖ ଚାଷ କୁଟୁମ୍ବ ପୋଷ**
**ଜ୍ୟେଷ୍ଠେ ଚାଷ ରାଜା ପୋଷ**
**ଆଷାଢ଼ ଚାଷ ବେଲହୁଁ ଖସ ।**

ଚଇତ ମାସରେ ଚାଷ କରାଗଲେ ଚାଷବାସରୁ ଭଲ ଅମଳ ମିଳିଥାଏ। ବୈଶାଖ ମାସରେ କରାଯାଇଥିବା ଚାଷରୁ ଯାହା ଉପାର୍ଜନ ହୋଇଥାଏ ତାହା କୁଟୁମ୍ବ ପୋଷିବାରେ ଅସୁବିଧା ରହି ନ ଥାଏ। ସେହିପରି ଜ୍ୟେଷ୍ଠମାସରେ ଚାଷକାର୍ଯ୍ୟ ଆରମ୍ଭ କଲେ ଚାଷରୁ ଯାହା ମିଳେ ସେତକ ଖଜଣା ଦେବାରେ ଖର୍ଚ୍ଚ ହୋଇଯାଇଥାଏ । ପରନ୍ତୁ ଆଷାଢ଼ ମାସରେ ଚାଷ କଲେ ଚାଷରେ କ୍ଷତି ଘଟିବାର ବହୁ ସମ୍ଭାବନା ରହିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଚୂନକୁ ଯେବେ ପାନ ଥାଆନ୍ତା**
**ଦି' କଳ ନାଳି ବୋହି ପଡ଼ନ୍ତା ।**

କିଛି ବ୍ୟକ୍ତି ଅନ୍ୟଆଗରେ ନିଜର ବୃଥା ବଡ଼ିମା ଦେଖେଇ ହୁଅନ୍ତି। ନିଜେ ଯେତେ ନୁହଁ କି ଯାହା ନୁହଁ ତାହାଠୁ ଅତିରଞ୍ଜିତ କରି ଅନ୍ୟର ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା ଚଳାଇଥାନ୍ତି। ବ୍ୟକ୍ତିଙ୍କ ଏପରି ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# କ୍ରିକେଟ ଟୁର୍ନାମେଣ୍ଟ : ଭାଟସିଂ ଚାମ୍ପିୟନ

ଦେବଗଡ଼,୩।୧(ଡି.ଏନ.ଏ)

ତିଲେଇବଣି ବ୍ଲକ ବଡଛାପଲ ପଞ୍ଚାୟତ ଅଧୀନ ବ୍ରହ୍ମାସାଧୁବାହାଲ ଗ୍ରାମରେ ମୋଟ ୧୬ଟି ଟିମକୁ ନେଇ ଦୀର୍ଘ ୬ ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ କୁଚୁରାପୋଶି କ୍ରିକେଟ ଟିମକୁ ୪୫ ରନରେ ପରାସ୍ତ କରି ଭାଟସିଂ କ୍ରିକେଟ ଟିମ ଚାମ୍ପିୟନ ହୋଇଛି। ଭାଟସିଂ କ୍ରିକେଟ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ମୋଟ ୧୩୯ ରନ ସଂଗ୍ରହ କରିଥିଲା । ଏହାର ଜବାବରେ କୁଚୁରାପୋଶି କ୍ରିକେଟ ଟିମ ବ୍ୟାଟିଂ ଆରମ୍ଭ କରି ୫ ଉଇକେଟ ହରାଇ ମାତ୍ର ୯୪ ରନ ସଂଗ୍ରହ କରିବା ସହ ୪୫ ରନରେ ପରାଜୟ ବରଣ କରିଥିଲା। ଅପରାହ୍ନରେ ଆୟୋଜକ କମିଟିର ସଭାପତି ଲମ୍ବୋଦର ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ବ୍ଲକ ଅଧ୍ୟକ୍ଷ ସୁବାସିନୀ ଦେହୁରୀ, ସମ୍ମାନିତ ଅତିଥି ଭାବେ ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, ଜିଲାପରିଷଦ ସଦସ୍ୟା ବୃନ୍ଦାବତୀ ଭୋଇ, ବଡଛାପଲ ପଞ୍ଚାୟତର ସରପଞ୍ଚ ଅଜିତ କୁମାର ଭୋଇ ଓ ଯୁବନେତା ବିରଞ୍ଚି ନାରାୟଣ ନନ୍ଦ ଯୋଗଦେଇ ଚାମ୍ପିୟନ ଭାଟସିଂ କ୍ରିକେଟ ଟିମ ଓ ରନର୍ସ ଅପ୍ କୁଚୁରାପୋଶି କ୍ରିକେଟ ଟିମକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ । ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ ଜ୍ଞାନେନ୍ଦ୍ର ପ୍ରଧାନ ଓ ଚୈତନ୍ୟ ଦେହୁରୀ ପରିଚାଳନା କରିଥିଲେ । ଟୁର୍ନାମେଣ୍ଟ ଆୟୋଜନରେ ଆୟୋଜକ କମିଟିର ସଦସ୍ୟ ହୃଷିକେଶ ଦେହୁରୀ, ସୁରେଶ ଚନ୍ଦ୍ର ଦେହୁରୀ, ସନ୍ତୋଷ କୁମାର ଦେହୁରୀ ଓ ମୋଇନ କିଷାନଙ୍କ ପ୍ରମୁଖ ସହଯୋଗ କରିଥିଲେ ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଖର୍ଚ୍ଚ ରଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨0 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

UJJIVAN FINANCE
ଭାରତର ନଂ.1 କମ୍ପାନୀ
ଋଣ 1% ସୁଧ 50% ଛାଡ଼
ମୁଦ୍ରା ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ, ଆଦି ସବୁ ଋଣ
ସବୁ ଋଣ 24 ଘଣ୍ଟାରେ ପାଆନ୍ତୁ
*C&T Apply
ଚାଷୀ, ମହିଳାଙ୍କ ପାଇଁ ବିଶେଷ ଅଫର
094738-08189
073762-57896

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ
ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଳି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ
REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

ଋଣ ଧମାକା
ଋଣ ପାଆନ୍ତୁ ଆଧାରକାର୍ଡରୁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁ ପାଳନ, ସମୂହ ଋଣ ।
ଫୋନ୍ କରନ୍ତୁ
9162071458
8863936059
New Ashok Nagar, East Delhi, Delhi

ଲକ୍ଷ୍ମୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୧% ସୁଧରେ ଘରେ ବସି ପାଆନ୍ତୁ (All Odisha)।
ମହିଳା ଓ ଚାଷୀ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
Neha - 7587695952,
Mansi - 9977126495,
Vedika - 7773046066,
Riya - 9630505047,
Priya - 8269113958,
Anju - 7509661004

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନି ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

KUBER FINANCE
Kuber ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ ।
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
7056393742

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୂଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା
୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର



"ମୁଁ ଏବେ ଅଭିନେତ୍ରୀ ଦୀପିକା ପାଦୁକୋନ୍‌ଙ୍କ ସହ ଅଭିନୟ କରିବାକୁ ଚାହୁଁଛି। ଆମକୁ ନେଇ ଫିଲ୍ମ କରିବାକୁ ଚାହୁଁଥିବା ନିର୍ଦ୍ଦେଶକ ଆଗକୁ ଆସନ୍ତୁ।

- କାର୍ତ୍ତିକ ଆର୍ଯ୍ୟାନ୍, ବଲିଉଡ୍ ଅଭିନେତା



# ଆଲିଆଙ୍କୁ ଭିଡ଼ରୁ ବଞ୍ଚାଇଲେ ରଣବୀର

**ମୁମ୍ବାଇ:** ବଲିଉଡ୍‌ର ସବୁଠାରୁ ଚର୍ଚ୍ଚିତ ଯୋଡ଼ିଙ୍କ ମଧ୍ୟରେ ଆଲିଆ ଭଟ୍ଟ ଓ ରଣବୀର କପୁର ଅନ୍ୟତମ। ଦୀର୍ଘଦିନରୁ ବି'ଟାଉନରେ ତାଙ୍କ ବିବାହକୁ ନେଇ ଚର୍ଚ୍ଚା ଲାଗିରହିଛି। ବଲିଉଡ୍ ସେଲିବ୍ରିଟିମାନେ ନିଜ ନିଜ ଡେଷ୍ଟିନେଶନ୍‌ରେ ନୂଆବର୍ଷ ପାଳିଥିବା ବେଳେ ରଣବୀର ଓ ଆଲିଆ ମଧ୍ୟ ନିକଟତର ବନ୍ଧୁ ଅୟାନ ମୁଖାର୍ଜୀଙ୍କ ସହ ଛୁଟି କାଟିବାକୁ ବାହାରକୁ ଯାଇଥିଲେ। ସେହି ସମୟର କେତେକ ଫଟୋକୁ ଆଲିଆ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ନୂଆବର୍ଷ ସେଲିବ୍ରେଟ କରି ଶୁକ୍ରବାର ଭାରତକୁ ଫେରିଥିବା ବେଳେ ତାଙ୍କୁ ସକାଳେ ଏୟାରପୋର୍ଟରେ ସ୍ପଟ୍ କରାଯାଇଥିଲା। ଆଲିଆ ଓ ରଣବୀର ଏୟାରପୋର୍ଟରୁ ବାହାରକୁ ବାହାରିବା ମାତ୍ରେ ତାଙ୍କୁ ପ୍ରଶଂସକ ଘେରିଯାଇଥିଲେ। ତାଙ୍କ ସହ ସେଲ୍ଫି ନେବାକୁ ସେଠାରେ ପ୍ରଶଂସକଙ୍କ ଭିଡ଼ ଜମିଥିଲା। ଏଥିଯୋଗୁ ଆଲିଆଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେହି ସମୟରେ ରଣବୀର ତାଙ୍କୁ ଭିଡ଼ରୁ ବାହାର କରିଥିବା ଦେଖିବାକୁ ମିଳିଛି। ସେତେବେଳେ ରଣବୀର ଆଲିଆଙ୍କ ପ୍ରତି ବେଶ୍ ଯତ୍ନଶୀଳ ହୋଇପଡ଼ିଥିବା ବେଳେ ଏଥିରେ ତାଙ୍କର ଭଲପାଇବାର ଝଲକ ଦେଖିବାକୁ ମିଳିଥିଲା।



# ଲଟେରିରେ କୋଟିଏ ଜିତି ସୁରକ୍ଷା ଲୋଡ଼ିଲେ

**କୋଲକାତା:** ପଶ୍ଚିମବଙ୍ଗର ପୂର୍ବ ବର୍ଦ୍ଧମାନ ଜିଲାରେ ଏଭଳି ଏକ ଘଟଣା ଘଟିଛି ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବର୍ଦ୍ଧମାନ ଜିଲାରେ ରହୁଥିବା ଜଣେ ୭୦ ବର୍ଷୀୟ ବ୍ୟକ୍ତି ଚର୍ଚ୍ଚାର ପରିସରକୁ ନେଇଆସିଛି। ନାରାୟଣ ସେନ୍ ଲଟେରିରେ ୧କୋଟି ଟଙ୍କା ଜିତିବା ପରେ ଭୟରେ ସେ ଏବେ ପୋଲିସକୁ ସୁରକ୍ଷା ମାଗିଛନ୍ତି। ରବିବାର ନାରାୟଣ ନାଗାଲାଣ୍ଡ ଷ୍ଟେଟ ଲଟେରିରୁ ୧୦ଟି ଟିକେଟ ମୋଟ ୬୦ ଟଙ୍କାରେ କିଣିଥିଲେ। ଟିକେଟ କିଣି ସେ କ'ଣ ଲେଖା ହୋଇଛି ନ ପଢ଼ି ଚୁପ୍‌ଚାପ୍ ପକେଟରେ ରଖିଦେଇଥିଲେ। ହେଲେ ପରେ ଜାଣିବାକୁ ପାଇଥିଲେ ଯେ, ସେ କିଣିଥିବା ଲଟେରି ଟିକେଟରୁ କୋଟିଏ ଟଙ୍କା ଜିତିଛନ୍ତି। ଏହାପରେ ସୋମବାର ସେ କାଲନା ଥାନାରେ ପହଞ୍ଚି ଏସ୍‌ଏଚ୍‌ଓ ରାକେଶ ସିଂହଙ୍କ ନିକଟରେ ନିଜର ସୁରକ୍ଷା ପାଇଁ ନିବେଦନ କରିଥିଲେ। ନାରାୟଣ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ନଳକୂଅ ଅପରେଟର ଭାବେ ସେ ଚାକିରି କରୁଥିବା ବେଳେ ୧୦ ବର୍ଷ ପୂର୍ବରୁ ଅବସର ଗ୍ରହଣ କରିସାରିଛନ୍ତି। ୧୦ ହଜାର ଟଙ୍କା ପେନ୍‌ସନ ପାଉଥିବା ନାରାୟଣ ଏବେ ରାତାରାତି କୋଟିପତି ପାଲଟିଯାଇଛନ୍ତି।



# ରହସ୍ୟମୟ ଦଲାହି କୁଣ୍ଡ
## ତାଳି ମାରିଲେ ଉପରକୁ ଉଠେ ପାଣି

**ନୂଆଦିଲ୍ଲୀ:** ବିଶ୍ୱରେ ଏମିତି କିଛି ରହସ୍ୟଜନକ ଘଟଣା ଘଟିଥାଏ, ଯାହା ଉପରୁ ଆଜି ବି ପରଦା ଉଠିପାରିନାହିଁ। ସେମିତି ଏକ ରହସ୍ୟମୟ କୁଣ୍ଡ ରହିଛି ଭାରତରେ। ଏହି କୁଣ୍ଡଟି ଝାଡ଼ଖଣ୍ଡର ବୋକାରୋ ଜିଲାରେ ରହିଛି। କୁହାଯାଏ, କୁଣ୍ଡ ନିକଟକୁ ଯାଇ ତାଳି ମାରିଲେ ଏହାର ପାଣି ଉପରକୁ ଉଠିଥାଏ। ଏହାକୁ ଦେଖିଲେ ଏକ ବାସନରେ ପାଣି ଉପରକୁ ଉଠିବା ପରି ପ୍ରତୀୟମାନ ହେବ। ଏହାର ରହସ୍ୟ ସମ୍ପର୍କରେ ଆଜିପର୍ଯ୍ୟନ୍ତ ଭୂ-ବୈଜ୍ଞାନିକମାନେ ମଧ୍ୟ ଜାଣି ପାରିନାହାନ୍ତି। ଏହା ଦଲାହି କୁଣ୍ଡ ଭାବରେ ଜଣାଶୁଣା। ଏହାର ଚାରିପଟେ ସିମେଣ୍ଟ ଏବଂ କଂକ୍ରିଟ୍ ଘେରାଉ କରାଯାଇଛି। ଏହି କୁଣ୍ଡରୁ ଗରମ ଦିନରେ ଥଣ୍ଡାପାଣି ଏବଂ ଶୀତଦିନରେ ଗରମପାଣି ବାହାରିଥାଏ ଯାହା ଆଶ୍ଚର୍ଯ୍ୟଜନକ। ଲୋକଙ୍କ ବିଶ୍ୱାସ ରହିଛି, ଏହି କୁଣ୍ଡରେ ସ୍ନାନକଲେ ଚର୍ମରୋଗ ପରି ସମସ୍ୟା ଦୂର ହୋଇଥାଏ। ଏହି ସ୍ଥାନରେ ପ୍ରତିବର୍ଷ ମକରମେଳା ଅନୁଷ୍ଠିତ ହେଉଥିବାରୁ ଦୂରଦୂରାନ୍ତରୁ ଲୋକେ ଆସିଥାନ୍ତି ସ୍ନାନ କରିବାକୁ। ଅନ୍ୟପକ୍ଷରେ ପ୍ରତି ରବିବାର ଏଠାରେ ଲୋକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ।



# ୧୯ ମାସର ଶିଶୁଙ୍କୁ ବୀରତା ପୁରସ୍କାର



**ସିଡ୍‌ନୀ:** ଅଷ୍ଟ୍ରେଲିଆରେ ଭୟଙ୍କର ଜଙ୍ଗଲ ନିଆଁ ଲାଗି ରହିଛି। ଜଙ୍ଗଲ ନିଆଁ ଲିଭାଇବା ସମୟରେ ଦମକଳ ବାହିନୀ କର୍ମଚାରୀ ଜ୍ୟୋଫ୍ରି କିଟନ୍‌ଙ୍କ ମୃତ୍ୟୁ ଘଟିଥିଲା। ଜ୍ୟୋଫ୍ରିଙ୍କ ଅନ୍ତିମ ସଂସ୍କାର ଗୁରୁବାର ସମ୍ପନ୍ନ ହୋଇଥିଲା। ଏହାପରେ ସରକାରଙ୍କ ପକ୍ଷରୁ ଜ୍ୟୋଫ୍ରିଙ୍କ ୧୯ ମାସର ଶିଶୁପୁତ୍ର ହାର୍ବି କିଟନଙ୍କୁ ସର୍ବୋଚ୍ଚ ସେବା ମେଡ଼ାଲ ସମ୍ମାନରେ ସମ୍ମାନିତ କରାଯାଇଛି। ହାର୍ବି ରୁ୍ୟରାଲ ଫାୟାର ସର୍ଭିସ୍ ପୋଷାକ ପିନ୍ଧି ପିତାଙ୍କ ପକ୍ଷରୁ ମରଣୋତ୍ତର ବୀରତା ସମ୍ମାନ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଜଙ୍ଗଲ ନିଆଁ ଲିଭାଇବା ସମୟରେ ୩ ଜଣ ଦମକଳ ବାହିନୀ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା।



# ବନାଗ୍ନି ବଦଳାଇଦେଲା ହିମବାହ ରଙ୍ଗ

**ୱେଲିଂଟନ୍:** ଦୁଇସପ୍ତାହ ହେଲା ଜଳୁଛି ଅଷ୍ଟ୍ରେଲିଆ ଜଙ୍ଗଲ। ବନାଗ୍ନିରେ ହଜାର ହଜାର ବନ୍ୟଜୀବନ ଧ୍ୱଂସ ପାଇଯାଇଥିବାବେଳେ ବହୁ ବିରଳ ଜୀବଜନ୍ତୁ ବାସହରା ହୋଇ ଜନବସତିମୁହାଁ ହୋଇଛନ୍ତି। ବନାଗ୍ନିର ପ୍ରତିକୂଳ ପ୍ରଭାବ ପଡ଼ୋଶୀ ନ୍ୟୁଜିଲାଣ୍ଡର ଫ୍ରାଞ୍ଜ୍ ଜୋସେଫ୍ ଗ୍ଲେସିୟର (ହିମବାହ) ଉପରେ ପଡିଛି। ଏହାର ରଙ୍ଗ ଧଳାରୁ ହଳଦିଆ ହୋଇଯାଇଛି। ବନାଗ୍ନିରୁ ଉଠୁଥିବା ଧୂଆଁର ବିଶାଳ ବଳୟ ଡିସେମ୍ବର ୩୧ରେ ନ୍ୟୁଜିଲାଣ୍ଡରେ ପହଞ୍ଚିଥିଲା। ଆଲ୍‌ପାଇନ ଗାଇଡ୍‌ସ କମ୍ପାନୀର ଗାଇଡ୍ ଆର୍ଥ ମେକ୍‌ବ୍ରାଇଡ୍‌ଙ୍କ କହିବା କଥା, ମଙ୍ଗଳବାରଠାରୁ ପରିସ୍ଥିତି ଗମ୍ଭୀର ହୋଇଯାଇଛି। ଏହାକୁ ନେଇ ଗ୍ଲେସିୟରକୁ ଦେଖିବାକୁ ଆସୁଥିବା ପର୍ଯ୍ୟଟକମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏଠାକାର ପବନରେ ପୋଡାକାଠର ଗନ୍ଧ ବାରିହେଉଛି। ଏଥିରୁ ଜଙ୍ଗଲ ନିଆଁର ଭୟାବହତା ସ୍ପଷ୍ଟ ଭାବେ ଜଣାପଡୁଛି। ଦକ୍ଷିଣ ପୂର୍ବ ଅଷ୍ଟ୍ରେଲିଆରେ ଲାଗିଥିବା ଭୀଷଣ ନିଆଁ ନୂଆ ଇଲାକାକୁ ବ୍ୟାପି ଚାଲିଛି। ଏଥିରେ ପୋଡ଼ିହୋଇ ଅଦ୍ୟାବଧି ୧୮ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିସାରିଲାଣି। ଅନେକ ନିଖୋଜ ଅଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଚାଲିଛି। ଚଳିତବର୍ଷ ବନାଗ୍ନିରେ ବେଟମ୍ୟାନ୍ସ, କୋବାର୍ଗୋ, ନାଉରା ଅଞ୍ଚଳ ସର୍ବାଧିକ ପ୍ରଭାବିତ ହୋଇଛି। ନିଆଁରୁ ବର୍ତ୍ତିବା ଲାଗି ଲୋକମାନେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଶରଣ ନେଇଛନ୍ତି। ଅଧିକାରୀଙ୍କ କହିବା କଥା, ଜଙ୍ଗଲ ନିଆଁରେ ପାଖାପାଖି ୧୦୦୦ଟି ଘର ନଷ୍ଟ ହୋଇଯାଇଛି। ୩୫୦ରୁ ଊର୍ଦ୍ଧ୍ୱ ବାସଗୃହ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଛି। ପ୍ରଭାବିତ ଅଞ୍ଚଳରୁ ୮ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଧୂଆଁ ବ୍ୟାପିବା ଦ୍ୱାରା ହୋଇଥିବା କ୍ଷୟକ୍ଷତି ଆକଳନ କରିବା କାଠିକର ପାଠ ବୋଲି ସେ ସୂଚନା ଦେଇଛନ୍ତି।

# ଆଇସ୍-ସ୍ନୋ ଫେଷ୍ଟିଭାଲ୍

**ବେଜିଂ:** ଚାଇନାରେ ଆଇସ୍-ସ୍ନୋ ଫେଷ୍ଟିଭାଲ୍ ଆରମ୍ଭ ହୋଇଛି। ସ୍ଥାନୀୟ ହେଲୋଙ୍ଗୟାଙ୍ଗ୍ ପ୍ରଦେଶର ହାର୍ବିନ୍‌ଠାରେ ଅନୁଷ୍ଠିତ ହେଉଥିବା ଏହି ଉତ୍ସବରେ ୧୪ ଦେଶର କଳାକାର ଯୋଗଦେଇ ୨୦୦ ଆକର୍ଷଣୀୟ କଳାକୃତ୍ତି ନିର୍ମାଣ କରିଛନ୍ତି। ୬ ଲକ୍ଷ ବର୍ଗମିଟରରେ ଥିବା ଏହି ସ୍ନୋ ୱାର୍ଲ୍ଡରେ ୨.୨୦ କ୍ୟୁବିକ୍ ମିଟର ବରଫରେ ଶହେ ମିଟର ଉଚ୍ଚା ପର୍ଯ୍ୟନ୍ତ ବିଭିନ୍ନ କଳାକୃତ୍ତି ନିର୍ମିତ ହୋଇଛି। ପ୍ରଥମେ ୧୯୮୫ରେ ଏହି ଉତ୍ସବ ଆରମ୍ଭ ହୋଇଥିଲା। ଲୋକେ ଏହାକୁ ବେଶ୍ ପସନ୍ଦ କରିଥିଲେ। ପରେ ପ୍ରତିବର୍ଷ ଏଠାରେ ଏହି ଉତ୍ସବ ଶୀତଦିନେ ଅନୁଷ୍ଠିତ ହୋଇଆସୁଛି। ବରଫରେ ନିର୍ମିତ ହୋଇଥିବା ବିଭିନ୍ନ କଳାକୃତ୍ତି ଦେଖିବା ପାଇଁ ପ୍ରତିବର୍ଷ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ହୋଇଥାଏ।



# ଦିଲ୍ଲୀରେ ଲାଗିଲା ପ୍ରଥମ ସ୍ମଗ୍ ଟାୱାର

**ନୂଆଦିଲ୍ଲୀ:** ସମଗ୍ର ଦେଶରେ ବାୟୁ ପ୍ରଦୂଷଣ ସାରା ଦେଶରେ ବଡ଼ ସମସ୍ୟା ହୋଇଥିବାବେଳେ ଦିଲ୍ଲୀର ସ୍ଥିତି ସବୁଠାରୁ ସଙ୍ଗିନ୍। ପ୍ରଦୂଷଣ ଜନିତ ରୋଗ ଓ ମୃତ୍ୟୁହାର ହ୍ରାସ କରିବାପାଇଁ ରାଜଧାନୀ ଦିଲ୍ଲୀରେ ସ୍ଥାପନ ହୋଇଛି ପ୍ରଥମ ସ୍ମଗ୍ ଟାୱାର୍। କ୍ରିକେଟ୍ ଖେଳାଳି ତଥା ପୂର୍ବ ଦିଲ୍ଲୀ ଏମ୍‌ପି ଗୌତମ ଗମ୍ଭୀରଙ୍କ ସହଯୋଗରେ ଲଜ୍‌ପତ୍‌ନଗର ବ୍ୟବସାୟୀ ସଂଘ ପକ୍ଷରୁ ଗୁରୁବାର ଦକ୍ଷିଣ ଦିଲ୍ଲୀସ୍ଥିତ ସେଣ୍ଟ୍ରାଲ୍ ମାର୍କେଟରେ ଏହି ଏୟାର୍ ପ୍ୟୁରିଫାୟର ସ୍ଥାପନ କରାଯାଇଛି। ଶୁକ୍ରବାର ଗମ୍ଭୀର ଏହାର ଉଦ୍‌ଘାଟନ କରିଛନ୍ତି। ୨୦ଫୁଟ ଉଚ୍ଚତା ବିଶିଷ୍ଟ ଏହି ଯନ୍ତ୍ର ଦିନକୁ ୨, ୫୦, ୦୦୦ ରୁ ୬, ୦୦୦୦୦ କ୍ୟୁବିକ୍ ମିଟର୍ ପ୍ରଦୂଷିତ ବାୟୁକୁ ଗ୍ରହଣ କରି ବିଶୁଦ୍ଧ ବାୟୁ ଯୋଗାଇବା ଲକ୍ଷ୍ୟ ରହିଛି। ସେହିପରି ୫୦୦ରୁ ୭୫୦ ମିଟର ଅଞ୍ଚଳ ମଧ୍ୟରେ ପ୍ରଦୂଷିତ ବାୟୁକୁ ବିଶୁଦ୍ଧ ବାୟୁରେ ପରିଣତ କରିବ। ଦିଲ୍ଲୀ ପ୍ରଦୂଷଣର ରାଜଧାନୀ ପାଲଟିଥିବାବେଳେ ଏଭଳି ସ୍ଥିତିରେ ସ୍ମଗ୍ ଟାୱାର ପ୍ରତିଷ୍ଠା କରିବା ଜରୁରୀ ଥିଲା। ଏହି ବାୟୁ ବିଶୋଧକ ଲାଗିବା ପରେ ପ୍ରଦୂଷଣ କମିଥିବା ଜଣାପଡ଼ିଛି। ତେବେ ଦିଲ୍ଲୀରେ ଅନେକ କାରଣରୁ ବାୟୁ ପ୍ରଦୂଷଣ ବୃଦ୍ଧି ପାଇ ଲୋକଙ୍କୁ ଅଣନିଶ୍ୱାସୀ କରାଉଥିବାବେଳେ ଏହି ପ୍ରକଳ୍ପ କେତେଦୂର ସଫଳ ହେବ ତାହାକୁ ନେଇ କେତେକ ବିଶେଷଜ୍ଞ ପ୍ରଶ୍ନ ଉଠାଇଛନ୍ତି।



DHARITRI
ସମ୍ବଲପୁର, ଶନିବାର, ୪ ଜାନୁୟାରୀ, ୨୦୨୦



“ ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ

### କାର୍ ସହ ଗଞ୍ଜେଇ ଜବତ, ୨ ଗିରଫ

ଅମ୍ବାଭୋନା, ୩।୧ (ଡି.ଏନ.ଏ) ଅମ୍ବାଭୋନା ଗଞ୍ଜେଇ ଆର୍ଡ଼ିରାସ୍ତାର ନର୍ସରୀ ପାଖରେ ଶୁକ୍ରବାର ସକାଳେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ କାର୍ (ନଂ.ଓଡି୦୮ଡି/୭୪୫୬)କୁ ସନ୍ଦେହରେ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଉକ୍ତ କାର୍ ଭିତରୁ ୧.୨ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ଉତ୍ତରପ୍ରଦେଶ ଆହ୍ଲାବାଦ ଜିଲା ନିବାସୀ ବିକାଶ ସିଂ (୩୦) ଏବଂ ବାରାଣାସୀ ଜିଲା ନିବାସୀ ମନିଷ କୁମାର ପ୍ରଜାପତି (୨୨)ଙ୍କୁ ଗିରଫ କରାଯାଇଛି। ଏ ନେଇ ଅମ୍ବାଭୋନା ଥାନାରେ ଏକ ମାମଲା (ନଂ. ୪/୨୦) ରୁଜୁ ହୋଇଛି । ଅମ୍ବାଭୋନା ଥାନା ଅଧିକାରୀ ଆଲୋକ କୁମାର ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଆଜିଠୁ ସମ୍ବଲପୁର ଲୋକ ମହୋତ୍ସବ

**ସମ୍ବଲପୁର, ୩।୧ (ବ୍ୟୁରୋ)**

ଐତିହାସିକ ସମ୍ବଲପୁର ଲୋକମହୋତ୍ସବ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ସୁସଜ୍ଜିତ ମଞ୍ଚ କଳାକାରଙ୍କ ଅପେକ୍ଷାରେ ରହିଛି। ଏହି ମହୋତ୍ସବରେ ରାଜ୍ୟ ତଥା ରାଜ୍ୟବାହାରୁ ୯ଶହ କଳାକାରଙ୍କ ସମାଗମ ହେବ। ସେମାନେ ଜାନୁୟାରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଲୋକନୃତ୍ୟ, ଲୋକବାଦ୍ୟ ଓ ଲୋକ ସଙ୍ଗୀତ ପରିବେଷଣ କରିବେ । ସମ୍ବଲପୁରୀ ନୃତ୍ୟ, ଘୁବୁକୁଡ଼ୁ, ଶ୍ୟାମ ଲୋକକଳା, ଚାଲି ନଚନିଆଁ, ବିହୁ, ରସରକେଲି, କାଳବେଲିଆ, ଲାୱଣୀ, ଘୁମୁରା, ପରମ୍ପରା, କିଶାନ ନାଚ, ସଂପ୍ରଦା ପ୍ରଭୃତି ନୃତ୍ୟ ହେବ। ଏଥିସହ ଶଙ୍କର ଦତ୍ତ, ଡା. ସବିତା ହୋତା, ଦିଲୀପ ବାଗ, ଗୀତାଞ୍ଜଳି ପୋଦ୍ଦ, ବିଭୁତି ପଟ୍ଟନାୟକ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଡ. କ୍ରିଷ୍ଣା ପଟେଲ, ଲିପିକା ବିଭାର, ପଙ୍କଜ ଜାଲ, ଶତ୍ରୁଘନ ଲୁହା, ପଦ୍ମିନୀ ଦୋରା, ଶ୍ରୀଜା ପଣ୍ଡା, ନୁପୂର ମଲ୍ଲିକ ଲୋକସଂଗୀତ ଗାନ କରିବା କାର୍ଯ୍ୟକ୍ରମ ରହିଛି । ଚଳିତ ବର୍ଷ ୨୫ ରୁ ୩୦ ଲକ୍ଷ ଟଙ୍କାର ବ୍ୟୟଅଟକଳ ସ୍ଥିର କରାଯାଇଛି। ଶୁକ୍ରବାର ସମ୍ବଲପୁର ଲୋକମହୋତ୍ସବ ନୋଡାଲ ଅଧିକାରୀ ତଥା ପିଡିଡିଆରଡିଏ ସୁକାନ୍ତ ତ୍ରିପାଠୀ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲୋକମହୋତ୍ସବ ମୁଖ୍ୟ ସଂଯୋଜକ ସୌମେନ୍ଦ୍ର ପୂଜାରୀ ସୂଚନା ଦେଇ କହିଥିଲେ ଯେ, ଦର୍ଶକଙ୍କୁ ଆକର୍ଷଣ କଲାଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ । ଏଥିସହ ଫୁଲ ପ୍ରଦର୍ଶନୀ କରାଯିବ। ମହୋତ୍ସବ ପରିସରରେ ଷ୍ଟଲର ବ୍ୟବସ୍ଥା ହୋଇଛି । ଦର୍ଶକମାନେ ନିଜ ମନ ପସନ୍ଦର ସାମଗ୍ରୀ କିଣି ପାରିବେ। ସମ୍ବର୍ଦ୍ଧନା ଉପକମିଟି ଆବାହକ ସୂର୍ଯ୍ୟ ପାଣିଗ୍ରାହୀ କହିଥିଲେ, ଚଳିତ ବର୍ଷ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫେସରର ପ୍ରସନ୍ନ କୁମାର ସାହୁ,ଲୋକ ନୃତ୍ୟରେ ଗଙ୍ଗାଧର ଦାଶ, ଲୋକ କଳାରେ ହାରାଚନ୍ଦ ନାଥ ଓ ଲୋକ ସଂଗୀତରେ ସନ୍ତୋଷ କୁମାର ମିଶ୍ରଙ୍କ ସମ୍ବର୍ଦ୍ଧିତ କରାଯିବ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ପ୍ରଧାନ, ଓରମାସ ଜିଲା ସଂଯୋଜକ ଶ୍ରୀମନ୍ତ ହୋତା, ସମ୍ବଲପୁର ମହାନଗର ନିଗମ ଡେପୁଟି କମିଶନର ଦେବେନ୍ଦ୍ର ନନ୍ଦ, ଡିଏସଡବ୍ଲୁ ଗୀତାଞ୍ଜଳି ମହାପାତ୍ର, ଉପଖଣ୍ଡୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ବିଭିନ୍ନ ଉପକମିଟି ଆବାହକମାନେ ଉପସ୍ଥିତ ଥିଲେ।




ଶୁକ୍ରବାର ସମ୍ବଲପୁର ଲୋକ ମହୋତ୍ସବ ନୋଡାଲ ଅଧିକାରୀ ସୁକାନ୍ତ କୁମାର ତ୍ରିପାଠୀ (ବାମରୁ ତୃତୀୟ) ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

- କଳାକାରଙ୍କ ଅପେକ୍ଷାରେ ମଞ୍ଚ
- ୩ ଦିନରେ ୯ଶହ କଳାକାରଙ୍କ ସମାଗମ

### ୨୩ ବର୍ଷରୁ କମ୍ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି
## ୫ରେ ଓଡ଼ିଶା ବନାମ ସିକିମ ମ୍ୟାଚ

**ସମ୍ବଲପୁର, ୩।୧ (ବ୍ୟୁରୋ)**

ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ୨୩ ବର୍ଷରୁ କମ୍ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ ଚଳିତ ମାସ ୫ ତାରିଖରେ ଓଡିଶା ବନାମ ସିକିମ ମଧ୍ୟରେ ହେବ। ଏଥିପାଇଁ ପିଚ୍ ଓ ପଡିଆ ପ୍ରସ୍ତୁତ ହୋଇଛି। ଉଭୟ ଦଳର ଖେଳାଳୀମାନେ ମଧ୍ୟ ନେଟ ଅଭ୍ୟାସ କରିଛନ୍ତି। ଶୁକ୍ରବାର ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ଏହି ସୂଚନା ଦେଇଛନ୍ତି । ସେ ଆହୁରି କହିଥିଲେ ଯେ, ଓଡିଶା ଦଳ ଖେଳାଳୀମାନଙ୍କ ମନୋବଳ ଦୃଢ଼ ରହିଛି। ତେଣୁ ସେମାନେ ଏଠାରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରହିଛି । ଚଳିତ ବର୍ଷ ଓଡିଶା ଦଳରେ ପଶ୍ଚିମ ଓଡିଶାରୁ ୫ଜଣ ଖେଳାଳି ସାମିଲ ହୋଇଛନ୍ତି। ରାଉରକେଲାର ଅମ୍ରିତ ଖଟୁଆ, ଝାରସୁଗୁଡାର ତାରିଣୀ ସା ଓ ରାଜକିଶନ ପଟେଲ, ବରଗଡର ରାହୁଲ ଚୌଧୁରୀ ଏବଂ ସମ୍ବଲପୁରର ଅଭିଷେକ ପଣ୍ଡା ରହିଛନ୍ତି। ସେହିପରି ସମ୍ବଲପୁରର ସୁବୋଧ କୁମାର ସାହୁ ଟିମ ମ୍ୟାନେଜର ଦାୟିତ୍ୱ ନିର୍ବାହ କରୁଛନ୍ତି। ଏସ ସୁରେଶ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇବେ। ଏଥିସହ ଭାରତୀ ଦୀପ ଓ ଅକ୍ଷୟ ମରାଠେ ଅମ୍ପାୟାର ଥିବା ବେଳେ ବୀରବର ନାୟକ ଓ ରଜତ ଦାଶ ସ୍କୋରର ରହିଛନ୍ତି। ଖେଳାଳୀମାନଙ୍କ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ଦୁଲାଲ କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଥ୍‌ଲେଟିକ ସମ୍ପାଦକ ସୁନ୍ଦରମଣୀ ବାରିକ, ଜିଲା କ୍ରୀଡା ସଂଘ କାଉନସିଲ ସଭ୍ୟ ସୁନୀଲ କୁମାର ସାହୁ, ସୁବୋଧ କୁମାର ସାହୁ, ସୟଦ ଜିନ୍ଦା, ବିକାଶ ମିଶ୍ର, ସିକିମ ଦଳ ସ୍ଥାନୀୟ ମ୍ୟାନେଜର ପ୍ରିୟଂଶୁ ଶେଖର ପତି ଉପସ୍ଥିତ ଥିଲେ।




ଶୁକ୍ରବାର ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ (ମଝି) ଖବରଦାତାଙ୍କୁ ସୂଚନା ଦେଉଛନ୍ତି।

## ଏଲଆଇସି ପକ୍ଷରୁ କମ୍ବଳ ବଣ୍ଟନ



ଶୁକ୍ରବାର ଏଲଆଇସି ପକ୍ଷରୁ କମ୍ବଳ ବଣ୍ଟନ କରାଯାଉଛି ।

**ସମ୍ବଲପୁର, ୩।୧ (ବ୍ୟୁରୋ)**

ଭାରତୀୟ ଜୀବନ ବୀମା (ଏଲଆଇସି) ସମ୍ବଲପୁର ମଣ୍ଡଳ ପକ୍ଷରୁ ଶୁକ୍ରବାର କମ୍ବଳ ବଣ୍ଟନ ହୋଇଯାଇଛି। ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ମନୋଜ କୁମାର ପଣ୍ଡାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀଙ୍କ ପ୍ରକୋଷ୍ଠରେ ୬୦ଟି କମ୍ବଳ ପ୍ରଦାନ କରିଥିଲେ। ଏହା ଗରିବଙ୍କୁ ବଣ୍ଟନ କରାଯିବ। ଏଲଆଇସି ମଣ୍ଡଳ ବିପଣନ ପ୍ରବନ୍ଧକ ଅଜୟ କୁମାର, କାର୍ମୀକ ପ୍ରବନ୍ଧକ କହ୍ନେଇ ହାଁସଦା, ବିକ୍ରୟ ପ୍ରବନ୍ଧକ ଅମୂଲ୍ୟ କୁମାର ପାଢୀଯୋଶୀ, ବିଜୟକେଶରୀ ପଣ୍ଡା, ଶ୍ରୀଧର କୁମାର ପଟ୍ଟନାୟକ, ଗୌତମ ଖମାରୀ, ରାଜୀବଲୋଚନ ଦାଶ, ସାଧନ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୮ରେ ସର୍ବଭାରତୀୟ ଧର୍ମଘଟ

**ସମ୍ବଲପୁର, ୩।୧ (ବ୍ୟୁରୋ)**– କେନ୍ଦ୍ର ସରକାରଙ୍କ ଜନ ଓ ଶ୍ରମିକ ବିରୋଧି ନୀତି ବିରୋଧରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଚଳିତ ମାସ ୮ ତାରିଖ ଧର୍ମଘଟ କରିବାକୁ ଆହ୍ୱାନ ଦେଇଛି। ଏଥିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ଜାତୀୟ ଫେଡେରେଶନ୍, ରାଜ୍ୟ ଓ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ ପକ୍ଷରୁ ସାରା ଦେଶରେ ଧର୍ମଘଟ ହେବ । ଏଥିରେ ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଯୋଗଦେବେ। ଶୁକ୍ରବାର ସମ୍ବଲପୁର ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ସଭା କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମିଳିତ ଶ୍ରମିକ ସଂଗଠନ ଯୁଗ୍ମ ଆବାହକ ମହେଶ୍ୱର ଷଣ୍ଢ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ ଯେ, ଏହି ଦିନ ସମ୍ବଲପୁର ସହରର ସମସ୍ତ ଦୋକାନ, ବଜାର, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଫିସ ପ୍ରଭୃତି ବନ୍ଦ ରହିବ। ଜରୁରୀକାଳୀନ ଲାଗି ଆମ୍ବୁଲାନ୍ସ, ଔଷଧ ଦୋକାନ, ଡାକ୍ତରଖାନା ଖୋଲା ରହିବ। ହିନ୍ଦ ମଜଦୁର ସଭା ନେତା ଗୋକୁଳ ମେହେର କହିଥିଲେ ଯେ, ଏହି ଧର୍ମଘଟରେ ଜନସାଧାରଣଙ୍କୁ ସାମିଲ କରାଯିବ। ଏହାକୁ ଦୃଷ୍ଟିରେରଖି ଶ୍ରମିକ ସଂଗଠନ ପକ୍ଷରୁ ୫ ତାରିଖ ସମ୍ବଲପୁର ସହରର ବିଭିନ୍ନ ଛକ ଗୁଡିକରେ ପଥପ୍ରାନ୍ତ ସଭା ହେବ। ୭ ତାରିଖରେ ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ସମ୍ମୁଖରୁ ମୋଟର ସାଇକେଲ ରାଲି ସହର ପରିକ୍ରମା କରି ଧର୍ମଘଟ ବିଷୟରେ ଜନସାଧାରଣଙ୍କୁ ସୂଚନା ଦେବା କାର୍ଯ୍ୟକ୍ରମ ରହିଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏଆଇଟିୟୁସି ନେତା ରବୀନ୍ଦ୍ର ମହାନ୍ତି, ଏନ ଗୋପାଳ ରାଓ, ଆଇଏନଟିୟୁସି ନେତ୍ରୀ ବବିତା ବଡପଣ୍ଡା, ଏସଡବ୍ଲୁଇସିସିର ଲଳିତ କୁମାର ପଟ୍ଟନାୟକ, ଶରତ କୁମାର ପଟ୍ଟନାୟକ, ଭି ରାମାରାଓ, ପ୍ରଫୁଲ୍ଲ ନେପାକ, ବିଶ୍ୱନାଥ ବେହେରା, ସୁଶାନ୍ତ ପଟ୍ଟନାୟକ, ସୁବୀର ଚକ୍ରବର୍ତ୍ତି, ରୁଦ୍ରାଣୀ ନାଥ ଓ ସସ୍ମିତା ଦୀପ ଉପସ୍ଥିତ ଥିଲେ।




ଶୁକ୍ରବାର ସମ୍ବଲପୁରରେ ଖବରଦାତାଙ୍କୁ ଶ୍ରମିକ ନେତା ମହେଶ୍ୱର ଷଣ୍ଢ (ମଝି) ସୂଚନା ଦେଉଛନ୍ତି ।

### ଭାଇ ଟାଙ୍ଗିଆ ଚୋଟରେ ଭାଇର ମୃତ୍ୟୁ ଘଟଣା
## ୪ ଅଭିଯୁକ୍ତ କୋର୍ଟଚାଲାଣ

**ପୁରୁଣାକଟକ, ୩।୧ (ଡି.ଏନ.ଏ):** ବୌଦ୍ଧ ଜିଲା ହରଭଙ୍ଗା ଥାନା ସଙ୍କୁଲେଇ ପଞ୍ଚାୟତ ହରିହରପୁର ଗ୍ରାମରେ ବୁଧବାର ରାତିରେ ଘଟିଥିବା ହତ୍ୟାକାଣ୍ଡରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶୁକ୍ରବାର ବୌଦ୍ଧ କୋର୍ଟକୁ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଜଗବନ୍ଧୁ ପ୍ରଧାନ (୩୦), ଚତୁର୍ଭୁଜ ପ୍ରଧାନ (୨୮), ତେପନ ପ୍ରଧାନ (୨୭) ଓ ପଞ୍ଚୁ ପ୍ରଧାନ (୨୬)। ସୂଚନାଯୋଗ୍ୟ, ହରିହରପୁର ଗ୍ରାମରେ ବସବାସ କରୁଥିବା କୋହ୍ଲ ସମ୍ପ୍ରଦାୟର ଦୁଇ ପରିବାର ମଧ୍ୟରେ ଶତ୍ରୁତା ଲାଗିରହିଥିଲା। ଏହାକୁ ନେଇ ଅଭିଯୁକ୍ତମାନେ ନିଜ ସମ୍ପର୍କୀୟ କକାପୁଅ ଭାଇ କବିରାଜ ପ୍ରଧାନ (୩୫)ଙ୍କୁ ନୂଆବର୍ଷ ଦିନ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ମୃତକଙ୍କ ସ୍ତ୍ରୀ କବିତା ଏ ନେଇ ହରଭଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଜଗବନ୍ଧୁ, ଚତୁର୍ଭୁଜ, ତେପନଙ୍କୁ ଥାନାରେ ଅଟକ ରଖିଥିବା ବେଳେ ପଞ୍ଚୁ ଫେରାର ଥିଲେ । ଶୁକ୍ରବାର ପୋଲିସ ପଞ୍ଚୁଙ୍କୁ ଗିରଫ କରିବା ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ହରଭଙ୍ଗା ଥାନାଧିକାରୀ ସୁବାସ ଚନ୍ଦ୍ର ରାୟଗୁରୁ କହିଛନ୍ତି।


**GOVERNMENT OF ODISHA**
**OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR**
**INVITATION FOR BIDS (IFB)**

File No.- C-IIM-IFB-06/2019 No. 54632, Dt.27.12.2019

**1st Corrigendum to Bid Identification No. CE-DPI & R-19/2019-20, dtd.19.12.2019**

**No. B-512:-** The following changes has been made for the work i.e. "Construction of RCC retaining wall along with sand filling on the road from NH-5 to Ardalua from 10/250 km to 11/535 km in the district of Jajpur under State Plan" at Sl. No. 10 invited vide Bid Identification No. CE-DPI & R-19/2019-20 are as follows:

| Sl. No. | Name of Work | Revised value of work (Rs. in lakh) | Security Amount (Rs. in lakh) (Online) |
|---|---|---|---|
| 10. | Construction of RCC retaining wall along with sand filling on the road from NH-5 to Ardalua from 10/250 km to 11/535 km in the district of Jajpur under State Plan | 19,70,80,644.00 | 19,70,900.00 |

2. The The Bid documents for the above work will be available in the website: www.tendersodisha.gov.in from 10.00 AM of 31.12.2019 to 5.00PM of 17.01.2020 for online bidding.

All other terms and conditions remain unchaged.

34117/11/0059/1920 *Sd./- Chief Engineer, DPI & Roads, Odisha*



## ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କରେ

No. D-245:-



ନାମ : ବିଶାଳ ଲାଖୁଆ
ବୟସ : ୧୪ ବର୍ଷ
ପିତା : ମୁନୁ ଲାଖୁଆ
ଘର : କାର୍ଗିଲ ବସ୍ତି, ଲିଙ୍ଗରାଜ ବିହାର ପାଖ, ପୋଖରୀପୁଟ
ଥାନା : ଏୟାରପୋର୍ଟ, ଭୁବନେଶ୍ୱର କମିଶନରେଟ୍
ଜିଲ୍ଲା : ଖୋର୍ଦ୍ଧା (ଓଡ଼ିଶା)
ଉଚ୍ଚତା : ୪ ଫୁଟ ୩ ଇଞ୍ଚ
ରଙ୍ଗ : କଳା, ପତଳା ଶରୀର, ଲମ୍ବା ମୁହଁ ଏବଂ ସେ ଓଡ଼ିଆ, ହିନ୍ଦୀ ଓ ସାଦ୍ରି ଭାଷାରେ କଥା କହିପାରେ।

ଉକ୍ତ ବାଳକଟି ଗତ ତା୨୭।୧୨।୨୦୧୯ରିଖ ସନ୍ଧ୍ୟା ୬ଘଟିକା ସମୟରେ ଘରୁ କେଉଁଆଡ଼େ ପଳାଇଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ନିଖୋଜ ବାଳକ ବିଷୟରେ ଖବର ପାଇଥାନ୍ତି କିମ୍ବା ପାଆନ୍ତି ତେବେ ନିମ୍ନ ଫୋନ ନମ୍ବରରେ ଜଣାଇବାକୁ ଅନୁରୋଧ।

**ଫୋନ୍ ନମ୍ବର: ୯୪୩୭୨୨୦୦୯୪, ୭୦୦୮୫୮୭୧୭୧, ୭୯୭୮୨୫୯୯୦୪, ୭୭୩୫୪୦୩୭୭୫**

12015/11/0021/1920



**The Odisha State Co-operative Milk Producers Federation Limited**
www.omfed.com
D-2, Sahidnagar, Bhubaneswar-751007
Ph. No.- 0674-2546030, 2540273, 2540417, Fax No. 0674-2540974
Email ID: omfed@yahoo.com

**APPOINTMENT**

Ref: 246/HRD/RFE/19 Date: 01.01.2020

**No. CAD-761:-** Applications are invited for appointment to the post of Manager (P&I), in OMFED. The detailed terms and conditions along with prescribed Application Form is mentioned hereunder.

| Name of the Post | No. of Post | Qualification | Max. Age as on 31.12.2019 | Post Qualification Experience | Scale of Pay |
|---|---|---|---|---|---|
| Manager (P&I) | 01 | 1. Degree in Veterinary/ Animal Husbandry / Dairy Husbandry. 2. Preference will be given for higher qualification in relevant field. | 40 years | Minimum 5 years experience in Managerial Cadre preferably in procurement & input Activities in Dairy Sector | PB-3, Rs. 15,600 - 39,100, Grade Pay: Rs. 6,600/- plus other Allowances as per Federation Rules |

All other information such as Application Form, Last date of submission of Application Form, Scope of Work, Place of posting and other General Conditions for the above post can be downloaded from the OMFED website: www.omfed.com. Federation reserves the right to cancel / amend the Recruitment Notice which will be published in the website only.

06063/11/0005/1920 *General Manager (HR)*



**OFFICE OF THE ANGUL MUNICIPALITY, ANGUL**

**No.: 10501** **Date: 31.12.2019**

**EXPRESSION OF INTEREST**

No.: C-420: Expression of Interest in sealed cover for single bid proposal invited by the Executive Officer, Angul Municipality from the consultancy firm, for preparation of "DETAILED PROJECT REPORT for construction of sewage treatment plant at Angul under Angul Municipality".

The proposal should be submitted by the bidders along with bid security of Rs.5000/- (Rupees five thousand) only in shape of Bank Draft to be drawn in favour of Executive Officer, Angul Municipality. The cost of tender schedule for Rs.1000/- (Rupees one thousand) only (Non-refundable) to be paid in shape of Cash/Demand Draft. The tender schedule shall be available from 02.01.2020 to 13.01.2020 upto 5.00 P.M. at Cash section of this office. They should quote the rate on percentage basis over the project cost, which will be paid after technical sanction and subject to available of funds. They are required to submit the Xerox copy of the registration certificate of their organization, copy of GSTIN, copy of PAN along with bid documents. They should submit the experience certificate of similar nature of job at least one number already rendered in different ULBs/Line Departments/Govt. Organization etc. from the competent authority of respective organization. The proposal along with all documents shall be received in the office of the Executive Officer, Angul Municipality on or before 14.01.2020 upto 11.00 A.M. in the box provided in the Office of the Executive Officer, Angul Municipality and the same will be opened on same day at 12 Noon in presence of the bidders or their authorized representatives. Tenders received after due date and time shall not be entertained. The authority reserves the right to accept/cancel/reject any or all the proposals without assigning any reason thereof.

**Sd./- Executive Officer**
**Angul Municipality**

**13085/11/0021/1920**



**GOVT. OF ODISHA**
**OFFICE OF THE COLLECTOR, KANDHAMAL, PHULBANI**
**(ST & SC Development Section)**
Ph/FAX: 06842-253643, e-mail: dwo.kandhamal@gmail.com
Order No. 01/SSD/ XVII-26/19, Date: 02.01.2020

**NOTICE INVITING OBJECTION**

**No. V-68:-** It is hereby informed that the applicants who have applied for the post of TGT, Odia / English / Mathematics / Physical Science / Social Science for Kalinga Model Residential Schools under ST & SC Dev. Deptt. of Kandhamal District in pursuance to Advertisement No. 3933/SSD, Dated 25.10.2019 has been enlisted. The database of applicants is available in the District Portal: www.kandhamal.nic.in as well as in the Notice Board of District Welfare Office, Kandhamal.

The applicants are requested to go through the lists and file their objections if any with justification along with supporting documents by Registered / Speed Post by 18.01.2020. Objections received after 18.01.2020 shall not be entertained.

*By Orders of Collector, Kandhamal*
***Sd./- District Welfare Officer***
***Kandhamal, Phulbani***

24041/11/0014/1920



**COMMISSIONERATE OF CT AND GST, ODISHA (AT- CUTTACK)**
**(Finance Department, Government of Odisha**

Letter No : 13194/CT&GST Date : 03.10.2019
x-13/BO/2015-Non-Gaz-CCT

**OFFICE ORDER** **No. S-28**

WHEREAS Mr Sayed Ansar Ali, S/o Sayed Mansur Ali, At/P.O-Brahmabarada, P.S-Dharmasala, District-Jajpur, Driver, Commissionerate of CT & GST (Odisha); At-Cuttack erstwhile O/o the Commissioner of Commercial Taxes (Odisha), Cuttack was absent from duty with effect from 25.02.2008 without any prior intimation or permission of the competent Authority.

AND WHEREAS, draft charges were framed against Mr.Ali vide this office Memorandum no: 13649/CT, Date: 30.08.2008 for unauthorized absent from Govt. Duty that amounted to negligence and dereliction of Government duty.

AND WHEREAS, all opportunities as per the provision of OCS (CCA Rule, 1962) had been given to Mr.All by the Enquiring Officer to defend. But he did not avail any of the opportunities.

AND WHEREAS, the Enquiry Officer in his report observed that "He is an absentee from Government duties for more than 5 years who had been remaining absent from Government duty since 25.02.2008. The law deems all absentees beyond 5 years as fit case of removal from service subject to provisions of OCS (CCA Rule 1962)".

AND WHEREAS, Rule 72(2) of Odisha Service Code speaks that " where a Government servant does not resume duty after remaining on leave for a continuous period of a five years, or where a Government servant after the expiry of his leave remains absent from duty otherwise than on foreign service or on account of suspension, for any period which together with the period of the leave granted to him exceeds five years, he shall unless Government in view of the exceptional circumstances of the case otherwise determine, be removed from service after following the procedure laid down in the Odisha Civil Services (Classification, Control and Appeal) Rules, 1962.

AND WHEREAS it was decided to impose punishment on Mr Ansar Ali in pursuant to Rule 72(2) of Odisha Service Code as per the Rule-15 of the OCS(CCA) Rules, 1962 Mr Ali was called upon vide this office letter no : 14029/CT; date: 16.09.2017 to appear before the appointing authority on any state govt. working days within 15 days to show cause as to why major punishment shall not be awarded to him. But he did not appear-before the appointing authority.

AND WHEREAS it was ascertained from the postal acknowledgement the said show cause notice had been received by some Sayena Parween on 19.09.2017 and since Mr Ali did not appear before the appointing authority, another chance was given to him to submit his explanation by appearing before the appointing authority on any state govt working days within 15 days to show cause as to why major punishment shall not be awarded to him vide this office letter no; 7454/CT&GST; date: 16.05.2018. But he did not appear before the appointing authority. Since he is absconded the show cause notice was published in the leading Odia daily i.e Dharitri and Sambad on 03.01.2019. But Mr. Ali did not respond.

AND WHEREAS Mr.Ali has failed to respond to the notice published in the above Odia dailies within the stipulated time frame, the following major penalty is hereby imposed on Mr. Sayed Ansar Ali, Driver of this office U/r 13 of the OCS (CCA) rules, 1962 and Rule 72(2) of Odiaha Service Code.

"Mr. Sayed Ansar Ali Is removed from the Government service which shall not be a disqualification of future employment from the date of Issue of this order.

This is issued wilh the approval of the Commissioner of CT&GST; Odisha.

**Sd./- Addl. Commissioner of CT&GST**
**(SMNG)**

**05006/11/0006/1920**



“ ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଭବାନୀ



ଭାଗବତ



କଳ୍ପବଟ



ବିକାଶ



ଜୟଦେବ



ବୁଦ୍ଧ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

■ ବିଦ୍ୟୁତ୍ ତାର ଛିଡ଼ି ମା'ଝି'ର ମୁରତ୍ୟୁ ଘଟଣା

# ପରିବାରକେ ମିଲ୍‌ଲା ୫ ଲାଖ୍ କ୍ଷତିପୂରନ



ପୀଡ଼ିତ ପରିବାରକେ ଅଧିକାରୀମାନେ ସାହାଯ୍ ଟଁକାର ଚେକ୍ ଦେଉଛନ୍।

**ନୂଆପଡା ଅଫିସ/ସିନାପାଲି/ ବରଗାଁ,୩୧(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ସିନାପାଲି ଥାନା ଅଧୀନ ମଖାପଦର ଗାଁରେ ୧୧ କେଭି ବିଦ୍ୟୁତ୍ ତାର ଛିଡ଼ି ଗୁଟେ ପରିବାରର ମା'ଝି'ର ମୁରତ୍ୟୁ ହେଇଥିଲା। ଘଟନାର ୪୮ ଘଁଟା ଉତାରୁ ବିଦ୍ୟୁତ୍ ବିଭାଗ୍ ପୀଡ଼ିତ ପରିବାରକେ ସାହାଯ୍ ଟଁକା ଦେଇଛେ। ଶୁକୁରବାର ଦିନ୍‌ବେଲା ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଆସି ପୀଡ଼ିତ ପରିବାରକେ ୫ ଲାଖ୍ ଟଁକାର ଚେକ୍ ଦେଇଛନ୍। ପୂରବର ସୂଚନା ହିସାବେ ବୁଧୁବାର ଦିନର ୨ବଜେ ଘର କାମ୍‌ରେ ପାଏନ୍ ଦେବାକେ ମା'ଝି' ଯାଉଥିଲାବେଲେ ସିନାପାଲିରୁ ମଖାପଦର ଦେଇ ଯାଇଥିବାର ୧୧ କେଭି ଜିଁଲା ବିଦ୍ୟୁତ୍ ତାର ଛିଡ଼ି ପଡ଼ିଥିଲା। ତାର ଛିଡ଼ି ପହେଲା ଝି' ଦୁସିଲା(୯)କଁର ଉପରେ ପଡ଼ିଥିଲା। ସେ ବିଦ୍ୟୁତ୍ ଆଘାତରେ ଛଟପଟ ହେଲାବେଲେ ତାହାକୁ ବଁଚାବାକେ ଯାଇ ମା' ତରୁଲତା(୪୫) ବି ସେଥିରେ ଲଟ୍‌କି ଯାଇଥିଲେ। ବିଦ୍ୟୁତ୍ ଆଘାତରେ ସେଠାନେ ମା'ଝି'ର ମୁରତ୍ୟୁ ହେଇଯାଇଥିଲା। ଇ ଖବର ପାଏଲା ଉତାରୁ ଭାଜପା ଜିଲା ସଭାପତି ସୁବ୍ରତ କୁମାର ଠାକୁର ଆର ଦଲିତ ଅଧିକାର ମଞ୍ଚର ଜିଲା ସଭାପତି କମଳ ଚରଣ ତାଣ୍ଡି ଘଟନାଥଲରେ ପୁହୁଁଚି ପରଶାସନ ଆଘେ କ୍ଷତିପୂରନ ଦେବାକେ ଦାବି କରିଥିଲେ। ପୀଡ଼ିତ ପରିବାରକେ ସାହାଯ୍ ନାଇଁ ଦେବାର ତକ୍ ଶବ ଛଡ଼ା ନାଇଁଯାଏ ବଲି ସେମାନେ ଅଡ଼ି ବସିଥିଲେ। ପଛେ ଥାନୀଅ ତହସିଲଦାର ଆର ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଘଟନାଥଲରେ ପୁହୁଁଚି ଲୁକ୍‌କୁ ବୁଝାଶୁଝା କରବାର ସଁଗେ ସାହାଯ୍ ଦେବାକେ କଥା ଦେଇଥିଲେ। ଅଧିକାରୀମାନକର କଥା ପାଏଲା ଉତାରୁ ଶବ ଉଠିଥିଲା। ଅଧିକାରୀମାନେ ଦେଇଥିବାର କଥା ହିସାବେ ଶୁକୁରବାର ବେଲାକେ ସିନାପାଲି ତହସିଲଦାର କପିଳଦେବ ସାହୁ ଆର ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଗଗନ ଜେନା ପୁହୁଁଚି ତରୁଲତାକଁର ଆପ୍‌ନେ ରାମଚଣ୍ଡୀକୁଁ ଭେଟି ୫ ଲାଖ୍ ଟଁକାର ଚେକ ଦେଇଥିଲେ। ଇ ସମିଆରେ ରାମଚଣ୍ଡୀକଁର ସଁଗେ ଭାଜପା ଜିଲା ସଭାପତି ଠାକୁର ଆର ଦଲିତ ଅଧିକାର ମଞ୍ଚର ସଭାପତି ତାଣ୍ଡି, ସରପଁଚ୍ ବଳଦେବ ମାଝିକଁର ସମେତ ଗାଁବାସୀ ଉପସ୍ଥିତ ଥିଲେ। ଘଟନା ଦିନ ତହସିଲଦାର ରେଡକ୍ରସ ପାଁଠିରୁ ପୀଡ଼ିତ ପରିବାରକେ ୨୦ ହଜାର ଟଁକା ସାହାଯ୍ ଦେଇଥିଲେ। ହେଲେ ଇ ଘଟନାର ତଦଁତ୍ କରି କାମ୍‌ରେ ଖିଲାପି କରିଥିବାର ଅଧିକାରୀ, କରମ୍‌ଚାରୀକଁର ବିରୋଧିନେ କଡ଼ା ପଦକ୍ଷେପ ନେବାକେ ଗାଁବାସୀ ଦାବି କରିଛନ୍।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ସଞ୍ଜୁକ୍ତା ମହାପାତ୍ର



ମୃତ୍ୟୁଞ୍ଜୟ ନାୟକ



ଅନ୍ୱିତା ଘଡ଼ାଇ



ଗଗନ ବିହାରି ନାୟକ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ପୂର୍ବତନ ସେଣ୍ଟ୍ରାଲ ଭିଜିଲାନ୍ସ କମିଶନର ଉଦୟ ଚାନ୍ଦ ଅଗ୍ରୱାଲଙ୍କ ପରଲୋକ

**ବଲାଙ୍ଗୀର ଅଫିସ,୩୧:** ବଲାଙ୍ଗୀର ଜିଲା ଟିଟିଲାଗଡ ନିବାସୀ ପୂର୍ବତନ ଚିଫ୍ କମିଶନର, ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ ଉଦୟ ଚନ୍ଦ୍ର ଅଗ୍ରୱାଲ (୯୨)ଙ୍କ ଶୁକ୍ରବାର ସକାଳେ ଦିଲ୍ଲୀଠାରେ ପରଲୋକ ଘଟିଛି । ୧୯୫୨ ମସିହାରେ ସ୍ୱର୍ଗତ ଅଗ୍ରୱାଲ ପଶ୍ଚିମ ଓଡିଶା ଓ ବଲାଙ୍ଗୀର ଜିଲାର ଦ୍ୱିତୀୟ ବ୍ୟକ୍ତି ଭାବେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ଭାରତ ସରକାର ଓ ଓଡିଶା ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସଫଳତାର ସହ କାର୍ଯ୍ୟ କରିଥିଲେ। ୧୯୮୫ରୁ ୧୯୮୮ ପର୍ଯ୍ୟନ୍ତ ସେଣ୍ଟ୍ରାଲ ଭିଜିଲାନ୍ସ କମିଶନର ଚିଫ୍ କମିଶନର ଭାବେ ସେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ଏହାପରେ ସେ ଦିଲ୍ଲୀରେ ରହି ଆସୁଥିଲେ। ତାଙ୍କର ପତ୍ନୀ, ୩ ଝିଅ ଓ ଜଣେ ପୁଅ ଅଛନ୍ତି। ଶନିବାର ଦିଲ୍ଲୀରେ ତାଙ୍କର ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହେବ ବୋଲି ସୂଚନା ମିଳିଛି। ତାଙ୍କ ପରଲୋକ ଖବର ଜଣାପଡିବା ପରେ ବଲାଙ୍ଗୀର ଓ ଟିଟିଲାଗଡ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି ।



ସ୍ୱର୍ଗତ ଉଦୟ ଚନ୍ଦ୍ର ଅଗ୍ରୱାଲ

# ୫ରୁ ଖୋଲିବ ରାଜଭବନ ଉଦ୍ୟାନ

**ଭୁବନେଶ୍ୱର, ୩୧(ବ୍ୟୁରୋ):** ଆସନ୍ତା ୫ତାରିଖରୁ ରାଜଭବନ ଉଦ୍ୟାନ ସର୍ବସାଧାରଣ ଓ ଛାତ୍ରଛାତ୍ରୀଙ୍କ ପାଇଁ ଖୋଲିବ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଅନୁମତି କ୍ରମେ ଜାନୁୟାରୀ ୫ରୁ ୨୦ ତାରିଖ ପର୍ଯ୍ୟନ୍ତ ରବିବାର ଓ ଛୁଟିଦିନରେ ମଧ ଉଦ୍ୟାନ ଖୋଲା ରହିବ। ପ୍ରତ୍ୟହ ଅପରାହ୍ନ ୨ଟା ୩୦ଟାରୁ ୫ଟା ମଧରେ ସର୍ବସାଧାରଣ ରାଜଭବନ ଉଦ୍ୟାନ ବୁଲିପାରିବେ। ତେବେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅନୁରୋଧ ଆଧାରରେ ଛାତ୍ରୀଛାତ୍ରମାନେ ୬ରୁ ୨୧ ତାରିଖ ପର୍ଯ୍ୟନ୍ତ ରବିବାର ବ୍ୟତୀତ ପ୍ରତ୍ୟହ ସକାଳ ୮ଟା ୩୦ ରୁ ୧୦ଟା ମଧରେ ଉଦ୍ୟାନ ବୁଲି ଦେଖିପାରିବେ। ଏଥିନିମନ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷ ରାଜ୍ୟପାଳଙ୍କ ଏଡିସି କିମ୍ବା ରାଜଭବନ ନିରାପତ୍ତା ଦାୟିତ୍ୱରେ ଥିବା ଏସିପିଙ୍କୁ ଅନୁରୋଧପତ୍ର ପ୍ରେରଣ କରିବାକୁ କୁହାଯାଇଛି। ରାଜଭବନର ସବୁଜ ଲନ୍, ହରିଣ ଉଦ୍ୟାନ, ସଙ୍ଗୀତମୟ ଝରଣା, ଖୋଲା ଆକ୍ୱାରିୟମ୍ ଏବଂ ପକ୍ଷୀ ଏନ୍‌କ୍ଲୋଜର ସର୍ବସାଧାରଣଙ୍କ ପାଇଁ ଆକର୍ଷଣର କେନ୍ଦ୍ର। ନିର୍ଦ୍ଧାରିତ ସମୟ ନିର୍ଘଣ୍ଟ ମଧରେ ରାଜଭବନକୁ ଭିଡ଼ ମୁକ୍ତ ହୋଇ ସହଜରେ ପ୍ରବେଶ କରିବା ଲାଗି 'ରାଜଭବନ ଓଡ଼ିଶା' ନାମରେ ଏକ ମୋବାଇଲ୍ ଆପ୍ ପ୍ରସ୍ତୁତ କରାଯାଇଛି। ରାଜଭବନ ପକ୍ଷରୁ ପ୍ରସ୍ତୁତ ଏହି ଆପ୍ ଗୁଗୁଲ୍ ପ୍ଲେ ଷ୍ଟୋର୍‌ରେ ଆଣ୍ଡ୍ରଏଡ ଫୋନ୍ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ ହେବ। ଏହି ମୋବାଇଲ୍ ଆପ୍ ଦ୍ୱାରା ସେମାନେ କ୍ୟୁଆର୍ କୋଡ୍ ପ୍ରବେଶପତ୍ର ସ୍ମାର୍ଟଫୋନ୍‌ରେ ପ୍ରସ୍ତୁତ କରିପାରିବେ, ଯାହା ରାଜଭବନ ମୁଖ୍ୟ ଫାଟକରେ ସ୍କାନିଂ ଦ୍ୱାରା ଭିଡ଼ ମୁକ୍ତ ପ୍ରବେଶ ହୋଇପାରିବ। ତଥାପି ରାଜଭବନ ଅଭ୍ୟର୍ଥନା ପ୍ରକୋଷ୍ଠ ନିକଟରେ ରେଜିଷ୍ଟାର ମାଧମରେ ହାତ ପ୍ରସ୍ତୁତ ପ୍ରବେଶପତ୍ର ସର୍ବସାଧାରଣଙ୍କ ନିମନ୍ତେ ଉପଲବ୍ଧ ରହିବ।

■ ୧୦ ସୁଦ୍ଧା ସିସିଟିଭି ଇନ୍‌ଷ୍ଟାଲେଶନ ସମ୍ପର୍କିତ ତଥ୍ୟ ଦେବାକୁ ନିର୍ଦ୍ଦେଶ

# ରେକର୍ଡିଂ ହେବ ଯୁକ୍ତ୨ ପରୀକ୍ଷା

**ଭୁବନେଶ୍ୱର, ୩୧(ବ୍ୟୁରୋ):** ଚଳିତବର୍ଷ ଯୁକ୍ତ୨ ପରୀକ୍ଷାକୁ ସ୍ୱଚ୍ଛ କରିବା ପାଇଁ ରାଜ୍ୟ ସରକାର ସବୁ ବ୍ୟବସ୍ଥା କରୁଛନ୍ତି। ଯେଉଁଠାରେ ସିସିଟିଭି ନ ଥିବ ସେଠାରେ ପରୀକ୍ଷା ହେବ ନାହିଁ। ଏଥିପାଇଁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଇନ୍‌ଷ୍ଟାଲେଶନ ସମ୍ପର୍କିତ ତଥ୍ୟ ଚଳିତମାସ ୧୦ ସୁଦ୍ଧା ଦେବାକୁ ବିଭାଗ ପକ୍ଷରୁ କଲେଜଗୁଡ଼ିକୁ କୁହାଯାଇଛି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସମସ୍ତ ଜୁନିୟର କଲେଜଗୁଡ଼ିକୁ ଚିଠି ମାଧ୍ୟମରେ ଜଣାଇଦିଆଯାଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକ ସିସିଟିଭି ଲଗାଇବାରେ ବିଫଳ ହେଲେ ସେଠାରେ ପରୀକ୍ଷା କେନ୍ଦ୍ର ହେବ ନାହିଁ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ଦାଶ କହିଛନ୍ତି। ସେ କହିଛନ୍ତି, ଏଥର ସମ୍ପୂର୍ଣ୍ଣ ପରୀକ୍ଷାକୁ ରେକର୍ଡ କରି ରଖାଯିବ। ପରୀକ୍ଷା ସମୟରେ ପାୱାର ବ୍ୟାକ୍‌ଅପ୍, ଇଣ୍ଟରନେଟ୍ କନେକଶନ୍ ଭଳି ସେବା ଉପଲବ୍ଧ କରାଯିବ। ସେଲଫ୍ ଫାଇନାନ୍ସିଂ କଲେଜଗୁଡ଼ିକରେ ପ୍ରାକ୍ଟିକାଲ୍ ପରୀକ୍ଷା ମଧ ସିସିଟିଭିରେ ରେକର୍ଡିଂ ହୋଇ ରହିବ। ପରୀକ୍ଷା ବେଳେ କଲେଜଗୁଡ଼ିକରେ ଅବାଧ କପି ହେଉଥିବା ନଜରକୁ ଆସିବା ପରେ ଗତବର୍ଷଠାରୁ ସିସିଟିଭି ଲଗାଇବାକୁ ପରିଷଦ ନିଷ୍ପତ୍ତି ନେଇଥିଲା। ହେଲେ ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିପାରି ନ ଥିଲା। ଏବର୍ଷ କିନ୍ତୁ ପରୀକ୍ଷାକୁ ଶୃଙ୍ଖଳିତ କରିବା ଲାଗି ସିସିଟିଭିକୁ ବାଧ୍ୟତାମୂଳକ କରାଯାଇଛି।

**CHIEF DISTRICT MEDICAL & PUBLIC HEALTH OFFICER, BARGARH**
**e-mail : substore.bargarh@gmail.com**
**Tel / Fax - 06646-232804**

No.E-634 :- **CORRIGENDUM NOTICE**
**No.47** **Date:02.01.2020**

In pursuance to the Tender Call Notice No.11413, dt.17.12.2019, the date of receipt of Tender Documents is hereby extended to dt.10.01.2020 upto 12 Noon and a pre-bid meeting will be held on dt.06.01.2020 at 3 P.M. The opening of technical bid will be on dt.10.01.2020 at 3 P.M. and the financial bid will be opened on dt.10.01.2020 at 4 P.M. All other term & conditions in the said advertisement will remain unchanged.

**Sd./-**
**Chief District Medical & Public Health Officer, Bargarh**
**10124/11/0002/1920**

**Government of Odisha**
**"e" Procurement Notice** No.: O-750
**Bid Identification No.: Online-AGL-13 of 2019-2020**

| | | | |
|---|---|---|---|
| 1. | Name of the Work | : | Road Works |
| 2. | Estimated Cost | : | Rs.5.30 to 45.08 Lakhs |
| 3. | Period of Completion | : | 01 (One) Calendar Months |
| 4. | Date & time of availability of bid document in the portal | : | From 17.01.2020 to 24.01.2020 upto 5.00 P.M. |
| 5. | Last date/time for receipt of bids in the portal | : | 24.01.2020 upto 5.00 P.M. |
| 6. | Name & address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website **www.tendersorissa.gov.in**.

**Sd./- Executive Engineer**
**R.W. Division, Angul**
25096/11/0008/1920

**OFFICE OF THE MUNICIPAL COUNCIL, SUNDARGARH**
**No.: 5831** **Dt.: 03.01.2020**
**COMPETITIVE BIDDING THROUGH e-Procurement**

Tender invited vide tender call notice No. 5422 Dt.30.12.2019 and bid reference No. **SNGM-12/2019-20** published in Sambad/ Dharitri/Pragativadi/Indian Express is hereby cancelled due to unavoidable reason.

**Sd./- Executive Officer**
**Sundargarh Municipality**

**OFFICE OF THE MUNICIPAL COUNCIL, SUNDARGARH**
**No.: 5836** **Dt.: 03.01.2020**
**COMPETITIVE BIDDING THROUGH e-Procurement**
**NOTICE INVITING TENDER**
**Bid Reference No. SNGM-13/2019-20/Dt.03.01.2020**

On behalf of the Sundargarh Municipality, Online Item Rate Bids/Proposals from eligible Registered Firms/Entrepreneurs/ NGOs/Agency/Organization having eligibility criteria as mention in Technical Bid through Online Item rate bids under two bid system (Technical and Financial) in prescribed formats in conformity with the Detailed Tender Call Notice.

1. Name of the work for which tenders invited: **Sanitation Work including collection of waste from door to door in 19 (Ninteen) Nos. of ward of Sundargarh Municipality area i.e. from Ward No. 01 to 19 by engaging 10 Nos of TATA ACE Vehicles**.
2. Intending bidders have to participate through **"Online"** bidding only. The website for online bidding is **https://www.tendersodisha.gov.in**.
3. The bid documents will be avilable in the above website from **11 A.M. on 06.01.2020 to 5 P.M. on 20.01.2020** for online bidding.
4. Bids received online will be opened at **04 P.M. on 27.01.2020**.
5. The bidder must possess valid and compatible **Digital Signature Certificate (DSC)**.
6. The DTCN for **bid** shall be available in the e-procurement portal **https://www.tendersodisha.gov.in** for Online bidding.

**Sd./- Executive Officer**
**Sundargarh Municipality**



ମୁଁ ଦେଶ ପାଇଁ ଅଧିକରୁ ଅଧିକ ଦିନ ଖେଳେ ବୋଲି ଜାତୀୟ ଦଳ ଚାହେଁ, ତେଣୁ ମୋତେ ଫିଟ୍‌ନେସ୍ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ।

–ସୁନୀଲ ଛେତ୍ରୀ, ଭାରତୀୟ ଫୁଟ୍‌ବଲ ଅଧିନାୟକ



କ୍ରିକେଟର ସମସ୍ତ ଫର୍ମାଟ ବିଶେଷ କରି ଟି୨୦ରୁ ଲେଗ୍ ବାଇ ନିୟମକୁ ଉଚ୍ଛେଦ କରିଦିଆଯିବା ଉଚିତ।

–ମାର୍କ ୱ, ପୂର୍ବତନ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ପ୍ରିୟମଙ୍କ ଶତକ: ଦକ୍ଷିଣ ଆଫ୍ରିକାକୁ ହରାଇଲା ଭାରତ

ଡର୍ବାନ, ୩।୧ (ପି.ଟି.)-ଏଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଦିନିକିଆ ସିରିଜରେ ଭାରତର ୧୯ବର୍ଷରୁ କମ୍ କ୍ରିକେଟ ଦଳ ବିଜୟ ସହ ଏହାର ଅଭିଯାନ ଆରମ୍ଭ କରିଛି। ଅଧିନାୟକ ପ୍ରିୟମ ଗର୍ଗଙ୍କ ଶତକ(୧୦୩ ବଲ୍‌ରୁ ୧୧୦ରନ) ସହାୟତାରେ ୬୬ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଟସ୍‌ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୨୬୪ ରନ କରିଥିଲା। ଗର୍ଗଙ୍କ ଶତକୀୟ ଇନିଂସ ବ୍ୟତୀତ ଧ୍ରୁବ ଜୁରେଲ ୬୫ ଏବଂ ତିଳକ ବର୍ମା ୪୨ ରନ କରିଥିଲେ। ୨୬୫ରନର ବିଜୟ ଲକ୍ଷ୍ୟକୁ ପିଛା କରି ଘରୋଇ ଦଳ ନିର୍ଦ୍ଧାରିତ ଓଭରରେ ୯ଉଇକେଟ ବିନିମୟରେ ୧୯୮ ରନ କରିବାରେ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଟପ୍ ସ୍କୋରର ଅଧିନାୟକ ବ୍ରାଇସ୍ ପାର୍ସନ୍ସ ୫୦ ବଲ୍‌ରୁ ୫୭ ରନ କରିଥିଲେ। ଆଣ୍ଡ୍ରୁ ଲୋ ଧୈର୍ଯ୍ୟର ସହ ବ୍ୟାଟିଂ କରି ୮୫ବଲ୍‌ରୁ ୪୫ରନ କରିଥିବାବେଳେ ଅନ୍ୟ ବ୍ୟାଟ୍ସମ୍ୟାନମାନେ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ଭାରତ ପକ୍ଷରୁ ସବୁଠାରୁ ସଫଳ ବୋଲର ଭାବେ ବାମହାତୀ ଫାଷ୍ଟ ବୋଲର ସୁଶାନ୍ତ ମିଶ୍ର ୪୮ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ରବି ବିଶ୍ନୋଇ ୨ଟି ଉଇକେଟ ନେଇଥିବାବେଳେ କାର୍ତ୍ତିକ ତ୍ୟାଗୀ, ଅଥର୍ବ ଆଙ୍କୋଲେକର ଏବଂ ତିଳକ ବର୍ମା ଗୋଟିଏ ଲେଖାଏଁ ଉଇକେଟ ସଫଳତା ପାଇଥିଲେ। ଭାରତ ରବିବାର ଏହାର ପରବର୍ତ୍ତୀ ମ୍ୟାଚ ଜିମ୍ବାୱେ ବିପକ୍ଷରେ ଖେଳିବ। ନ୍ୟୁଜିଲାଣ୍ଡ ୪ର୍ଥ ଦଳ ଭାବେ ଏହି ପ୍ରତିଯୋଗିତାରେ ଭାଗ ନେଇଛି।

ସଂକ୍ଷିପ୍ତ ସ୍କୋର: ୧୯ ବର୍ଷରୁ କମ୍ ଭାରତୀୟ ଦଳ: ୫୦ ଓଭରରେ ୨୬୪/୫ (ପ୍ରିୟମ ଗର୍ଗ-୧୧୦; ମଣ୍ଡଲି ଖୁମାଲୋ-୪/୫୩)। ୧୯ ବର୍ଷରୁ କମ୍ ଦକ୍ଷିଣ ଆଫ୍ରିକା: ୫୦ ଓଭରରେ ୧୯୮/୯ (ବ୍ରାଇସ୍ ପାର୍ସନ୍ସ-୫୭; ସୁଶାନ୍ତ ମିଶ୍ର-୪/୪୮)।

# ଅଷ୍ଟ୍ରେଲିଆ ୨୮୩/୩

ସିଡନୀ,୩।୧(ଏଏଫ୍‌ପି)




ଇନ୍‌ଫର୍ମ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସେନଙ୍କ ଅପରାଜିତ ଶତକ ଓ ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍‌ଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ମ୍ୟାଚ୍‌ରେ ଭଲ ଆରମ୍ଭ କରିଛି। ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୩ ଉଇକେଟ ହରାଇ ୨୮୩ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ମାର୍ନସ ଲାବୁସେନ ୧୩୦ ଓ ମାଥ୍ୟୁ ୱେଡ ୨୨ ରନକରି ଅପରାଜିତ ରହିଛନ୍ତି।

ଦକ୍ଷିଣ ଆଫ୍ରିକା ଜନ୍ମିତ ଲାବୁସେନ ୨୧୦ଟି ବଲର ସମ୍ମୁଖୀନ ହୋଇ ୧୨ ଚୌକା ଓ ୧ ଛକା ସହ ଶତକୀୟ ପାଳି ଖେଳିଛନ୍ତି। ଏଥିସହିତ ଗତ ୭ଟି ଟେଷ୍ଟ ମ୍ୟାଚ୍‌ରେ ଲାବୁସେନ କ୍ୟାରିୟରର ଚତୁର୍ଥ ଶତକ ହାସଲ କରିଛନ୍ତି। ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ସେ ଏହି ସଫଳତା ହାସଲ କରିଛନ୍ତି। ୩ ନମ୍ବରରେ ବ୍ୟାଟିଂ କରିବାକୁ ଆସି ଲାବୁସେନ ଗତବର୍ଷ ବେଶ୍ ସଫଳ ରହିଥିଲେ। ସେ ୬୪.୯୪ ରନ ହାରରେ ୧୧୦୪ ରନ ସଂଗ୍ରହ କରିଛନ୍ତି। ନୂଆବର୍ଷରେ ମଧ୍ୟ ପ୍ରଥମ ଟେଷ୍ଟ ଖେଳି ସେ ଏହି ସଫଳତା ଦୋହରାଇଛନ୍ତି ଓ ଚଳିତ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଦ୍ୱିତୀୟ ଶତକ ଅର୍ଜନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଷ୍ଟିଭ୍ ସ୍ମିଥ୍ ୬୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି କଲିନ ଡି ଗ୍ରାଣ୍ଡହୋମଙ୍କ ବଲରେ ପ୍ରଥମ ସ୍ଲିପ୍‌ରେ ରସ୍ ଟେଲରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ୧୮୨ଟି ବଲର ସମ୍ମୁଖୀନ ହୋଇ ୪ ଚୌକା ସହ ସେ କ୍ୟାରିୟରର ୨୮ତମ ଟେଷ୍ଟ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ତୃତୀୟ ଉଇକେଟ ଯୋଡ଼ିରେ ସ୍ମିଥ୍ ଓ ଲାବୁସେନ ୧୫୬ ରନ ସଂଗ୍ରହ କରିଥିଲେ। ଓପନର ଜୋ ବର୍ନ୍ସ ୧୮ ରନ କରିଥିବା ବେଳେ ଗ୍ରାଣ୍ଡହୋମଙ୍କ ବଲ୍‌ରେ ପ୍ରଥମ ସ୍ଲିପ୍‌ରେ ଟେଲରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅଭିଜ୍ଞ ଓପନର ଡେଭିଡ ୱାର୍ନର ପୁଣି ଥରେ ଲେଗ୍ ସାଇଡ୍‌ରେ ଧରା ପଡିଥିଲେ। ଲଞ୍ଚ୍ ପରେ ତୃତୀୟ ବଲରେ ହିଁ ସେ ଆଉଟ ହୋଇଥିଲେ। ୪୫ ରନ କରି ଜମି ଆସୁଥିବା ବେଳେ ନିଲ ୱାଗନରଙ୍କ ବଲ୍‌ରେ ଲେଗ୍ ଗଲିରେ ଗ୍ରାଣ୍ଡହୋମଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଚତୁର୍ଥ ଥର ପାଇଁ ଏହି ସିରିଜରେ ୱାର୍ନରଙ୍କୁ ଆଉଟ କରିଛନ୍ତି ୱାଗନର। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଗ୍ରାଣ୍ଡହୋମ ୨ ଓ ୱାଗନର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଏହା ପୂର୍ବରୁ ମେଲବୋର୍ନରେ ଅନୁଷ୍ଠିତ ବକ୍ସିଂ ଡେ ଟେଷ୍ଟରେ ନ୍ୟୁଜିଲାଣ୍ଡ ୨୪୭ ରନରେ ପରାସ୍ତ ହୋଇଥିଲା। ନ୍ୟୁଜିଲାଣ୍ଡ ଦଳରେ ୫ଟି ପରିବର୍ତ୍ତନ କରିଥିଲା। ପ୍ରଥମ ଟେଷ୍ଟରେ ମଧ୍ୟ ନ୍ୟୁଜିଲାଣ୍ଡ ୨୯୬ ରନରେ ପରାସ୍ତ ହୋଇଥିଲା। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ୨–୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ତୃତୀୟ ମ୍ୟାଚ୍‌ରେ ବିଜୟୀ ହେଲେ ଅଷ୍ଟ୍ରେଲିଆ କ୍ଲିନ୍ ସୁଇପ୍ କରିବ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୯୦ ଓଭରରେ ୨୮୩/୩ (ଲାବୁସେନ- ୧୩୦*, ସ୍ମିଥ୍- ୬୩, ୱାର୍ନର- ୪୫, ଗ୍ରାଣ୍ଡହୋମ- ୨/୬୩, ୱାଗନର- ୧/୪୮)।

# ବର୍ଷା ଧୋଇଦେଲା ପ୍ରଥମ ଦିନର ଖେଳ

କଟକ ଅଫିସ,୩।୧

**ରଣଜୀ ମୁକାବିଲା**

ତ୍ରିପୁରାର ଅଗରତାଲାସ୍ଥିତ ମହାରାଜା ବୀର ବିକ୍ରମ କଲେଜ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଥିବା ଓଡ଼ିଶା–ତ୍ରିପୁରା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ର ପ୍ରଥମ ଦିବସ ଖେଳ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଛି। ଦିନ ତମାମ୍ ବର୍ଷା ଲାଗି ରହିବା ଫଳରେ ଟସ୍ ମଧ୍ୟ ପଡ଼ି ପାରି ନ ଥିଲା। ଶନିବାର ମ୍ୟାଚ୍‌ର ଦ୍ୱିତୀୟ ଦିବସ। ବର୍ଷା ବନ୍ଦ ହେଲେ ମ୍ୟାଚ୍ ଆରମ୍ଭ ହେବା ଆଶା କରାଯାଉଛି। ସୂଚନା ଥାଉକି, ଘରୋଇ ତ୍ରିପୁରା ବିପକ୍ଷରେ ହେବାକୁ ଥିବା ଏହି ମ୍ୟାଚ୍‌କୁ ଜିତି ଓଡ଼ିଶା ଦଳ ଏହି ସିଜନରେ ବିଜୟ ଅଭିଯାନ ଅବ୍ୟାହତ ରଖିବା ଲକ୍ଷ୍ୟରେ ରହିଛି। ଏବେ ସୁଦ୍ଧା ୩ଟି ଯାକ ମ୍ୟାଚ ବିଜୟୀ ହୋଇ ଓଡ଼ିଶା ଏଲିଟ ଗ୍ରୁପ–ସି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି। ବିପକ୍ଷ ତ୍ରିପୁରା ଚଳିତ ସିଜନରେ ଏବେ ସୁଦ୍ଧା ଗୋଟିଏ ବି ମ୍ୟାଚ୍ ଜିତି ନ ପାରି ପଏଣ୍ଟ ଟେବୁଲର ୯ମ ସ୍ଥାନରେ ରହିଛି।

# ଜୟଦେବ ମହାପାତ୍ର ସ୍ମାରକୀ କ୍ରିକେଟ ଘୁଞ୍ଚିଲା



ପଡ଼ିଆରେ ଉପସ୍ଥିତ ଖେଳାଳିମାନେ।

ଭୁବନେଶ୍ୱର, ୩।୧(କ୍ରୀଡ଼ା ପ୍ରତିନିଧି)

ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍‌କ୍ଲବ ପଡ଼ିଆରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁଥିବା ଜୟଦେବ ମହାପାତ୍ର ସ୍ମାରକୀ କ୍ରିକେଟ ପ୍ରତିଯୋଗିତାକୁ ବର୍ଷା ଯୋଗୁ ଘୁଞ୍ଚାଇ ଦିଆ ଯାଇଛି। ପ୍ରଥମ ମ୍ୟାଚ ଗ୍ରୀନ୍ସ ଏକାଡେମୀ ଓ ଏବି ରେଡ୍‌ଷ୍ଟାର ଏକାଦଶ ମଧ୍ୟରେ ହେବାର ଥିଲା। ଦୁଇ ଦଳର ଖେଳାଳି, ଅମ୍ପାୟର ଓ କର୍ମକର୍ତ୍ତା ପଡ଼ିଆରେ ଏକାଠି ହୋଇଥିଲେ ହେଁ ବର୍ଷା ଯୋଗୁ ମ୍ୟାଚ ଆରମ୍ଭ ହୋଇପାରି ନ ଥିଲା। ବର୍ଷା ଛାଡ଼ିବାପରେ ପଡ଼ିଆର ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରତିଯୋଗିତାର ତାରିଖ ପରେ ଘୋଷଣା କରାଯିବ ବୋଲି ଟାଉନ୍ କ୍ଲବର ପ୍ରଶିକ୍ଷକ ମନୋଜ ମହାପାତ୍ର ପ୍ରକାଶ କରିଛନ୍ତି।

# ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରିବୁ: ଗୋପୀଚାନ୍ଦ

ନୂଆଦିଲ୍ଲୀ, ୩।୧(ପି.ଟି.)

ଟୋକିଓରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସରେ ଏଥର ଆମେ ଭଲ ପ୍ରଦର୍ଶନ କରିବୁ ବୋଲି ଭାରତର ଜାତୀୟ ବ୍ୟାଡମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦ କହିଛନ୍ତି। ସାଇନା ନେହ୍ୱାଲ ଓ ପି.ଭି. ସିନ୍ଧୁଙ୍କ ଭଳି ଅଲିମ୍ପିକ ମେଡାଲିଷ୍ଟ ସୃଷ୍ଟି କରିଥିବା ଗୋପୀଚାନ୍ଦ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଏଥର ଭଲ ପ୍ରସ୍ତୁତି କରି ଉନ୍ନତ ପ୍ରଦର୍ଶନ ସହିତ ସଫଳ ହେବୁ ବୋଲି ସେ କହିଛନ୍ତି। ଗତ କେତୋଟି ଅଲିମ୍ପିକ୍ସରେ ଆମର ପ୍ରଦର୍ଶନ ବେଶ୍ ଭଲ ରହିଛି। ଅଲିମ୍ପିକ୍ସରେ ଆମେ ଜଣେ ବିଶ୍ୱ ଚାମ୍ପିୟନଙ୍କ ସହ ପଡିଆକୁ ଓହ୍ଲାଇବୁ।



ଖେଲୋ ଇଣ୍ଡିଆ ପ୍ରୋଗ୍ରାମକୁ ସେ ପ୍ରଶଂସା କରିଛନ୍ତି। ଦେଶର ଯୁବ ଆଥଲେଟମାନେ ଏହି କାର୍ଯ୍ୟକ୍ରମ ଦ୍ୱାରା ସୁଯୋଗ ହାସଲ କରିବେ ଓ ନିଜର ପ୍ରତିଭା ପ୍ରମାଣ କରିବାର ସୁବିଧା ପାଇବେ। ଏହା ଭାରତୀୟ କ୍ରୀଡ଼ାର ସକାରାତ୍ମକ ଦିଗକୁ ସୂଚାଉଛି। ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ସ୍ୱତନ୍ତ୍ର। ଏହି ପ୍ରୋଗ୍ରାମର ତୃତୀୟ ସଂସ୍କରଣ ଗୁଆହାଟୀରେ ଆସନ୍ତା ୧୦ରୁ ଆରମ୍ଭ ହୋଇ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପୂର୍ବରୁ ଖେଲୋ ଇଣ୍ଡିଆ ଦିଲ୍ଲୀ ଓ ପୁଣେରେ ଆୟୋଜିତ ହୋଇଥିଲା ଓ ଏହାକୁ ଅତି ନିକଟରୁ ନିରୀକ୍ଷଣ କରିଥିଲି। ଭାରତ ସରକାର ଖେଲୋ ଇଣ୍ଡିଆ ମାଧ୍ୟମରେ କ୍ରୀଡ଼ା ଉନ୍ନତି ପାଇଁ କରୁଥିବା ପ୍ରୟାସ ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟ ପରିବେଶରେ ଯୁବ ଆଥଲେଟଙ୍କ ପାଇଁ ଏହା ଭଲ ସୁଯୋଗ ସୃଷ୍ଟି କରିଛି। ଏଥିରୁ ଅଭିଜ୍ଞତା ହାସଲ କରି ଖେଳାଳିମାନେ ଆଗକୁ ବଢ଼ିପାରିବେ। ମୋଟାମୋଟି ଉପରେ ଖେଲୋ ଇଣ୍ଡିଆ ଭାରତୀୟ କ୍ରୀଡ଼ାକୁ ନୂଆ ଦିଶା ଦେବ। ବ୍ୟାଡମିଣ୍ଟନ ଏକ ଶାରୀରିକ ଖେଳ ହୋଇଥିଲେ ମଧ୍ୟ ଏଥିରେ କୌଶଳର ଆବଶ୍ୟକତା ରହିଛି। ମାନସିକ ଓ ଶାରୀରିକ ଭାବେ ଏହି ଖେଳରେ ସନ୍ତୁଳନ ରହିବା ନିହାତି ଜରୁରୀ। ଅନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିବାକୁ ହେଲେ ସବୁ ଦୃଷ୍ଟିକୋଣରୁ ସୁସ୍ଥ ହେବା ନିହାତି ଜରୁରୀ ବୋଲି ଗୋପୀଚାନ୍ଦ କହିଛନ୍ତି।

# ଉଦ୍‌ଘାଟନୀ ମ୍ୟାଚ୍‌ରେ ଜାଗୁଲାଇ ଫୁଟବଲ କ୍ଲବ ବିଜୟୀ

କେନ୍ଦ୍ରାପଡ଼ା ଅଫିସ, ୩।୧

ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ କପ୍ କେନ୍ଦ୍ରାପଡ଼ା ଟାଉନ ହାଇସ୍କୁଲ ଖେଳପଡ଼ିଆ ପରିସରରେ ଶୁକ୍ରବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ କଟକର ଜାଗୁଲାଇ ଫୁଟବଲ କ୍ଲବ ୩–୧ ଗୋଲରେ ଭଦ୍ରକର ୟୁନାଇଟେଡ୍ କ୍ଲବକୁ ହରାଇ ଦେଇଛି। ଏହି ଫୁଟବଲ ପ୍ରତିଯୋଗିତାକୁ ମୁଖ୍ୟଅତିଥି ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍‌ପି ଅନୁଭବ ମହାନ୍ତି, ବିଧାୟକ ଶଶିଭୂଷଣ ବେହେରା, ଜିଲା ପରିଷଦ ସଭାପତି ମାନସ କୁମାର ପରିଡା, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କେନ୍ଦ୍ରାପଡା ଜିଲାର କ୍ରୀଡ଼ା ଭିତ୍ତିଭୂମି ସମ୍ପର୍କରେ ଆଲୋକପାତ ସହ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ଖେଳକୁ ମହମ୍ମଦ ଜୟୁର, ସେକ୍ ରିଆସ, ପ୍ରଦୀପ୍ତ ମହାନ୍ତି, କୀର୍ତ୍ତି ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।



ପ୍ରତିଯୋଗିତା ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

# ଶୁବମନ–ଅମ୍ପାୟର ଯୁକ୍ତିତର୍କ

ମୋହାଲି, ୩।୧ (ପି.ଟି.)

**ରଣଜୀ ମ୍ୟାଚ୍ ୧୦ମିନିଟ ଅଟକିଲା**

ଭାରତୀୟ କ୍ରିକେଟର ଉଦୀୟମାନ ଷ୍ଟାର ଶୁବମନ ଗିଲ୍ ଏକ ବିବାଦରେ ଛନ୍ଦି ହୋଇଯାଇଛନ୍ତି। ଶୁକ୍ରବାର ଦିଲ୍ଲୀ ବିପକ୍ଷରେ ପଞ୍ଜାବର ଏକ ରଣ୍‌ଜୀ ମ୍ୟାଚ ବେଳେ ଫିଲ୍ଡ ଅମ୍ପାୟରଙ୍କ ସହିତ ଯୁକ୍ତି ପରେ ତାଙ୍କ ଆଉଟ୍‌କୁ ନାକଚ କରାଯାଇଥିଲା। ଏହି ଯୁକ୍ତିତର୍କ ଘଟଣା ପାଇଁ ମ୍ୟାଚ ୧୦ ମିନିଟ୍ ପାଇଁ ଅଟକିଥିଲା। ଖବର ଅନୁସାରେ ସ୍ଲୋ ମିଡିୟମ ପେସ୍ ବୋଲର ସୁବୋଧ ଭଟ୍ଟିଙ୍କ ବଲ୍‌ରେ ଇଣ୍ଡିଆ–ଏ’ ହ୍ୱାଇଟ୍ ବଲ୍ ଅଧିନାୟକଙ୍କୁ କଟ୍ ବିହାଇଣ୍ଡ ଦିଆଯାଇଥିଲା। କିନ୍ତୁ ସେ ଫିଲ୍ଡ ଛାଡ଼ି ନ ଥିଲେ। ଅମ୍ପାୟରଙ୍କ ସହିତ ଯାଇ ଯୁକ୍ତି କରିଥିଲେ। ଅନ୍ ଫିଲ୍ଡ ଅଫିସିଆଲଙ୍କ ସହିତ ଆଲୋଚନା ପରେ ଆଉଟ୍‌କୁ ନାକଚ କରାଯାଇଥିଲା। ଗିଲ୍ ସେତେବେଳକୁ ୧୦ ରନ କରି ଖେଳୁଥିଲେ। କିନ୍ତୁ ସେ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ସେ ୪୧ ବଲ୍‌ରେ ୨୩ ରନ କରି ଆଉଟ ହୋଇଥିଲେ। ସେତେବେଳକୁ ତାଙ୍କ ପଞ୍ଜାବ ଦଳର ସ୍କୋର ୬୦ ରନ ଥିଲା। ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିବାଦ୍ୱାରା ସେ ଆଚରଣବିଧି ଉଲ୍ଲଂଘନ କରିଛନ୍ତି। ଏଥିପାଇଁ ମ୍ୟାଚ ରେଫରି ପି. ରଙ୍ଗନାଥନ ତାଙ୍କୁ ହୁଏତ ଚେତାବନୀ ଦେଇ ଛାଡ଼ିଦେଇପାରନ୍ତି, ନତୁବା ଆଚରଣବିଧି ଉଲ୍ଲଂଘନ ଧାରା–୧ ଅନୁସାରେ ଦଣ୍ଡିତ କରିପାରନ୍ତି। ଖବର ଅନୁସାରେ ଷ୍ଟ୍ରେଟ୍ ଅମ୍ପାୟର (ମହମ୍ମଦ ରଫି) ଶୁବମନଙ୍କୁ କଟ୍ ବିହାଇଣ୍ଡ ଦେଇଥିଲେ। ବ୍ୟାଟ୍ସମ୍ୟାନ ଜଣକ ଏହି ନିଷ୍ପତ୍ତିକୁ ସ୍ୱୀକାର କରିବାକୁ କିନ୍ତୁ ରାଜି ନ ଥିଲେ। ସେ ସିଧାସଳଖ ଅମ୍ପାୟରଙ୍କ ନିକଟକୁ ଯାଇ ଯୁକ୍ତି କରିଥିଲେ ଏବଂ ନିଷ୍ପତ୍ତି ବଦଳାଇବାକୁ ଅଡି ବସିଥିଲେ। ଷ୍ଟ୍ରେଟ୍ ଅମ୍ପାୟର ସ୍କୋୟାର ଲେଗ୍ ଅମ୍ପାୟର ବିବେକ ଖୁରାନାଙ୍କ ସହିତ ଆଲୋଚନା ପରେ ତାଙ୍କ ନିଷ୍ପତ୍ତି ବଦଳାଇଥିବା ଦିଲ୍ଲୀ ଟିମ୍ ମ୍ୟାନେଜର ବିବେକ ଖୁରାନା ପ୍ରକାଶ କରିଛନ୍ତି। ପ୍ରତିବାଦ ସ୍ୱରୂପ ଭ୍ରମଣକାରୀ ଦଳର ପଡ଼ିଆ ଛାଡ଼ି ଚାଲିଯିବାର କୌଣସି ଯୋଜନା ଥିଲା କି ପଚରାଯିବାରେ ଖୁରାନା ତାହାର ଖଣ୍ଡନ କରିଥିଲେ। ନିଷ୍ପତ୍ତିକୁ କାହିଁକି ବଦଳାଇଲେ ବୋଲି ଆମ ଦଳର ଉପଅଧିନାୟକ ନୀତୀଶ ରାଣା କେବଳ ଅମ୍ପାୟରଙ୍କୁ ପ୍ରଶ୍ନ କରିଥିଲେ। ପରେ ମ୍ୟାଚ ରେଫରି ରଙ୍ଗନାଥନଙ୍କ ହସ୍ତକ୍ଷେପ ପରେ ମ୍ୟାଚ ସ୍ୱାଭାବିକ ଭାବେ ଆରମ୍ଭ ହୋଇଥିଲା ବୋଲି ସେ କହିଥିଲେ। ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ(ଡିଡିସିଏ) ସାଧାରଣ ସମ୍ପାଦକ ବିନୋଦ ତିହାରା କହିଛନ୍ତି, ମ୍ୟାଚ କେବଳ ୭ରୁ ୮ ମିନିଟ ଅଟକି ଥିଲା। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତ ସୃଷ୍ଟି ହୋଇ ନ ଥିଲା। ଗିଲ୍ ଆଉଟ୍ ହୋଇଥିବା ଆମ ପିଲାଙ୍କ ମନରେ ଧାରଣା ସୃଷ୍ଟି ହୋଇଥିଲା। ତେଣୁ ଅମ୍ପାୟର ତାଙ୍କ ନିଷ୍ପତ୍ତି କାହିଁ ବଦଳାଇଲେ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏହି ପ୍ରସଙ୍ଗ ନେଇ ଆମେ ବିଧିବଦ୍ଧ କୌଣସି ଅଭିଯୋଗ କରିନାହୁଁ। ପଞ୍ଜାବ କ୍ରିକେଟ ଆସୋସିଏଶନର ଜଣେ ବରିଷ୍ଠ ଅଧିକାରୀ ଜିଏସ୍ ୱାଲିଆ କହିଛନ୍ତି, ଯୁକ୍ତିତର୍କ ବେଳେ ଗିଲ୍ କୌଣସି ଖରାପ ଭାଷା ପ୍ରୟୋଗ କରି ନାହାନ୍ତି। ଶୁବମନ ଜଣେ ଭଦ୍ର ଏବଂ ଶାନ୍ତ ସ୍ୱଭାବର ପିଲା। ବଲ୍ ତାଙ୍କୁ ଟଚ୍ କରି ନ ଥିବା ବିଷୟ ଶୁବମନ କେବଳ ଅମ୍ପାୟରଙ୍କୁ କହିଥିଲେ, ଅନ୍ୟ କିଛି ନୁହେଁ। ମ୍ୟାଚ ରେଫରି ଗିଲ୍‌ଙ୍କୁ ଦଣ୍ଡିତ କରିବେ କି ନା ତାହା ଚତୁର୍ଥ ଦିବସ ଖେଳ ଶେଷ ପରେ ଜଣାପଡ଼ିବ।

# ଓଡ଼ିଶା ଲନ୍ ବଲ୍ ଦଳ ଘୋଷିତ

ଭୁବନେଶ୍ୱର, ୩।୧(କ୍ରୀଡ଼ା ପ୍ରତିନିଧି)

- ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସ ପାଇଁ ପ୍ରସ୍ତୁତି
- ଜାତୀୟ ସ୍ତରରେ ପଦକ ବିଜୟୀ ଆରିଫା, କୈଳାସ ସମ୍ବର୍ଦ୍ଧିତ

ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସର ତୃତୀୟ ସଂସ୍କରଣ ଆସାମର ଗୁଆହାଟୀରେ ଚଳିତମାସ ୧୦ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭାରତୀୟ ବୋଲିଂ ଫେଡେରେଶନ (ବିଏଫଆଇ) ଦ୍ୱାରା ପରିଚାଳିତ ‘ଲନ୍ ବଲ୍’ କ୍ରୀଡ଼ା ପ୍ରଥମ ଥର ପାଇଁ ଖେଲୋ ଇଣ୍ଡିଆ ଯୁଥ୍‌ଗେମ୍ସରେ ସାମିଲ ହୋଇଛି। ଓଡ଼ିଶା ଲନ୍ ବଲ ଦଳ ପ୍ରଥମଥରପାଇଁ ଏହି ବାର୍ଷିକ ତୃଣମୂଳସ୍ତରୀୟ ପ୍ରତିଯୋଗିତାରେ ପଦାର୍ପଣ କରିବାକୁ ଯାଉଛି। ଶୁକ୍ରବାର କଳିଙ୍ଗ ଷ୍ଟାଡିୟମସ୍ଥିତ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ୧୦ ଜଣିଆ ଓଡ଼ିଶା (ମହିଳା/ପୁରୁଷ) ଦଳ ତାଲିକା ପ୍ରକାଶ କରାଯାଇଛି। ବିଗତ ୨ ବର୍ଷ ହେବ ରାଜ୍ୟରେ ଏହି ଖେଳ ନିଜର ସ୍ଥିତି ଜାହିର କରିବାକୁ ଉଦ୍ୟମ କରିଆସିଛି। ଖେଲୋ ଇଣ୍ଡିଆରେ ଓଡ଼ିଶାର ଖେଳାଳିମାନେ ଉନ୍ନତ ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିବାନେଇ ଆମେ ଆଶା ରଖିଛୁ ବୋଲି ଉକ୍ତ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଓଡ଼ିଶା ରାଜ୍ୟ ବୋଲିଂ ଆସୋସିଏଶନ୍ (ଓଏସ୍‌ବିଏ)ର ସଭାପତି ତଥା ପୂର୍ବତନ ଏମ୍‌ପି ଅନଙ୍ଗ ଉଦୟ ସିଂହଦେଓ। ରାଜ୍ୟ ସରକାର ଏହି ଖେଳକୁ ସ୍ୱୀକୃତି ପ୍ରଦାନ ସହ ଭିତ୍ତିଭୂମି ଯୋଗାଇଦେଲେ ରାଜ୍ୟ ପାଇଁ ଅନେକ ଗୌରବ ଆସିପାରିବ ବୋଲି ଏହି ଅବସରରେ ସିଂହଦେଓ ପ୍ରକାଶ କରିଥିଲେ। ଖେଲୋ ଇଣ୍ଡିଆରେ ଲନ୍ ବଲ୍ ଖେଳକୁ ସାମିଲ କରାଯିବା ପରେ ଆମେ ଉତ୍ସାହିତ ହୋଇଛୁ। ଗତବର୍ଷ ଜାତୀୟ ପ୍ରତିଯୋଗିତାରେ ପଦକ ଜିତିଥିବା ଆରିଫା ବେଗମ୍ ଓଡ଼ିଶା ଦଳରେ ସାମିଲ ହୋଇ ଗୁଆହାଟୀ ଯାଉଥିବାରୁ ଓଡ଼ିଶା ପାଇଁ ସୁଯୋଗ ରହିଛି ବୋଲି ପ୍ରକାଶ କରିଛନ୍ତି ଓଏସବିଏର ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ। ଭବିଷ୍ୟତରେ ଏହି ଖେଳକୁ ଓଡ଼ିଶାର ବିଭିନ୍ନ ଜିଲାକୁ ପ୍ରସାରିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପୁରୋହିତ କହିଥିଲେ। ଏହି ଅବସରରେ ଗତ ଜାତୀୟ ପ୍ରତିଯୋଗିତା ପଦକ ବିଜୟୀ ଆରିଫା ଓ କୈଳାସ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସଂଘର ଦୁଇ କାର୍ଯ୍ୟନିର୍ବାହୀ ସଦସ୍ୟ ଦେବୀ ପ୍ରସନ୍ନ ମହାନ୍ତି ଓ ସୁରେଶ ସ୍ୱାଇଁ ଉପସ୍ଥିତ ଥିଲେ।

**ଓଡ଼ିଶା ଦଳ:** ପୁରୁଷ– ଆକାଶ ମାଝୀ, ଜଗା ମହାକୁଡ଼, ଚିନ୍ମୟ ତ୍ରିପାଠୀ, ବିଶ୍ୱରାଜ ସାହୁ, ସୌମ୍ୟ ମହାପାତ୍ର। ମହିଳା– ସଞ୍ଜନା ମେହେର, ପ୍ରିୟଙ୍କା କୁମ୍ଭାର, ଆରିଫା ବେଗମ୍, ଶ୍ୱେତଲାନା ବକ୍ସି, ସାଇନା ନାଏକ। ପ୍ରଶିକ୍ଷକ: ସୁକାନ୍ତ ସେଠ୍, ରଶ୍ମିତା ପୁରୋହିତ, ସୁମିତ ରଞ୍ଜନ ପୁରୋହିତ।




ଆରିଫା ବେଗମ ଓ କୈଳାସ ମାଝୀଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ କର୍ମକର୍ତ୍ତାମାନେ।

## ସଂକ୍ଷେପରେ

### ଦ୍ୱିତୀୟ ଟେଷ୍ଟ: ଇଂଲଣ୍ଡ ୨୬୨/୯

କେପ୍ ଟାଉନ, ୩।୧- ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଦକ୍ଷିଣ ଆଫ୍ରିକା ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିଂସ ଆରମ୍ଭ କରି ଇଂଲଣ୍ଡ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଇଂଲଣ୍ଡ ୮୯ ଓଭରରେ ୯ ଉଇକେଟ ହରାଇ ୨୬୨ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଓଲି ପୋପ୍ ସର୍ବାଧିକ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଓ ୩ ରନ କରି ଜେମ୍ସ ଆଣ୍ଡରସନ ଅପରାଜିତ ରହିଛନ୍ତି। ଇଂଲଣ୍ଡ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ବେନ୍ ଷ୍ଟୋକ୍ସ ୪୭, ଜୋ ଡେନଲୀ ୩୮, ଅଧିନାୟକ ଜୋ ରୁଟ୍ ୩୫, ଡୋମ ସିବ୍ଲି ୩୪, ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋଶ ବଟ୍ଲର ୨୯ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଘରୋଇ ଦଳ ତରଫରୁ ଭର୍ନନ ଫିଲାଣ୍ଡର, କାଗିସୋ ରାବାଡ଼ା, ଅନରିଚ ନୋର୍ଜ, ଡ୍ୱେନ ପ୍ରିଟୋରିୟସ ୨ଟି ଲେଖାଏ, କେଶବ ମହରାଜ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। **ସଂକ୍ଷିପ୍ତ ସ୍କୋର:** ଇଂଲଣ୍ଡ ପ୍ରଥମ ଇନିଂସରେ ୮୯ ଓଭରରେ ୨୬୨/୯ (ପୋପ୍- ୫୬*, ଷ୍ଟୋକ୍ସ- ୪୭, ଡେନଲି- ୩୮, ରୁଟ- ୩୫, ଫିଲାଣ୍ଡର- ୨/୪୬, ରାବାଡ଼ା- ୨/୬୩, ନୋର୍ଜ- ୨/୫୪, ପ୍ରିଟୋରିୟର- ୨/୨୬)।

### ଦୀପକ, ରବିଙ୍କୁ ଏସିଆନ୍ ରେସଲିଂ ଯୋଗ୍ୟତା

ନୂଆଦିଲ୍ଲୀ,୩।୧- ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତାପ୍ରାପ୍ତ କୁସ୍ତିଯୋଦ୍ଧା ଦୀପକ ପୁନିଆ ଓ ରବି କୁମାର ଡାହିୟା ଫେବୃୟାରୀ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସିନିୟର ଏସିଆନ ଚାମ୍ପିୟନଶିପ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। କେ. ଡି. ଯାଦବ ରେସଲିଂ ଇନ୍‌ଡୋର ଷ୍ଟାଡିୟମରେ ଟ୍ରାଏଲ୍ସ ଅନୁଷ୍ଠିତ ହୋଇଥିଲା। ଯୁଡବ୍ଲ୍ୟୁଡବ୍ଲ୍ୟୁ ଜୁନିୟର ଆଥ୍‌ଲେଟ ଅଫ୍ ଦ ଇୟର ୮୬ କେଜି ଫ୍ରିଷ୍ଟାଇଲ ବର୍ଗର ଟ୍ରାଏଲରେ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ପଦକଧାରୀ ପଓ୍ୱନ କୁମାରଙ୍କୁ ହରାଇ ଦେଇଛନ୍ତି। ୫୭ କେଜି ଓଜନ ବର୍ଗରେ ରବି ଏୟାର ଫୋର୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପଙ୍କଜ ୧୦-୦ ବ୍ୟବଧାନରେ ପରାସ୍ତ କରିଛନ୍ତି।



“ପଲ୍‌ପୋଗ୍‌ବା ଆଉଥରେ ଗୋଇଠିରେ ଅସ୍ତ୍ରୋପଚାର କରିବାକୁ ଯାଉଛନ୍ତି, ଏନେଇ କ୍ଲବ ପୂର୍ଣ୍ଣ ସହଯୋଗ କରିବ।

–ଓଲେ ଗନାର ସଲ୍‌ସ୍କଜେର୍, ମାଞ୍ଚେଷ୍ଟର ୟୁନାଇଟେଡ୍ ମ୍ୟାନେଜର



“ସିନ୍ଧୁଙ୍କ ସମେତ ଭାରତର ପ୍ରମୁଖ ଖେଳାଳିମାନେ ଏବେ ଫର୍ମରେ ନ ଥିଲେ ମଧ୍ୟ ଟୋକିଓ ଅଲିମ୍ପିକ୍ସରେ ଶ୍ରେଷ୍ଠ ପ୍ରଦର୍ଶନ କରିବେ ବୋଲି ମୋର ବିଶ୍ୱାସ।

–ପୁଲେଲା ଗୋପୀଚାନ୍ଦ, ଜାତୀୟ ବ୍ୟାଡ୍‌ମିଣ୍ଟନ କୋଚ





ମହିଳା ଚ୍ୟାଲେଞ୍ଜର ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଶୁକ୍ରବାର ବାରବାଟୀ ଷ୍ଟାଡିୟମରେ ଇଣ୍ଡିଆ-'ଏ' ଓ ଇଣ୍ଡିଆ-'ବି' ଖେଳାଳିଙ୍କ ୱାର୍ମଅପ୍।

# ଖରାପ ପାଗ ଯୋଗୁ ଆଶଙ୍କାରେ ପ୍ରଥମ ମ୍ୟାଚ



ବର୍ଷା ଯୋଗୁ ପିଚ୍‌କୁ ଘୋଡ଼ାଇ ରଖାଯାଇଛି।

**କଟକ ଅଫିସ,୩।୧**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି ଶନିବାରଠାରୁ ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହେବ। ପ୍ରଥମ ଦିବସରେ ଇଣ୍ଡିଆ-ଏ ଓ ଇଣ୍ଡିଆ-ବି ମଧ୍ୟରେ ମ୍ୟାଚ୍ ପାଇଁ କାର୍ଯ୍ୟସୂଚୀ ରହିଛି। ତେବେ ଅଦିନିଆ ବର୍ଷା ସହିତ ଖରାପ ଆଲୋକ ଯୋଗୁ ଏହି ମ୍ୟାଚ୍ ଖେଳାଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଆଉଟଫିଲ୍ଡରେ ପାଣି ଜମି ରହିଥିବା ବେଳେ ପିଚ୍‌କୁ ଘୋଡାଇ ରଖାଯାଇଛି। ଶୁକ୍ରବାର ପୂର୍ବାହ୍ଣରେ ଉଭୟ ଦଳ ବାରବାଟୀ ଷ୍ଟାଡିୟମକୁ ଅଭ୍ୟାସ ନିମନ୍ତେ ଆସିଥିଲେ। ହେଲେ ପାଗ ଖରାପ ରହିବା ଫଳରେ ଉଭୟ ଦଳର ଖେଳାଳି ଅଭ୍ୟାସ ଠିକ ଭାବେ କରି ପାରି ନାହାନ୍ତି। ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଇଣ୍ଡିଆ-ଏ ଦଳ ଓ ସ୍ମୃତି ମାନ୍ଧାନାଙ୍କ ନେତୃତ୍ୱାଧୀନ ଇଣ୍ଡିଆ-ବି ଦଳ ଦିନ ୧୧ଟାରେ ପହଞ୍ଚିଥିଲେ। ହରମନପ୍ରୀତଙ୍କ ଦଳ ପ୍ରଥମେ ଅଭ୍ୟାସ ପାଇଁ ପଡ଼ିଆକୁ ଓହ୍ଲାଇଥିଲେ। ପରେ ସ୍ମୃତି ମାନ୍ଧାନାଙ୍କ ଦଳ ଅଭ୍ୟାସ କରିଥିଲା। ସ୍ମୃତିଙ୍କ ଦଳରେ ଓଡ଼ିଆ ଖେଳାଳି ସୁଶ୍ରୀ ଦିବ୍ୟଦର୍ଶିନୀ ରହିଛନ୍ତି। ଅଭ୍ୟାସ କରି ନ ପାରି ୨ଟି ଯାକ ଦଳ କେବଳ ୱାର୍ମଅପ୍ କରି ଦିନ ପ୍ରାୟ ୨ଟା ବେଳେ ପ୍ରତ୍ୟାବର୍ତ୍ତନ କରିଥିଲେ।

**ମହିଳା ଚ୍ୟାଲେଞ୍ଜର ଟ୍ରଫି**

# ଜାତୀୟ ସବ୍‌ଜୁନିୟର ସଫ୍ଟବଲ୍‌ରେ ୪୪ ଦଳ

**କଟକ ଅଫିସ,୩।୧**

ଆସନ୍ତା ୫ରୁ ୯ ପର୍ଯ୍ୟନ୍ତ ସ୍ଥାନୀୟ ସତ୍ୟବ୍ରତ ଷ୍ଟାଡିୟମରେ ୩୧ତମ ଜାତୀୟ ସବ୍‌ଜୁନିୟର ସଫ୍ଟବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଲିଗ୍ ଓ ନକ୍‌ଆଉଟ ପର୍ଯ୍ୟାୟରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୨୪ଟି ବାଳକ ଓ ୨୦ଟି ବାଳିକା ରାଜ୍ୟ ଦଳ ଅଂଶ ଗ୍ରହଣ କରିବେ। ଏ ନେଇ ଶୁକ୍ରବାର ମଧ୍ୟାହ୍ନରେ ଓସିଏ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀରେ ପ୍ରତିଯୋଗିତା ଆୟୋଜନ ସମ୍ପର୍କରେ ସୂଚନା ଦିଆଯାଇଛି।

ପ୍ରତିଯୋଗିତାରେ ୪୦୦ ବାଳିକା ଓ ୫୦୦ ବାଳକ ଖେଳାଳିଙ୍କ ସମେତ ୧୦୦ଜଣ ମ୍ୟାଚ୍ ଅଫିସିଆଲଙ୍କୁ ମିଶାଇ ମୋଟ୍ ୧୦୦୦ଜଣ ଭାଗ ନେବେ। ବାରବାଟୀ ଷ୍ଟାଡିୟମରେ ସମସ୍ତଙ୍କ ନିମନ୍ତେ ରହଣି ଓ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଟୁର୍ନାମେଣ୍ଟ ଆୟୋଜନ ନିମନ୍ତେ ମୋଟ ୨୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ପ୍ରତିଯୋଗିତା ପରିଚାଳନା ପାଇଁ ବିଭିନ୍ନ କମିଟି ଓ ସବ୍‌କମିଟି ମଧ୍ୟ ଗଠନ କରାଯାଇଛି। ସମ୍ମିଳନୀରେ ଓଡ଼ିଶା ସଫ୍ଟବଲ ଆସୋସିଏଶନ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ପ୍ରତିଯୋଗିତା ପରିଚାଳନା କମିଟିର ମହେନ୍ଦ୍ର ନାୟକ, ଶକ୍ତିରଞ୍ଜନ ମହାନ୍ତି, ଟେକ୍ନିକାଲ କମିଟିର ବିଭୁଦତ୍ତ ରଥ, ସଞ୍ଜୀବ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ କ୍ରୀଡ଼ା ସଂଗଠକ ସହଦେବ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ରାଜ୍ୟ ଦଳ ମଧ୍ୟ ଘୋଷଣା କରାଯାଇଥିଲା। ତପୁ ସିଂ ଓ ଲକ୍ଷ୍ମୀ ସୋରେନ ଯଥାକ୍ରମେ ବାଳକ ଓ ବାଳିକା ଦଳର ଅଧିନାୟକ ରହିଛନ୍ତି।

**ବାଳିକା ଦଳ:** ଲକ୍ଷ୍ମୀ ସୋରେନ (ଅଧିନାୟିକା), ଡାଙ୍ଗୀ ମୁର୍ମୁ, ପୂର୍ଣ୍ଣିମା ସୋରେନ, ତୃପ୍ତିମୟୀ ସୋରେନ, କଣ୍ଢେଇ ସାହୁ, ସ୍ୱାତୀ କ୍ରିତାନିଆ, ଚାନ୍ଦିନୀ ମୁକ୍ତା, ଲକ୍ଷ୍ମୀ ବୋଇପାଇ, ଅଭିଲିପ୍ସା ରାଉତ, ସୁଲୋଚନା ମଲିକ, ମମତା ସିଂ, ସୁଭଦ୍ରା ଓରାମ, ଲକ୍ଷ୍ମୀ ମୁର୍ମୁ, ରଶ୍ମିତା ବାରିକ, କରିନା ମାନସିଂ, ଶିବାନୀ ସିଂ, ପୂଜାରାଣୀ ଭୋଇ, ଲକ୍ଷ୍ମୀ ନାୟକ, ସୁଚିସ୍ମିତା ପ୍ରଧାନ, ମାମାଲି ବେହେରା। ବିନୁ ସାହୁ- କୋଚ୍, ଚିନ୍ମୟ ପଟ୍ଟନାୟକ- କୋଚ୍, ବିଭୁଦତ୍ତ ରଥ- ମ୍ୟାନେଜର।

**ବାଳକ ଦଳ:** ତପୁ ସିଂ (ଅଧିନାୟକ), କାର୍ତ୍ତିକ ସିଂ, ସୋମେନ ଗିରି, ପ୍ରିୟାଂଶୁ ଶେଖର ବିଶ୍ୱାଳ, ଅମିତ ଓରାମ, ଗଡୁ ବଡନାୟକ, ମହାବୀର ମହାରଣା, ସଞ୍ଜୟ କୁମାର ଦାସ, ସନ୍ଦୀପ କୁମାର କାରକାରିଆ, ସୁରଦା ଲକ୍ଷ୍ମଣ, ରଞ୍ଜିତ ସିଂ, ଖଗେଶ୍ୱର ମଲିକ, ଶୁଭମ ବିଶ୍ୱରଞ୍ଜନ ବଳ, ଏ. ଦୁର୍ଗାପ୍ରସାଦ, ରାହୁଲ ଏକ୍କା, ବି. ଉଦୟ କୁମାର, ବାଦଲ କୁମାର ଶର୍ମା, ଆଦିତ୍ୟ ନାଥ, ସୁରେନ୍ଦ୍ର ପାଙ୍ଗୀ, ଜ୍ଞାନରଞ୍ଜନ ପ୍ରଧାନ। ପ୍ରଭାତ ସାହୁ- କୋଚ୍, ସନ୍ଦୀପ ରଏ-କୋଚ୍, ମନୋରଞ୍ଜନ ସାହୁ- ମ୍ୟାନେଜର।

### ସର୍ବଭାରତୀୟ ଆନ୍ତଃ ଜୋନ ବିଶ୍ୱବିଦ୍ୟାଳୟ ଭଲିବଲ

# ବିଜୟ ସହ ଉତ୍କଳର ଅଭିଯାନ ଆରମ୍ଭ

**ଭୁବନେଶ୍ୱର, ୩।୧(କ୍ରୀଡ଼ା ପ୍ରତିନିଧି)**

ସର୍ବଭାରତୀୟ ଆନ୍ତଃ ଜୋନ ବିଶ୍ୱବିଦ୍ୟାଳୟ(ପୁରୁଷ) ଭଲିବଲ ଶୁକ୍ରବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରୁଛନ୍ତି। ନର୍ଥ ଜୋନ୍ ଦଳରେ କୁରୁକ୍ଷେତ୍ର, ଫଗୱାରାର ଲଭ୍‌ଲି ପ୍ରଫେଶନାଲ, ପଟିଆଲାର ପଞ୍ଜାବୀ ଏବଂ ଅମ୍ରିତସରର ଜିଏନଡିୟୁ ବିଶ୍ୱବିଦ୍ୟାଳୟ ରହିଥିବାବେଳେ ଇଷ୍ଟ ଜୋନ୍ ଦଳରେ ଭୁବନେଶ୍ୱରର ଉତ୍କଳ, ବାରଣାସୀର ମହାତ୍ମାଗାନ୍ଧୀ କାଶୀ ବିଦ୍ୟାପୀଠ, କୋଲକାତାର ଆଦାମାସ ଏବଂ ପଶ୍ଚିମବଙ୍ଗର ବୁରଦ୍ୱାନ ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଛି। ସେହିପରି ୱେଷ୍ଟଜୋନ୍ ଦଳରେ ଆରଟିଏମ ନାଗପୁର, ଔରଙ୍ଗାବାଦର ଡକ୍ଟର ବି.ଆର. ଆମ୍ବେଦକର ମାର୍ଥୱାଡା, ଗ୍ୱାଲିୟରର ଏଲଏନଆଇପିଇ, ଅହମ୍ମଦାବାଦର ଗୁଜରାଟ ବିଶ୍ୱବିଦ୍ୟାଳୟ ଏବଂ ସାଉଥ୍ ଜୋନ୍ ଦଳରେ ମାଙ୍ଗାଲୋର, ଚେନ୍ନାଇର ଏସଆରଏମ, ୟୁନିଭର୍ସିଟି ଅଫ୍ କାଲିକଟ ଏବଂ କୋଟ୍ଟାୟମର ମହାତ୍ମାଗାନ୍ଧୀ ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ଉତ୍କଳ ବିଶ୍ୱବିଦ୍ୟାଳୟ ୩-୧ ସେଟ୍‌ରେ ଜିଏନ୍‌ଡିୟୁ ଅମୃତସରକୁ ହରାଇ ଅଭିଯାନ ଆରମ୍ଭ କରିଛି। ଅନ୍ୟ ମ୍ୟାଚ ଗୁଡ଼ିକରେ କୁରୁକ୍ଷେତ୍ର ୩-୨ରେ ଆଦାମାସ, ଲଭ୍‌ଲି ପ୍ରଫେଶନାଲ ୩-୦ରେ ବୁରଦ୍ୱାନ, ମହାତ୍ମାଗାନ୍ଧୀ କାଶି ବିଦ୍ୟାପୀଠ ୩-୧ରେ ପଞ୍ଜାବୀ ବିଶ୍ୱବିଦ୍ୟାଳୟ, ମାଙ୍ଗାଲୋର ୩-୧ରେ ଏଲଏନଆଇପିଇ ଏବଂ ମହାତ୍ମାଗାନ୍ଧୀ ବିଶ୍ୱବିଦ୍ୟାଳୟ କୋଟ୍ଟାୟାମ ୩-୦ରେ ଗୁଜରାଟ ବିଶ୍ୱବିଦ୍ୟାୟକୁ ପରାସ୍ତ କରିଛି। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆର ମହାସଚିବ ରାମଅବତାର ସିଂ ଜାଖର, ଉପସଭାପତି ତଥା ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ଏ. ରମଣାରାଓ, ଏଆଇୟୁ ପର୍ଯ୍ୟବେକ୍ଷକ ଅର୍ଜୁନ ପୁରସ୍କାରପ୍ରାପ୍ତ ଡ. ଡି. ଏସ. ଚୌହାନ, କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ତଥା ଆୟୋଜକ କମିଟି ସମ୍ପାଦକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।





ସର୍ବଭାରତୀୟ ଆନ୍ତଃ ଜୋନ୍ ବିଶ୍ୱବିଦ୍ୟାଳୟ ଭଲିବଲ ଉଦ୍‌ଘାଟନୀ ଅବସରରେ ଅତିଥି ଓ ଖେଳାଳିମାନେ।

### ହାର୍ଦ୍ଦିକଙ୍କ ପ୍ରତି କମେଣ୍ଟକୁ ବିରୋଧ କଲେ ପ୍ରଶଂସକ

ନୂଆଦିଲ୍ଲୀ,୩।୧- ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କର ତାଙ୍କ ବାନ୍ଧବୀ ସର୍ବୀୟ ଅଭିନେତ୍ରୀ ନତାଶା ଷ୍ଟାନ୍‌କୋଭିକଙ୍କ ସହ ନିର୍ବନ୍ଧ ହୋଇଛି। ସୋସିଆଲ ମିଡିଆରେ କିଛି ଫଟୋ ଶେୟାରକରି ହାର୍ଦ୍ଦିକ ଏ ନେଇ ଘୋଷଣା କରିଥିଲେ। ଟୁଇଟର, ଇନ୍‌ଷ୍ଟାଗ୍ରାମ ଓ ଫେସ୍‌ବୁକ୍‌ରେ ଶେୟାର କରାଯାଇଥିବା ଫଟୋରେ କେତେଜଣ ପ୍ରଶଂସକ ବର୍ଣ୍ଣବୈଷମ୍ୟ ଭେଦଭାବ କରିଥିଲେ। ଜଣେ ୟୁଜର ଲେଖିଥିଲେ, ବ୍ରାଇଟନେସ୍ ବଢ଼ାଇଲେ ଭାଉଜ ଦେଖାଯିବେ ନାହିଁ, ଆଉ କମାଇଲେ ପାଣ୍ଡ୍ୟା ଗାଏବ। ଆଉ ଜଣେ ଲେଖିଛନ୍ତି, ମାଙ୍କଡ଼ ହାତରେ ଶାଳଗ୍ରାମ। ଏପରି କି ପାଣ୍ଡ୍ୟା ଓ ଷ୍ଟାନ୍‌କୋଭିକ୍‌ଙ୍କୁ ରସଗୋଲା ଓ ଗୋଲାପଜାମୁ ସହ ତୁଳନା କରିଛନ୍ତି। ଏଭଳି ଆହୁରି କିଛି କମେଣ୍ଟ ରହିଛି, ଯାହାକି ଅତ୍ୟନ୍ତ ସମ୍ବେଦନଶୀଳ। ବର୍ଣ୍ଣବୈଷମ୍ୟ ଭେଦଭାବକୁ ବିରୋଧକରି ପାଣ୍ଡ୍ୟାଙ୍କୁ ସମର୍ଥନ କରିଛନ୍ତି ଅନ୍ୟ ଫ୍ୟାନ୍‌ମାନେ। ଜଣେ ଟୁଇଟ୍ କରି ଲେଖିଛନ୍ତି, ଲୋକେ ପାଣ୍ଡ୍ୟାଙ୍କୁ ନିର୍ବନ୍ଧ ଲାଗି ସମାଲୋଚନା କରୁଛନ୍ତି। କିନ୍ତୁ ସେ ଯେଉଁଠାରୁ ଏପର୍ଯ୍ୟନ୍ତ ଆସିଛନ୍ତି, ତାକୁ ଉତ୍ସାହିତ କରୁନାହାନ୍ତି। ନିଜ ପ୍ରତିଭା ଓ କଠିନ ପରିଶ୍ରମ ବଳରେ ସେ ସବୁ କିଛି ହାସଲ କରିଛନ୍ତି।

**୨୧ ବର୍ଷରୁ କମ୍ ଟେବୁଲ ଟେନିସ**

# ନମ୍ବର ୱାନ ସ୍ଥାନରେ ମାନବ

**ନୂଆଦିଲ୍ଲୀ, ୩।୧(ପି.ଟି.)**

ସଦ୍ୟ ପ୍ରକାଶିତ ୨୧ ବର୍ଷରୁ କମ୍ ପୁରୁଷ ସିଙ୍ଗଲ୍ସ ବର୍ଗ ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନ (ଆଇଟିଟିଏଫ୍) ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଯୁବ ଖେଳାଳି ମାନବ ଠାକ୍କର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ୯ଟି ସ୍ଥାନ ଉପରକୁ ଉଠି ସେ ର୍‍ୟାଙ୍କିଙ୍ଗ୍‌ର ୧ ନମ୍ବର ସ୍ଥାନ ହାସଲ କରିଛନ୍ତି। ଗତ ଡିସେମ୍ବରରେ କାନାଡ଼ାର ମାରଖାମରେ ଅନୁଷ୍ଠିତ ଆଇଟିଟିଏଫ୍ ଚ୍ୟାଲେଞ୍ଜ ପ୍ଲସ୍ ବେନେମାକ୍ସ- ଭିରଗୋ ନର୍ଥ ଆମେରିକା ଓପନରେ ୨୧ ବର୍ଷରୁ କମ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରି ୧୯ ବର୍ଷୀୟ ମାନବ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି କରିଛନ୍ତି। ଏହି ଟୁର୍ନାମେଣ୍ଟ ଫାଇନାଲରେ ସେ ଆର୍ଜେଣ୍ଟିନାର ମାର୍ଟିନ ବେଣ୍ଟାନକୋରଙ୍କୁ ୧୧-୩, ୧୧-୫, ୧୧-୬ ରେ ହରାଇ ଚାମ୍ପିୟନ ହୋଇଥିଲେ। ଚତୁର୍ଥ ଭାରତୀୟ ଭାବେ ମାନବ ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ତାଙ୍କ ପୂର୍ବରୁ ହରମିତ ଦେଶାଇ, ଜି. ସାଥିୟାଁ ଓ ସୌମ୍ୟଜିତ୍ ଘୋଷ ପୂର୍ବରୁ ଏହି ସଫଳତା ହାସଲ କରିଥିଲେ। ପୂର୍ବରୁ ମାନବ ୧୮ ବର୍ଷରୁ କମ୍ ବର୍ଗରେ ୨୦୧୮ ଫେବୃୟାରୀରେ ମଧ୍ୟ ବିଶ୍ୱର ୧ ନମ୍ବର ସ୍ଥାନ ହାସଲ କରିଥିଲେ। ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ଭାରତୀୟ ପୁରୁଷ ଟେବୁଲଟେନିସ ଦଳ ବ୍ରୋଞ୍ଜ୍ ପଦକ ହାସଲ କରିଥିଲା ଓ ମାନବ ଏହି ଦଳର ସଦସ୍ୟ ଥିଲେ।

ଅନ୍ୟ ଭାରତୀୟଙ୍କ ମଧ୍ୟରେ ସାଥିୟାଁ ସିନିୟର ବର୍ଗରେ ୩୦ତମ ସ୍ଥାନ ବଜାୟ ରଖିଛନ୍ତି। ସେହିପରି ଅଚନ୍ତା ଶରଥ କମଲ ଗୋଟିଏ ସ୍ଥାନ ଉପରକୁ ଉଠି ୩୩ତମ ସ୍ଥାନରେ ରହିଛନ୍ତି। ସେହିପରି ଦେଶର ଶ୍ରେଷ୍ଠ ମହିଳା ଟେବୁଲ ଟେନିସ ଖେଳାଳି ମନିକା ବାତ୍ରା ପୂର୍ବପରି ୬୧ତମ ସ୍ଥାନ ବଜାୟ ରଖିଛନ୍ତି।

# ନାଇଟ୍ କିଲର ରାହାମା ଚାମ୍ପିୟନ

**ମାର୍ଶାଘାଇ,୩।୧(ଡ଼ିଏନ୍‌ଏ)**

ମାର୍ଶାଘାଇ ଥାନା ତିଖିରୀ ପଞ୍ଚାୟତ ଧନିଆପଡ଼ା ବଜ୍ରମହାକାଳୀ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଧନିଆପଡ଼ା ଖେଳ ପଡ଼ିଆରେ ଆୟୋଜିତ ୯ମ ବାର୍ଷିକ ରାଜକିଶୋର ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଡ଼ିଡ଼ିଏଲ୍ ସାଲେପୁର ସହିତ ନାଇଟ୍ କିଲର ରାହାମା ପରସ୍ପରକୁ ଭେଟିଥିଲେ। ୨୦ ଓଭର ବିଶିଷ୍ଟ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଟସ୍ ଜିଣି ସାଲେପୁର ବ୍ୟାଟିଂ ଆରମ୍ଭ କରି ୧୭ ଓଭରରେ ସମସ୍ତ ଉଇକେଟ୍ ହରାଇ ୬୮ ରନ୍ ସଂଗ୍ରହ କରିଥିଲା। ଜବାବରେ ରାହାମା ୧୭ ଓଭର ୪ ଗୋଟି ବଲ୍ ଖେଳି ୭ ଉଇକେଟ୍ ହରାଇ ଶେଷ ବଲ୍‌ରେ ଏକ ବିଶାଳ ଛକା ସହ ୬୯ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ଚଳିତ ବର୍ଷର ଚାମ୍ପିୟନ ବିବେଚିତ ହୋଇଥିଲା। ସାଜନ ବେହେରା ଓ ସଂଜୟ ବେହେରାଙ୍କ ତତ୍ତ୍ୱାବଧାନରେ ଫାଇନାଲ ମ୍ୟାଚ୍ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପାରାଦୀପର ବିଶିଷ୍ଟ ପରିବେଶବିତ୍ ଅୟେଶକାନ୍ତ ରାୟ, ସମାଜସେବୀ ମନୋଜ ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସମାଜସେବୀ ସଞ୍ଜୟ ବେହେରା ଓ ମୁଖ୍ୟବକ୍ତା ଭାବେ ତିଖିରୀ ସରପଞ୍ଚ ଅମର କୁମାର ବାରିକ, ମଙ୍ଗରାଜପୁର ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ଦାସ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୧୨ ହଜାର ଟଙ୍କା ପ୍ରଦାନ କରିଥିଲେ ଅତିଥିମାନେ। ରାହାମା କ୍ରମାଗତ ତୃତୀୟ ଥର ପାଇଁ ଟାଇଟଲ ଜିତିଛି। ଅମ୍ପାୟର ଭାବେ ଶ୍ୟାମ ରଞ୍ଜନ ମଲ୍ଲିକ ଓ ତ୍ରିବେନ୍ଦ୍ର ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ ଦାସ, ଶାରଦା ପ୍ରଧାନ ପ୍ରମୁଖ ଖେଳ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ।



ଚାମ୍ପିୟନ ନାଇଟ୍ କିଲର ରାହାମା ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ରାଜକିଶୋର ସ୍ମାରକୀ କ୍ରିକେଟ୍**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଜାନୁୟାରୀ ୪/୨୦୨୦ Sambalpur, Saturday, January 4 / 2020



ଜଡାମୁଣ୍ଡା ଡ୍ୟାମରେ ଚରେଇ ଗନ୍ତି ଚାଲିଛେ।

# କୋମନା ରେଞ୍ଜ ତରଫୁ ଚରେଇ ଗନତି

**କୋମନା, ୩ା୧ (ଡି.ଏନ୍.ଏ.):** ରାଏଜ୍ ସାରା ଭିନେ ଭିନେ ଝାର ଜଂଗଲ, ବଁଧିକଟା, ନଏଦ୍ ନଲିଆରେ ଚରେଇ ଗନତି ଚାଲିଛେ। ସେ ହିସାବେ ନୂଆପଡ଼ା ଜିଲା କୋମନା ବନ ବିଭାଗ ତରଫୁ ଚରେଇ ଗନତି କାମ୍ ଆରମ୍ ହେଇଛେ। ଶୁକୁରବାର ସଖାଲେ କୋମନା ବନ ବିଭାଗର ଗୁଟେ ଦଲ୍ କୋମନା ବ୍ଲକ ଅଂଚଲରେ ଥିବା ୭ଟା ଜାଗା ତଥା ବଁଧିକଟାରେ ଦୁରବୀନ୍ ପକେଇ ଚରେଇ ଗନ୍ତି କରିଛନ୍। ପହେଲା ଜଡ଼ାମୁଣ୍ଡା ଆର ତିଖାଲୀ ଡ୍ୟାମରେ ଚରେଇ ଗନତି କରାଯାଇଥିଲାବେଲେ ଭରୁଆମୁଣ୍ଡା ଡ୍ୟାମ, କୋମନାର ଦେଉଲ ବଁଧି, ବିଶିବାହାଲର ବଡ଼ କଟା, ଘୋଟସର ଆର ଜାମଲୀକଛା ବଁଧିମାନକେ ଚରେଇ ଗନ୍ତି କରାଯାଇଛେ। ଗନ୍ତିରେ ପାଏନ୍‌କୁଆ, ମଏନା, ପାଏନ୍‌ବୁଡ୍ଡ, ବଁକ୍, କାଉ ଲେଖେଁ ଭିନେ ଭିନେ ପରଜାତିର ୧୦ ହଜାର ଚରେଇ ରହିଥିବାର ଜନାପଡ଼ିଛେ। ଇ ଗନତି କାର୍ଯ୍ୟକରମରେ ବନ ବିଭାଗ ରେଞ୍ଜର ଜଗଦିଶ ଦୁରିଆ ସମେତ ଫରେଷ୍ଟର ଜୟଲାଲ ପ୍ରସାଦ ଶୁକ୍ଲା, ଗାର୍ଡ ଲକ୍ଷ୍ମୀଧର ଘିଭେଲା, ବିଜୁଳ କୁମାର ରାଉତରାୟ, ଉପେନ୍ଦ୍ର କୁମାର ମାହୁତି, ପଦ୍ମତୋଲା ଜଗତ, ସବନମ ଫିରଦୋସ, ଜାଗ୍ୟସେନୀ ଖେତି ପରମୁଖ ସାମିଲ ଥିଲେ।

**ବରଗଡ଼ ଧନୁଯାତ୍ରା**

# ରାକ୍ଷସ ନିଧନରେ କଂସ ମର୍ମାହତ

**ମଥୁରାନଗରୀ/ଗୋପପୁର,୩ା୧**

ବରଗଡ଼ ଧନୁଯାତ୍ରା ମହୋତ୍ସବର ଚତୁର୍ଥ ଦିବସ ଶୁକ୍ରବାର ଉଭୟ ମଥୁରାନଗରୀ ଓ ଗୋପପୁରର ଦୃଶ୍ୟାଭିନୟ ଗୁଡ଼ିକ ଚିତ୍ତାକର୍ଷକ ଥିଲା। ଗୋଟିଏ ପଟେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା, କଂସ ପ୍ରେରିତ ରାକ୍ଷସୀରାକ୍ଷସ ବଧ ଏବଂ ଅନ୍ୟପଟେ କଂସ ମର୍ମାହତ ଦୃଶ୍ୟାଭିନୟ ଅଭିନୀତ ହୋଇଥିଲା। କଳାକାରଙ୍କ ନିଖୁଣ ଅଭିନୟ ଦେଖିବାକୁ ମଥୁରା ଓ ଗୋପପୁରରେ ଦର୍ଶକଙ୍କ ଭିଡ ଜମିଥିଲା। ନନ୍ଦଭବନରେ ନନ୍ଦରାଣୀ, ନନ୍ଦରାଜା ମେଲାଣି ଦେବା ପରେ ଶ୍ରୀକୃଷ୍ଣ ଓ ବଳରାମ ଗୋପ ବାଳକଙ୍କ ଗହଣରେ ଗୋପ ନଗର ପରିକ୍ରମା କରିଥିଲେ। ଗୋପବାସୀ ପ୍ରତି ଘର ସମ୍ମୁଖରେ ଝୋଟି, ପୂର୍ଣ୍ଣ କଳସ ସ୍ଥାପନ କରି ବେନିଭାଇଙ୍କୁ ପୂଜାର୍ଚ୍ଚନା କରିଥିଲେ। ଗୋପପୁର ପରିକ୍ରମା ସାରି ଗୋପାଳ ବାଳକଙ୍କ ଗହଣରେ କୃଷ୍ଣ, ବଳରାମ ଗୋପ ମଣ୍ଡପକୁ ଯାଇଥିଲେ। ସେଠାରେ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ଦର୍ଶନ ଅଭିନୀତ ହୋଇଥିଲା। ଏହାପରେ ସେଠାକୁ କଂସ ପ୍ରେରିତ ପୁତନା, ବକା, ଶକଟା, ତୃଣା, ଧେନୁ, ଷଣ୍ଢା, ଅଘାସୁର ଆଦି ରାକ୍ଷସୀ ରାକ୍ଷସ ପହଞ୍ଚିଥିଲେ। ମାତ୍ର ଶ୍ରୀକୃଷ୍ଣଙ୍କ ସ୍ପର୍ଶରେ ସେମାନଙ୍କ ନିଧନ ହୋଇଥିଲା। ଅନ୍ୟଦିନ ଭଳି ମହାରାଜ କଂସ ଦିନରେ ମଥୁରା ଭ୍ରମଣରେ ବାହାରିଥିଲେ। ସେ ବାଣିଜ୍ୟକର ଅଧିକାରୀଙ୍କ କାର୍ଯ୍ୟାଳୟ (ସେଲ୍ସଟ୍ୟାକ୍ସ ଅଫିସ) ପରିସର ମୁକ୍ତେଶ୍ୱର ମନ୍ଦିରକୁ ଯାଇ ସେଠାରେ ରୁଦ୍ରାଭିଷେକ କରିଥିଲେ। ସେଠାରୁ ସେ ରଙ୍ଗମହଲକୁ ଆସି ନୃତ୍ୟ ଆସରରେ ମସ୍‌ଗୁଲ୍ ହୋଇଥିଲେ। ପରେ କଂସ ହାଟପଦାସ୍ଥିତ ରାଜ ଦରବାରକୁ ଆସିଥିଲେ ଏବଂ ପାତ୍ରମନ୍ତ୍ରୀ ଓ ପାରିଷଦ ବର୍ଗଙ୍କ ସହିତ ମଥୁରାନଗରୀର ଖବର ବୁଝିଥିଲେ। ତେବେ ଗୋପପୁର ପଠାଇଥିବା ରାକ୍ଷସୀ ରାକ୍ଷସ ଶ୍ରୀକୃଷ୍ଣଙ୍କ ହାତରେ ନିଧନ ହୋଇଥିବା ଖବର ପାଇ କଂସ ମର୍ମାହତ ହୋଇ ପଡ଼ିଥିଲେ। ଏହାପରେ ସେ ଯୁଦ୍ଧାଭ୍ୟାସ ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ମନକୁ ଶାନ୍ତ କରିବା ପାଇଁ ପୁଣି ତାଙ୍କ ଆଦେଶରେ ନାଚଗୀତ ପରିବେଷିତ ହୋଇଥିଲା।

### ଆଜିର ଆକର୍ଷଣ

ତା:୪।୧।୨୦୨୦ରିଖ (ଶନିବାର)

■**ମଥୁରାନଗରୀ**

କଂସ ମହାରାଜଙ୍କ ବ୍ରହ୍ମଚାରୀ ଅଞ୍ଚଳରେ ଦିଗ୍‌ବିଜୟ, ରାକ୍ଷସୀ,ରାକ୍ଷସଙ୍କ ନିଧନ ଖବର ପାଇ କଂସ ମର୍ମାହତ, ପାରିଷଦ ବର୍ଗଙ୍କ ସହିତ ଆପାତ ବୈଠକ ।

■**ଗୋପପୁର**

କୃଷ୍ଣ,ବଳରାମଙ୍କ ବାଲ୍ୟଲୀଳା, ଯାମଳାର୍ଜୁନ ଭଞ୍ଜନ, କାଳୀୟ ଦଳନ, ବିଶ୍ୱରୂପ ଦର୍ଶନ, ଗୋପୀଙ୍କ ଦହିବିକା।





ଗୋପପୁରରେ ଶ୍ରୀକୃଷ୍ଣ କଂସ ପ୍ରେରିତ ରାକ୍ଷସଙ୍କୁ ବଧ କରୁଛନ୍ତି।

# ମାଙ୍କଡ଼ ଆକ୍ରମଣରେ ଛାତରୁ ପଡ଼ି ମହିଳାଙ୍କ ମୃତ୍ୟୁ

**ବିଞ୍ଝାରପୁର/ବରୀ,୩ା୧ (ଡି.ଏନ.ଏ/ସ୍ୱ.ପ୍ର.)**

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ବରିଲୋ ଗ୍ରାମରେ ଶୁକ୍ରବାର ଜଣେ ମହିଳାଙ୍କୁ ମାଙ୍କଡ଼ ଆକ୍ରମଣ କରିବାରୁ ସେ ଛାତରୁ ଖସି ପଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତ ମହିଳା ହେଉଛନ୍ତି ଉକ୍ତ ଗ୍ରାମର ଅରୁଣ ସ୍ୱାଇଁଙ୍କ ସ୍ତ୍ରୀ ଜୟନ୍ତୀ। ଏହି ଘଟଣାରେ ବିଞ୍ଝାରପୁର ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦) ରୁଜୁ କରିଛି। ପ୍ରକାଶ ଯେ, ଜୟନ୍ତୀ ଶୁକ୍ରବାର ସକାଳେ ଛାତ ଉପରକୁ ଲୁଗା ଶୁଖାଇବାକୁ ଯାଇଥିଲେ। ଏହି ସମୟରେ ମାଙ୍କଡ଼ ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ଭୟଭୀତ ହୋଇ ଜୟନ୍ତୀ ଦୌଡ଼ି ପଳାଇ ଯାଉଥିବାବେଳେ ଛାତରୁ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଚାଞ୍ଚଲ୍ୟ ଖେଳିଯାଇଛି। ଏବେ ସେହି ଅଞ୍ଚଳରେ ମାଙ୍କଡ଼ ଉପଦ୍ରବକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ମାଙ୍କଡ଼ ବିଭିନ୍ନ ସମୟରେ ଲୋକଙ୍କୁ ଆକ୍ରମଣ କରିବା ସମ୍ପର୍କରେ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶିତ ହେଲେ ମଧ୍ୟ ସରକାର କିମ୍ବା ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।




# ନ୍ୟାସ୍‌ନାଲ କଲେଜ କ୍ୟାମ୍ପସରେ ୩ ଭାଲୁ

**ନୂଆପଡା ଅଫିସ,୩ା୧:** ଦିନ ଦ୍ୱିପ୍ରହରେ ନୂଆପଡା ଜିଲା ସଦର ମହକୁମାରେ ଥିବା ନ୍ୟାସନାଲ କଲେଜ କ୍ୟାମ୍ପସକୁ ଶୁକ୍ରବାର ୩ଟି ବଣୁଆ ଭାଲୁ ଆସି ଆତଙ୍କ ଚଳାଇଥିବା ଦେଖାଯାଇଛି। ଅପରାହ୍ନ ୪ଟାବେଳେ ଆସି ଆଡ୍ଡା ଜମାଇ ରହିଛନ୍ତି। ଏହା କଲେଜ କର୍ମଚାରୀମାନଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି। ନୂଆପଡା ସହରକୁ ଲାଗି ରହିଛି ସୁନାବେଡା ଅଭୟାରଣ୍ୟ ଏବଂ ଭାଲୁର ଗଡ କୁହାଯାଉଥିବା ସାଲିହା ଜଙ୍ଗଲ। ଏହି ଜଙ୍ଗଲ ଇଲାକାରେ ଅବାଧରେ ଚାଲିଛି ବହୁପଥର ଖାଦାନ। ଏଠାରେ ସବୁବେଳେ ବ୍ଲାଷ୍ଟିଂ ହେଉଥିବାବେଳେ ଜଙ୍ଗଲରେ ଖାଦ୍ୟାଭାବ ଯୋଗୁ ବନ୍ୟପ୍ରାଣୀମାନେ ଜନବସତିଗୁଡ଼ିକୁ ଚାଲିଆସୁଥିବାର ଦେଖାଯାଉଛି। ଏହାର ନଜିର ଏଠାରେ ଦେଖିବାକୁ ମିଳିଛି । କଲେଜ କ୍ୟାମ୍ପସକୁ ଅପରାହ୍ନ ଠିକ ୪ଟାବେଳେ ୩ଗୋଟି ଭାଲୁ ଚାଲିଆସିଥିଲେ। ଏମାନେ କ୍ୟାମ୍ପସରେ ଥିବା ଅଡିଟରିୟମ ସାମନାରେ ଥିବା ପଡ଼ିଆରେ ବୁଲୁଥିଲେ। ଏମାନଙ୍କୁ ଦେଖିବାକୁ ସମସ୍ତ ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର ଆସି ଠୁଳ ହୋଇଥିଲେ। କୋଳାହଳ ଶୁଣିମଧ୍ୟ ଏମାନେ ନିଶ୍ଚଳ ରହିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଏମାନେ ବୁଲୁଥିଲେ। ଏହାକୁ ନେଇ ବନ୍ୟପ୍ରାଣୀ ବିଭାଗ ପାଖରେ ମଧ୍ୟ କୌଣସି ଖବର ନ ଥିଲା। ଏହା ଉପରେ ତୁରନ୍ତ ବନ୍ୟପ୍ରାଣୀ ବିଭାଗ ହସ୍ତକ୍ଷେପ କରି ଘଉଡାଇବାର ବ୍ୟବସ୍ଥା କରିବାକୁ ଦାବି ହେଉଛି। ଅନ୍ୟପକ୍ଷେ ପଥର ବ୍ଲାଷ୍ଟିଂ ଉପରେ ପ୍ରଶାସନ ଅଙ୍କୁଶ ଲଗାଇବାର ଜରୁରୀ ହୋଇପଡ଼ିଛି।



କଲେଜ କ୍ୟାମ୍ପସରେ ୩ ଭାଲୁ ବୁଲୁଛନ୍ତି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ସଂକ୍ଷେପରେ

### କାର୍ ସହ ଗଞ୍ଜେଇ ଜବତ, ୨ ଗିରଫ

ଅମ୍ବାଭୋନା, ୩।୧ (ଡି.ଏନ.ଏ) ଅମ୍ବାଭୋନା ଗଙ୍ଗେଇ ଆରଡ଼ି ରାସ୍ତାର ନର୍ସରୀ ପାଖରେ ଶୁକ୍ରବାର ସକାଳେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ କାର୍ (ନଂ.ଓଡି୦୮ଡି/୭୪୫୬)କୁ ସନ୍ଦେହରେ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଉକ୍ତ କାର୍ ଭିତରୁ ୧.୨ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ଉତ୍ତରପ୍ରଦେଶ ଆହ୍ଲାବାଦ ଜିଲା ନିବାସୀ ବିକାଶ ସିଂ (୩୦) ଏବଂ ବାରାଣାସୀ ଜିଲା ନିବାସୀ ମନିଷ କୁମାର ପ୍ରଜାପତି (୨୨)ଙ୍କୁ ଗିରଫ କରାଯାଇଛି। ଏ ନେଇ ଅମ୍ବାଭୋନା ଥାନାରେ ଏକ ମାମଲା (ନଂ. ୪/୨୦) ରୁଜୁ ହୋଇଛି। ଅମ୍ବାଭୋନା ଥାନା ଅଧିକାରୀ ଆଲୋକ କୁମାର ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

### ସଂସ୍କୃତ ଶିକ୍ଷକ ସମ୍ମିଳନୀ

ଭଟଲି,୩।୧(ଡି.ଏନ.ଏ.): ସଂସ୍କୃତ ହେଉଛି ସଂସ୍କାରୀ ଭାଷା। ମଣିଷର ସଂସ୍କାର ହିଁ ସଂସ୍କୃତର ମାର୍ଗଦର୍ଶକ। ମାତ୍ର ଆଜିର ଦିନରେ ଛାତ୍ରୀଛାତ୍ର ସଂସ୍କୃତ ଭାଷା ପ୍ରତି ବୀତସ୍ପୃହ ହେବା ବିଚାରର ବିଷୟ। ଏଥିପାଇଁ ସମସ୍ତଙ୍କ ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଭଟଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବ୍ଲକସ୍ତରୀୟ ସଂସ୍କୃତ ଶିକ୍ଷକ ସମ୍ମିଳନୀରେ ମତପ୍ରକାଶ ପାଇଛି। ଶିକ୍ଷକ ଦୁର୍ବାସା ପଟେଲଙ୍କ ଅଧକ୍ଷତାରେ ଘନଶ୍ୟାମ ପଣ୍ଡା, ଲତା ସାହୁ, ଭାଗୀରଥି ପଧାନ, ସୁଶାନ୍ତ ବାରିକ, ଡୋଲାମଣି ସାହୁ, ସରୋଜ ଦାସ, ଅନୀମା ବାରିକ ଓ ମମତା ଭୋଇ ଯୋଗ ଦେଇଥିଲେ। ଅଗସ୍ତି ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

■ ବରଗଡ଼ ଧନୁଯାତ୍ରା

# ଅଭିନୟକୁ ନିଖୁଣ କରୁଛି ଦର୍ଶକଙ୍କ ଗହଳି

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଏଥର ୭୧ବର୍ଷରେ ପଦାର୍ପଣ କରିଛି। ଆଲୋକମାଳା, ସୁସଜ୍ଜିତ ତୋରଣରେ ମଥୁରା ନଗରୀ ଓ ଗୋପପୁର ଝଲସି ଉଠୁଛି। ମହାରାଜ କଂସଙ୍କ ଜୀବନ୍ତ ଅଭିନୟ ଓ ଅନ୍ୟ କଳାକାରଙ୍କ ଦୃଶ୍ୟାଭିନୟରେ ରାଜ ଦରବାର, ରଙ୍ଗମହଲ କମ୍ପି ଉଠୁଛି। ଜିଲା ତଥା ଜିଲା ବାହାରୁ ଆସିଥିବା ନୃତ୍ୟଶିଳ୍ପୀଙ୍କ ନୃତ୍ୟରେ ମଞ୍ଚ ଦୁଲୁକି ଉଠୁଛି। ପ୍ରଥମ ଦିବସର ଅଭିନୟ ଅନୁଭୂତି ସମ୍ପର୍କରେ ଜାଣିବା ପାଇଁ ଆମେ କିଛି କଳାକାରଙ୍କୁ ଭେଟିଥିଲୁ। ସେମାନଙ୍କ ମତକୁ ନେଇ ଏକ ଉପସ୍ଥାପନା।

## କଳାକାର କୁହନ୍ତି...



" ସାଧାରଣ ବେଶଭୂଷା ହଟାଇ ରାଜକୀୟ ବେଶଭୂଷା ପରିପାଟୀରେ ସଜ୍ଜିତ ହେବା ପରେ ମନରେ ନୂତନ ଉନ୍ମାଦନା ସୃଷ୍ଟି ହୋଇଥିଲା। ଆଉ ମଞ୍ଚରେ ଅଭିନୟ ବେଳେ ଦର୍ଶକଙ୍କ ଗହଳି ଅଭିନୟକୁ ଆହୁରି ନିଖୁଣ କରି ପକାଉଛି ବୋଲି ଅନୁଭବ ହୋଇଥିଲା। ଅନ୍ୟ ଥର ଅପେକ୍ଷା ଏଥର ଧନୁଯାତ୍ରା ନିଶ୍ଚିତ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବ ଏବଂ ତାହା ହିଁ ମୋ ମନରେ ଅନୁଭୂତି, ସ୍ମୃତି ହୋଇ ରହିବ।

**-ଭୁବନେଶ୍ୱର ପଧାନ (କଂସ ଅଭିନେତା)**



" ବରଗଡ଼ ବ୍ଲକ ତୁରୁଙ୍ଗାରେ ମୋ ଘର। ୧୨ବର୍ଷ ହେଲା ପ୍ରଜାବତ୍ସଳ ରାଜା ଉଗ୍ରସେନ ଭୂମିକାରେ ଅଭିନୟ କରୁଛି। ପ୍ରଥମ ଦିବସରେ କଂସଙ୍କ ସହିତ ବାର୍ତ୍ତାଳାପ ଏବଂ ଦେବକୀଙ୍କୁ କଂସଙ୍କ ହାତରେ ଶ୍ୱଶୁରାଳୟ ପଠାଇବା ମୋତେ ଭାବବିହ୍ୱଳ କରି ପକାଇଥିଲା। ଆଗକୁ ମଧ୍ୟ ଅଭିନୟ ଆହୁରି ଭଲ ହେବ ବୋଲି ଆଶା।

**-ଆର୍ତ୍ତତ୍ରାଣ ମହାପାତ୍ର (ଉଗ୍ରସେନ)**



" କଟକ ଜିଲା ବଡ଼ମ୍ବାରୁ ଆସିଛି। ଏଥର ଧନୁଯାତ୍ରାରେ ଅଭିନୟ ସୁଯୋଗ ପାଇଛି। ପ୍ରଥମ ଦିନର ଅଭିନୟ ବହୁତ ଭଲ ଲାଗିଲା। ଦେବକୀ, ବସୁଦେବଙ୍କ ବିବାହ ବେଳେ ଶଙ୍ଖ ବଜାଇବାର ସୁଯୋଗ ପାଇ ନିଜକୁ ଧନ୍ୟ ମଣିଲି। ସେହିପରି କଂସ ଦରବାରରେ ରାଜାଙ୍କ ଅଭିଷେକ ସମୟରେ ମଧ୍ୟ ଶଙ୍ଖ ବାଦନ କରିବା ମନରେ ଖୁସି ଆଣିଲା।

**-ନରହରି ଦାଶ(ଶଙ୍ଖ ବାଦକ)**



" ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୩ରେ ଘର। ଆଗରୁ ତ୍ରିକାଳ ଭୂମିକାରେ ଅଭିନୟ କରୁଥିଲି। ଏବେ କଂସଙ୍କ ଦୂତ ଅମ୍ବିକା ଭୂମିକାରେ ଅଭିନୟ କରୁଛି। ପ୍ରଥମ ଦିନର ଅଭିନୟ ବହୁତ ଭଲ ହେଲା। ରାଜା, ମନ୍ତ୍ରୀ, ସେନାପତିଙ୍କ ଗହଣରେ ରହି ବହୁ ଦର୍ଶକଙ୍କ ସମାଗମରେ ଅଭିନୟ ଖୁସି ଆଣିବା ସ୍ୱାଭାବିକ। ଆଗକୁ ମଧ୍ୟ ଏଭଳି ଅଭିନୟ ଜାରି ରହିବ।

**-ଛୋଟୁ ପାଣିଗ୍ରାହୀ (ଅମ୍ବିକା)**



" ବରଗଡ଼ ଜିଲା ବୁଦେଲପାଲିରେ ଘର। ୨୨ବର୍ଷ ହେଲା ଧନୁଯାତ୍ରା କଳାକାର ଭାବେ ଅଭିନୟ କରି ଆସୁଛି। ମହାକାଳ ଚରିତ୍ରରେ ଅଭିନୟ କରୁଛି। ପ୍ରଥମ ଦିନର ଅଭିନୟ ବହୁତ ଭଲ ଥିଲା। ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ଯୁବରାଜ କଂସ ଯେତେବେଳେ ମହାରାଜା ଭାବେ ଅବତୀର୍ଣ୍ଣ ହେଲେ, ସେହି ସମୟର ଦୃଶ୍ୟାଭିନୟ ବହୁତ ଭଲ ଲାଗିଲା।

-ବିହାରୀ ମହାନନ୍ଦ (ମହାକାଳ)



" ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଇଂସା ଗ୍ରାମରେ ଘର। ବରଗଡ଼ ଧନୁଯାତ୍ରାରେ ମୁଁ କଂସଙ୍କ ସଖା କେଶୀ ଭୂମିକାରେ ଅଭିନୟ କରୁଛି। ଏଠାକୁ ଦୀର୍ଘ ୪ବର୍ଷ ହେଲା ଆସି ଅଭିନୟର ସୁଯୋଗ ପାଇଛି। ଅନ୍ୟ ସ୍ଥାନରେ ରାବଣ, କଂସ, ଜଳନ୍ଧର ଭୂମିକାରେ ମଧ୍ୟ ଅଭିନୟ କରିବାର ଅଭିଜ୍ଞତା ରହିଛି। ହେଲେ ବରଗଡ଼ ଧନୁଯାତ୍ରାର ଅଭିନୟ ସମ୍ପୂର୍ଣ୍ଣ ନିଆରା। ଏଠାରେ ଅଭିନୟ କରିବାକୁ ବହୁତ ଭଲ ଲାଗେ ଏବଂ ପ୍ରଥମ ଦିନର ଦେବକୀ, ବସୁଦେବ ବିବାହ ଦୃଶ୍ୟାଭିନୟରୁ ସେହି ଖୁସି ପାଇ ସାରିଛି।

-ଅକ୍ଷୟ କୁମାର ଭୋଇ (କେଶୀ)

(ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ)

### ଭାଇ ଟାଙ୍ଗିଆ ଚୋଟରେ ଭାଇର ମୃତ୍ୟୁ ଘଟଣା

## ୪ ଅଭିଯୁକ୍ତ କୋର୍ଟ ଚାଲାଣ

ପୁରୁଣାକଟକ,୩।୧(ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ଥାନା ସଙ୍କୁଲେଇ ପଞ୍ଚାୟତ ହରିହରପୁର ଗ୍ରାମରେ ବୁଧବାର ରାତିରେ ଘଟିଥିବା ହତ୍ୟାକାଣ୍ଡରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶୁକ୍ରବାର ବୌଦ୍ଧ କୋର୍ଟକୁ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଜଗବନ୍ଧୁ ପ୍ରଧାନ (୩୦), ଚତୁର୍ଭୁଜ ପ୍ରଧାନ (୨୮), ତେପନ ପ୍ରଧାନ (୨୭) ଓ ପଞ୍ଚୁ ପ୍ରଧାନ (୨୬)।

ସୂଚନାଯୋଗ୍ୟ, ହରିହରପୁର ଗ୍ରାମରେ ବସବାସ କରୁଥିବା କୋହ୍ଲ ସମ୍ପ୍ରଦାୟର ଦୁଇ ପରିବାର ମଧ୍ୟରେ ଶତ୍ରୁତା ଲାଗିରହିଥିଲା। ଏହାକୁ ନେଇ ଅଭିଯୁକ୍ତମାନେ ନିଜ ସମ୍ପର୍କୀୟ କକାପୁଅ ଭାଇ କବିରାଜ ପ୍ରଧାନ (୩୫)ଙ୍କୁ ନୂଆବର୍ଷ ଦିନ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ମୃତକଙ୍କ ସ୍ତ୍ରୀ କବିତା ଏ ନେଇ ହରଭଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଜଗବନ୍ଧୁ, ଚତୁର୍ଭୁଜ, ତେପନଙ୍କୁ ଥାନାରେ ଅଟକ ରଖିଥିବା ବେଳେ ପଞ୍ଚୁ ଫେରାର ଥିଲେ। ଶୁକ୍ରବାର ପୋଲିସ ପଞ୍ଚୁଙ୍କୁ ଗିରଫ କରିବା ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ହରଭଙ୍ଗା ଥାନାଧିକାରୀ ସୁବାସ ଚନ୍ଦ୍ର ରାୟଗୁରୁ କହିଛନ୍ତି।

# ସରସରା ଧାନ ମଣ୍ଡି ବନ୍ଦ, ଯୋଗାଣ ଅଧିକାରୀଙ୍କୁ ଫେରାଦ

ବୌଦ୍ଧ,୩।୧(ସ୍ୱ.ପ୍ର)

ବୌଦ୍ଧ ଜିଲାରେ ସମସ୍ତ ମଣ୍ଡିରେ ଧାନ କିଣାବିକା ଚାଲିଥିବା ବେଳେ ସରସରା ମଣ୍ଡି ବନ୍ଦ ରହିଛି। ଏହି ମଣ୍ଡିରେ ଗତ ୧୮ ତାରିଖରୁ ଧାନକିଣା ଆରମ୍ଭ ହୋଇଥିଲା। ମାତ୍ର ୫/୬ ଜଣ ଚାଷୀଙ୍କ ଧାନକିଣା ପରେ ସମବାୟ କର୍ତ୍ତୃପକ୍ଷ ମଣ୍ଡିକୁ ବନ୍ଦ କରିଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଧାନକିଣା ହେଉ ନ ଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ତେବେ ଏ ସମ୍ପର୍କରେ ସମବାୟ କର୍ମଚାରୀଙ୍କୁ କୌଣସି ମିଲର୍ସ ଏହି ମଣ୍ଡିରୁ ଧାନ ଉଠାଇବାକୁ ରାଜି ହେଉ ନ ଥିବାରୁ ଚାଷୀଙ୍କ ଧାନ କିଣାଯାଉ ନ ଥିବା କହିଥିଲେ। ଫଳରେ



ଚାଷୀମାନେ ଯୋଗାଣ ଅଫିସରେ ଦାବି ଜଣାଉଛନ୍ତି।

ଶୁକ୍ରବାର ଚାଷୀମାନେ ଜିଲା ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ପ୍ରଧାନଙ୍କୁ ଭେଟି ଆସନ୍ତା ୫ ତାରିଖ ମଧ୍ୟରେ ଚାଷୀଙ୍କ ଧାନ କିଣାଯିବାକୁ ଦାବି କରିଛନ୍ତି। ନଚେତ ୬ ତାରିଖରେ ସରସରା ସମବାୟ ସମିତିରେ ତାଲା ପକାଇବା ସହିତ ଜାତୀୟ ରାଜପଥ ଅବରୋଧ ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

# ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ପଦ୍ମପୁର, ୩।୧ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ-୨୦୨୦ ପାଳନ ନିମନ୍ତେ ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତାବିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଯାୟୀ ଆସନ୍ତା ଜାନୁୟାରୀ ୨୬ ତାରିଖ ପ୍ରାତଃ ସାଢ଼େ ୪ଟା ସମୟରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଡାକବାଜି ଯନ୍ତ୍ର ଯୋଗେ ରାମଧୂନ୍ ପରିବେଷଣ କରାଯିବା ସହିତ ପ୍ରଭାତଫେରୀ ହେବ। ପଦ୍ମପୁର ସହର ମଧ୍ୟରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ଉକ୍ତ ଦିନ ପ୍ରାତଃ ୬ଟାରୁ ୭ଟା ମଧ୍ୟରେ ମାଲ୍ୟାର୍ପଣ କରାଯିବା ସହିତ ସକାଳ ସାଢ଼େ ୭ଟା ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ, ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପୂର୍ବାହ୍ନ ୯ଟାରେ ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଜାତୀୟ ପତାକା ଉତ୍ତୋଳନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତହସିଲଦାର ସରୋଜିନୀ ପ୍ରସନ୍ନ କୁଲୁ, ବିଡିଓ ତ୍ରିବିକ୍ରମ କୁମୁରା, ସହକାରୀ ଜିଲାପାଳ ଦୀପ୍ତିମୟୀ ଭୁଏଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ପାଇକମାଳ, ୩।୧ (ଡି.ଏନ.ଏ)

ପାଇକମାଳ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆତ୍ମସୁରକ୍ଷା ତାଲିମ ଶିବିର ସଂଯୋଜିକା ପୁଷ୍ପମଞ୍ଜରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅଧାପକ ପ୍ରଭାତ କୁମାର ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଝିଅମାନଙ୍କୁ ସାମ୍ପ୍ରତିକ ସମୟରେ ଆତ୍ମସୁରକ୍ଷାର ପ୍ରାସଙ୍ଗିକତା ଉପରେ ଧାରଣା ଦେଇଥିଲେ। ଅଧକ୍ଷ ଲୋହିତ କୁମାର ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣପ୍ରାପ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ପ୍ରଦୀପ୍ତ କୁମାର ସାହୁ ଓ ପ୍ରଦୀପ କୁମାର ଦେୱାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିବିରରେ ୧୦୬ ଜଣ ପ୍ରଥମ ବର୍ଷ ଛାତ୍ରୀ ଭାଗ ନେଇଥିବା ବେଳେ ପ୍ରଶିକ୍ଷକ ଖୁଲଣା ସିଦାର ଓ ନନ୍ଦିନୀ ରାଉତ ତାଲିମ ଦେଇଥିଲେ। ଅଧାପିକା ମୀନା କୁମାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାର ବିକାଶ ପାଇଁ ସଂକଳ୍ପ ନେବାକୁ ଆହ୍ୱାନ




ବୌଦ୍ଧ ଜିଲା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ବୌଦ୍ଧ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ବୌଦ୍ଧ,୩।୧( ସ୍ୱ.ପ୍ର)

ବୌଦ୍ଧ ଜିଲା ମହୋତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ ଝିପି ଝିପି ବର୍ଷା ଯୋଗୁ ମହୋତ୍ସବ ଫିକା ପଡିଯାଇଥିଲା। ବର୍ଷା ଛାଡିବା ପରେ ଗୌତମ ବୁଦ୍ଧ ମଣ୍ଡପରେ ଜିଲାପାଳ ତଥା ମହୋତ୍ସବ କମିଟି ଅଧ୍ୟକ୍ଷ ଲଲାଟେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲିକ ମୁଖ୍ୟଅତିଥି, ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ, ହରଭଙ୍ଗା ବ୍ଲକ ଅଧକ୍ଷ ବିଶ୍ୱଜିତ ମିଶ୍ର ଓ ବୌଦ୍ଧ ବ୍ଲକ ଅଧକ୍ଷା ରେବତୀ ମହାଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାର ବିକାଶ ପାଇଁ ମିଳିମିଶି ସଂକଳ୍ପ ନେବାକୁ ମୁଖ୍ୟଅତିଥି ମନ୍ତ୍ରୀ ମଲିକ ଆହ୍ୱାନ ଦେଇଥିଲେ। ବୌଦ୍ଧ ଜିଲା ଯେପରି ପ୍ଲାଷ୍ଟିକ ମୁକ୍ତ ହୋଇପାରିବ ସେଥିପାଇଁ ଜିଲାପାଳ ମିଶ୍ର ଆହ୍ୱାନ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭୁବନେଶ୍ୱର ରୁଦ୍ରାକ୍ଷ ଅନୁଷ୍ଠାନର ଓଡିଶୀ ନୃତ୍ୟ, କୋରାପୁଟ ଡିସିସ ଅନୁଷ୍ଠାନରର ରୁଦ୍ର ଡ୍ୟାନ୍ସ, ବରଗଡ କଳାଜୀବୀର ସମ୍ବଲପୁରୀ ନୃତ୍ୟ, ଦେବଗଡ ଜାଗରଣ ଆର୍ଟ ଅନୁଷ୍ଠାନର ମୋ ସ୍ୱପ୍ନର ଓଡିଶା, ରେଢାଖୋଲ ସୁରଘୁଙ୍ଗୁରର ସମ୍ବଲପୁରୀ ନୃତ୍ୟ, କଳିକତା ନୁପୁର ପକ୍ଷରୁ ଗୋଆ ଫକ୍ ଡ୍ୟାନ୍ସ, ସୁବର୍ଣ୍ଣପୁର ନାଟ୍ୟଚକ୍ର ପକ୍ଷରୁ ଅଷ୍ଟଚଣ୍ଡୀ ନୃତ୍ୟ ପରିବେଷଣ କରାଯାଇଥିଲା।

# ୩୮ ପରିବାର କଲେ ଶହେ ଦିନର କାମ

ବିଜେପୁର, ୩।୧ (ଡି.ଏନ.ଏ)

### ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ବରଗଡ ଜିଲା ବିଜେପୁର ବ୍ଲକ ସଭା କକ୍ଷରେ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଦୌଲତ ଚନ୍ଦ୍ରକାର ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ବିଡିଓ ପଦ୍ମନାଭ ସାମନ୍ତରାୟ ଅଧକ୍ଷତା କରି ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପଞ୍ଚାୟତସ୍ତରୀୟ ଜନଶୁଣାଣି ସମୟରେ କେତେକ ପଞ୍ଚାୟତରେ କେସ ରେକର୍ଡ ଓ ଫାଇଲ ପତ୍ର ପ୍ରଦର୍ଶନ କରାଯାଇ ନ ଥିବା ଅଭିଯୋଗ ହୋଇଥିଲା। ତେଣୁ ଆଗାମୀ ଦିନରେ ଏହାର ପୁନରାବୃତ୍ତି ନ ହେବାକୁ ଏପିଡି ଚନ୍ଦ୍ରକାର ପିଇଓ ଏବଂ ଜିଆରଏସ ମାନଙ୍କୁ ତାଗିଦ କରିଥିଲେ। ଅପରପକ୍ଷେ ଏଭଳି ଅଭିଯୋଗ ଆସିଲେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ଏପିଡି ଚନ୍ଦ୍ରକାର ଚେତାବନୀ ଦେଇଥିଲେ। ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ବଣ୍ଟନ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ପ୍ରତି ମାସ ପ୍ରଥମ ସପ୍ତାହରେ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ମୃତ ବ୍ୟକ୍ତିଙ୍କ ତାଲିକା ସଂଗ୍ରହ କରିବାକୁ ପିଇଓମାନଙ୍କୁ ପରାମର୍ଶ ଦିଆଯାଇଥିଲା। ବିଜେପୁର ବ୍ଲକରେ ୨୦୧୮-୧୯ ଆର୍ଥିକ ବର୍ଷରେ ୪୦୧୧ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ୧୪୯୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏଥିପାଇଁ ସମୁଦାୟ ୪୦୨.୩୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୨୧,୦୬୩ଟି ପରିବାର ଏହି ଯୋଜନାରେ ପଞ୍ଜୀକୃତ ହୋଇଥିବା ବେଳେ ସମସ୍ତଙ୍କୁ ଜବକାର୍ଡ ପ୍ରଦାନ କରାଯାଇଥିଲା। ୬୩୧୬ଟି ପରିବାର କାମ ପାଇଁ ଆବେଦନ କରିଥିବା ବେଳେ ସମସ୍ତ ପରିବାରକୁ କାମ ଯୋଗାଇ ଦିଆଯାଇଥିଲା। ମୋଟ ୩୮ଟି ପରିବାର ୧୦୦ ଦିନର କାମ ସମ୍ପୂର୍ଣ୍ଣ କରିଥିବା ସିପି ଅଷାଡୁ ବାରିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାମାଜିକ ସମୀକ୍ଷା ଅଧିକାରୀ ଆନନ୍ଦ କୁମାର ପଧାନ ମଞ୍ଚାସୀନ ଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଗ୍ରାମ ରୋଜଗାର ସେବକ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଶ୍ରମିକ ତଥା ଜନ ପ୍ରତିନିଧି ଯୋଗ ଦେଇଥିଲେ।



ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ମଞ୍ଚାସୀନ ଅଧିକାରୀ।


**UTKAL UNIVERSITY**
UTKAL UNIVERSITY NAAC ACCREDITED A+
VANI VIHAR, BHUBANESWAR - 751004
ODISHA, INDIA

No. DRS/RUSA-1041-2016 (HR)/16 /2020 Dated the 3 January 2020

**INDICATIVE ADVERTISEMENT**

**Walk in Interview for Empanelment of Human Resources under RUSA 2.0 Project**

Applications are hereby invited from eligible candidates for empanelment / engagement of the following human resources in different project activities under RUSA 2.0. of the Utkal University at Vani Vihar, Chandikhole and at different regions of India (North, South, East and West). The University reserves the right to withdraw partial or full notification without assigning any reason. The empanelment / engagement of human resources is purely temporary and for a period up to 31 March 2020 and likely to be extended further depending on the availability of fund under RUSA 2.0.

| Sl | Position | Salary (in ₹/ Month) | No. of Position | Date of Interview |
|---|---|---|---|---|
| RURAL OUTREACH PROGRAM | | | | |
| 1 | Program Director | 80,000 - 1,00,000 | 1 | 14 January 2020 |
| 2 | Program Manager in the fields of (i) Health, (ii) Gender (iii) Agriculture, (iv) Artisans, (v) Youth, & (vi) Indigenous Knowledge | 40,000 - 45,000 | 4 | 14 January 2020 |
| REGIONAL CENTERS AT IN DIFFERENT REGIONS OF INDIA (NORTH, SOUTH, EAST & WEST) | | | | |
| 3 | Academic Coordinator | 1,00,000 | 4 | Will be intimated by e-mail |
| UTKAL ENTREPRENEURSHIP AND CAREER HUB (UECH) | | | | |
| 4 | Director, UECH | 80,000 - 100,000 | 1 | 14 January 2020 |
| 5 | Incubation Manager-IT / Training & Event | 50,000 - 60,000 | 1 | 14 January 2020 |
| 6 | Receptionist | 10,000 | 1 | 10 January 2020 |
| RUSA CELL | | | | |
| 7 | Consultant (Engineer) | 60,000 - 70,000 | 1 | 16 January 2020 |
| PR AND MEDIA CELL | | | | |
| 8 | Public Relation Officer | 50,000 - 60,000 | 1 | 16 January 2020 |
| 9 | Documentation Officer / Creative Writer | 50,000 - 60,000 | 1 | 16 January 2020 |
| 10 | Research Assistant | 15,000 - 20,000 | 1 | 10 January 2020 |

The detailed guideline indicating eligibility criteria and terms of reference and conditions, prescribed application form and other details can be downloaded from the website of the Utkal University **https://www.utkaluniversity.nic.in.**

The candidates seeking empanelment / engagement of human resources are required to send the filled in prescribed application form to **rusauuhr@gmail.com** on or before **9 January 2020** and come for walk in interview with the hard copies of the application along with the self-attested photocopies of the mark-sheets, certificates / degrees and other relevant documents and Original certificates and mark sheet in the prescribed date of walk-in-interview.

**Sd/- REGISTRAR**



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
- ସକ୍ରେଟିସ୍



## ସଂକ୍ଷେପରେ

### ୪୫ହଜାର ଟଙ୍କା ଲୁଟ୍ ଘଟଣାରେ ଅଭିଯୁକ୍ତ କୋର୍ଟ ଚାଲାଣ

ବିନିକା,୩ ।୧ (ଡି.ଏନ୍.ଏ.): ବିନିକା-ରାମପୁର ମୁଖ୍ୟ ରାସ୍ତାର ଦାନିପାଲି ଛକ ନିକଟରେ ଜଣେ ବୃଦ୍ଧଙ୍କୁ ଲିଫ୍ଟ ଦେଇ ନକଟାମୁଣ୍ଡା ଗ୍ରାମର ନାରାୟଣ ମେହେର ନାମକ ଜଣେ ବ୍ୟକ୍ତି ୪୫ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ଅଭିଯୋଗକାରୀ ସର୍ଗୁଣା ଗ୍ରାମର ପୀତ କୁଅଁର ୩୦ ତାରିଖ ବିନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ବିନିକା ଥାନାରେ ଏକ ମାମଲା (ନଂ-୧) ରୁଜୁ ହୋଇଛି। ବିନିକା ପୋଲିସ ଅଭିଯୁକ୍ତ ନାରାୟଣଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ଥାନାରେ ଅଟକ ରଖି ଘଟଣା ବିଷୟରେ ପଚରା ଉଚୁରା ଚଳାଇଥିଲା। ଶେଷରେ ଶୁକ୍ରବାର ତାଙ୍କଠାରୁ ସମସ୍ତ ଟଙ୍କା ଜବତ କରି କୋର୍ଟ ଚାଲାଣ କରିଛି।

### ଅଷ୍ଟପ୍ରହର ନାମଯଜ୍ଞ

ବିନିକା,୩।୧(ଡି.ଏନ୍.ଏ.): ବିନିକା ବ୍ଲକ ଅନ୍ତର୍ଗତ ସିଲାଟି ଉପରପଡାଠାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜକ ଭାବେ ପଣ୍ଡିତ ଜନାର୍ଦ୍ଦନ ଆଚାର୍ଯ୍ୟ ପୂଜା କାର୍ଯ୍ୟ ତୁଲାଇ ଥିଲେ। କର୍ତ୍ତା ଭାବେ ଉମେଶ ସାହୁ ସପତ୍ନିକ ଦାୟିତ୍ୱ ତୁଲାଇଛନ୍ତି। ଏହି ଅବସରରେ କୌଡିଆମୁଣ୍ଡା, ରେଙ୍ଗାଲି ଟିକ୍ରା, ମହଦା, ଚରଦା, ନନ୍ଦିନିପୁର, କୁବେଡେରା ପ୍ରମୁଖ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଏଥିରେ ରମେଶ ସାହୁ, ଗଙ୍ଗାଧର ସାହୁ, ସଦାନନ୍ଦ ସାହୁ, ନନ୍ଦକିଶୋର ସାହୁ, ବାଲ୍ୟ ଦାସଙ୍କ ସମେତ ଜଗନ୍ନାଥ ଯୁବକ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଉଗ୍ରସେନ ଗାଦିଚ୍ୟୁତ, କଂସଙ୍କ ମଥୁରା ସିଂହାସନ ଆରୋହଣ

ତରଭା,୩।୧(ଡି.ଏନ.ଏ.): ତରଭା ଧନୁଯାତ୍ରା ମହୋତ୍ସବ କମିଟି ଦ୍ୱାରା ଆୟୋଜିତ ଧନୁଯାତ୍ରାର ଶୁକ୍ରବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସ ମଥୁରା ସିଂହାସନ ଆରୋହଣ କରିଥିଲେ। ମଥୁରା ନଗରୀର ମହାରାଜ ଉଗ୍ରସେନ ତାଙ୍କର ଏକମାତ୍ର ରାଜକନ୍ୟା ଦେବକୀଙ୍କ ବିବାହ ସୁଦେବନଗରର ରାଜା ବସୁଦେବଙ୍କ ସହ ନିର୍ବିଘ୍ନରେ ସମାପନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିବାହ ଉତ୍ସବରେ ଅନୁପସ୍ଥିତ ଥିବା ଯୁବରାଜ କଂସ ହଠାତ୍ ମୃଗୟାରୁ ଫେରି ଉତ୍ୟକ୍ତ ହୋଇଉଠିଥିଲେ। ହେଲେ ପିତା ଉଗ୍ରସେନଙ୍କ ନିର୍ଦ୍ଦେଶ କ୍ରମେ ଭଉଣୀର ବିବାହ ସମ୍ପନ୍ନ କରି ବିବାହିତ ଦମ୍ପତିଙ୍କୁ ପାଟ ପାଲିଙ୍କିରେ ବିଦାୟ ଦେବା ପାଇଁ ଯାଇଥିଲେ। ଏହି ସମୟରେ ଏକ ଶୂନ୍ୟ ବାଣୀ ହୋଇଥିଲା। 'କଂସ ଯାହାକୁ ତୁ ପାଟ ପାଲିଙ୍କିରେ ବସାଇ ନେଉଛୁ ତାହାର ଅଷ୍ଟମ ଗର୍ଭ ସନ୍ତାନ ହେବ ତୋର ମୃତ୍ୟୁର କାରଣ'। ଏହି ଶୂନ୍ୟ ବାଣୀ ଶୁଣି କଂସ ବ୍ୟସ୍ତବିବ୍ରତ ହୋଇ ପଡିଥିଲେ। ଦେବକୀଙ୍କୁ ସନ୍ତାନ ହୀନ କରିବା ପାଇଁ ରାଜା ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ନିଜେ ମଥୁରାଧିପତି ଆସନ ଅଳଙ୍କୃତ କରିଥିଲେ। ରାଜମୁକୁଟ ପରିଧାନ କଲା ପରେ ପାତ୍ରମନ୍ତ୍ରୀଙ୍କ ସହ ଆଲୋଚନା କରି ଦେବକୀ ଓ ବସୁଦେବଙ୍କୁ କାରାଗାରରେ ବନ୍ଦୀ କରିଥିଲେ। ତେବେ ଗୋବିନ୍ଦ ମେହେରଙ୍କ ଅଧକ୍ଷତାରେ ଅତିଥି ଭାବେ ପୂର୍ବତନ ନଗରପାଳ ଶୈଳେନ୍ଦ୍ର କୁମାର ସାହୁ ଓ ପୂର୍ବତନ ନଗରପାଳ ମୋନିକାଲାଲ ଅଗ୍ରୱାଲ ଯୋଗଦେଇ ଥିଲେ। ସେହିପରି ଗୋପପୁର ଶିବତୁଲାର ଭଗବତ ମନ୍ଦିର ପରିସରରେ ତରଭାର ଗୋପାଳକୃଷ୍ଣ ମିଶ୍ରଙ୍କ ସଙ୍ଗୀତମୟ ସୁନ୍ଦରାକାଣ୍ଡ ପାରାୟଣ ପ୍ରବଚନରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

### ଡାକ ମଣ୍ଡଳ ପ୍ରତିଷ୍ଠା ଦିବସରେ ସୁବର୍ଣ୍ଣପୁର ଜିଲାର ପ୍ରତିନିଧି ପୁରସ୍କୃତ

ସୋନପୁର,୩।୧(ନି.ପ୍ର.): ବଲାଙ୍ଗୀର ଡାକମଣ୍ଡଳର ୬୧ ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ଯୋଗ ଦେଇଥିଲେ । ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ, ସମ୍ବଲପୁର କ୍ଷେତ୍ରର ମହା ଡାକପାଳ ଲଳିତେନ୍ଦୁ ପ୍ରଧାନ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ କନିଷ୍ଠ ଧାବର, ସହାୟକ ଡାକ ନିର୍ଦ୍ଦେଶକ କମଳେନ୍ଦୁ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହିଦିବସରେ ବିଭିନ୍ନ ଏମ୍‌ପିକେବିୱାଇ(ମହିଳା ପ୍ରଧାନ କ୍ଷେତ୍ରୀୟ ବଚତ ଯୋଜନା)ର ଏଜେଣ୍ଟଙ୍କ ମଧ୍ୟରୁ ସୁବର୍ଣ୍ଣପୁରର (ମହିଳା ଏଜେଣ୍ଟ) ଅଞ୍ଜଳି ତ୍ରିପାଠୀ ଶ୍ରେଷ୍ଠ ଏଜେଣ୍ଟ ଭାବେ ପୁରସ୍କୃତ ହୋଇଥିଲେ । ଡିଆଇପିଆରଓ ହରିଚରଣ ମିଶ୍ର ମହିଳା ଏଜେଣ୍ଟ ତ୍ରିପାଠୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ଚାଷୀଙ୍କ ଦୁଃଖ ବଢ଼ାଇଲା ଅଦିନିଆ ବର୍ଷା

# ମଣ୍ଡିରେ ଭିଜୁଛି ହଜାର ହଜାର ବସ୍ତା ଧାନ

ଅମରପାଲି/ସୋନପୁର, ୩।୧ (ଡି.ଏନ.ଏ./(ନି.ପ୍ର.)



ଉଫୁଲା ମଣ୍ଡିରେ ଧାନବସ୍ତା ପାଣିରେ ବୁଡି ରହିଛି।

ବୀରମହାରାଜପୁର ଅଞ୍ଚଳରେ ଶୁକ୍ରବାର ସକାଳୁ ଲାଗି ରହିଛି ଅଦିନିଆଁ ବର୍ଷା। ଦିନ ତମାମ ଝିପିଝିପି ବର୍ଷା ଲାଗି ରହିଥିଲା । ଫଳରେ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ସକାଳୁ ବର୍ଷା ଆରମ୍ଭ ହୋଇଥିଲା । ଚାଷ ଜମିରେ ଗଜା ହୋଇ ରଖାଯାଇଥିବା ଏବଂ ପେଟା ପଡିଥିବା ଧାନ ଫସଲ ପାଣିରେ ପଡି ନଷ୍ଟ ହୋଇଯାଇଛି । ଏପରିକି ବିକ୍ରି ପାଇଁ ମଣ୍ଡିରେ ଥିବା ଧାନ ମଧ୍ୟ ବର୍ଷାରେ ଭିଜୁଛି। ବର୍ଷା ଯୋଗୁ ଜନଜୀବନ ବ୍ୟାଘାତ ହୋଇଛି। ବର୍ଷା ଯୋଗୁ ଦିନ ତମାମ ପାଗ ଶୀତୁଆ ରହିଛି । ଚଳିତ ବର୍ଷ ବିଳମ୍ବରେ ଚାଷ ହୋଇଥିଲା । ବିଳମ୍ବରେ ଚାଷ ହୋଇ ମଧ୍ୟ ଭଲ ବର୍ଷା ହୋଇଥିବାରୁ ଚାଷ ମଧ୍ୟ ଭଲ ହୋଇଥିଲା । କିଛି ଫସଲ ଅମଳ ହୋଇ ସାରିଥିବା ବେଳେ ଆଉ କିଛି ଫସଲ ଏବେ ମଧ୍ୟ ଜମିରେ ପଡି ରହିଛି। ଶୁକ୍ରବାରର ବର୍ଷା ଯୋଗୁ ଜମିରେ ଥିବା ଫସଲ ଓ ଖଳାରେ ରଖାଯାଇଥିବା ଫସଲ ଭିଜି ଯାଇ ନଷ୍ଟ ହୋଇଯାଇଛି । ଫଳରେ ଚାଷୀ ହତାଶ ହୋଇପଡିଛି । ଅମଳ ହୋଇ ସାରିଥିବା ଧାନକୁ ଚାଷୀ ବିକ୍ରି ପାଇଁ ମଣ୍ଡିକୁ ନେଇଥିଲା । ବିକ୍ରି ପାଇଁ ଟୋକନ ଆସିଥିଲେ ମଧ୍ୟ ମିଲରଙ୍କ ମନମାନି ଯୋଗୁ ବିଭିନ୍ନ ମଣ୍ଡିରେ ଥିବା ଧାନ ଉଠି ପାରିନାହିଁ। ତେଣୁ ବର୍ଷାରେ ହଜାର ହଜାର ବସ୍ତାର ଧାନ ଭିଜୁଛି । ଚାଷୀଙ୍କ ଅଭିଯୋଗ ମତେ, ହିଲୁଙ୍ଗ ମଣ୍ଡିରେ ୧୧ ହଜାର ୯୩୦ ବସ୍ତା ଧାନ ଆଜିକୁ ୨୪ ଦିନ ହେଲା ପଡି ରହିଛି। ମିଲର ଆସୁ ନ ଥିବାରୁ ଧାନ ଉଠି ପାରୁ ନ ଥିବା ଅଭିଯୋଗ ହେଉଛି। ସେହିପରି ଉଫୁଲା ମଣ୍ଡିରେ ୪ଦିନ ହେଲା ୪ହଜାର ବସ୍ତା ଧାନ ପଡି ରହିଛି। ଏହା ସହିତ କଳାପଥର, ବହଲପଦର, ଖଣ୍ଡହତା, କେଞ୍ଜିରିଆପାଲି, ପିତାମହୁଲ ଆଦି ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡିରହିଛି । ବର୍ଷାରେ ଧାନ ଭିଜୁଛି। ଉଫୁଲା ମଣ୍ଡିରେ ତାରପଲିନ ଘୋଡାଯାଇଥିଲେ ମଧ୍ୟ ବର୍ଷା ପାଣି ନିଷ୍କାସନର ବ୍ୟବସ୍ଥା ନ ଥିବାରୁ ହଜାର ହଜାର ବସ୍ତା ଧାନ ଭିଜି ଯାଇଛି । ଫଳରେ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଦିଓ କିଛି ମଣ୍ଡିରେ ଉପର ଧାନ ବସ୍ତା ନଷ୍ଟ ହୋଇ ନାହିଁ ତଥାପି ତଳେ ଥିବା ଧାନବସ୍ତା ବର୍ଷା ପାଣିରେ ଭିଜି ନଷ୍ଟ ହୋଇଛି । ଅଦିନିଆ ବର୍ଷା ଯୋଗୁଁ ଅଞ୍ଚଳର ଚାଷୀମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ଦେଖାଯାଇଛି।

ସେହିପରି ସୁବର୍ଣ୍ଣପୁରରେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୩୧.୨ ମିଲିମିଟର ବର୍ଷା ହୋଇଛି । ଶୁକ୍ରବାର ମଧ୍ୟ ପ୍ରାୟ ୪ ମିଲିମିଟର ବର୍ଷା ହୋଇଛି । କୋହଲା ପାଗ ସହ ଆକାଶ ମେଘାଚ୍ଛନ୍ନ ରହିଛି। ଅଦିନିଆ ବର୍ଷା ଯୋଗୁଁ ଜିଲାର ଧାନ ଚାଷୀ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି । ଅମଳ ହୋଇଥିବା ଧାନ ଜିଲାର ବିଭିନ୍ନ ମଣ୍ଡିରେ ପଡି ରହିଛି । ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ଅଧିକାଂଶ ପ୍ୟାକ୍ସରେ ଗୋଦାମ ଘର ନ ଥିବାରୁ ଧାନ ବସ୍ତା ପାଣିରେ ଭିଜିଛି । ଚାଷୀଙ୍କ ଧାନ ଦୀର୍ଘ ଦିନ ହେବ ମଣ୍ଡିରେ ପଡି ରହିଛି । ବିନିକା ବ୍ଲକର ଶଙ୍କରା ୪ହଜାର ବସ୍ତା ଧାନ ବିକ୍ରି ହୋଇ ପାରିନି । ସେହିପରି ତରଭା ବ୍ଲକର ସରଗଜ ପ୍ୟାକ୍ସରେ ସାଢେ ୪ ହଜାର ବସ୍ତା ଓ ଶିବତୁଲାରେ ୪ହଜାର ବସ୍ତା ଧାନ ପଡି ରହିଛି । ମିଲର୍ସ ଆସୁ ନଥିବାରୁ ଧାନ ଉଠି ପାରି ନଥିବା ଚାଷୀ ଅଭିଯୋଗ କରିଛନ୍ତି ।

ପୁଅର ଭୁଜାଲି ଚୋଟରେ ବାପାର ମୃତ୍ୟୁ ଘଟଣା

# ଅଭିଯୁକ୍ତ ଗିରଫ

ଅମରପାଲି, ୩।୧ (ଡି.ଏନ.ଏ)

- ଘରୋଇ କଳିରୁ ହତ୍ୟା
- ମାରଣାସ୍ତ୍ର ଜବତ
- ପୋଲିସ ଆଗରେ ଦୋଷ ସ୍ୱୀକାର
- ଖବରଦାତା ସମ୍ମିଳନୀରେ ସୂଚନା ଦେଲେ ପୋଲିସ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ କାଦୋଦର ପଞ୍ଚାୟତର ବୈରାଗୀପାଲି ଗ୍ରାମରେ ବୁଧବାର ଗଣ୍ଡା ଘୁଟା (୬୫)ଙ୍କୁ ହତ୍ୟା କରି ଫେରାର ଥିବା ତାଙ୍କ ପୁଅ ଜଗମୋହନ ଘୁଟା (୩୦)ଙ୍କୁ ପୋଲିସ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଧାରୁଆ ଅସ୍ତ୍ରକୁ ମଧ୍ୟ ପୋଲିସ ଜବତ କରିଛି। ସାମାନ୍ୟ ଘରୋଇ କଳିରୁ ନିଶାଶକ୍ତ ଅବସ୍ଥାରେ ଉତକ୍ଷିପ୍ତ ହୋଇ ହତ୍ୟା କରାଯାଇଛି। ଶୁକ୍ରବାର ଅପରାହ୍ନରେ ବୀରମହାରାଜପୁର ଥାନା ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଥାନା ଅଧିକାରିଣୀ ପ୍ରଭାଧନ ଏହା ପ୍ରକାଶ କରିଛନ୍ତି।

ପୋଲିସ କହିଛି ଯେ, ଗଣ୍ଡା ତାଙ୍କ ସ୍ତ୍ରୀ ସର ଘୁଟାଙ୍କ ସହ ଶ୍ୱଶୁର ଘର ଗ୍ରାମ ବୈରାଗୀପାଲିରେ ଦୀର୍ଘ ବର୍ଷ ହେଲା ରହୁଥିଲେ । ୩ ପୁଅ ମଧ୍ୟରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ଅଭିଯୁକ୍ତ ପୁଅ ଜଗମୋହନ ସବୁଠୁ ସାନ। ସେ ବିବାହିତ। ପ୍ରାୟ ୩ବର୍ଷ ହେବ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ଜଗମୋହନ ନିଜର ୨ଝିଅ ଓ ପୁଅ ସହିତ ଉଲୁଣ୍ଡା ଥାନା ଅନ୍ତର୍ଗତ ସୁଲିଆ ଗ୍ରାମରେ ରହନ୍ତି। ୨ ଦିନ ହେଲା ବୈରାଗିପାଲିକୁ ଆସିଥିଲେ। ଘଟଣାଦିନ ରାତିରେ ଖଳାରେ ଗଣ୍ଡା ଧାନ ମଡାଉ ଥିଲେ । ଏହି ସମୟରେ ପୁଅ ଜଗମୋହନ ପହଞ୍ଚି ଘରୋଇ କଥାକୁ ନେଇ ଯୁକ୍ତିତର୍କ କରିଥିଲେ। ଶେଷରେ ଏକ ଧାରୁଆ ଅସ୍ତ୍ରରେ ଗଣ୍ଡାଙ୍କ ପେଟକୁ ଭୁସି ଦେଇ ଫେରାର ହୋଇଯାଇଥିଲେ। ଗୁରୁବାର ସକାଳୁ ଖବର ପାଇ ବୀରମହାରାଜପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲା। ଗୁରୁବାର ବିଳମ୍ବିତ ରାତିରେ ଅଭିଯୁକ୍ତ ପୁଅ ଜଗମୋହନଙ୍କୁ ପୋଲିସ ଗିରଫ କରିଥିଲା। ସାମାନ୍ୟ ଘରୋଇ କଳିରୁ ସେ ବାପାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିବା ଆଇଆଇସି କହିଛନ୍ତି । ଗିରଫ ପରେ ଅଭିଯୁକ୍ତକୁ କୋଟ ଚାଲାଣ କରାଯାଇଛି । ଏ ନେଇ ବୀରମହାରାଜପୁର ଥାନାରେ ଆଇପିସି ଧାରା ୩୦୨ରେ କେସ ନଂ ୩/୨୦ରେ ଏକ ମାମଲା ରୁଜୁ କରାଯାଇଛି । ଉକ୍ତ କେସ୍‌ର ତଦନ୍ତ ଭାର ଏସ୍‌ଆଇ ସୁଦର୍ଶନ ଦେହୁରୀଙ୍କୁ ଦିଆଯାଇଛି ।

ପଏଁରୀ ତିହାର ଉଦ୍‌ଯାପିତ

# ସମାଜ ସୁଧାରର ବାର୍ତ୍ତା ଦିଏ ଉତ୍ସବ ସଂସ୍କୃତି

ସୋନପୁର,୩।୧(ନି.ପ୍ର.)



ସଞ୍ଚାର ନୃତ୍ୟ ଶିଳ୍ପୀ ଜୟନ୍ତୀ ଦୀପଙ୍କୁ ପଏଁରୀ ସମ୍ମାନରେ ସମ୍ମାନିତ କରାଯାଉଛି ।

ଉତ୍ସବ ସଂସ୍କୃତି ଓ ସମାଜ ସୁଧାରର ବାର୍ତ୍ତା ଦେଇଥାଏ ବୋଲି ଶୁକ୍ରବାର ପଏଁରୀ ତିହାରର ଉଦ୍‌ଯାପନୀ ଦିବସରେ ଅତିଥି ବୃନ୍ଦ ମତବ୍ୟକ୍ତ କରିଛନ୍ତି । ଭରପୁର ଜନଗହଳି ମଧ୍ୟରେ ସାନ୍ଧ୍ୟ ଉତ୍ସବରେ ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଲକ୍ଷ୍ମଣ ମେହେର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଜିଲାର ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏଭଳି ଉତ୍ସବ ଆୟୋଜନର ଆବଶ୍ୟକତା ଉପରେ ମେହେର ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କର ଏଜିଏମ ରବିନ୍ଦ୍ର ସାହୁ, ଚାଟାର୍ଡ ଆକାଉଣ୍ଟାଣ୍ଟ ସତ୍ୟେନ୍ଦ୍ର ପାଢୀ, ପଏଁରୀର ଉପଦେଷ୍ଟା ଅଭିମନ୍ୟୁ କୁଶଳ ଓ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ଯୋଗଦାନ କରି ପଶ୍ଚିମ ଓଡିଶା ବିଶେଷ କରି ସୁବର୍ଣ୍ଣପୁରର ଲୋକକଳା, ସଂସ୍କୃତି ଓ ଲୋକବାଦ୍ୟ ମହାନ ବୋଲି କହିଥିଲେ । ଲୁପ୍ତ ପାଇବାକୁ ବସିଥିବା ଲୋକକଳାକୁ ବଞ୍ଚାଇ ରଖିବା ସକାଶେ ୨୦ ବର୍ଷ ଧରି ପଏଁରୀର ପ୍ରୟାସକୁ ଅତିଥି ମାନେ ପ୍ରଶଂସା କରିଥିଲେ । ସାଂସ୍କୃତିକ ସଭାରେ ପଏଁରୀର ସଭାପତି ଲଡୁକିଶୋର ମଲ୍ଲିକ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ଚୌଧୁରୀ ବିଭାର ସଭା ଓ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଉଦ୍‌ଯାପନୀ ସନ୍ଧ୍ୟାରେ ଢୋଲ, ନିଶାନ ଓ ବଂଶୀ ସ୍ୱରର ତାଳରେ ମଞ୍ଚ ଦୁଲୁକି ଉଠିଥିଲା । ବରଗଡର ଜୟନ୍ତୀ ଦୀପ ଓ ସାଥୀଙ୍କ ସଞ୍ଚାର ନୃତ୍ୟ, ପଏଁରୀ ସୋନପୁରର ଚପକରାଟି ନୃତ୍ୟ, ଲହରି ସମ୍ବଲପୁରର ଚୁଟ୍‌କୁଚୁଟା, ହରିଆନା ଧର୍ମପୁତ୍ର କଳା ମଞ୍ଚର ଘୁମର ଓ ଝାରସୁଗୁଡା ରାଇଁଝାଇଁ ଅନୁଷ୍ଠାନର ଆଦିବାସୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ଏହା ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ଏହି ଅବସରରେ ପାରମ୍ପରିକ ସଞ୍ଚାର କଳାକୁ ବଞ୍ଚାଇ ରଖିଥିବା ବରଗଡ ଜିଲାର ସଞ୍ଚାର ନୃତ୍ୟ ଶିଳ୍ପୀ ଜୟନ୍ତୀ ଦୀପଙ୍କୁ ପଏଁରୀ ସମ୍ମାନ ପ୍ରଦାନ କରା ଯାଇଥିଲା । ସେହିପରି ସୁବର୍ଣ୍ଣପୁରରେ ସ୍ୱଚ୍ଛତା ପାଇଁ କାମ କରୁଥିବା ଲକ୍ଷ୍ମୀନାରାୟଣ ମେହେର ଓ ତାଙ୍କ ସ୍ୱଚ୍ଛ ଭାରତ ସଂଗଠନର କର୍ମକର୍ତ୍ତାଙ୍କୁ ସମ୍ମାନିତ କରା ଯାଇଥିଲା । ସଭା ପ୍ରାରମ୍ଭରେ ତୁଳାରାମ କଲେତ, ମୁସ୍କାନ ମଲ୍ଲିକ, ପଦ୍ମଲୋଚନ ସାହୁ, ମନ୍ତ୍ରରାମ ସାହୁ ଓ ଟୁକୁନା ସାହୁ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ । ତିନି ଦିନ ଧରି ରାଜ୍ୟ ଓ ରାଜ୍ୟ ବାହାରର ଶତାଧିକ କଳାକାର ଉତ୍ସବରେ ଯୋଗ ଦେଇଥିଲେ । ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ ଓ ସଂସ୍କୃତି ବିଭାଗ ଓଡିଶା ସରକାରଙ୍କ ସହାୟତାରେ ଏହି ଉତ୍ସବ ଆୟୋଜନ ହେଉଛି । ଗୌରବମୟ ଲୋକକଳାର ସୁରକ୍ଷା, ପୁନରୁଦ୍ଧାର ଓ ପ୍ରସାର ଏହି ତିହାରର ଲକ୍ଷ୍ୟ । ପଏଁରୀ ଅନୁଷ୍ଠାନର ସଭ୍ୟ ସନ୍ତୋଷ ମିଶ୍ର, ସୁଶାନ୍ତ ସାହୁ, ପ୍ରଫୁଲ୍ଲ ନାଏକ, ସନ୍ତୋଷ ପାଢୀ, ଲଳିତ ମେହେର, ପୃଥ୍ୱୀରାଜ ବାଘ ଓ ସମସ୍ତ କର୍ମକର୍ତ୍ତା ତିହାର ଆୟୋଜନରେ ସହଯୋଗ କରିଥିଲେ ।


## ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କରେ

No. D-245:-



ନାମ : ବିଶାଳ ଲାଖୁଆ
ବୟସ : ୧୪ ବର୍ଷ
ପିତା : ମୁନୁ ଲାଖୁଆ
ଘର : କାର୍ଗିଲ ବସ୍ତି, ଲିଙ୍ଗରାଜ ବିହାର ପାଖ, ପୋଖରୀପୁଟ
ଥାନା : ଏୟାରପୋର୍ଟ, ଭୁବନେଶ୍ୱର କମିଶନରେଟ୍
ଜିଲ୍ଲା : ଖୋର୍ଦ୍ଧା (ଓଡ଼ିଶା)
ଉଚ୍ଚତା : ୪ ଫୁଟ ୩ ଇଞ୍ଚ
ରଙ୍ଗ : କଳା, ପତଳା ଶରୀର, ଲମ୍ବା ମୁହଁ ଏବଂ ସେ ଓଡ଼ିଆ, ହିନ୍ଦୀ ଓ ସାଦ୍ରି ଭାଷାରେ କଥା କହିପାରେ।

ଉକ୍ତ ବାଳକଟି ଗତ ତା୨୭।୧୨।୨୦୧୯ରିଖ ସନ୍ଧ୍ୟା ୬ଘଟିକା ସମୟରେ ଘରୁ କେଉଁଆଡ଼େ ପଳାଇଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ନିଖୋଜ ବାଳକ ବିଷୟରେ ଖବର ପାଇଥାନ୍ତି କିମ୍ବା ପାଆନ୍ତି ତେବେ ନିମ୍ନ ଫୋନ ନମ୍ବରରେ ଜଣାଇବାକୁ ଅନୁରୋଧ।

ଫୋନ୍ ନମ୍ବର: ୯୪୩୭୨୨୦୦୯୪, ୭୦୦୮୫୮୭୧୭୧, ୭୯୭୮୨୫୯୯୦୪, ୭୭୩୫୪୦୩୭୭୫

12015/11/0021/1920

The Odisha State Co-operative Milk Producers Federation Limited
www.omfed.com
D-2, Sahidnagar, Bhubaneswar-751007
Ph. No.- 0674-2546030, 2540273, 2540417, Fax No. 0674-2540974
Email ID: omfed@yahoo.com

**APPOINTMENT**

Ref: 246/HRD/RFE/19 Date: 01.01.2020

**No. CAD-761:-** Applications are invited for appointment to the post of Manager (P&I), in OMFED. The detailed terms and conditions along with prescribed Application Form is mentioned hereunder.

| Name of the Post | No. of Post | Qualification | Max. Age as on 31.12.2019 | Post Qualification Experience | Scale of Pay |
|---|---|---|---|---|---|
| Manager (P&I) | 01 | 1. Degree in Veterinary/ Animal Husbandry / Dairy Husbandry. 2. Preference will be given for higher qualification in relevant field. | 40 years | Minimum 5 years experience in Managerial Cadre preferably in procurement & input Activities in Dairy Sector | PB-3, Rs. 15,600 - 39,100, Grade Pay: Rs. 6,600/- plus other Allowances as per Federation Rules |

All other information such as Application Form, Last date of submission of Application Form, Scope of Work, Place of posting and other General Conditions for the above post can be downloaded from the OMFED website: www.omfed.com. Federation reserves the right to cancel / amend the Recruitment Notice which will be published in the website only.

06063/11/0005/1920 *General Manager (HR)*

GOVERNMENT OF ODISHA
OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR
**INVITATION FOR BIDS (IFB)**

File No.- C-IIM-IFB-06/2019 No. 54632, Dt.27.12.2019

**1st Corrigendum to Bid Identification No. CE-DPI & R-19/2019-20, dtd.19.12.2019**

**No. B-512:-** The following changes has been made for the work i.e. "Construction of RCC retaining wall along with sand filling on the road from NH-5 to Ardalua from 10/250 km to 11/535 km in the district of Jajpur under State Plan" at Sl. No. 10 invited vide Bid Identification No. CE-DPI & R-19/2019-20 are as follows:

| Sl. No. | Name of Work | Revised value of work (Rs. in lakh) | Security Amount (Rs. in lakh) (Online) |
|---|---|---|---|
| 10. | Construction of RCC retaining wall along with sand filling on the road from NH-5 to Ardalua from 10/250 km to 11/535 km in the district of Jajpur under State Plan | 19,70,80,644.00 | 19,70,900.00 |

2. The The Bid documents for the above work will be available in the website: www.tendersodisha.gov.in from 10.00 AM of 31.12.2019 to 5.00PM of 17.01.2020 for online bidding.

All other terms and conditions remain unchaged.

34117/11/0059/1920 *Sd./- Chief Engineer, DPI & Roads, Odisha*

OFFICE OF THE ANGUL MUNICIPALITY, ANGUL

**No.: 10501** **Date: 31.12.2019**

**EXPRESSION OF INTEREST**

No.: C-420: Expression of Interest in sealed cover for single bid proposal invited by the Executive Officer, Angul Municipality from the consultancy firm, for preparation of "DETAILED PROJECT REPORT for construction of sewage treatment plant at Angul under Angul Municipality".

The proposal should be submitted by the bidders along with bid security of Rs.5000/- (Rupees five thousand) only in shape of Bank Draft to be drawn in favour of Executive Officer, Angul Municipality. The cost of tender schedule for Rs.1000/- (Rupees one thousand) only (Non-refundable) to be paid in shape of Cash/Demand Draft. The tender schedule shall be available from 02.01.2020 to 13.01.2020 upto 5.00 P.M. at Cash section of this office. They should quote the rate on percentage basis over the project cost, which will be paid after technical sanction and subject to available of funds. They are required to submit the Xerox copy of the registration certificate of their organization, copy of GSTIN, copy of PAN along with bid documents. They should submit the experience certificate of similar nature of job at least one number already rendered in different ULBs/Line Departments/Govt. Organization etc. from the competent authority of respective organization. The proposal along with all documents shall be received in the office of the Executive Officer, Angul Municipality on or before 14.01.2020 upto 11.00 A.M. in the box provided in the Office of the Executive Officer, Angul Municipality and the same will be opened on same day at 12 Noon in presence of the bidders or their authorized representatives. Tenders received after due date and time shall not be entertained. The authority reserves the right to accept/cancel/reject any or all the proposals without assigning any reason thereof.

**Sd./- Executive Officer**
**Angul Municipality**
**13085/11/0021/1920**

GOVT. OF ODISHA
OFFICE OF THE COLLECTOR, KANDHAMAL, PHULBANI
(ST & SC Development Section)
Ph/FAX: 06842-253643, e-mail: dwo.kandhamal@gmail.com
Order No. 01/SSD/ XVII-26/19, Date: 02.01.2020

**NOTICE INVITING OBJECTION**

**No. V-68:-** It is hereby informed that the applicants who have applied for the post of TGT, Odia / English / Mathematics / Physical Science / Social Science for Kalinga Model Residential Schools under ST & SC Dev. Deptt. of Kandhamal District in pursuance to Advertisement No. 3933/SSD, Dated 25.10.2019 has been enlisted. The database of applicants is available in the District Portal: www.kandhamal.nic.in as well as in the Notice Board of District Welfare Office, Kandhamal.

The applicants are requested to go through the lists and file their objections if any with justification along with supporting documents by Registered / Speed Post by 18.01.2020. Objections received after 18.01.2020 shall not be entertained.

*By Orders of Collector, Kandhamal*
***Sd./- District Welfare Officer***
***Kandhamal, Phulbani***
24041/11/0014/1920

COMMISSIONERATE OF CT AND GST, ODISHA (AT- CUTTACK)
(Finance Department, Government of Odisha

Letter No : 13194/CT&GST Date : 03.10.2019
x-13/BO/2015-Non-Gaz-CCT

**OFFICE ORDER** **No. S-28**

WHEREAS Mr Sayed Ansar Ali, S/o Sayed Mansur Ali, At/P.O-Brahmabarada, P.S-Dharmasala, District-Jajpur, Driver, Commissionerate of CT & GST (Odisha); At-Cuttack erstwhile O/o the Commissioner of Commercial Taxes (Odisha), Cuttack was absent from duty with effect from 25.02.2008 without any prior intimation or permission of the competent Authority.

AND WHEREAS, draft charges were framed against Mr.Ali vide this office Memorandum no: 13649/CT, Date: 30.08.2008 for unauthorized absent from Govt. Duty that amounted to negligence and dereliction of Government duty.

AND WHEREAS, all opportunities as per the provision of OCS (CCA Rule, 1962) had been given to Mr.All by the Enquiring Officer to defend. But he did not avail any of the opportunities.

AND WHEREAS, the Enquiry Officer in his report observed that "He is an absentee from Government duties for more than 5 years who had been remaining absent from Government duty since 25.02.2008. The law deems all absentees beyond 5 years as fit case of removal from service subject to provisions of OCS (CCA Rule 1962)".

AND WHEREAS, Rule 72(2) of Odisha Service Code speaks that " where a Government servant does not resume duty after remaining on leave for a continuous period of a five years, or where a Government servant after the expiry of his leave remains absent from duty otherwise than on foreign service or on account of suspension, for any period which together with the period of the leave granted to him exceeds five years, he shall unless Government in view of the exceptional circumstances of the case otherwise determine, be removed from service after following the procedure laid down in the Odisha Civil Services (Classification, Control and Appeal) Rules, 1962.

AND WHEREAS it was decided to impose punishment on Mr Ansar Ali in pursuant to Rule 72(2) of Odisha Service Code as per the Rule-15 of the OCS(CCA) Rules, 1962 Mr Ali was called upon vide this office letter no : 14029/CT; date: 16.09.2017 to appear before the appointing authority on any state govt. working days within 15 days to show cause as to why major punishment shall not be awarded to him. But he did not appear-before the appointing authority.

AND WHEREAS it was ascertained from the postal acknowledgement the said show cause notice had been received by some Sayena Parween on 19.09.2017 and since Mr Ali did not appear before the appointing authority, another chance was given to him to submit his explanation by appearing before the appointing authority on any state govt working days within 15 days to show cause as to why major punishment shall not be awarded to him vide this office letter no; 7454/CT&GST; date: 16.05.2018. But he did not appear before the appointing authority. Since he is absconded the show cause notice was published in the leading Odia daily i.e Dharitri and Sambad on 03.01.2019. But Mr. Ali did not respond.

AND WHEREAS Mr.Ali has failed to respond to the notice published in the above Odia dailies within the stipulated time frame, the following major penalty is hereby imposed on Mr. Sayed Ansar Ali, Driver of this office U/r 13 of the OCS (CCA) rules, 1962 and Rule 72(2) of Odiaha Service Code.

"Mr. Sayed Ansar Ali Is removed from the Government service which shall not be a disqualification of future employment from the date of Issue of this order.

This is issued wilh the approval of the Commissioner of CT&GST; Odisha.

**Sd./- Addl. Commissioner of CT&GST**
**(SMNG)**
**05006/11/0006/1920**



ସନ୍ତୋଷ ପ୍ରୟାସରେ ଥାଏ, ପ୍ରାପ୍ତିରେ ନୁହେଁ, ପୂର୍ଣ୍ଣ ପ୍ରୟାସରେ ହିଁ ସଂପୂର୍ଣ୍ଣ ବିଜୟ ମିଳେ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ତହସିଲ ପକ୍ଷରୁ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ

**ଲୋଇସିଂହା,୩।୧(ଡି.ଏନ.ଏ.):** ଆଗଲପୁର ତହସିଲ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷ ଖରିଫ ଚାଷ କ୍ଷୟକ୍ଷତି ସହାୟତା ରାଶି ବଣ୍ଟନ କରାଯାଇଛି। ବ୍ଲକର ୨୦ଟି ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ବାବଦକୁ ରାଜ୍ୟ ସରକାରଙ୍କଠାରୁ ୭୮ ଲକ୍ଷ ୮୮ ହଜାର ମିଳିଛି। ସେଥିରୁ ୩୧ ଲକ୍ଷ ୧୧ ହଜାର ୯୭୨ ଟଙ୍କା ବଣ୍ଟନ କରାଯାଇଛି। ସେହିପରି ୪୭ ଗାଁର ରୋଗପୋକ କ୍ଷତି ବାବଦକୁ ୫୪ ଲକ୍ଷ ୨୬ ହଜାର ୪ ଶହ ଟଙ୍କା ସହାୟତା ରାଶି ମିଳିଥିଲା। ସେଥିରୁ ୨୯ଲକ୍ଷ ୭୩ ହଜାର ୬୯୬ ଟଙ୍କା ବଣ୍ଟନ କରାଯାଇଛି। ଅଦିନିଆ ବର୍ଷା ତଥା ପେଥାଇ ବାବଦକୁ ସହାୟତା ରାଶି ୧ କୋଟି ୭ ଲକ୍ଷ ଟଙ୍କା ମିଳିଥିଲା। ସେଥିରୁ ୮୬ ଲକ୍ଷ ୯୨ ହଜାର ୩୮୧ ୩୮୧ ଟଙ୍କା ସହାୟାତ ରାଶି ବଣ୍ଟନ ହୋଇଛି। ବାଳକା ଟଙ୍କା କ୍ଷତିଗ୍ରସ୍ତ ଚାଷୀଙ୍କୁ ଖୁବଶୀଘ୍ରମିଳିବ। ୯ଟି ଗାଁର ରୋଗପୋକ ଓ ଅଦିନିଆ ବର୍ଷା ସହାୟତା ରାଶି ଏ ଯାଏ ମଞ୍ଜୁର ହୋଇନାହିଁ ବୋଲି ତହସିଲଦାର ବିନୋଦବିହାରୀ ନାଏକ ସୂଚନା ଦେଇଛନ୍ତି।

ଓମରସିଂ-କଣ୍ଟାବାଞ୍ଜି ରାସ୍ତା ନିର୍ମାଣରେ ନିମ୍ନମାନର କାମ

# ପ୍ରତିବାଦରେ ଗାଁ ଲୋକଙ୍କ ରାସ୍ତା ଅବରୋଧ

**କଣ୍ଟାବାଞ୍ଜି, ୩।୧(ଡି.ଏନ.ଏ.)**

ତୁରେକେଲା ବ୍ଲକ୍‌ର ଡୁମେରଚୁଆଁରୁ କଣ୍ଟାବାଞ୍ଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ରାସ୍ତା ନିର୍ମାଣ ହେଉଛି। ହେଲେ ନିମ୍ନମାନର କାମ କରାଯାଉଛି। ଏଭଳି ଅଭିଯୋଗ ନେଇ ଶୁକ୍ରବାର ଡୁମେରଚୁଆଁ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି। ଫଳରେ କଣ୍ଟାବାଞ୍ଜି ସାପ୍ତାହିକ ବଜାରକୁ ଯିବା ଆସିବା କରୁଥିବା ଯାନବାହାନ ଏବଂ ଯାତାୟତରେ ବାଧା ହୋଇଛି। ଏହି ରାସ୍ତାରୋକୋରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜି ମହାନ୍ତି, ପୂର୍ବତନ ହିଆଁଲ ସରପଞ୍ଚ ପ୍ରଦୀପ ଦାସ, ଅଲଣ୍ଡା ସରପଞ୍ଚ ଅର୍ଜୁନ ଯାଦବ, ରାଜେନ୍ଦ୍ର ପଟ୍ଟନାୟକ, ବୁଠି ପରାଭୁଏ, ଖଗେଶ୍ୱର ବାଗ, ଘାସିରାମ ମାଝି, ସଦାନନ୍ଦ ନାଗଙ୍କ ସହ ଗ୍ରାମର ଅନ୍ୟମାନେ ସାମିଲ ଥିଲେ। ଝିପି ଝିପି ବର୍ଷା ସତ୍ତ୍ୱେ ଆନ୍ଦୋଳନକାରୀ ରାସ୍ତାରୋକୋ କରିଥିଲେ। ହେଲେ ବିଭାଗୀୟ ଅଧିକାରୀ କିମ୍ବା ପ୍ରଶାସନ ତରଫରୁ କୌଣସି ଅଧିକାରୀ ଆସି ନ ଥିଲେ। ଏଣୁ ଆନ୍ଦୋଳନକାରୀ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ରାସ୍ତାକାମ କରୁଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନେ ତହସିଲଦାର ଅଶୋକ ମାଝିଙ୍କୁ ଦାବିପତ୍ର ଦେଇଛନ୍ତି। ବିଭଗୀୟ ଅଧିକାରୀଙ୍କୁ ମଧ୍ୟ ଦାବିପତ୍ର ଦେଇ ଏହି କାର୍ଯ୍ୟ ଉପରେ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ପ୍ରକାଶଯୋଗ୍ୟଏ ଏହି ରାସ୍ତା ନିର୍ମାଣ ପାଇଁ କେତେ ଟଙ୍କାର ଅଟକଳ କରାଯାଇଛି, କେତେ ଦୂରତା ଯାଏ ନିର୍ମାଣ ହେଉଛି, କାର୍ଯ୍ୟର ନିର୍ମାଣକାରୀ ଏଜେନ୍ସି କିଏ, ସେ ସବୁର ତଥ୍ୟ ଆଧାରିତ ଫଳକ ଲଗା ଯାଇନାହିଁ। ଏପରିକି କାର୍ଯ୍ୟ ଆରମ୍ଭ ହେବାର ଦୁଇ ସପ୍ତାହ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟସ୍ଥଳରେ ବିଭାଗୀୟ ଅଧିକାରୀଙ୍କ ଦେଖା ନାହିଁ। ନିମ୍ନମାନର ପିଚୁ, ମେଟାଲ ଏବଂ ଚିପ୍ସ ବ୍ୟବହାର କରାଯାଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି।



ସମରସିଂ-କଣ୍ଟାବାଞ୍ଜି ପିଏମଜିଏସୱାଇ ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗରେ ରାସ୍ତାରୋକୋ କରାଯାଇଛି।

# ସାବିତ୍ରୀବାଇ ଫୁଲେଙ୍କ ୧୯୦ ତମ ଜୟନ୍ତୀ

**ଲାଠୋର,୩।୧ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ କରୁଆଁଝରଠାରେ ଶୁକ୍ରବାର ଅପରାହ୍ନରେ ମୁଳନିବାସୀ ମହିଳା ସଂଘର୍ଷ ସମିତି ଓଡିଶା ଆନୁକୁଲ୍ୟରେ ଶିକ୍ଷାର ଅଗ୍ରଦୂତ ମାତା ସାବିତ୍ରୀବାଇ ଫୁଲେଙ୍କ ୧୯୦ ତମ ଜୟନ୍ତୀ ପାଳନ ହୋଇଯାଇଛି। ଉକ୍ତ ଜୟନ୍ତୀରେ କରୁଆଁଝର, ଝଲିଆଲିଟି, ମସିଣା, ସାନଗୁର୍ଜିଭଟା, ଚାଉଲଡିଆ ଗ୍ରାମର ମହିଳାମାନେ ଯୋଗ ଦେଇଥିଲେ। ପ୍ରଥମେ ସାବିତ୍ରୀ ବାଇ ଫୁଲେଙ୍କ ପ୍ରତିଛବିରେ ପୁଷ୍ପମାଳ ଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଫୁଲେଙ୍କ ଜୀବନୀ ଉପରେ ଯୋଗ ଦେଇଥିବା ଅତିଥିମାନେ ଆଲୋଚନା କରିଥିଲେ। ସେ କିପରି ମହିଳାମାନଙ୍କ ଶିକ୍ଷା ଏବଂ ଅଧିକାର ଉପରେ ବିପ୍ଳବ ସୃଷ୍ଟି କରିଥିଲେ ସେ ଉପରେ ଆଲୋଚନା ହେବା ସହ ସମ୍ବିଧାନ ଉପରେ ମଧ୍ୟ ଉପସ୍ଥିତ ମହିଳାଙ୍କୁ ଅତିଥିମାନେ ସଚେତନ କରିଥିଲେ। ସମ୍ବିଧାନ ଏବଂ ସାବିତ୍ରୀବାଇ ଫୁଲେଙ୍କ ଉପରେ ଉପସ୍ଥିତ ମହିଳାମାନେ ବିଭିନ୍ନ ପ୍ରଶ୍ନ କରିଥିଲେ। ଜାନୁୟାରୀ ୩୦ରେ ଚାଉଲଡିଆ ଗ୍ରାମରେ ସାବିତ୍ରୀବାଇ ଫୁଲେଙ୍କ ଉପରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।



ସାବିତ୍ରୀବାଇ ଫୁଲେଙ୍କ ୧୯୦ ତମ ଜୟନ୍ତୀରେ ମହିଳାମାନେ।



ବିଧାୟକ ଜଣେ ନୂତନ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପ୍ରଦାନ କରୁଛନ୍ତି।

# ୧୭୨ ହିତାଧିକାରୀଙ୍କୁ ଭତ୍ତା, ୩୦ ଆବାସ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି

**ଲୋଇସିଂହା,୩।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହଠାରେ ବ୍ଲକର ନୂତନ ୧୭୨ ହିତାଧିକାରୀଙ୍କୁ ଶୁକ୍ରବାର ଭତ୍ତା ପ୍ରଦାନ କରାଯାଇଛି। ବିଡିଓ ରାମଚନ୍ଦ୍ର ଖାଡିଆ ଅଧ୍ୟକ୍ଷତା କରିଥିବାବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ନିଗ୍ଧାମୟୀ ବାରିକ ସଂଯୋଜାନା କରିଥିଲେ। ଏଥିରେ ବିଧାୟକ ମୁକେଶ ମହାଲିକ ଅତିଥି ଭାବେ ଯୋଗ ଦେଇ ୨୦ଟି ପଞ୍ଚାୟତର ବିଧବା, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ଅବିବାହିତା ଏପରି ୧୭୨ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଏହାବାଦ ନିର୍ଦ୍ଧାରିତ ସମୟରେ ପ୍ରଧାନମନ୍ତ୍ରୀ ଆବାସ ଘର ସାରିଥିବା ୩୦ ହିତାଧିକାରୀଙ୍କୁ ପ୍ରୋତ୍ସାହାନ ରାଶି ପ୍ରଦାନ କରିଥିଲେ। ଗୁରୁବାର ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ କୁଷ୍ଠାଶ୍ରମରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ମଧ୍ୟ ହୋଇଥିଲ। ଏଥିରେ ବିଧାୟକ ଓ ବିଡିଓ ଅତିଥି ଭାବେ ଯୋଗ ଦେଇ କୁଷ୍ଠାଶ୍ରମର ୫ ପରିବାରକୁ କମ୍ବଳ, ବାସନକୁସନ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଗୌରାଙ୍ଗ ନାଏକ, ଭୂତନାଥ ନାଏକ, ରାଜୁ ସାହୁ, ବାହାଦୁର ନନ୍ଦ, ତମେଶ୍ୱର ସାହୁ, ସୁଦୀପ ସା ପ୍ରମୁଖ ଉପସ୍ଥିତ ଥିଲେ।

୧୦ମ ନିଶାମଣି ଭୋଇ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ମୁରିବାହାଲକୁ ହରାଇ ମନିଗାଁ ଦଳ ଚାମ୍ପିୟନ

**ମୁରିବାହାଲ, ୩।୧ (ଡି.ଏନ.ଏ.)**

ମୁରିବାହାଲ ବ୍ଲକ ପତ୍ରାପାଲି (କ) ଗ୍ରାମ ପଞ୍ଚାୟତର ଦେବଙ୍ଗ ଗ୍ରାମର ମିନିଷ୍ଟାଡିୟମଠାରେ ଗତ ୧୯ ତାରିଖଠାରୁ ଚାଲିଥିବା ୧୦ ବାର୍ଷିକ ନିଶାମଣୀ ଭୋଇ ମେମୋରିଆଲ ଜିଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏହି ଫାଇନାଲ ଖେଳରେ ମନିଗାଁ ଦଳ ବିଜୟୀ ଭୋଇ ଚାମ୍ପିୟନ ହୋଇଛି। ଫାଇନାଲ ଖେଳ ମୁରିବାହାଲ ଓ ମନିଗା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଖେଳ ଅତିସଂଘର୍ଷପୂର୍ଣ୍ଣ ଥିବା ବେଳେ ମନିଗାଁ ଦଳର ୧୩ ନମ୍ବର ଜର୍ସି ନବ ମାଝିଙ୍କର ଏକ ଗୋଲ ବଳରେ ଚାମ୍ପିୟନ ଲାଭ କରିଥିଲା। ଉକ୍ତ ଖେଳକୁ ବିବଛ ମାଝି, ନବୀନ ସରାଫ, ବୈଷ୍ଣବ କୁମ୍ଭାର ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିପକ କୁମାର ପାତ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ଦେବଙ୍ଗ ହାଇସ୍କୁଲ ପ୍ରଧାନ ଶିକ୍ଷକ, ରାମରତନ ମେହେର, ଖବରଦାତା ସଂଘର ସଭାପତି ଭଗବାନ ମହାନ୍ତି, ଶିକ୍ଷକ ବିଶ୍ୱନାଥ ସାହୁ ପ୍ରମୁଖ ଯୋଗଦେଇ ବିଜେତା ମନିଗାଁ ଦଳକୁ ଟ୍ରଫି ସହ ନଗଦ ୭୭୭୭ ଟଙ୍କା ପୁରସ୍କାର ରାଶି ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୫୫୫୫ ଟଙ୍କା ପ୍ରଦାନ କରିଥିଲେ। ଏହା ସାଙ୍ଗକୁ ଟୁର୍ଣ୍ଣାମେଣ୍ଟ ଶ୍ରେଷ୍ଠ ଖେଳାଳି ଭାବରେ ମହେଶ ମାଝି ମନିଗାଁ, ଶ୍ରେଷ୍ଠ ଡିଫେନ୍ସ ଅଶୋକ ନାଏକ, ଶ୍ରେଷ୍ଠ ଗୋଲରକ୍ଷକ କୁମର କରୁଆ, ପ୍ଲେୟାର ଅଫ୍ ଦି ମ୍ୟାଚ ନବ ମାଝିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ମୁଖ୍ୟ ଆୟୋଜକ ନେତ୍ରାମଣୀ ଭୋଇ ଓ ସଭାପତି ରାଜେନ୍ଦ୍ର ଭୋଇଙ୍କର ପ୍ରତ୍ୟେକ ତତ୍ତ୍ୱାବଧାନରେ ଉପସଭାପତି ଅକ୍ଷୟ ଭୋଇ, ସମ୍ପାଦକ ବଂଶୀଧର ଦାସ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ଭୋଇ, ହୃଷୀକେଶ ଭୋଇ, ଜିତେନ ବାଗ, ସୁଧାଂଶୁ ଭୋଇ ସହଯୋଗ କରିଥିବା ବେଳେ ଡୋଳାମଣୀ ଦାସ ଓ ତ୍ରିନାଥ ଭୋଇ ଧାରାବିବରଣୀ ପ୍ରଦାନ କରିଥିଲେ ।



ଅତିଥି ଓ ଆୟୋଜକଙ୍କ ସହ ଖେଳାଳିମାନେ।

# ଦେଓଗାଁରେ କପାଚାଷ ସମ୍ପର୍କିତ ଏକଦିବସୀୟ କର୍ମଶାଳା



ଦେଓଗାଁ କୃଷିପରାମର୍ଶ କେନ୍ଦ୍ରଠାରେ କପାଚାଷ ସମ୍ପର୍କିତ କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

**ଦେଓଗାଁ,୩।୧(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ କୃଷିପରାମର୍ଶ କେନ୍ଦ୍ରରେ ଶୁକ୍ରବାର କପା ବୈଷୟିକ ମିଶନ ରାଜ୍ୟ ଯୋଜନା ଆନୁକୁଲ୍ୟରେ କପାଚାଷ ସମ୍ପର୍କିତ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ କୃଷି ଅଧିକାରୀ ପ୍ରଦୀପ୍ତ କୁମାର ନାଏକଙ୍କ ପରିଚାଳନାରେ ଅନୁଷ୍ଠିତ ଶିବରରେ ବରିଷ୍ଠ ବୈଜ୍ଞାନିକ ଆଶିଷ କୁମାର ଦାଶ, କପା ବିଷୟବସ୍ତୁ ବିଶେଷଜ୍ଞ ସୋମନାଥ ମହାପାତ୍ର, ବିହନ ପ୍ରକ୍ରୀୟାକରଣ ଅଧିକାରୀ ଏମ.ଏମ. ଅଲି ପ୍ରମୁଖ ଯୋଗଦେଇ କପାଚାଷରେ ବିଭିନ୍ନ ରୋଗ ପୋକ ଦମନ ବିଷୟରେ ପରାମର୍ଶ ପ୍ରଦାନ କରିବା ସହ କପାର ଶ୍ରେଣୀକରଣ ଓ ବିକ୍ରିବଟା ଉପରେ ଆଲୋକପାତ କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨୫ଟି କପାଚାଷୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କୃଷି ଅଧିଦର୍ଶକ ଅମୂଲ୍ୟ କୁମାର ବେହେରା, ସମସ୍ତ କୃଷକସାଥୀ ତଥା କର୍ମଚାରୀ ସହଯୋଗ କରିଥିଲେ।

# ୪୫ହଜାର ଟଙ୍କା ଲୁଟ୍ ଘଟଣାରେ ଅଭିଯୁକ୍ତ କୋର୍ଟ ଚାଲାଣ

**ବିନିକା,୩।୧ (ଡି.ଏନ୍.ଏ.)**

ବିନିକା-ରାମପୁର ମୁଖ୍ୟ ରାସ୍ତାର ଦାନିପାଲି ଛକ ନିକଟରେ ଜଣେ ବୃଦ୍ଧଙ୍କୁ ଲିଫ୍ଟ ଦେଇ ନକଟାମୁଣ୍ଡା ଗ୍ରାମର ନାରାୟଣ ମେହେର ନାମକ ଜଣେ ବ୍ୟକ୍ତି ୪୫ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ଅଭିଯୋଗକାରୀ ସର୍ଗୁଣା ଗ୍ରାମର ପୀତ କୁଅଁର ୩୦ ତାରିଖ ବିନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବିନିକା ପୋଲିସ ଅଭିଯୁକ୍ତ ନାରାୟଣଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ଥାନାରେ ଅଟକ ରଖି ଘଟଣା ବିଷୟରେ ପଚରା ଉଚୁରା ଚଳାଇଥିଲା। ଶେଷରେ ଶୁକ୍ରବାର ତାଙ୍କଠାରୁ ସମସ୍ତ ଟଙ୍କା ଜବତ କରି କୋର୍ଟ ଚାଲାଣ କରିଛି।

ଗୌରଗୋଠରେ ବିଭିନ୍ନ ସମସ୍ୟା, ନିଶାମୁକ୍ତ ଦାବି

# ପଞ୍ଚାୟତ ଅଫିସ ଘେରିଲେ ମହିଳା

**ଦେଓଗାଁ,୩.୧(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଗୌରଗୋଠ ପଞ୍ଚାୟତରେ ବିଭିନ୍ନ ଦାବିକୁ ନେଇ ଶୁକ୍ରବାର ଲୋକ ଉନ୍ନତି ସଂଗଠନ, ମହିଳା ଶ୍ରମଜୀବୀ ମଞ୍ଚ, ସମସ୍ତ ଏସ୍‌ଏଚ୍‌ଜି ଓ ନିଶାନିବାରଣ କମିଟି ଆନୁକୁଲ୍ୟରେ ପଞ୍ଚାୟତ ଘେରାଉ କରାଯାଇଛି। ଗୌରଗୋଠରେ ଆୟୁର୍ବେଦିକ ଡାକ୍ତର ସମସ୍ୟା, ସରକାରୀ ନୂତନ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା, ଅଙ୍ଗନୱାଡି କେନ୍ଦ୍ର କ ଓ ଗ କେନ୍ଦ୍ରର ନିଜସ୍ୱକୋଠା ନିର୍ମାଣ ଓ ପଞ୍ଚାୟତକୁ ସମ୍ପୂର୍ଣ୍ଣରୂପେ ନିଶାମୁକ୍ତ କରିବାକୁ ଦାବି ରହିଛି। ରତାଖଣ୍ଡି ଗ୍ରାମରୁ ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ନାରାଦେଇ ପଞ୍ଚାୟତ କାର୍ଯ୍ୟାଳୟକୁ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦିନ ତମାମ ଧାରଣାରେ ବସିଥିଲେ। ସରପଞ୍ଚ ପ୍ରତିମା ନନ୍ଦ ଧାରଣା ସ୍ଥଳରେ ପହଞ୍ଚି ଜଲା ପ୍ରଶାସନ ସହିତ କଥାବାର୍ତ୍ତା ହୋଇ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସରପଞ୍ଚଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତେବେ କମ୍ ଦିନ ମଧ୍ୟରେ ଉପରୋକ୍ତ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ପଦକ୍ଷେପ ଗ୍ରହଣ ନ କଲେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଦେଇ ପଞ୍ଚାୟତକୁ ଅଚଳ କରିଦିଆଯିବ ବୋଲି ସଂଗଠନର ନେତୃବୃନ୍ଦ ଚେତାବନୀ ଦେଇଛନ୍ତି ।



ମହିଳା ଗୋଷ୍ଠୀ ସରପଞ୍ଚଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

UTKAL UNIVERSITY
NAAC ACCREDITED A+

# UTKAL UNIVERSITY

VANI VIHAR, BHUBANESWAR - 751004
ODISHA, INDIA

No. DRS/RUSA-1041-2016 (HR)/16 /2020 — Dated the 3 January 2020

INDICATIVE ADVERTISEMENT

Walk in Interview for Empanelment of Human Resources under RUSA 2.0 Project

Applications are hereby invited from eligible candidates for empanelment / engagement of the following human resources in different project activities under RUSA 2.0. of the Utkal University at Vani Vihar, Chandikhole and at different regions of India (North, South, East and West). The University reserves the right to withdraw partial or full notification without assigning any reason. The empanelment / engagement of human resources is purely temporary and for a period up to 31 March 2020 and likely to be extended further depending on the availability of fund under RUSA 2.0.

| Sl | Position | Salary (in ₹/ Month) | No. of Position | Date of Interview |
|---|---|---|---|---|
| RURAL OUTREACH PROGRAM | | | | |
| 1 | Program Director | 80,000 - 1,00,000 | 1 | 14 January 2020 |
| 2 | Program Manager in the fields of (i) Health, (ii) Gender (iii) Agriculture, (iv) Artisans, (v) Youth, & (vi) Indigenous Knowledge | 40,000 - 45,000 | 4 | 14 January 2020 |
| REGIONAL CENTERS AT IN DIFFERENT REGIONS OF INDIA (NORTH, SOUTH, EAST & WEST) | | | | |
| 3 | Academic Coordinator | 1,00,000 | 4 | Will be intimated by e-mail |
| UTKAL ENTREPRENEURSHIP AND CAREER HUB (UECH) | | | | |
| 4 | Director, UECH | 80,000 - 100,000 | 1 | 14 January 2020 |
| 5 | Incubation Manager-IT / Training & Event | 50,000 - 60,000 | 1 | 14 January 2020 |
| 6 | Receptionist | 10,000 | 1 | 10 January 2020 |
| RUSA CELL | | | | |
| 7 | Consultant (Engineer) | 60,000 - 70,000 | 1 | 16 January 2020 |
| PR AND MEDIA CELL | | | | |
| 8 | Public Relation Officer | 50,000 - 60,000 | 1 | 16 January 2020 |
| 9 | Documentation Officer / Creative Writer | 50,000 - 60,000 | 1 | 16 January 2020 |
| 10 | Research Assistant | 15,000 - 20,000 | 1 | 10 January 2020 |

The detailed guideline indicating eligibility criteria and terms of reference and conditions, prescribed application form and other details can be downloaded from the website of the Utkal University **https://www.utkaluniversity.nic.in.**

The candidates seeking empanelment / engagement of human resources are required to send the filled in prescribed application form to **rusauuhr@gmail.com** on or before **9 January 2020** and come for walk in interview with the hard copies of the application along with the self-attested photocopies of the mark-sheets, certificates / degrees and other relevant documents and Original certificates and mark sheet in the prescribed date of walk-in-interview.

Sd/- REGISTRAR



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେବ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।

- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଅଦିନିଆ ବର୍ଷାରେ ଚାଷୀ ଭୟଭୀତ

**ଖପ୍ରାଖୋଲ,୩।୧(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଅଦିନିଆଁ ବର୍ଷା ହୋଇଥିବାବେଳେ ଚିନ୍ତାରେ ପଡିଛନ୍ତି ଚାଷୀ। ଶୁକ୍ରବାର ଦିନ ତମାମ କୋହଲା ପାଗ ସହ ଝଡି ବର୍ଷା ଲାଗି ରହିଥିଲା। କେତେକ ଚାଷୀ ଧାନ ଅମଳ କରି ନ ଥିବାବେଳେ ଅନେକ ଚାଷୀ ଖଳାରେ ଧାନ ରଖିଛନ୍ତି। ସେହିପରି ଧାନ ମଣ୍ଡିଗୁଡିକରେ ଚାଷୀ ଧାନ ବିକ୍ରି ପାଇଁ ରଖିଛନ୍ତି। ତାରପୋଲିନ ଘୋଡାଇ ବର୍ଷାରୁ ରକ୍ଷା କରିବାକୁ ରାତିସାରା ଉଜାଗର ହେବାକୁ ପଡୁଛି। ଶୁକ୍ରବାର ଦିନ ୧୦ଟା ଯାଏଁ ୨୮ ମି.ମି. ବର୍ଷା ହୋଇଥିବା ବ୍ଲକ ସୂତ୍ରରୁ ଜଣାଯାଇଛି। ଏଭଳି ପାଗ ଲାଗି ରହିଲେ ଧାନ ନଷ୍ଟ ହେବା ସହ ଅମଳ ପାଇଁ ଥିବା କପା ଫସଲ ବହୁଳ ମାତ୍ରାରେ କ୍ଷତି ହେବା ଆଶଙ୍କା ରହିଛି। ସେହିପରି ପନିପରିବା ଫସଲ ମଧ୍ୟ ନଷ୍ଟ ହେବା ଆଶଙ୍କା ରହିଛି। ଏହାକୁ ନେଇ ଚିନ୍ତରେ ଚାଷୀ।

ରାଜ୍ୟସ୍ତରୀୟ ଆଇଏମ୍ କଲାମ କପ୍ ଉଦ୍‌ଘାଟିତ

# ଟାଇବ୍ରେକରରେ ଲୋଇସିଂହା ଏପିଜେ ବିଜୟୀ

**ଲୋଇସିଂହା,୩।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମଠାରେ ଆଇଏମ୍ କଲାମ କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ-୨୦୨୦ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏପିଜେ ଅବଦୁଲ କଲାମ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ବର୍ଷା ଯୋଗୁ ବନ୍ଦ ଆଶଙ୍କା କରାଯାଉଥିଲା। ହେଲେ ଅପରାହ୍ନରେ ଅନୁକୂଳ ପାଗ ରହିବାରୁ ଉଦ୍‌ଘାଟନୀ ମ୍ୟାଚ ଆୟୋଜକ ଏପିଜେଏକେସି ଓ ଫୁଲବାଣୀ ଏଏସଏସଏନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ କେହି କାହାକୁ ଗୋଲ ସ୍କୋର ନ କରିବାରୁ ରେଫରି ଟାଇବ୍ରେକରରେ ଫଳାଫଳ ନିର୍ଣ୍ଣୟ କରିଥିଲେ। ଏଥିରେ ୪-୩ ଗୋଲରେ ଲୋଇସିଂହା ଏପିଜେଏକେସି ଦଳ ବିଜୟୀ ହୋଇ ଏ ଗ୍ରୁପରୁ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ରେଫରୀ ଦେବାଶିଷ ବାଗ, ସୁଧାଂଶୁ ସେଠ(ନାଟୁ), ଚିତ୍ତରଜଂନ ପାଣ୍ଡେ ଓ ସୁଦୟ ବାରିକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ସମାରୋହରେ କ୍ଲବ ସଭାପତି ଅଶୋକ କୁମାର ବରିହା ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଜେଡି ରାଜ୍ୟ ଯୁବ ସାଧାରଣ ସମ୍ପାଦକ ବଳରାମ ସିଂ ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଯୁବନେତା ନୀତେଶ କୁମାର ଅଗ୍ରୱାଲ, କୁନା ଭୋଇ ସମ୍ମାନିତ ଅତିଥି ଉପସ୍ଥିତ ଥିଲେ। ରଜଂନ ବେହେରା, ନୟୁ ଖାନ, ସରୋଜ ପୁଟେଲ, ବିଲୁ ମନହିରା, ପ୍ରକାଶ ମହାଣା ପରିଚାଳାନାରେ ସହଯୋଗ କରିଥିଲେ। ଶନିବାର ବରଗଡ ଓ କୁଚିଣ୍ଡା ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।



ଉଦ୍‌ଘାଟନୀ ମ୍ୟାଚର ଦୃଶ୍ୟ ଓ ଉଭୟ ଦଳର ଖେଳାଳିଙ୍କ ଗହଣରେ ଅତିଥି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଇତ ଚାଷ ସୁନା ଚାଷ**
**ବୈଶାଖ ଚାଷ କୁଟୁମ୍ବ ପୋଷ**
**ଜ୍ୟେଷ୍ଠେ ଚାଷ ରାଜା ପୋଷ**
**ଆଷାଢ଼ ଚାଷ ବେଳହୁଁ ଖସ ।**

ଚଇତ ମାସରେ ଚାଷ କରାଗଲେ ଚାଷବାସରୁ ଭଲ ଅମଳ ମିଳିଥାଏ। ବୈଶାଖ ମାସରେ କରାଯାଇଥିବା ଚାଷରୁ ଯାହା ଉପାର୍ଜନ ହୋଇଥାଏ ତାହା କୁଟୁମ୍ବ ପୋଷିବାରେ ଅସୁବିଧା ରହି ନ ଥାଏ। ସେହିପରି ଜ୍ୟେଷ୍ଠମାସରେ ଚାଷକାର୍ଯ୍ୟ ଆରମ୍ଭ କଲେ ଚାଷରୁ ଯାହା ମିଳେ ସେତକ ଖଜଣା ଦେବାରେ ଖର୍ଚ୍ଚ ହୋଇଯାଇଥାଏ। ପରନ୍ତୁ ଆଷାଢ଼ ମାସରେ ଚାଷ କଲେ ଚାଷରେ କ୍ଷତି ଘଟିବାର ବହୁ ସମ୍ଭାବନା ରହିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଚୂନକୁ ଯେବେ ପାନ ଥାଆନ୍ତା**
**ଦିଁ କଲ ନାଲି ବୋହି ପଡ଼ନ୍ତା ।**

କିଛି ବ୍ୟକ୍ତି ଅନ୍ୟଆଗରେ ନିଜର ବୃଥା ବଡ଼ିମା ଦେଖେଇ ହୁଅନ୍ତି। ନିଜେ ଯେତେ ନୁହଁ କି ଯାହା ନୁହଁ ତାହାଠୁ ଅତିରଞ୍ଜିତ କରି ଅନ୍ୟର ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା ଚଳାଇଥାନ୍ତି। ବ୍ୟକ୍ତିଙ୍କ ଏପରି ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ଖର୍ସେଲବାଇ ଫୁଟବଲ ଟୁର୍ନାମେଣ୍ଟ

# କ୍ୱାର୍ଟର ଫାଇନାଲରେ ଘୁଷୁରାମୁଣ୍ଡା, ଖର୍ସେଲବାଇ, କାନୁଟ, ଦର୍ଲିମୁଣ୍ଡା

**ଟିକ୍ରାପଡା,୩।୧(ଡି.ଏନ.ଏ.)**

ସଇଁତଳା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧୀନ ଖର୍ସେଲବାଇଠାରେ ଆଦର୍ଶ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ତ୍ରୟୋଦଶ ବାର୍ଷିକ ତ୍ରି ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଭୁଡିଆରବାହାଲ ଦଳକୁ ୫-୪ ଗୋଲରେ ଟାଇବ୍ରେକର ଯୋଗେ ହରାଇ ଘୁଷୁରାମୁଣ୍ଡା ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚରେ ଝରନି ଦଳକୁ ୫-୪ ଗୋଲରେ ଟାଇବ୍ରେକର ଯୋଗେ ହରାଇ ଖର୍ସେଲବାଇ ବିଜୟୀ ହୋଇଛି। ତୃତୀୟ ମ୍ୟାଚରେ ଭାଲୁପିଟା ଦଳକୁ ୧-୦ ଗୋଲରେ ହରାଇ କାନୁଟ ବିଜୟୀ ହୋଇଛି। ଚତୁର୍ଥ ମ୍ୟାଚରେ ଲୁତୁକିବନ୍ଧ ଦଳକୁ ୭-୬ ଗୋଲରେ ଟାଇବ୍ରେକର ଯୋଗେ ହରାଇ ଦର୍ଲିମୁଣ୍ଡା ବିଜୟୀ ହୋଇଛି। ଶମ୍ଭୁଦତ୍ତ ମିଶ୍ର, ଅଚ୍ୟୁତାନନ୍ଦ ପୁରୋହିତ, ମଗଶିର ମଲ୍ଲିକ, ସୁଜିତ କୁମାର ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ଚୁଡାମଣି ବର୍ଗର୍ତ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ। ଏମ୍‌ପି ପ୍ରତିନିଧି ଅକ୍ଷୟ ରଣା, ସାମାଜିକ କର୍ମୀ ଗଦାଧର ବର୍ଗର୍ତ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ସର୍ଜନ, ରନ, ରମେଶ, ବୁଲୁ, କୃଷ୍ଣ, ରାଧେ, ଟିଙ୍କୁ, ଅଶୋକ, ପ୍ରସନ୍ନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଦ୍‌ଘାଟନୀ ମ୍ୟାଚ ଖେଳିଥିବା ଖେଳାଳିମାନେ।

# ଟିକାକରଣରୁ ବଞ୍ଚିତ ହିତାଧିକାରୀ ମୁଖ୍ୟଚିକିତ୍ସକଙ୍କ ଦ୍ୱାରସ୍ଥ

**ଦେଓଗାଁ, ୩।୧(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ରୁଗୁଡିପାଲି ଗାଁର ଜଣେ ଶିଶୁ ସ୍ଥାନୀୟ ଏଏନ୍ଏମ୍‌ଙ୍କ ବେପରୁଆ କାର୍ଯ୍ୟ ଯୋଗୁ ଟିକାକରଣରୁ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ସଂପୃକ୍ତ ଶିଶୁର ବାପା ବାବୁଲାଲ ପଧାନ ଶୁକ୍ରବାର ଦେଓଗାଁ ଗୋଷ୍ଠି ଚିକିତ୍ସାଧିକାରୀ ଡା, ସୁରେନ୍ଦ୍ର ପାରକିଆଙ୍କୁ ସାକ୍ଷାତ କରି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ବୁଧବାର ଦିନ ରୁଗୁଡିପାଲିର ଶିଶୁଙ୍କୁ ଟିକାକରଣ ପାଇଁ ସୂଚନା ଦିଆଯାଇଥିଲା। ଏଣୁ ବାବୁଲାଲ ତାଙ୍କ ଶିଶୁଙ୍କୁ ଧରି ଟିକାକରଣ କରିବା ପାଇଁ କେନ୍ଦ୍ରକୁ ପହଞ୍ଚି ଥିଲେ। ହେଲେ ଭାକ୍ସିନ୍ ସରିଯାଇଥିବା ସଂପୃକ୍ତ ଏଏନ୍ଏମ୍ ରାଧାମଣି ସିଂ କହିଥିଲେ। କିଭଳି ଭାକସିନ ସରିଗଲା ବୋଲି ସେ ପ୍ରଶ୍ନ କରିବାରୁ ତାଙ୍କୁ ଏଏନ୍ଏମ୍ ଫେରାଇ ଦେଇଥିବା ଅଭିଯୋଗ କରିଛନ୍ତି ବାବୁଲାଲ। ତାଙ୍କ କହିବାନୁସାରେ ଶିଶୁର ବୟସ ବର୍ତ୍ତମାନ ୨ମାସ। ସରକାରୀ ନୀୟମାନୁସାରେ ୪୫ ଦିନରେ ଟିକାକରଣ କରିବା କଥା। ଟିକାକରଣର ନିର୍ଦ୍ଧାରିତ କ୍ୟାମ୍ପ ସମୟ ବୁଧବାର ରହିଥିବାରୁ ଉକ୍ତ ଦିନ ସେ ଶିଶୁଙ୍କୁ ନେଇ କେନ୍ଦ୍ରକୁ ଆସିଥିଲେ। ଏବେ ଆହୁରୀ ଗୋଟିଏ ମାସ ଅପେକ୍ଷା କଲେ ଶିଶୁକୁ ୯୦ଦିନ ହୋଇଯିବ, ଯାହାକି ଶିଶୁର ଟିକାକରଣରେ ଅନିୟମିତତା ଦେଖାଦେବ। ସଂପୃକ୍ତ ଏଏନଏମ ବେପରୁଆ ଭାବେ କାର୍ଯ୍ୟ କରୁଥିବା ବେଳେ ବିଭାଗୀୟ ନିୟମକୁ ବେଖାତିର କରୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଗର୍ଭବତୀ ମାଁଙ୍କ ରକ୍ତଚାପ ପରୀକ୍ଷା ନ କରି କେବଳ କାଗଜପତ୍ରରେ ଦର୍ଶାଉଥିବା ଲେକେ ଅଭିଯୋଗ କରିଛନ୍ତି। ଏ ନେଇ ତାଙ୍କୁ ପଚାରିଲେ କୌଣସି ଉପକରଣ ନାହିଁ ବୋଲି ଉତ୍ତର ଦେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏ ନେଇ ସଂପୃକ୍ତ ଏଏନ୍ଏମ୍ ସିଂଙ୍କୁ ଯୋଗାଯୋଗ କରିବାରୁ ଗୋଟିଏ ଭାକସିନ କମ୍ ବାହାରିଲା। ଏଣୁ ଜଣେ ଶିଶୁ ଟିକାକରଣରୁ ବଞ୍ଚିତ ରହିଛନ୍ତି ବୋଲି କହିଛନ୍ତି। ସେପରି ଚିକିତ୍ସାଧିକାରୀ ଡା. ପାରକିଆଙ୍କୁ ପଚାରିବାରୁ ଉକ୍ତକେନ୍ଦ୍ରର ପାଣ୍ଠିରେ ୨୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ରହିଛି। ହେଲେ ସରପଞ୍ଚଙ୍କ ସହ ତାଙ୍କର ମତାନ୍ତର ରହିଥିବାରୁ ଟଙ୍କା ଉଠାଣ କରିପାରୁନାହାନ୍ତି। ଫଳରେ କୌଣସି ଉପକରଣ କିଣିପାରୁ ନାହାନ୍ତି। ସଂପୃକ୍ତ ଏଏନ୍ଏମ୍‌ଙ୍କୁ ଏ ନେଇ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ ବୋଲି କହିଛନ୍ତି।



ବାବୁଲାଲ ପଧାନ ଦେଓଗାଁ ଗୋଷ୍ଠୀ ଚିକିତ୍ସାଧିକାରୀଙ୍କଠାରେ ଫେରାଦ ହୋଇ ଅଭିଯୋଗ କରୁଛନ୍ତି।

# ଷଷ୍ଠଦଶ ମୈତ୍ରୀ କପ୍ ଫୁଟବଲ, ସିହିନୀ ଚାମ୍ପିୟନ

**ଟିଟିଲାଗଡ଼, ୩।୧ (ଡି.ଏନ.ଏ.)**

ଟିଟିଲାଗଡ ବ୍ଲକ ଅନ୍ତର୍ଗତ ନାରେନ ହାଇସ୍କୁଲ ପଡିଆଠାରେ ସ୍ୱାମୀ ବିବେକାନନ୍ଦ ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ଚାଲିଥିବା ଷଷ୍ଠଦଶ ମୈତ୍ରୀ କପ ଫୁଟବଲ ପ୍ରତିଯୋଗିତାର ଫାଇନାଲ ଖେଳରେ ସିହିନୀ ଦଳ ଚମ୍ପିୟନ ବିବେଚିତ ହୋଇଛି। ଟିଟିଲାଗଡ ହାଟପଦା ଦଳ ସହ ଅନୁଷ୍ଠିତ ଏହି ମୁକାବିଲାରେ ସିହିନୀ ଦଳ ୨-୧ରେ ବିଜୟ ଲାଭ କରିଛି। ପୁରସ୍କାର ବିତରଣୀ ସଭାରେ ବ୍ଲକ ସରପଞ୍ଚ ସଂଘ ସଭାପତି ବିରବର ସାହୁ, ସଂଘ ସମ୍ପାଦକ ହରିନାରାୟଣ ମିଶ୍ର, ସ୍ଥାନୀୟ ସରପଞ୍ଚ ଦୟାରାମ ଅଗ୍ରୱାଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ସଞ୍ଜୀବ ସାହୁ, ବରିଷ୍ଠ ଶିକ୍ଷାବିତ ବଳରାମ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ବିଜେତା ତଥା ଉପବିଜେତା ଦଳକୁ ସିଲ୍ଡ ତଥା ଅର୍ଥରାଶି ପ୍ରଦାନ ସହ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ଖେଳାଳି ତଥା ମ୍ୟାନ ଅଫ ଦି ମ୍ୟାଚ ଶରତ ମାଝୀ, ସର୍ବଶ୍ରେଷ୍ଠ କ୍ଷେତ୍ରରକ୍ଷକ ବିଜୁ ମାଝୀ (ସିହିନୀ), ଶ୍ରେଷ୍ଠ ଗୋଲ ରକ୍ଷକ ସୌମ୍ୟ (ଟିଟିଲାଗଡ), ଉଦୀୟମାନ ଖେଳାଳି ସିଦ୍ଧାର୍ଥ ବଛା (ନାରେନ)ଙ୍କୁ ପୁରସ୍କୃତ କରାଯାଇଥିଲା। ରେଫରି ବିନୋଦ ପ୍ରଧାନୀ, କର୍ଣ୍ଣ ଭୋଇ, ଭଗତ ଚନ୍ଦନ ଖେଳ ପରିଚାଳନା କରିଥିବା ବେଳେ ଜଗବନ୍ଧୁ ଆଡୟୁଆଡ ଧାରାବିବରଣୀ ପ୍ରଦାନ କରିଥିଲେ। ବିରଞ୍ଚି, ଲିଙ୍ଗରାଜ, ନାମନ ପ୍ରମୁଖ ସହାୟତା କରିଥିଲେ।



ଅତିଥିଙ୍କ ସହ ଖେଳାଳି।

### ଖଡ଼ିଆଳ ବନଖଣ୍ଡର ପକ୍ଷୀ ଗଣନା ଆରମ୍ଭ

**ଖଡ଼ିଆଳ, ୩।୧ (ଡି.ଏନ.ଏ):** ନୂଆପଡା ଜିଲା ଖଡିଆଳ ବନଖଣ୍ଡ ଓ ସୁନାବେଡା ଅଭୟାରଣ୍ୟ ବନ୍ୟଜନ୍ତୁ ବିଭାଗ ପକ୍ଷରୁ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଗୁରୁବାର ଖଡିଆଳ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଡିଏଫଓ ଖୁସବନ୍ତ ସିଂଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଫରେଷ୍ଟ ରେଞ୍ଜର କାର୍ଯ୍ୟରତ ବନକର୍ମଚାରୀମାନଙ୍କୁ ନେଇ ପକ୍ଷୀ ଗଣନା ଉପରେ ଏସିଏଫ ଦେବେନ୍ଦ୍ର ଖୁଣ୍ଟିଆ ପ୍ରଶିକ୍ଷଣ ଦେଇଥିଲେ। ଶୁକ୍ରବାର ସକାଳୁ ଖଡିଆଳ ବନଖଣ୍ଡ ଅଧିକାରୀ ଖୁସବନ୍ତ ସିଂଙ୍କ ନେତୃତ୍ୱରେ ବନ କର୍ମଚାରୀ ସୁନ୍ଦର ଜଳଭଣ୍ଡାରକୁ ଯାଇ ପକ୍ଷୀ ଗଣନା ଆରମ୍ଭ କରିଛନ୍ତି। ସେହିଭଳି ସୁନାବେଡା ଅଭୟାରଣ୍ୟ ବନ୍ୟଜନ୍ତୁ ବିଭାଗର କର୍ମଚାରୀମାନେ ମଧ ପତୋରା ଜଳ ଭଣ୍ଡାର, ରଇତାଲସାଗର ଓ ଜଳକିସାଗରକୁ ଯାଇ ପକ୍ଷୀ ଗଣନା ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଡିଏଫଓ ଖୁସବନ୍ତ ସିଂ, ଫରେଷ୍ଟର ମୁକ୍ତିଦାତା ଯୋଶୀ, ରେଞ୍ଜର ସଦାନନ୍ଦ ସୁନାନୀ, ବନକର୍ମଚାରୀ ସିଲଭା ସାହୁ, ଲିଙ୍ଗରାଜ ଗହିର, ଶିବରାମ ପଟେଲ, ମହାଦେବ ବନଛୋର, ଟିନା ସାଗର, ଗଗନ ହଂସ ପ୍ରମୁଖ ଯୋଗଦେଇ କାର୍ଯ୍ୟ ତୁଲାଇଥିଲେ ।

### ଶାସ୍ତ୍ରିଜୀ ଶିକ୍ଷା ନିକେତନରେ ପ୍ରଦର୍ଶନୀ ମେଳା

**ଭବାନୀପାଟଣା,୩।୧ (ଡି.ଏନ୍.ଏ.):** ସ୍ଥାନୀୟ ଶାସ୍ତ୍ରିଜୀ ଶିକ୍ଷା ନୀକେତନର ଅଷ୍ଟମ ବାର୍ଷିକ ଉତ୍ସବ ଅବସରରେ ପ୍ରଦର୍ଶନୀ ମେଳା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମେଳାରେ ବିଦ୍ୟାଳୟର ନିର୍ଦ୍ଦେଶକ ପରମାନନ୍ଦ ନନ୍ଦଙ୍କ ଅଧକ୍ଷତାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ବ୍ୟାୟାମ ପ୍ରଦର୍ଶନ ସହ ରଙ୍ଗୋଲି, ବିଜ୍ଞାନ ମେଳା, ଗଣିତ ମଜା, ସାହିତ୍ୟ ଘର, ଇଂରାଜୀ ଘର, ଚିତ୍ରକଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ହୋଇଥିଲା।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

FINANCE

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨0 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ *T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

UJJIVAN FINANCE
ଭାରତର ନଂ.1 କମ୍ପାନୀ
ଋଣ 1% ସୁଧ 50% ଛାଡ଼
ମୁଦ୍ରା ଋଣ
ପ୍ରପର୍ଟି ଋଣ
ମାର୍କଶିଟ୍ ଋଣ
ସବୁ ଋଣ 24 ଘଣ୍ଟାରେ ପାଆନ୍ତୁ
ଆଧାରକାର୍ଡ ଋଣ ▶ ପର୍ସନାଲ ଋଣ
ବ୍ୟବସାୟ ଋଣ ▶ ଆଦି ସବୁ ଋଣ
*T&C Apply
ଚାଷୀ, ମହିଳାଙ୍କ ପାଇଁ ବିଶେଷ ଅଫର
094738-08189
073762-57896

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲି଼ଃ
ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ASTROLOGY

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

ଋଣ ଧମାକା
ଋଣ ପାଆନ୍ତୁ ଆଧାରକାର୍ଡରୁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁ ପାଳନ, ସମୂହ ଋଣ ।
ଫୋନ୍ କରନ୍ତୁ
9162071458
8863936059
New Ashok Nagar, East Delhi, Delhi

ଲକ୍ଷ୍ମୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୧% ସୁଧରେ ଘରେ ବସି ପାଆନ୍ତୁ (All Odisha)।
ମହିଳା ଓ ଚାଷୀ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
Neha - 7587695952,
Mansi - 9977126495,
Vedika - 7773046066,
Riya - 9630505047,
Priya - 8269113958,
Anju - 7509661004

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଦୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

KUBER FINANCE
Kuber ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ ।
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
7056393742

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଝିପିଝିପି ବର୍ଷାରେ ୩୫୩ ନଂ. ରାଜପଥ ଶୋଚନୀୟ

**କୋମନା, ୩।୧(ଡି.ଏନ.ଏ.)**- ନୂଆପଡା ଜିଲା କୋମନା ବ୍ଲକ କୁରୁମପୁରୀ ଠାରୁ ବଲାଙ୍ଗୀର ଜିଲା ଭାଲୁମୁଣ୍ଡା ପର୍ଯ୍ୟନ୍ତ ୬୭ କି.ମି ୩୫୩ ନଂ. ଜାତୀୟ ରାଜପଥ ନିର୍ମାଣ ବିଗତ ୫ ବର୍ଷ ବିତି ଯାଇଥିଲେ ମଧ୍ୟ ଏଯାଏଁ ଅସମ୍ପୂର୍ଣ୍ଣ ରହିଛି। ଶୁକ୍ରବାର ଅଞ୍ଚଳରେ ହୋଇଥିବା ସାମାନ୍ୟ ଝିପିଝିପି ବର୍ଷାରେ ମୁଖ୍ୟ ରାଜପଥ କାଦୁଅ ପଚପଚ ହୋଇ ଶୋଚନୀୟ ହୋଇଛି। ଫଳରେ ଯାତାୟାତ ଯୋଗ୍ୟ ହୋଇପାରିନି। କୋମନା ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ବ୍ଲକଛକ ଆଗକୁ ଥିବା ୧ କି.ମି ଫରେଷ୍ଟ ବଙ୍ଗଳା ରାସ୍ତା ପର୍ଯ୍ୟନ୍ତ ଖାଲଖମା ହୋଇ ସମ୍ପୂର୍ଣ୍ଣ ବେହାଲ ପରିସ୍ଥିତି ହୋଇଥିବା ଦେଖିବାକୁ ମିଳିଛି। ଏହି ରାସ୍ତାରେ ହଜାର ହଜାର ସଂଖ୍ୟାରେ ମାଲବୋଝେଇ ଗାଡି ଯାତାୟତ କରୁଥିବାରୁ ବଡବଡ ଖାଲଖମାରେ ଏହି ଗାଡି ଯିବାଆସିବା କରିବା ଅସମ୍ଭବ ହୋଇ ପଡିଛି। ଅଞ୍ଚଳବାସୀ ବିଭିନ୍ନ ସମୟରେ ଆନ୍ଦୋଳନ କରି ପ୍ରଶାସନକୁ ଜଣାଇଥିଲେ ବି ରାଜପଥ ସମ୍ପୂର୍ଣ୍ଣ ହେବାର ନା ନେଉନି। ଜିଲା ପ୍ରଶାସନ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଥମୁନି ଦାଦନ ଶ୍ରମିକ ଚାଲାଣ

**ଘନଶ୍ୟାମ ଭୋଇ**
**ନୂଆପଡା ଅଫିସ,୩।୧**–

- ୨୦ହଜାର ପରିବାର ରାଜ୍ୟବାହାରକୁ ଗଲେଣି
- ପୋଲିସର ଧରପଗଡ ନାମକୁମାତ୍ର
- ଶ୍ରମଭିତ୍ତିକ ଯୋଜନା ଫେଲ୍ ମାରୁଛି

ନୂଆପଡା ଏକ ଦାଦନ ପ୍ରବଣ ଜିଲା। ଏଠାରୁ ପ୍ରତିବର୍ଷ ୩୦ହଜାର ପରିବାରର ଲୋକ ରାଜ୍ୟବାହାରକୁ କାମଧନ୍ଦ ଅନ୍ୱେଷଣରେ ଯାଇଥାନ୍ତି। ସେଠାରେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ଏହା ଉପରେ କୌଣସି ପ୍ରଭାବ ପଡୁନାହିଁ। ସରକାର ଏହାକୁ ରୋକିବାକୁ ନାନାଦି ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଯୋଗୁ ସବୁ ଭଣ୍ଡୁର ହେଉଛି। ବିଭିନ୍ନ ସମୟରେ ପୋଲିସ ଦ୍ୱାରା କେବଳ ଲୋକଦେଖାଣିଆ ଧରପଗଡ ହେଉଛି। ଶ୍ରମ ବିଭାଗ ନୀରବ ହୋଇ ବସି ରହୁଛି। ବର୍ତ୍ତମାନ ସୁଦ୍ଧା ଜିଲାରୁ ୨୦ହଜାରରୁ ଉର୍ଦ୍ଧ୍ୱ ପରିବାର ଦାଦନ ଖଟିଗଲେଣି । ଏହା ଜିଲାପାଇଁ ଶୁଭଙ୍କର ହେଉନାହିଁ। ଜିଲାରେ ଯୋଜନା କିପରି ଚାଲିଛି ଏହା ତାରି ଏକ ନମୁନା ହୋଇଛି। ସୂଚନାଯୋଗ୍ୟ ଯେ, ଆଜିକୁ ଦୁଇ ମାସ ତଳେ ରାଜ୍ୟ ପୋଲିସର ନିର୍ଦ୍ଦେଶକ୍ରମେ ପୋଲିସ ବିଭାଗ ଦାଦନ ସର୍ଦ୍ଦାରମାନଙ୍କ ଉପରେ ଧରପଗଡ କରିଥିଲା । କିଛି ଦିନ ସର୍ଦ୍ଦାରମାନେ ଜେଲରେ ରହିବା ପରେ ପୁଣି ବାହାରିଥିଲେ। ଏହା ଦାଦନ ଋତୁ ଆରମ୍ଭ ପୂର୍ବରୁ ନାନାଦି ବାହାନା କରି



ରାଜ୍ୟ ବାହାରକୁ ଯାଉଥିବା ଶ୍ରମିକମାନେ।

ଚଢାଉ କରିଥିଲା । ଏଥିରେ ବହୁ ନିରୀହ ସର୍ଦ୍ଦାର ଧରାପଡିଥିବାବେଳେ ବଡବଡିଆ ସର୍ଦ୍ଦାର ଚାଲାକି କରି ଖସିଯାଇଥିଲେ। ଏହି ଧରପଗଡ ପରେ ସର୍ଦ୍ଦାରମାନେ ଚାଲାକି କରି ଭିନ୍ନଭିନ୍ନ ମାଧ୍ୟମରେ ଦାଦନ ଚାଲାଣ କରିଚାଲିଲେ । ଶ୍ରମିକଙ୍କ ପରିବାରକୁ ୧୦/୨୦ହଜାର ଟଙ୍କା ଅଗ୍ରୀମ ଦିଆଯାଉଛି। ଶ୍ରମିକମାନେ ପରିବାରକୁ ନେଇ ବସଟ୍ରେନରେ ରାୟପୁରକୁ ଯାଉଛନ୍ତି। ସାଙ୍ଗରେ ସର୍ଦ୍ଦାରଙ୍କ ଏଜେଣ୍ଟ ରହୁଛନ୍ତି। ବାଟରେ କାଁ ଭାଁ ପୋଲିସ ଧରପଗଡ କଲେ ଶ୍ରମିକମାନେ ନିଜ ସମ୍ପର୍କୀୟଙ୍କ ଘରକୁ ଯାଉଥିବା କହୁଛନ୍ତି। ଅନ୍ୟପଟେ ଶ୍ରମ ବିଭାଗର କୌଣସି ଅଧିକାରୀ କିମ୍ବା କର୍ମଚାରୀ ସିଟ ଛାଡୁନାହାଁନ୍ତି। ପୁଣି କେତେବେଳେ ଶ୍ରମିକମାନଙ୍କୁ ବାଟରେ ପୋଲିସ ଧରି ସେମାନଙ୍କ ଘରେ ଛାଡିଦେଉଛି। ଶ୍ରମିକମାନେ ପୁଣି ଥରେ ଆରଦିନ ସକାଳେ ଚାଲିଯାଉଛନ୍ତି। ଗତ ଦୁଇ ମାସ ଭିତରେ କୋମନା, ନୂଆପଡା ଏବଂ ଖରିଆରରୋଡ ଥାନା ପୋଲିସ ଶତାଧିକ ଶ୍ରମିକମାନଙ୍କୁ ଧରିଛି। ଏଥିରେ ବିଶେଷକରି ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି, ପାଟଣାଗଡ, ବଙ୍ଗୋମୁଣ୍ଡା ଅଞ୍ଚଳର ଶ୍ରମିକମାନେ ସାମିଲ ରହିଥିଲେ। ସମ୍ପୃକ୍ତ ଶ୍ରମିକ ସର୍ଦ୍ଦାରଙ୍କ ନାଁରେ ମାମଲା ମଧ୍ୟ ରୁଜୁ କରାଯାଇଛି। ତଥ୍ୟନେବାରେ ସେହି ଶ୍ରମିକମାନେ ପରବର୍ତ୍ତୀ ସମୟରେ ପୁଣିଥରେ ରାଜ୍ୟ ବାହାରକୁ ଚାଲିଯାଇଛନ୍ତି। ଏକ ବେସରକାରୀ ତଥ୍ୟଅନୁଯାୟୀ ଜିଲାର କୋମନା, ନୂଆପଡା, ବୋଡେନ ଏବଂ ସିନାପାଲି ବ୍ଲକ ଅଞ୍ଚଳରୁ ଅନ୍ୟୁନ ୨୦ହଜାର ଶ୍ରମିକ ରାଜ୍ୟବାହାରକୁ ଚାଲିଯାଇଛନ୍ତି। ଏପଟେ ଜିଲାରେ ଶ୍ରମ ଭିତ୍ତିକ କାମଗୁଡିକର ପେମେଣ୍ଟ ମାସାଧିକକାଳ ଦିଆଯାଉ ନ ଥିବାରୁ ଶ୍ରମିକମାନେ ରାଜ୍ୟ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି ବୋଲି ଶ୍ରମିକ ନେତା ଯଦୁମଣୀ ପାଣିଗ୍ରାହୀ ଅଭିଯୋଗ ଆଣିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଜିଲାର ୫ଟି ଯାକ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସାଢେ ୪କୋଟି ଟଙ୍କାର ମଜୁରୀ ବାକି ପଡିଛି। ଏହା ଉପରେ ରାଜ୍ୟ କିମ୍ବା କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଉ ନ ଥିବା କୁହାଯାଉଛି। ତେବେ ଜିଲା ଶ୍ରମ ଅଧିକାରୀ ଶରତ କୁମାର ପାଣିଗ୍ରାହୀଙ୍କୁ ଶ୍ରମିକ ଚାଲାଣ ଉପରେ ପଚାରିବାରେ ଏହା ଉପରେ ଜିଲା ପ୍ରଶାସନ ଗୁରୁତ୍ୱ ଦେଉଛି। ରାଜ୍ୟ ସରକାର ମଧ୍ୟ ଖୁବଶିଘ୍ର ଯୋଜନା ପ୍ରସ୍ତୁତ କରୁଥିବା କହିଛନ୍ତି।

### ଖଡ଼ିଆଳ ବନଖଣ୍ଡର ପକ୍ଷୀ ଗଣନା ଆରମ୍ଭ

**ଖଡ଼ିଆଳ, ୩।୧ (ଡି.ଏନ.ଏ)**

ନୂଆପଡା ଜିଲା ଖଡିଆଳ ବନଖଣ୍ଡ ଓ ସୁନାବେଡା ଅଭୟାରଣ୍ୟ ବନ୍ୟଜନ୍ତୁ ବିଭାଗ ପକ୍ଷରୁ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଗୁରୁବାର ଖଡିଆଳ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଡିଏଫଓ ଖୁସବସ୍ତ ସିଂଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଫରେଷ୍ଟ ରେଞ୍ଜର କାର୍ଯ୍ୟରତ ବନକର୍ମଚାରୀମାନଙ୍କୁ ନେଇ ପକ୍ଷୀ ଗଣନା ଉପରେ ଏସିଏଫ ଦେବେନ୍ଦ୍ର ଖୁଣ୍ଟିଆ ପ୍ରଶିକ୍ଷଣ ଦେଇଥିଲେ। ଶୁକ୍ରବାର ସକାଳୁ ଖଡିଆଳ ବନଖଣ୍ଡ ଅଧିକାରୀ ଖୁସବନ୍ତ ସିଂଙ୍କ ନେତୃତ୍ୱରେ ବନ କର୍ମଚାରୀ ସୁନ୍ଦର ଜଳଭଣ୍ଡାରକୁ ଯାଇ ପକ୍ଷୀ ଗଣନା ଆରମ୍ଭ କରିଛନ୍ତି। ସେହିଭଳି ସୁନାବେଡା ଅଭୟାରଣ୍ୟ ବନ୍ୟଜନ୍ତୁ ବିଭାଗର କର୍ମଚାରୀମାନେ ମଧ ପତୋରା ଜଳ ଭଣ୍ଡାର, ରଇତାଲସାଗର ଓ ଜଳକିସାଗରକୁ ଯାଇ ପକ୍ଷୀ ଗଣନା ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଡିଏଫଓ ଖୁସବନ୍ତ ସିଂ, ଫରେଷ୍ଟର ମୁକ୍ତିଦାତା ଯୋଶୀ, ରେଞ୍ଜର ସଦାନନ୍ଦ ସୁନାନୀ, ବନକର୍ମଚାରୀ ସିଲଭା ସାହୁ, ଲିଙ୍ଗରାଜ ଗହିର, ଶିବରାମ ପଟେଲ, ମହାଦେବ ବନଛୋର, ଟିନା ସାଗର, ଗଗନ ହଂସ ପ୍ରମୁଖ ଯୋଗଦେଇ କାର୍ଯ୍ୟ ତୁଲାଇଥିଲେ ।





ସିନାପାଲିରେ ସାରଳା ବିଶ୍ୱଭାଷା ପଦଯାତ୍ରାରେ ଯୁବକ, ଶିକ୍ଷାବିତ୍, ସମାଜସେବୀ ସାମିଲ ହୋଇଛନ୍ତି।

## ଜିଲାସ୍ତରୀୟ ସାରଳା ବିଶ୍ୱଭାଷା ପଦଯାତ୍ରା

**ସିନାପାଲି, ୩।୧ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ଠାରେ ଜିଲାସ୍ତରୀୟ ସାରଳା ବିଶ୍ୱଭାଷା ପଦଯାତ୍ରା ଶୁକ୍ରବାର ଆୟୋଜିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭା କାର୍ଯ୍ୟରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେର ଯୋଗଦାନ କରି ସରସ୍ୱତୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଓଡ଼ିଆ ଭାଷା ସହ ସାରଳା ଲେଖନୀକୁ ପଦଯାତ୍ରା ମାଧ୍ୟମରେ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ପଦଯାତ୍ରା କାପସି ବରଗଛ ଛକରୁ ବାହାରି ନଗର ପରିକ୍ରମା ପରେ ଯୁଗେନପଦରଠାରେ ପହଞ୍ଚିଥିଲା । ପଦଯାତ୍ରାରେ ଅଞ୍ଚଳର ଶତାଧିକ ଯୁବକ, ଶିକ୍ଷାବିତ୍ ତଥା ସମାଜସେବୀ ସାମିଲ ଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଗଣେଶ ରଣା ଅଧକ୍ଷତା କରିଥିଲେ।

ଯୁବକବି ବୈଷ୍ଣବ ମେହେର ଓ ଅଧ୍ୟାପକ ଧୃବଚରଣ ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସିନାପାଲି ତହସିଲଦାର କପିଳ ଦେବ ସାହୁ, ବ୍ଲକ୍ ଅଧକ୍ଷା ତପସ୍ୱିନୀ ମାଝି, ସିନାପାଲି ଥାନା ଆଇଆଇସି ଜ୍ୟୋତିରଞ୍ଜନ ଗୌଡ, ଅଧ୍ୟାପକ ମୋହନ ସାହୁ, ଅଧ୍ୟାପିକା ସ୍ୱର୍ଣ୍ଣମୟୀ ଦାସ, ନୂଆପଡା ଭାଜପା ଜିଲା ସଭାପତି ସୁବ୍ରତ କୁମାର ଠାକୁର, ଶିକ୍ଷାବିତ୍ ତପନ ସା, ନନ୍ଦକୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିବା ବେଳେ ମା’ କର୍ମାଦେବୀ ଯୁବକ ସଂଘ ଓ କାପସି ଯୁବକ ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ।

### ସିନାପାଲି ଅଞ୍ଚଳରେ ଅଦିନିଆ ବର୍ଷା

# ମଣ୍ଡିରେ ଭିଜୁଛି ଚାଷୀଙ୍କ ଧାନ

- ଶନିବାର ସୁଦ୍ଧା ଧାନ ନ ଉଠିଲେ ଚାଷୀ ଆନ୍ଦୋଳନ

**ସିନାପାଲି,୩।୧ (ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ଅଞ୍ଚଳରେ ଶୁକ୍ରବାର ଝିପିଝିପି ବର୍ଷା ଲାଗିରହିଛି। ଫଳରେ ଚାଷୀଙ୍କ ଧାନ ମଣ୍ଡିରେ ଭିଜୁଛି। ଏନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ମଣ୍ଡିମାନଙ୍କରେ ହଜାର ହଜାର କୁଇଣ୍ଟାଲ ଧାନ ପଡିରହିଥିବା ଜଣାପଡିଛି।

ଏଠାରେ ଗୁରୁବାରଠାରୁ ବର୍ଷା ଲାଗିରହିଛି। ଶୁକ୍ରବାର ମଧ୍ୟ ବର୍ଷା ଲାଗି ରହିଥିବାରୁ ଶନିବାର ପର୍ଯ୍ୟନ୍ତ ପାଗ ଖରାପ ରହିବ ବୋଲି ଆଶଙ୍କା କରାଯାଉଛି। ଅନ୍ୟ ପକ୍ଷରେ ମିଲର୍ସମାନେ ଧାନ ଉଠାଉ ନ ଥିବା ଯୋଗୁ ସମସ୍ତ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ବର୍ଷାରେ ଭିଜି ଯାଇଛି। ଏଗୁଡ଼ିକ ଗଜା ହେବାର ଆଶଙ୍କା ରହିଛି। ବର୍ତ୍ତମାନ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ସିନାପାଲି ସଦର ମଣ୍ଡିରେ ୨ ହଜାର କୁଇଣ୍ଟାଲ, କେନ୍ଦୁମୁଣ୍ଡା ମଣ୍ଡିରେ ପ୍ରାୟ ୧ ହଜାର କୁଇଣ୍ଟାଲ, ନିଲଜୀ ମଣ୍ଡିରେ ୩ ହଜାର କୁଇଣ୍ଟାଲ, ହାତୀବନ୍ଧା ମଣ୍ଡିରେ ପ୍ରାୟ ୧୨ ଶହ କୁଇଣ୍ଟାଲ ଓ ଲିଆଡ ମଣ୍ଡିରେ ପ୍ରାୟ ୧୮ ଶହ କୁଇଣ୍ଟାଲ ଧାନ ମୋଟ ପ୍ରାୟ ୯ ହଜାର କୁଇଣ୍ଟାଲ ଧାନ ବର୍ଷାରେ ଭିଜୁଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା କୌଣସି ମଣ୍ଡିରେ ଧାନ ଓଜନ ହୋଇ ନ ଥିବା ଜଣାପଡିଛି। ବର୍ତ୍ତମାନ ପାଣିପାଗ ବିଭାଗ ଆଗାମୀ ୪ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ଘୋଷଣା କରିଥିବାବେଳେ ଶନିବାର ସୁଦ୍ଧା ଧାନ ଉଠାଣ ହୋଇ ନ ପାରିଲେ ପରିସ୍ଥିତି ଶୋଚନୀୟ ହେବ। ଏ ସଂକ୍ରାନ୍ତରେ ବିଭିନ୍ନ ପ୍ୟାକସ୍ ସହିତ ଯୋଗାଯୋଗ କରାଯାଇଥିଲା । ଧାନ ଓଜନ କରିବା ଓ ଉଠାଣ କରିବା ପାଇଁ ଶ୍ରମିକ ମିଳୁନାହାଁନ୍ତି। ବର୍ଷା ଯୋଗୁ ଶ୍ରମିକ କାମ କରିବା ପାଇଁ ମନା କରୁଥିବାରୁ ଧାନ ଉଠାଣ ହେଉ ନ ଥିବା ପ୍ୟାକ୍ସ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ଆସନ୍ତା ଶନିବାର ସୁଦ୍ଧା ଧାନ ଉଠାଣ କରା ନ ଗଲେ ଚାଷୀ ଆନ୍ଦୋଳନ ହେବାର ସୂଚନା ମିଳିଛି। ଶୁକ୍ରବାର ସିନାପାଲି ମଣ୍ଡିଠାରେ ଚାଷୀମାନେ ଏକତ୍ରୀତ ହୋଇ ଏ ସଂକ୍ରାନ୍ତରେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏହି ବୈଠକରେ ଜିଲା ଭାଜପା ସଭାପତି ସୁବ୍ରତ କୁମାର ଠାକୁର ଓ ଯଦୁମଣି ପାଣିଗ୍ରାହୀ ଚାଷୀମାନଙ୍କ ସହିତ ସାମିଲ ହୋଇଥିଲେ।



ସିନାପାଲି ମଣ୍ଡିଠାରେ ଚାଷୀମାନେ ଏକତ୍ରିତ ହୋଇଛନ୍ତି।

## ହାତୀବନ୍ଧାରେ ‘ମୋ ଗାଁରେ ତହସିଲ’ କାଯ୍ୟକରମ

**ସିନାପାଲି, ୩।୧ (ଡି.ଏନ୍.ଏ.)**

ନୂଆପଡ଼ା ଜିଲା ସିନାପାଲି ତହସିଲ ଅଧୀନ ହାତୀବନ୍ଧାନେ ସିନାପାଲି ତହସିଲ ତରଫୁ ‘ମୋ ଗାଁରେ ତହସିଲ’ କାଯ୍ୟକାରମ ଅନୁଷ୍ଠିତ ହେଇଯାଇଛେ। ସିନାପାଲି ତହସିଲଦାର କପିଳଦେବ ସାହୁଙ୍କର ସଭାପତିତ୍ୱନେ ଅନୁଷ୍ଠିତ ଇ କାଯ୍ୟକରମରେ ନୂଆପଡ଼ା ଉପଜିଲାପାଳ ତରଣୀସେନ ନାଏକ ମୁଖିଆ କୁନୁଆଁ ଆର ନୂଆପଡ଼ା ଡିଇଜିଏମ୍ ବୀରେନ୍ଦ୍ର କୁମାର ଦଣ୍ଡସେନା ମୁଖିଆ ବକ୍ତା ହିସାବେ ଯୋଗଦେଇଥିଲେ। ଇ କାଯ୍ୟକରମକେ ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ମାଝି ପରିଚାଲନା କରିଥିଲାବେଲେ ହାତୀବନ୍ଧା ରାଜସ୍ୱ ନିରୀକ୍ଷକ ଉମାକାନ୍ତ ଭଞ୍ଜ, କେନ୍ଦୁମୁଣ୍ଡା ରାଜସ୍ୱ ନିରୀକ୍ଷକ ଉମେଶ କୁମାର ମେହେର, ଗଣ୍ଡାବାହାଲି ରାଜସ୍ୱ ନିରୀକ୍ଷକ ଗଙ୍ଗାଧର ଜଗତ, ହାତୀବନ୍ଧାର ପୂର୍ବତନ ସରପଁଚ୍ ଚିତ୍ରଭାନୁ ସିଂ ମାଝି, ସିଂଝର ରାଜସ୍ୱ ନିରୀକ୍ଷକ ରଞ୍ଜନ ସାହୁ, ଟିମନପୁର ରାଜସ୍ୱ ନିରୀକ୍ଷକ ଦେବରାଜ ତ୍ରିପାଠୀ, ଉଦ୍ଧବ ଶବର, ଅର୍ଜୁନ ପଣ୍ଡା, ଅନ୍ତ ମାଝି ପରମୁଖ ଉପସ୍ଥିତ ଥିଲେ । ଇ ଅବଛରରେ ଭିନେ ଭିନେ ରାଜସ୍ୱ ସେବା, ରାଜସ୍ୱ ଅନ୍‌ଲାଇନ୍ ବେବସ୍ତା, ରାଜସ୍ୱ ଅସୁଲ, ଭିନେ ଭିନେ ପରମାନପତର ଦେବାର ବାବ୍‌ଦେ, ପଟ୍ଟା ବଁଟା, ଅଭିଯୋଗ ଛିନା ସଂଗେ ରାଜସ୍ୱ ସଚେତନତା କରାଯାଇଥିଲା । ଇ କାଯ୍ୟକରମ ଜରିଆରେ ୧୦୨ ଝନ୍‌କୁ ପଟ୍ଟା ବଁଟାଯାଇଥିଲା । ସେନ୍‌ତା ୩୧୫ ଝନ୍‌କୁ ଭିନେ ଭିନେ ପରମାନପତର ଦେବାର ସଂଗେ ୭୩ ଝନ୍‌କର ଅଭିଯୋଗ ଛିନା ଯାଇଥିଲା। କାଯ୍ୟକରମ ଜରିଆରେ ଲୋକ୍ ନିଜର ଗାଁରେ ରାଜସ୍ୱ ବିଭାଗର ସୁବିଧା ସୁଯୋଗ ପାଇପାରବେ ବଲି ମଞ୍ଚାସୀନ ଅତିଥିମାନେ ସଭାରେ ଠୋଲ୍ ହେଇଥିବାର ଲୁକ୍‌କୁ ବୁଝେଇଥିଲେ। ଇ କାଯ୍ୟକରମରେ ସିନାପାଲି ତହସିଲ ଅଧୀନ ଭିନେ ଭିନେ ଜନସେବା କେନ୍ଦ୍ରର କରମ୍‌କରତା ଉପସ୍ଥିତ ରହି କାଯ୍ୟକରମ ପରିଚାଳନାରେ ସହଯୋଗ କରିଥିଲେ।



କାଯ୍ୟକରମରେ ଉପସ୍ଥିତ କୁନୁଆଁ, ଅଧିକାରୀମାନେ।


**UTKAL UNIVERSITY**
UTKAL UNIVERSITY NAAC ACCREDITED A+
VANI VIHAR, BHUBANESWAR - 751004
ODISHA, INDIA

**No. DRS/RUSA-1041-2016 (HR)/16 /2020** — **Dated the 3 January 2020**

**INDICATIVE ADVERTISEMENT**

**Walk in Interview for Empanelment of Human Resources under RUSA 2.0 Project**

Applications are hereby invited from eligible candidates for empanelment / engagement of the following human resources in different project activities under RUSA 2.0. of the Utkal University at Vani Vihar, Chandikhole and at different regions of India (North, South, East and West). The University reserves the right to withdraw partial or full notification without assigning any reason. The empanelment / engagement of human resources is purely temporary and for a period up to 31 March 2020 and likely to be extended further depending on the availability of fund under RUSA 2.0.

| Sl | Position | Salary (in ₹/ Month) | No. of Position | Date of Interview |
|---|---|---|---|---|
| RURAL OUTREACH PROGRAM | | | | |
| 1 | Program Director | 80,000 - 1,00,000 | 1 | 14 January 2020 |
| 2 | Program Manager in the fields of (i) Health, (ii) Gender (iii) Agriculture, (iv) Artisans, (v) Youth, & (vi) Indigenous Knowledge | 40,000 - 45,000 | 4 | 14 January 2020 |
| REGIONAL CENTERS AT IN DIFFERENT REGIONS OF INDIA (NORTH, SOUTH, EAST & WEST) | | | | |
| 3 | Academic Coordinator | 1,00,000 | 4 | Will be intimated by e-mail |
| UTKAL ENTREPRENEURSHIP AND CAREER HUB (UECH) | | | | |
| 4 | Director, UECH | 80,000 - 100,000 | 1 | 14 January 2020 |
| 5 | Incubation Manager-IT / Training & Event | 50,000 - 60,000 | 1 | 14 January 2020 |
| 6 | Receptionist | 10,000 | 1 | 10 January 2020 |
| RUSA CELL | | | | |
| 7 | Consultant (Engineer) | 60,000 - 70,000 | 1 | 16 January 2020 |
| PR AND MEDIA CELL | | | | |
| 8 | Public Relation Officer | 50,000 - 60,000 | 1 | 16 January 2020 |
| 9 | Documentation Officer / Creative Writer | 50,000 - 60,000 | 1 | 16 January 2020 |
| 10 | Research Assistant | 15,000 - 20,000 | 1 | 10 January 2020 |

The detailed guideline indicating eligibility criteria and terms of reference and conditions, prescribed application form and other details can be downloaded from the website of the Utkal University **https://www.utkaluniversity.nic.in.**
The candidates seeking empanelment / engagement of human resources are required to send the filled in prescribed application form to **rusauuhr@gmail.com** on or before **9 January 2020** and come for walk in interview with the hard copies of the application along with the self-attested photocopies of the mark-sheets, certificates / degrees and other relevant documents and Original certificates and mark sheet in the prescribed date of walk-in-interview.

**Sd/- REGISTRAR**



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର

## ସଂକ୍ଷେପରେ

### ଭାଜପା ମଣ୍ଡଳ କର୍ମୀ ସମ୍ମିଳନୀ

**ଭବାନୀପାଟଣା,୩୧ (ଡି.ଏନ୍.ଏ.):** ଭବାନୀପାଟଣା ସଦର ବ୍ଲକ ଭାଜପା ବୋର୍ଡା ମଣ୍ଡଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ମଣ୍ଡଳ ସଭାପତି ବିଭୀଷଣ ସାହୁଙ୍କ ସଭାପତିତ୍ୱ କରିଥିଲେ। ଜିଲା ସାଧାରଣ ସମ୍ପାଦକ ଯୁଗଳ କିଶୋର ପୋଢ଼, ବିଧାୟକଙ୍କ ପ୍ରତିନିଧି ମନୋଜ ସାହୁ, ବରିଷ୍ଠ ନେତା ଆଶିଷ ସାହୁ, ଡୁମୁରିଆ ସରପଞ୍ଚ ସଞ୍ଜୀବ ମିଶ୍ର, ଜିଲା ଏସ୍‌ସି ମୋର୍ଚ୍ଚା ସଭାପତି ଦୟାନିଧି ନାଏକ, ବୈକୁଣ୍ଠ ମିଶ୍ର, ମଣ୍ଡଳ ପ୍ରତିନିଧି ମୋହନ ବଗର୍ତ୍ତୀ, ଜୟରାମ ଗହିର, ଓବିସି ମୋର୍ଚ୍ଚାର ବିଘ୍ନରାଜ ଗହିର, ସ୍ୱରୂପା ରାଣୀ ଗହିର, ଏସ୍‌ସି ମୋର୍ଚ୍ଚା ସମ୍ପାଦକ ରାଘବ ଛତ୍ରୀଆ ପ୍ରମୁଖ ଯୋଗଦେଇ ଦଳୀୟ ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ସଂଗଠକ ରୋଶନ ଲାଲ ଛତର ପରିଚାଳନା କରିଥିଲେ। ଏସ୍‌ସି ମୋର୍ଚ୍ଚା ଜିଲା ସମ୍ପାଦକ କୋଦଣ୍ଡ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଯୁଧିଷ୍ଠିର ଜାଲ, ନରେଶ ସାହୁ, ନୀଳାଞ୍ଚଳ ସାହୁ, ବିଟୁ ପଧାନ, ସରୋଜ ଭୋଇ, କିଶୋର ଚନ୍ଦ୍ର ମିଶ୍ର, ବଡମଣ୍ଟୁ ନାଏକ, ପୃଥ୍ୱୀରାଜ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କୋହଲା ପାଗ ସହ ଝିପିଝିପି ବର୍ଷା

# ଧାନ ବିକ୍ରି ନେଇ ଚିନ୍ତାରେ ଚାଷୀ

**ଜୁନାଗଡ଼/କଳମପୁର, ୩୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲାରେ ଆଗୁଆ ମଣ୍ଡି ବ୍ୟବସ୍ଥା ଉପରେ କୌଣସି ଦୃଷ୍ଟି ଦିଆଯାଉ ନ ଥିବାରୁ ପ୍ରତିବର୍ଷ ବର୍ଷା ହେଲେ ମଣ୍ଡିର ଅବସ୍ଥା ବେହାଲ ହୋଇପଡୁଛି। ବର୍ତ୍ତମାନ ମଣ୍ଡିରେ ଅବସ୍ଥାର ପୁନରାବୃତ୍ତି ଦେଖିବାକୁ ମିଳିଛି। ଗତ ୨ ଦିନ ଧରି ଜିଲାରେ ମେଘୁଆ ପାଗ ରହିଥିବାବେଳେ ଶୁକ୍ରବାର ସକାଳୁ ବର୍ଷା ଆରମ୍ଭ ହୋଇଥିଲା। ଜିଲାର ଅଧିକାଂଶ ମଣ୍ଡି ଖୋଲା ଆକାଶ ତଳେ ଚାଲୁଥିବାରୁ ଧାନ ଭିଜିବା ଆଶଙ୍କା ଦେଖାଦେଇଛି। ଧାନକୁ ସୁରକ୍ଷିତ ରଖିବା ପାଇଁ ଚାଷୀମାନଙ୍କୁ ଆରଏମ୍‌ସି ପକ୍ଷରୁ ତାର୍ପୋଲିନ ଯୋଗାଇ ଦିଆଯାଉଛି। କେତେକ ମଣ୍ଡିରେ ଠିକ୍ ପରିମାଣରେ ଚାଷୀଙ୍କୁ ଧାନ ଢାଙ୍କିବା ପାଇଁ ତାର୍ପୋଲିନ ଦିଆଯାଇ ନ ଥିବାରୁ ସେଠାରେ ଚାଷୀଙ୍କ ଧାନ ଭିଜିଥିବା ଅଭିଯୋଗ ହୋଇଛି। ଏନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି।

ମିଳିଥିବା ସୂଚନା ମୁତାବକ, ଚଳିତ ଖରିଫ ଋତୁରେ କଳାହାଣ୍ଡି ଜିଲାରେ ୭୪ଟି ପ୍ରାଥମିକ କୃଷି ସମବାୟ ସମିତି, ୨୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଓ ୧୮୯ଟି ମିନି ଧାନ କ୍ରୟ କେନ୍ଦ୍ର ଜରିଆରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ସେହିପରି ୭୧ଟି ମିଲର ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଜିଲା ଯୋଗାଣ ଅଧିକାରୀଙ୍କ ଶିବ ପ୍ରସାଦ ଦୋରାଙ୍କ ସୂଚନା ଅନୁଯାୟୀ ଗୁରୁବାର ସୁଦ୍ଧା ଜିଲାରେ ୪୦ହଜାର ୩୦୩ ଚାଷୀଙ୍କ ପ୍ରାୟ ୨୮ଲକ୍ଷ କୁଇଣ୍ଟାଲ ଧାନ କିଣା ହୋଇଥିବା ଜଣାପଡିଛି। ହେଲେ ପ୍ରାୟ ୨ଲକ୍ଷ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ମଣ୍ଡିରେ ଗଚ୍ଛିତ ରହିଥିବା ଏକ ବିଶେଷ ସୂତ୍ରରୁ ଜଣାପଡିଛି। ଫଳରେ ଚାଷୀ ଧାନ ବିକ୍ରି କରି ନ ପାରି ମଣ୍ଡିରେ ହାଡ଼ଭଙ୍ଗା ଶୀତ କାକରରେ ପଡିରହିଛନ୍ତି। ତୁରନ୍ତ ମଣ୍ଡିରୁ ଧାନ ଉଠାଣ ନେଇ ବ୍ୟବସ୍ଥା କରାଯାଉଥିବା ଜିଲା ଯୋଗାଣ ଅଧିକାରୀ ଦୋରା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ବର୍ଷା ହେବ ଆଶଙ୍କା କରି ପ୍ରଶାସନ ପକ୍ଷରୁ ଜାନୁୟାରୀ ୧ତାରିଖଠୁ ଚାଷୀଙ୍କୁ ଧାନ ବିକ୍ରି କରିବା ପାଇଁ ଟୋକନ ଦିଆଯାଉ ନାହିଁ। ଆସନ୍ତା ୭ତାରିଖରୁ ଚାଷୀଙ୍କୁ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଟୋକନ ଦିଆଯିବ ବୋଲି ଜଣାପଡିଛି। ଧାନର ଏଫଏକ୍ୟୁ ମାନକୁ ନେଇ ମିଲର୍ସମାନେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବେଳେ କୁଇଣ୍ଟାଲ ପିଛା ୫ରୁ ୬କି.ଗ୍ରା. କଟନି ହେଉଥିବା ଅଭିଯୋଗ ହେଉଛି। ଚଳିତ ବର୍ଷ ପ୍ରତ୍ୟେକ ମଣ୍ଡିରେ ଆନାଲାଇଜର ମେଶିନ ରଖାଯାଇଛି ଓ ଚାଷୀଙ୍କ ଧାନ ମାନ ପରୀକ୍ଷା କରାଯାଉଛି। ତାହା ସତ୍ତ୍ୱେ ମିଲର୍ସମାନେ ମନଇଚ୍ଛା କୁଇଣ୍ଟାଲ ଧାନ କଟନିଛଟନି କରୁଥିବା ଜଣାପଡିଛି। ସେହିପରି ଜିଲାପାଳ ଖୋଲା ଅଖା(ଧାନ) ବସ୍ତାର ଓଜନ ୬୫୦ଗ୍ରାମ କାଟିବାକୁ ନିର୍ଦ୍ଦେଶନାମା ଜାରି କରିଥିବାବେଳେ ପ୍ରାୟ ମଣ୍ଡିରେ ମିଲର୍ସ ଏଜେଣ୍ଟମାନେ ୧କି.ଗ୍ରା.ରୁ ୧୧ଶହ ପର୍ଯ୍ୟନ୍ତ ଧାନ କାଟୁଥିବା ଜଣାପଡିଛି। ସେହିପରି କଳାହାଣ୍ଡି ଜିଲା କଳମପୁର ବ୍ଲକ ଅଞ୍ଚଳରେ ବର୍ଷା ଯୋଗୁ କଳମପୁର ପ୍ୟାକ୍ସର ଇଚ୍ଛାପୁର, ଦେପୁର, ପଣ୍ଡିଗାଁ ଏବଂ ବଡକୁଟ୍ରୁ ପ୍ୟାକ୍ସର ହାରାମାଲ, ଡଙ୍ଗରିପଡା, ବିଜମରା, ଦୋଲକିବନ୍ଧ, ମଣ୍ଡଳ ପ୍ୟାକ୍ସର ମିନଗୁର ଏବଂ ନୂତନ ଭାବରେ ଚାଲିଥିବା କୋଟାଗାଁ ମଣ୍ଡିରେ ଖୋଲା ଆକାଶ ତଳେ ଚାଷୀ ଧାନ ଓଦା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି। ବର୍ଷା ଦାଉରୁ ଧାନକୁ ରକ୍ଷା କରିବା ପାଇଁ ଆରଏମସି ପକ୍ଷରୁ ବିଭିନ୍ନ ପ୍ରକାର ସୁବିଧା କରିବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ କେତେକାଂଶ ମଣ୍ଡିରେ ଆବଶ୍ୟକ ମୁତାବକ ଚାଷୀଙ୍କୁ ପଲିଥିନ ମିଳିପାରୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷେ ଚାଷୀମାନେ ନିଜେ ପଲିଥିନ କିଣି ଧାନକୁ ବର୍ଷା ଦାଉରୁ ରକ୍ଷା କରୁଥିବା ଦେଖିବାକୁ ମିଳିଛି । ଏ ନେଇ ମୁଖିଗୁଡ଼ା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅନୀଲ କୁମାର ରାଉତଙ୍କୁ ପଚାରିବାରୁ ମଣ୍ଡିଗୁଡିକରେ ଆବଶ୍ୟକ ମୁତାବକ ଚାଷୀଙ୍କୁ ତାର୍ପୋଲିନ ଯୋଗାଇ ଦିଆଯୋଉଥିବା ପ୍ରକାଶ କରିଥିଲେ।



ଜୁନାଗଡ଼ ବ୍ଲକ ମଣ୍ଡିରେ ଚାଷୀମାନେ ଧାନବସ୍ତା ତାର୍ପୋଲିନ ଘୋଡାଇ ରଖିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଇତ ଚାଷ ସୁନା ଚାଷ**
**ବୈଶାଖ ଚାଷ କୁଟୁମ୍ବ ପୋଷ**
**ଜ୍ୟେଷ୍ଠ ଚାଷ ରାଜା ପୋଷ**
**ଆଷାଢ଼ ଚାଷ ବେଳହୁଁ ଖସ ।**

ଚଇତ ମାସରେ ଚାଷ କରାଗଲେ ଚାଷବାସରୁ ଭଲ ଅମଳ ମିଳିଥାଏ। ବୈଶାଖ ମାସରେ କରାଯାଇଥିବା ଚାଷରୁ ଯାହା ଉପାର୍ଜନ ହୋଇଥାଏ ତାହା କୁଟୁମ୍ବ ପୋଷିବାରେ ଅସୁବିଧା ରହି ନ ଥାଏ। ସେହିପରି ଜ୍ୟେଷ୍ଠମାସରେ ଚାଷକାର୍ଯ୍ୟ ଆରମ୍ଭ କଲେ ଚାଷରୁ ଯାହା ମିଳେ ସେତକ ଖଜଣା ଦେବାରେ ଖର୍ଚ୍ଚ ହୋଇଯାଇଥାଏ। ପରନ୍ତୁ ଆଷାଢ଼ ମାସରେ ଚାଷ କଲେ ଚାଷରେ କ୍ଷତି ଘଟିବାର ବହୁ ସମ୍ଭାବନା ରହିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଚୂନକୁ ଯେବେ ପାନ ଥାଆନ୍ତା**
**ଦିଁ କଳ ନାଲି ବୋହି ପଡ଼ନ୍ତା ।**

କିଛି ବ୍ୟକ୍ତି ଅନ୍ୟଆଗରେ ନିଜର ବୃଥା ବଡ଼ିମା ଦେଖେଇ ହୁଅନ୍ତି। ନିଜେ ଯେତେ ନୁହଁ କି ଯାହା ନୁହଁ ତାହାଠୁ ଅତିରଞ୍ଜିତ କରି ଅନ୍ୟର ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା ଚଳାଇଥାନ୍ତି। ବ୍ୟକ୍ତିଙ୍କ ଏପରି ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.




ହିଲ୍‌ଟାଉନ ସିଭିଲ ସୋସାଇଟିର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ହିଲ୍‌ଟାଉନ ସିଭିଲ ସୋସାଇଟିର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୩୧ (ଡି.ଏନ୍.ଏ.)**

ଭବାନୀପାଟଣାସ୍ଥିତ ହିଲଟାଉନ ସିଭିଲ ସୋସାଇଟିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ମୁଖ୍ୟବକ୍ତା ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱାମ୍ବର ମିଶ୍ର, ପୂର୍ବତନ ଉପନଗରପାଳିକା ସବିତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସୋସାଇଟିର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଜିତେନ୍ଦ୍ର କୁମାର ମୁଣ୍ଡ ବାର୍ଷିକ ବିବରଣୀ ପାଠ କରିଥିଲେ। ହିଲଟାଉନ୍‌ର ଲଳିତ ପଟ୍ଟନାୟକ ଓ ସାଥୀଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରିବେଷଣ ହୋଇଥିଲା। ଏହି ଅବସରରେ ଅଧ୍ୟାପକ ପଞ୍ଚାନନ ଦୁରିଆ ଓ ଆନ୍ତର୍ଜାତିକ କ୍ରୀଡ଼ାବିତ୍ ତରନଦୀପ ସିଂହଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସେହିପରି ହଳଧର ସାହୁ, ଡମ୍ବରୁଧର ଖମାରୀ ଓ ଶଙ୍କରାବତୀ ମୁଣ୍ଡଙ୍କୁ ସୋସାଇଟି ତରଫରୁ ସମ୍ମାନୀତ କରାଯାଇଥିଲା। ମଞ୍ଚ ସଂଯୋଜନା ଓ ଅତିଥି ପରିଚୟ ସ୍ନେହଲତା ଷଡଙ୍ଗୀ କରିଥିବାବେଳେ ମନୋଜ ମୁଣ୍ଡ ଓ ଶ୍ରୀନିବାସ ସେନାପତୀ ପୁରସ୍କାର ବିତରଣୀ ଉତ୍ସବରେ ସହଯୋଗ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗୀତାର ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ପାଦକ ଶ୍ରୀନିବାସ ସେନାପତୀ ଧନ୍ୟବାଦ ଦେଇଥିଲେ।

### ଅନ୍‌ଦେଖା କରୁଛେ ପର୍ଯ୍ୟଟନ ବିଭାଗ

# ଅବହେଲିତ ଅବସ୍ତାରେ କରକ ଜଳପ୍ରପାତ

**କୋକସରା, ୩୧ (ଡି.ଏନ୍.ଏ.)**

ପାହାଡ଼ ଜଂଗଲ ଘେରା ପ୍ରାକୃତିକ ସୁଁଦରତାରେ ଭରପୁର କଳାହାଣ୍ଡି ଜିଲାରେ ରହିଛେ ଅନେକ ମନ୍‌ଲୁଭା ପର୍ଯ୍ୟଟନ ଥଲ। ଇଥିରୁ କେତେ ରାଏଜ୍ ସରକାରକଁର ତରଫୁ ପର୍ଯ୍ୟଟନ ଥଲର ମାଏନ୍‌ତା ପାଇଥିଲାବେଲେ ଆରକେତେ ଆଏଜ୍ ବି ମାଏନ୍‌ତା ପାଏବାରୁ ବଁଚିତ୍ ହେଇ ରହିଛେ। ଅଂଚଲର ଏନ୍‌ତା ଗୁଟେ ମନ୍‌ଲୁଭା ପର୍ଯ୍ୟଟନ ଥଲ କରକ ଜଲପ୍ରପାତ ଆଏଜ୍ ବି ରାଏଜ୍ ସରକାରକଁର ମାଏନ୍‌ତାକେ ଟାକିଛେ। ସୂଚନା ଅନ୍‌ସାରେ କୋକସରା ବ୍ଲକ ଆମପାଣି ପଁଚେତ୍ ସାହାଜଖୋଲ ଜଂଗଲ ତଥା ଜାତୀୟ ରାଜପଥ ୨୬ ଆମପାଣିରୁ ୫ କି.ମି. ଦୂରେ ରହିଛେ ଇ ଜଲପ୍ରପାତ। ହେଲେ ଦୁଖର କଥା ଆଏଜ୍ ବି ଇ ମନ୍‌ଲୁଭା ପର୍ଯ୍ୟଟନ ଥଲ ଜିଲା ପର୍ଯ୍ୟଟନ ବିଭାଗର ନଜର ବାହାରେ ରହିଛେ। ଇ ବାବ୍‌ଦେ ଅନେକ ସମିଆରେ ଭିନେ ଭିନେ ଗଣମାଧମରେ ଖବର ବି ବାହାରିଛେ। ହେଲେ ପର୍ଯ୍ୟଟନ ବିଭାଗ ତରଫୁ ଆଏଜ୍‌ତକ ଇତାର ବିକାଶ ଲାଗି କେହେନ୍‌ସି ଆଏଁଖି ଦୁର୍‌ଶିଆ ପଦକ୍ଷେପ ନାଇଁ ନିଆଯାଇ। ଯେନ୍‌ଥିରଲାଗି ପିକ୍‌ନିକ ସମିଆ, ନୂଆବଛର୍‌ରେ ବାହାରୁ ଆସୁଥିବାର ପର୍ଯ୍ୟଟକମାନେ ବଡ଼ା ହଇରାନ ହରକତ ହେଉଛନ୍। ଇ ପର୍ଯ୍ୟଟନ ଥଲକେ ପର୍ଯ୍ୟଟକମାନକୁ ଯିବାକେ ହେଲେ ଆମପାଣିରୁ ଜାନିପଡ଼ା ଦେଇ ୨ରୁ ୩ କି.ମି. ମାଟି ରାସ୍‌ତାରେ ଚାଲିଚାଲି ଯିବାକେ ପଡୁଛେ। ଇଆଡ଼େ ରାଏଜ୍ ସରକାରକଁର ପର୍ଯ୍ୟଟନ ବିଭାଗ ପର୍ଯ୍ୟଟନ ଥଲମାନକର ବିକାଶ ଲାଗି ଟଁକା ଯୁଗେଇ ଦେଉଛନ୍। ସେ ହିସାବେ କଳାହାଣ୍ଡି ଜିଲା କୋକସରା ବ୍ଲକର ଗୁଡ଼ହାଣ୍ଡି, ଡୋକରୀଚଞ୍ଚରା ୧୨ ବଛର ତଲେ ପର୍ଯ୍ୟଟନ ଥଲର ମାଏନ୍‌ତା ପାଇଛେ। ହେଲେ ଆଏଜ୍‌ତକ ଇ ପର୍ଯ୍ୟଟନ ଥଲମାନକର ବିକାଶ ନାଇଁ ହେଇପାରି। କୋକସରା ବ୍ଲକରେ ଥିବାର ଏନ୍‌ତା ଅନେକ ପର୍ଯ୍ୟଟନ ଥଲକେ ପିକ୍‌ନିକ ସମିଆରେ ଜିଲା ଆର ପଡ଼ିଶା ଜିଲାମାନକରୁ ବନଭୁଜି କରବାକେ ଲୁକ୍‌କର ଧାର ଲମୁଛେ। ହେଲେ ସେ ହିସାବେ ଜିଲା ପରଶାସନ ଆର ପର୍ଯ୍ୟଟନ ବିଭାଗ ଇ ପର୍ଯ୍ୟଟନ ଥଲମାନକର ବିକାଶକେ ଗୁରୁତ୍ ନାଇଁଦେବାର। ପର୍ଯ୍ୟଟନ ଥଲମାନକର ବିକାଶ ଦିଗେ ଜିଲା ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଦୁରୁଷ୍ଟି ଦେବାକେ ଅଂଚଲବାସୀ ଦାବି କରିଛନ୍। ସେନ୍‌ତା ଇ ବାବ୍‌ଦେ ଆମପାଣି ସରପଁଚ୍ ଟିକିଚନ୍ଦ୍ର ଧଙ୍ଗଡ଼ାମାଝିକୁଁ ପଚ୍‌ରାଲାରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ରାସ୍‌ତା କାମ୍ କେତେ ହେଇଛେ, ଅଲପ୍ ବାକି ରହିଛେ। ଆଏବା ବଛର ରାସ୍‌ତାର ଉନ୍‌ନତିକରନ କରାଯିବା ବଲି ସେ କହିଛନ୍। କରକ ଜଲପ୍ରପାତକେ ରାସ୍‌ତାର ବେବସ୍‌ତା ହେଲେ ଆଏବାର ଦିନେ ପର୍ଯ୍ୟଟକମାନକର ଆହୁରି ଭିଡ଼ ଜମ୍‌ବା ବଲି ବୁଧିଜୀବୀ ମହଲରେ ମତପରକାଶ ପାଉଛେ।



କରକ ଜଲପ୍ରପାତ।

### ଭବାନୀପାଟଣାରେ ଅଭିଭାବକ ସମ୍ମିଳନୀ

**ଭବାନୀପାଟଣା, ୩୧(ଡି.ଏନ୍.ଏ.):** ଭବାନୀପାଟଣା ସଦର ବ୍ଲକ କିସ୍ ବିଦ୍ୟାଳୟ ପରିସରରେ ଏକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କିସ ଅଭିଭାବକ ସଂଘ ସଭାପତି କମ୍ଭୁଧର ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମା' ମାଣିକେଶ୍ୱରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ମୁଖ୍ୟବକ୍ତା, ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ ସିଂ ସମ୍ମାନିତ ଅତିଥି, ଭବାନୀପାଟଣା ବ୍ଲକ ଉପାଧ୍ୟକ୍ଷ ସଚିଦାନନ୍ଦ ମହାଖୁଡ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଭୁବନେଶ୍ୱର କିସ ବିଦ୍ୟାଳୟର ମୃତ୍ୟୁଞ୍ଜୟ ନାୟକ, ଅନନ୍ତ ଶବର, ନିଳାମ୍ବର ପାତ୍ର ପ୍ରମୁଖ ମତବ୍ୟକ୍ତ ପ୍ରଦାନ କରିଥିଲେ। କିସ ଓ କିଟର ଜିଲା ସଂଯୋଜକ ଦୁଷ୍ମନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ

**ଲଇକେରା, ୩୧(ଡିଏନଏ) :** ଲଇକେରା ବ୍ଲକ ନିକ୍ରିମାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଷ୍ଟମ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ଗତ ୨୭ ତାରିଖରେ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଘଟଣା ସଂକ୍ରାନ୍ତରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିବା କମିଟି ସଭାପତି ଦୁର୍ଯ୍ୟୋଧନ ବରିହା କହିଛନ୍ତି। ଶୁକ୍ରବାର ଘଟଣାର ତଦନ୍ତ କରି ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ସ୍କୁଲ କମିଟି କର୍ମକର୍ତ୍ତା ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏନେଇ ନିକ୍ରିମାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ତୁଲେନ୍ଦ୍ର କୁମାର ସାହାଁସିଆଙ୍କୁ ପଚାରିବାକୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 20 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

UJJIVAN FINANCE
ଭାରତର ନଂ.1 କମ୍ପାନୀ
ଋଣ 1% ସୁଧ 50% ଛାଡ଼
ମୁଦ୍ରା ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ, ଆଦି ସବୁ ଋଣ
ସବୁ ଋଣ 24 ଘଣ୍ଟାରେ ପାଆନ୍ତୁ
ଚାଷୀ, ମହିଳାଙ୍କ ପାଇଁ ବିଶେଷ ଅଫର
094738-08189
073762-57896

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲି଼ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି଼ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

ଋଣ ଧମାକା
ଋଣ ପାଆନ୍ତୁ ଆଧାରକାର୍ଡରୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁ ପାଳନ, ସମୂହ ଋଣ ।
ଫୋନ୍ କରନ୍ତୁ
9162071458
8863936059
New Ashok Nagar, East Delhi, Delhi

ଲକ୍ଷ୍ମୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୧% ସୁଧରେ ଘରେ ବସି ପାଆନ୍ତୁ (All Odisha)।
ମହିଳା ଓ ଚାଷୀ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
Neha - 7587695952,
Mansi - 9977126495,
Vedika - 7773046066,
Riya - 9630505047,
Priya - 8269113958,
Anju - 7509661004

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

KUBER FINANCE
Kuber ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ ।
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
7056393742

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡ଼ା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ।

- ରବର୍ଟ ବର୍ଟନ



## ସଂକ୍ଷେପରେ

### ଶାସ୍ତ୍ରିଜୀ ଶିକ୍ଷା ନିକେତନରେ ପ୍ରଦର୍ଶନୀ ମେଳା

ଭବାନୀପାଟଣା,୩।୧ (ଡି.ଏନ୍.ଏ.): ସ୍ଥାନୀୟ ଶାସ୍ତ୍ରିଜୀ ଶିକ୍ଷା ନୀକେତନର ଅଷ୍ଟମ ବାର୍ଷିକ ଉତ୍ସବ ଅବସରରେ ପ୍ରଦର୍ଶନୀ ମେଳା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମେଳାରେ ବିଦ୍ୟାଳୟର ନିର୍ଦ୍ଦେଶକ ପରମାନନ୍ଦ ନନ୍ଦଙ୍କ ଅଧକ୍ଷତାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ବ୍ୟାୟାମ ପ୍ରଦର୍ଶନ ସହ ରଙ୍ଗୋଲି, ବିଜ୍ଞାନ ମେଳା, ଗଣିତ ମଜା, ସାହିତ୍ୟ ଘର, ଇଂରାଜୀ ଘର, ଚିତ୍ରକଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ହୋଇଥିଲା। କାର୍ଯ୍ୟକ୍ରମକୁ ସମାଜିକ କର୍ମୀ ପ୍ରମିଳା ମିଶ୍ର ଉଦ୍‌ଘାଟନ କରିଥିଲେ। ସଭାରେ ଶିକ୍ଷାବିତ୍ ଚନ୍ଦ୍ର ଶେଖର ପଣ୍ଡା, ପ୍ରଭାଶ ଚନ୍ଦ୍ର ମିଶ୍ର, ସୁଶ୍ରୀ ସବିତା ପଟ୍ଟନାୟକ, ରବିନ୍ଦ୍ର ପଟ୍ଟନାୟକ, ପ୍ରକାଶ ନିଶଂକ, ମୁକୁନ୍ଦ ରେଡ୍ଡି, ଆଲେକଜାଣ୍ଡର ଫିଲିପ୍ସ, ଜ୍ୟୋତିରାଣୀ ଦାସ, କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନୀକୁ ପ୍ରଶଂସା କରିବା ସହ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ମା' ଗାୟତ୍ରୀ ଶିକ୍ଷାନୁଷ୍ଠାନ ଟ୍ରଷ୍ଟର ଅଧକ୍ଷା ନୀହାରିକା ପୁରୋହିତ, ସମ୍ପାଦକ ଆଶୁତୋଷ ମୁଣ୍ଡଙ୍କ ସହ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

### ନବବର୍ଷ ପାଳନ: ନୃତ୍ୟ ପ୍ରତିଯୋଗିତା

କଲମପୁର,୩।୧(ଡି.ଏନ୍.ଏ.): କଳାହାଣ୍ଡି ଜିଲା କଲମପୁର ବ୍ଲକ ମଣ୍ଡଳ ଗ୍ରାମ ୟଙ୍ଗଷ୍ଟାର ଗ୍ରୁପ ପକ୍ଷରୁ ନବବର୍ଷକୁ ସ୍ୱାଗତ ଜଣାଇ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସାମାଜିକ କର୍ମୀ ଗଣେଶଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ମଣ୍ଡଳ ସରପଞ୍ଚ ପ୍ରଦୀପ କୁମାର ଭୋଇ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଚିନ୍ତାମଣି ବେହେରା, ମଣ୍ଡଳ ପଞ୍ଚାୟତ ଯୋଗାଣ ସହାୟକ ଅନଙ୍ଗସେନ ବାଗ, ଖବରଦାତା ଗଣେଶରାମ ବାଗ, ଲଳିତ ନିଆଁଲ, ନିତ୍ୟାନନ୍ଦ ଗୁପ୍ତା, ଶିକ୍ଷକ କୈଳାଶ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଅତିଥିମାନେ ଡ.ଭୀମରାଓ ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ତଥା ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରତିଯୋଗିତାରେ ୧୫ଜଣ ପ୍ରତିଯୋଗୀ ଭାଗନେଇ କଳା ପ୍ରଦର୍ଶନ କରିଥିଲେ । ପ୍ରତିଯୋଗିତାରେ ବାବା ବାଲେଶ୍ୱର ଡ୍ୟାନ୍ସ ଗ୍ରୁପ କନ୍ଧାଖାଲ ପ୍ରଥମ, ମିଷ୍ଟର ବିକି ଟାଇଗର ବଡକୁଟ୍ରୁ ଦ୍ୱିତୀୟ, ମା'ଠାକୁରାଣୀ କଳା ପରିଷଦ କରଞ୍ଜଗୁଡା ତୃତୀୟ, ସନ୍ତୋଷିନୀ ମେହେର ପାଟଣାଗଡ଼ ଚତୁର୍ଥ, ଆଦିବାସୀ ଡ୍ୟାନ୍ସ ଗ୍ରୁପ ସରଦାପୁର ପଞ୍ଚମ, ହରିଓମ୍ ଡ୍ୟାନ୍ସ ଗ୍ରୁପ ତେନ୍ତୋଲିଆପଡ଼ା ଷଷ୍ଠ ସ୍ଥାନ ଅଧିକାର କରିଥିଲା। ବିଚାରକ ଭାବେ ବବ୍ରୁବାହନ ବାଗ, ସୁକଚନ ଦୁର୍ଗା, ଭାଗୀରଥି ଦୁର୍ଗା, ମକରନ୍ଦ ନାଏକ ଦାୟୀତ୍ୱ ତୁଲାଇଥିବା ବେଳେ ମାଙ୍ଗେଲାଲ ବାଗ ମଞ୍ଚ ପରିଚାଳନା କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଅତିଥିମାନେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ଦଳକୁ ପୁରସ୍କୃତ କରିଥିଲେ। ୟଙ୍ଗଷ୍ଟାର ଗ୍ରୁପ ସଭାପତି ଦୁଃଖିଧନ ଦୁର୍ଗା, ଲମ୍ବୋଦର ଦୁର୍ଗା, ନିରଞ୍ଜନ ବାଗ, ହେମନ୍ତ ନାଏକ, ସତ୍ୟ ପାଲ, ଚୁଡା ବାଗ, ବିକାଶ ନିଆଁଲ, ଶିବ ଦୁର୍ଗା, ଗୁଞ୍ଜନ ନିଆଁଲ, ତୁଳସି ତୁରୁକ, ରୋହିତ ପାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ପର୍ଯ୍ୟଟନ ବିଭାଗ ଦୃଷ୍ଟି ଆଢୁଆଳେ ଗୋବରଗୋଲା ଜଳପ୍ରପାତ

ଜୁନାଗଡ,୩।୧ (ଡି.ଏନ୍.ଏ.)

ପର୍ଯ୍ୟଟନ ଋତୁ ଆସିଲେ କଳାହାଣ୍ଡି ଜିଲାର ପର୍ଯ୍ୟଟନସ୍ଥଳୀ ମଧ୍ୟରେ ମନେପଡେ ଗୋବରାଗୋଲା ଜଳପ୍ରପାତ। ଜିଲାର ସଦରମହକୁମା ଭବାନୀପାଟଣାରୁ ଏହାର ଦୂରତା ପ୍ରାୟ ୪୫ କି.ମି.। ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବୁଡିଦର ପଞ୍ଚାୟତରେ ଏହି ମନୋରମ ପର୍ଯ୍ୟଟନସ୍ଥଳୀ ରହିଛି। ହେଲେ ବର୍ତ୍ତମାନ ସୁଦ୍ଧା ଏହା ଲୋକଲୋଚନକୁ ଆସିପାରି ନାହିଁ ଚାରିଆଡ଼େ ଘଞ୍ଚ ଜଙ୍ଗଲ ପାହାଡ ମଧ୍ୟରେ ଲୁଚି ରହିଛି ଏହି ଜଳପ୍ରପାତ। ଜଳପ୍ରପାତରେ ପ୍ରାୟ ୪୦ଫୁଟ ଉପରୁ ତଳକୁ ପାଣି ପଡୁଛି। ଏପରି କି ତଳେ ୩୦ ଫୁଟରୁ ଅଧିକ ପାଣି ମହଜୁଦ ହୋଇ ରହୁଛି। ତେବେ ଏଠାକୁ ଯିବାକୁ କୌଣସି ସୁବିଧା ନାହିଁ। ପର୍ଯ୍ୟଟନ ବିଭାଗର ନଜର ଏ ଯାଏଁ ପଡି ନ ଥିବାବେଳେ ଜଙ୍ଗଲ ବିଭାଗ ଖୁଟୁଲୁଗୁଡା ପ୍ରର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିଛି। ସେଠାରୁ ଆଉ ୧ କି.ମି. ଜଙ୍ଗଲି ରାସ୍ତାରେ ଚାଲିକି ଗଲେ ଏହି ମନୋରମ ସ୍ଥାନ ପଡିବ। ଚାରିଚକିଆ ଗାଡିରେ ଗଲେ ଅମଠାଗୁଡ଼ା ପର୍ଯ୍ୟନ୍ତ ଯାଇ ହେବ। ସେଠାରୁ ୨ କି.ମି ଚାଲିବାକୁ ପଡିବ। ଗୋବରଗୋଲା ଯାଏଁ ରାସ୍ତା ସହିତ ଜଳପ୍ରପାତର ଚାରିପଟେ ବ୍ୟାରିକେଡ, ବିଶ୍ରାମ ଗାର ଓ ପାନୀୟଜଳର ବ୍ୟବସ୍ଥା କରାଗଲେ ଯାତ୍ରୀଙ୍କୁ ସୁବିଧା ମିଳନ୍ତା। ଏପରି କି ସ୍ଥାନଟି ଜିଲାର ପର୍ଯ୍ୟଟନ ମାନଚିତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ନେଇପାରନ୍ତା।

ରିପୋର୍ଟ- **ଉତ୍ତମ କୁମାର ଦାଶ,ଜୁନାଗଡ଼**



ଗୋବରଗୋଲା (ଫାଇଲଫଟୋ)।

#### କେମିତି ଯିବେ

ଭବାନୀପାଟଣାକୁ ଯାଇ ସେଠାରୁ ବସ୍ ଯୋଗେ ଜୁନାଗଡକୁ ଯିବାକୁ ପଡିବ। ସେଠାରୁ ଟ୍ୟାକ୍ସି କରି ପ୍ରାୟ ୧୮କି.ମି ଦୂର ବୁଡିଦର ପଞ୍ଚାୟତର ଅମଠାଗୁଡା ପ୍ରର୍ଯ୍ୟନ୍ତ ଯିବାକୁ ହେବ। ସେଠାରୁ ଆଉ ଭଲ ରାସ୍ତା ନ ଥିବାରୁ ୧ କି.ମି ଚାଲିକି ଗଲା ପରେ ଗୋବରଗୋଲା ଜଳପ୍ରପାତ ଦେଖିବାର ସୁଯୋଗ ମିଳେ। ସ୍ଥାନଟିକୁ ଦେଖିବା ପରେ ଜୁନାଗଡକୁ ଆସି ହୋଟେଲରେ ରାତ୍ରିଯାପନ କରିପାରିବେ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଚିଲଡଙ୍ଗରୀ ଚାମ୍ପିୟନ

ଜୁନାଗଡ,୩।୧ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କାଲୋପଲା ପଞ୍ଚାୟତ ଦେଉଣ୍ଡିରେ ଚାଲିଥିବା ହେମନ୍ତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଖଲିଆଭଟା ଏବଂ ଚିଲଡଙ୍ଗରୀ ମଧ୍ୟରେ ହୋଇଥିଲା। ଖଲିଆଭଟା ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୦ ରନ୍ କରିଥିଲା। ଜବାବ୍‌ରେ ଚିଲଡଙ୍ଗରୀ ଦଳ ୧୧.୫ ଓଭରରେ ୫ ଉଇକେଟ ହରାଇ ୧୦୧ ରନ୍ କରି ବିଜୟୀ ହୋଇଥିଲା। ମ୍ୟାନ ଅଫ୍ ଦ ମ୍ୟାଚ ଚିଲଡଙ୍ଗରୀର ତୁଲସୀ ଓ ମ୍ୟାନ ଅଫ୍ ଦ ସିରିଜ ଖଲିଆଭଟାର ସୁଜଞ୍ଜ ସିଂହଙ୍କୁ ପୁରସ୍କୃତ କରାଯାଇଥିଲା। ଫାଇନାଲ ଖେଳକୁ ଷଷ୍ଠୀପ୍ରସାଦ ବେହେରା, ସୁଶିଲ ବେହେରା ପରିଚାଳନା କରିଥିଲେ। ଦେଉଣ୍ଡି କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ କାଲୋପଲା ସରପଞ୍ଚ ନିର୍ମଳା ସିଂହ, ମୁଖ୍ୟ ବକ୍ତା ଜୁନାଗଡ଼ ବ୍ଲକ ସରପଞ୍ଚ ସଂଘ ସଭାପତି ଅଜୟ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତିସଭ୍ୟ ଉପେନ୍ଦ୍ର ସିଂହ, ଭାରତ ଭୂଷଣ ବେହେରା, ସୁମନ୍ତ ସିଂହ, ରାଜ କୁମାର ସିଂହ, ବିକ୍ରମ ସିଂହ, ଶ୍ରୀକୁମାର ସିଂହ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଖେଳ ଆରମ୍ଭରୁ ଶେଷଯାଏଁ ସୌରଭ ସିଂହ, ଶଶାଙ୍କ ବେହେରା, ପିଣ୍ଟୁ ସିଂହ, ଅନ୍ତିମ ବାରିକ, ଭାଗରଥି ସେଠି, ରିଙ୍କୁ ବେହେରା ପ୍ରମୁଖ ସହଯୋଗ କରିଥିଲେ। ୧୨ଦିନ ଧରି ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ୨୦ଟି ଦଳ ଅଂଶ ଗ୍ରହଣ କରିଥିଲେ।



ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।



ମଣ୍ଡିରେ ପଡିରହିଥିବା ଧାନ।

# ମଣ୍ଡିରେ ଭିଜିଲା ଧାନ: ଚିନ୍ତାରେ ଚାଷୀ

ପର୍ଲା, ୩।୧ (ଡି.ଏନ.ଏ.)

**ଅଦିନିଆ ବର୍ଷା**

କଳାହାଣ୍ଡିଜିଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳରେ ଶୁକ୍ରବାର ଅଦିନିଆ ବର୍ଷା ଯୋଗୁ ବେହେରା, ପର୍ଲା ଓ ଖୁଣ୍ଟିଆ ମଣ୍ଡିରେ ରହିଥିବା ହଜାରହଜାର ଧାନ ବସ୍ତା ଓଦା ହୋଇଯାଇଛି। ଫଳରେ ଚାଷୀ ଚିନ୍ତାରେ ପଡିଛନ୍ତି। ଅନ୍ୟପକ୍ଷେ ଟୋକନ ପାଇ ଚାଷୀ ମଣ୍ଡିକୁ ଧାନ ଆଣି ରଖିଥିଲେ। ହେଲେ ବିଭିନ୍ନ ଆଳ ଦେଖାଇ ପ୍ୟାକ୍ସ ଓ ମିଲର୍ସ ଧାନ ଉଠାଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ସୂଚନାଯୋଗ୍ୟ, ବେହେରା ପ୍ୟାକ୍ସରେ ୯୯୬ଜଣ ଚାଷୀ ପଞ୍ଜୀକୃତ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୪୭୬ଜଣ ଚାଷୀଙ୍କ ୨୫ହଜାର ୬ ଶହ ୯୩ କେଜି ଧାନ କିଣା ହୋଇଥିବା ଜଣାପଡିଛି। ୧୫୪ ଚାଷୀଙ୍କ ୧୦ ହଜାର କୁଇଣ୍ଟାଲ ଧାନ ମଣ୍ଡିରେ ପଡିଥିବା ସୂଚନା ମିଳିଛି। ସେହିପରି ପର୍ଲା ପ୍ୟାକ୍ସରେ ୯୪୧ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୩୫୭ ଚାଷୀଙ୍କ ୧୮ ହଜାର ୯ଶହ ୨୪ କୁଇଣ୍ଟାଲ ଧାନ ଉଠିଥିବା ବେଳେ ବର୍ତ୍ତମାନ ୧୮୬ ଚାଷୀଙ୍କ ୧୦ହଜାର ୫ଶହ ୭୯ କୁଇଣ୍ଟାଲ ଧାନ ମଣ୍ଡିରେ ପଡିରହିଛି। ଖୁଣ୍ଟିଆ ମଣ୍ଡିରେ ଚାଷୀଙ୍କ ଶତାଧିକ କୁଇଣ୍ଟାଲ ଧାନ ଖୋଲାଆକାଶ ତଳେ ପଡିରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅଦିନିଆ ବର୍ଷାରେ ଚାଷୀଙ୍କ ଧାନକୁ ସୁରକ୍ଷା ଦେବାରେ ଆରଏମସି ତଥା ପ୍ୟାକ୍ସ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଚାଷୀ ନରସିଂହ ବୋଡକିଆ, ଟିକେ ପଟେଲ, ଧନେଶ୍ୱର ଗୋପାଲ, ଗଣପତି ଗୋପାଲ, ମହେଶ୍ୱର ସାହୁ, ଥନ କୁମାର ଭକ୍ତ, ମଦନ ହଂସ, ଧନୁର୍ଯ୍ୟ ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି। ମଣ୍ଡିରୁ ତୁରନ୍ତ ଧାନ ନ ଉଠିଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏନେଇ ଜିଲା ଯୋଗାଣ ଅଧିକାରୀ ଶିବପ୍ରସାଦ ଦୋରାଙ୍କୁ ପଚାରିବାରୁ ଖୁବ ଶୀଘ୍ର ଚାଷୀଙ୍କ ଧାନ କିଣାଯିବ ବୋଲି ପ୍ରକାଶ କରିଥିଲେ।

# ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଭବାନୀପାଟଣା,୩।୧(ଡି.ଏନ୍.ଏ.)

ସ୍ଥାନୀୟ ଦିବ୍ୟଶକ୍ତି ଭବନରେ ଦେବାନସାହେବପଡ଼ା ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ମୁଖ୍ୟ ସଞ୍ଚାଳିକା ଶଶି ଭଉଣୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟମରେ ମୁଖ୍ୟଅତିଥି ଭାବେ ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦ ଯୋଗଦେଇଥିବା ବେଳେ ଅତିଥି ଭାବେ ଶାନ୍ତନୁ କୁମାର ବେହେରା, ରାକେଶ ପାଠକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବ୍ରହ୍ମାକୁମାର ମାନସ ଭାଇ ଅତିଥି ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ପ୍ରିୟଙ୍କା ଓ ପ୍ରିୟମ୍ବଦା ଭଉଣୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବ୍ରହ୍ମକୁମାର ଜଗଦିଶ ମଣ୍ଡଳ, ସୁବାଷ ଭାଇ, ଶଙ୍କର୍ଷଣ ବେହେରା ପରିଚାଳନା କରିଥିଲେ।

**The Odisha State Co-operative Milk Producers Federation Limited**
omfed
www.omfed.com
D-2, Sahidnagar, Bhubaneswar-751007
Ph. No.- 0674-2546030, 2540273, 2540417, Fax No. 0674-2540974
Email ID: omfed@yahoo.com

**APPOINTMENT**

Ref: 246/HRD/RFE/19 Date: 01.01.2020

**No. CAD-761:-** Applications are invited for appointment to the post of Manager (P&I), in OMFED. The detailed terms and conditions along with prescribed Application Form is mentioned hereunder.

| Name of the Post | No. of Post | Qualification | Max. Age as on 31.12.2019 | Post Qualification Experience | Scale of Pay |
|---|---|---|---|---|---|
| Manager (P&I) | 01 | 1. Degree in Veterinary/ Animal Husbandry / Dairy Husbandry. 2. Preference will be given for higher qualification in relevant field. | 40 years | Minimum 5 years experience in Managerial Cadre preferably in procurement & input Activities in Dairy Sector | PB-3, Rs. 15,600 - 39,100, Grade Pay: Rs. 6,600/- plus other Allowances as per Federation Rules |

All other information such as Application Form, Last date of submission of Application Form, Scope of Work, Place of posting and other General Conditions for the above post can be downloaded from the OMFED website: www.omfed.com. Federation reserves the right to cancel / amend the Recruitment Notice which will be published in the website only.

06063/11/0005/1920 *General Manager (HR)*

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR**
**INVITATION FOR BIDS (IFB)**

File No.- C-IIM-IFB-06/2019 No. 54632, Dt.27.12.2019

**1st Corrigendum to Bid Identification No. CE-DPI & R-19/2019-20, dtd.19.12.2019**

**No. B-512:-** The following changes has been made for the work i.e. "Construction of RCC retaining wall along with sand filling on the road from NH-5 to Ardalua from 10/250 km to 11/535 km in the district of Jajpur under State Plan" at Sl. No. 10 invited vide Bid Identification No. CE-DPI & R-19/2019-20 are as follows:

| Sl. No. | Name of Work | Revised value of work (Rs. in lakh) | Security Amount (Rs. in lakh) (Online) |
|---|---|---|---|
| 10. | Construction of RCC retaining wall along with sand filling on the road from NH-5 to Ardalua from 10/250 km to 11/535 km in the district of Jajpur under State Plan | 19,70,80,644.00 | 19,70,900.00 |

2. The The Bid documents for the above work will be available in the website: www.tendersodisha.gov.in from 10.00 AM of 31.12.2019 to 5.00PM of 17.01.2020 for online bidding.

All other terms and conditions remain unchaged.

34117/11/0059/1920 *Sd./- Chief Engineer, DPI & Roads, Odisha*

**ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କରେ**

No. D-245:-



ନାମ : ବିଶାଳ ଲାଖୁଆ
ବୟସ : ୧୪ ବର୍ଷ
ପିତା : ମୁନୁ ଲାଖୁଆ
ଘର : କାର୍ଗିଲ ବସ୍ତି, ଲିଙ୍ଗରାଜ ବିହାର ପାଖ, ପୋଖରୀପୁଟ
ଥାନା : ଏୟାରପୋର୍ଟ, ଭୁବନେଶ୍ୱର କମିଶନରେଟ୍
ଜିଲ୍ଲା : ଖୋର୍ଦ୍ଧା (ଓଡ଼ିଶା)
ଉଚ୍ଚତା : ୪ ଫୁଟ ୩ ଇଞ୍ଚ
ରଙ୍ଗ : କଳା, ପତଳା ଶରୀର, ଲମ୍ବା ମୁହଁ ଏବଂ ସେ ଓଡ଼ିଆ, ହିନ୍ଦୀ ଓ ସାଦ୍ରି ଭାଷାରେ କଥା କହିପାରେ।

ଉକ୍ତ ବାଳକଟି ଗତ ତା୨୭।୧୨।୨୦୧୯ରିଖ ସନ୍ଧ୍ୟା ୬ଘଟିକା ସମୟରେ ଘରୁ କେଉଁଆଡ଼େ ପଳାଇଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ନିଖୋଜ ବାଳକ ବିଷୟରେ ଖବର ପାଇଥାନ୍ତି କିମ୍ବା ପାଆନ୍ତି ତେବେ ନିମ୍ନ ଫୋନ ନମ୍ବରରେ ଜଣାଇବାକୁ ଅନୁରୋଧ।

**ଫୋନ୍ ନମ୍ବର: ୯୪୩୭୨୨୦୦୯୪, ୭୦୦୮୫୮୭୧୭୧, ୭୯୭୮୨୫୯୯୦୪, ୭୭୩୫୪୦୩୭୭୫**

12015/11/0021/1920

**COMMISSIONERATE OF CT AND GST, ODISHA (AT- CUTTACK)**
**(Finance Department, Government of Odisha**

Letter No : 13194/CT&GST Date : 03.10.2019
x-13/BO/2015-Non-Gaz-CCT

**OFFICE ORDER** No. S-28

WHEREAS Mr Sayed Ansar Ali, S/o Sayed Mansur Ali, At/P.O-Brahmabarada, P.S-Dharmasala, District-Jajpur, Driver, Commissionerate of CT & GST (Odisha); At-Cuttack erstwhile O/o the Commissioner of Commercial Taxes (Odisha), Cuttack was absent from duty with effect from 25.02.2008 without any prior intimation or permission of the competent Authority.
AND WHEREAS, draft charges were framed against Mr.Ali vide this office Memorandum no: 13649/CT, Date: 30.08.2008 for unauthorized absent from Govt. Duty that amounted to negligence and dereliction of Government duty.
AND WHEREAS, all opportunities as per the provision of OCS (CCA Rule, 1962) had been given to Mr.All by the Enquiring Officer to defend. But he did not avail any of the opportunities.
AND WHEREAS, the Enquiry Officer in his report observed that "He is an absentee from Government duties for more than 5 years who had been remaining absent from Government duty since 25.02.2008. The law deems all absentees beyond 5 years as fit case of removal from service subject to provisions of OCS (CCA Rule 1962)".
AND WHEREAS, Rule 72(2) of Odisha Service Code speaks that " where a Government servant does not resume duty after remaining on leave for a continuous period of a five years, or where a Government servant after the expiry of his leave remains absent from duty otherwise than on foreign service or on account of suspension, for any period which together with the period of the leave granted to him exceeds five years, he shall unless Government in view of the exceptional circumstances of the case otherwise determine, be removed from service after following the procedure laid down in the Odisha Civil Services (Classification, Control and Appeal) Rules, 1962.
AND WHEREAS it was decided to impose punishment on Mr Ansar Ali in pursuant to Rule 72(2) of Odisha Service Code as per the Rule-15 of the OCS(CCA) Rules, 1962 Mr Ali was called upon vide this office letter no : 14029/CT; date: 16.09.2017 to appear before the appointing authority on any state govt. working days within 15 days to show cause as to why major punishment shall not be awarded to him. But he did not appear-before the appointing authority.
AND WHEREAS it was ascertained from the postal acknowledgement the said show cause notice had been received by some Sayena Parween on 19.09.2017 and since Mr Ali did not appear before the appointing authority, another chance was given to him to submit his explanation by appearing before the appointing authority on any state govt working days within 15 days to show cause as to why major punishment shall not be awarded to him vide this office letter no; 7454/CT&GST; date: 16.05.2018. But he did not appear before the appointing authority. Since he is absconded the show cause notice was published in the leading Odia daily i.e Dharitri and Sambad on 03.01.2019. But Mr. Ali did not respond.
AND WHEREAS Mr.Ali has failed to respond to the notice published in the above Odia dailies within the stipulated time frame, the following major penalty is hereby imposed on Mr. Sayed Ansar Ali, Driver of this office U/r 13 of the OCS (CCA) rules, 1962 and Rule 72(2) of Odiaha Service Code.
"Mr. Sayed Ansar Ali Is removed from the Government service which shall not be a disqualification of future employment from the date of Issue of this order.
This is issued wilh the approval of the Commissioner of CT&GST; Odisha.

**Sd./- Addl. Commissioner of CT&GST (SMNG)**
**05006/11/0006/1920**

**OFFICE OF THE ANGUL MUNICIPALITY, ANGUL**
**No.: 10501** **Date: 31.12.2019**

**EXPRESSION OF INTEREST**

No.: C-420: Expression of Interest in sealed cover for single bid proposal invited by the Executive Officer, Angul Municipality from the consultancy firm, for preparation of "DETAILED PROJECT REPORT for construction of sewage treatment plant at Angul under Angul Municipality".
The proposal should be submitted by the bidders along with bid security of Rs.5000/- (Rupees five thousand) only in shape of Bank Draft to be drawn in favour of Executive Officer, Angul Municipality. The cost of tender schedule for Rs.1000/- (Rupees one thousand) only (Non-refundable) to be paid in shape of Cash/Demand Draft. The tender schedule shall be available from 02.01.2020 to 13.01.2020 upto 5.00 P.M. at Cash section of this office. They should quote the rate on percentage basis over the project cost, which will be paid after technical sanction and subject to available of funds. They are required to submit the Xerox copy of the registration certificate of their organization, copy of GSTIN, copy of PAN along with bid documents. They should submit the experience certificate of similar nature of job at least one number already rendered in different ULBs/Line Departments/Govt. Organization etc. from the competent authority of respective organization. The proposal along with all documents shall be received in the office of the Executive Officer, Angul Municipality on or before 14.01.2020 upto 11.00 A.M. in the box provided in the Office of the Executive Officer, Angul Municipality and the same will be opened on same day at 12 Noon in presence of the bidders or their authorized representatives. Tenders received after due date and time shall not be entertained.
The authority reserves the right to accept/cancel/reject any or all the proposals without assigning any reason thereof.

**Sd./- Executive Officer**
**Angul Municipality**
**13085/11/0021/1920**

**GOVT. OF ODISHA**
**OFFICE OF THE COLLECTOR, KANDHAMAL, PHULBANI**
**(ST & SC Development Section)**
Ph/FAX: 06842-253643, e-mail: dwo.kandhamal@gmail.com
Order No. 01/SSD/ XVII-26/19, Date: 02.01.2020

**NOTICE INVITING OBJECTION**

**No. V-68:-** It is hereby informed that the applicants who have applied for the post of TGT, Odia / English / Mathematics / Physical Science / Social Science for Kalinga Model Residential Schools under ST & SC Dev. Deptt. of Kandhamal District in pursuance to Advertisement No. 3933/SSD, Dated 25.10.2019 has been enlisted. The database of applicants is available in the District Portal: www.kandhamal.nic.in as well as in the Notice Board of District Welfare Office, Kandhamal.

The applicants are requested to go through the lists and file their objections if any with justification along with supporting documents by Registered / Speed Post by 18.01.2020. Objections received after 18.01.2020 shall not be entertained.

*By Orders of Collector, Kandhamal*
***Sd./- District Welfare Officer***
***Kandhamal, Phulbani***
24041/11/0014/1920



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ୩ ଅବ୍ୟବହୃତ କୋଠା ଲାଇବ୍ରେରୀ କରାଯିବ

**ସୁନ୍ଦରଗଡ, ୩।୧ (ଡି.ଏନ୍.ଏ)**-ଗତ୨୬ ତାରିଖଠାରୁ ସୁନ୍ଦରଗଡ ବହିପଢ ଅଭିଯାନର ଶୁଭାରମ୍ଭ ପରେ ଶୁକ୍ରବାର ଜିଲାପାଳ ସହରର ୫ଟି ବିଦ୍ୟାଳୟକୁ ପରିଦର୍ଶନ କରି ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ମଧ୍ୟରେ ବହିପଢିବା ଅଭ୍ୟାସ ବୃଦ୍ଧି ପାଇଁ ବୁଝାଇଥିଲେ। ସୁନ୍ଦରଗଡ ସହରର ଡେଙ୍ଗିଭାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନରେ ପୁରାତନ ଛାତ୍ର ସଂଘ ପକ୍ଷରୁ ବିଦ୍ୟାଳୟକୁ ବିଭିନ୍ନ ପୁସ୍ତକ ପ୍ରଦାନ କରାଯାଇଥିଲା । ଜିଲାପାଳ ଏହି ପରିଦର୍ଶନ ସମୟରେ ସୁନ୍ଦରଗଡ ସହରରେ ଥିବା ୩ଟି ଅବ୍ୟବହୃତ କୋଠାକୁ ଚିହ୍ନଟ କରିବା ପରେ ଆସନ୍ତା ୨ମାସ ମଧ୍ୟରେ ଏହାକୁ ପାଠାଗାରରେ ପରିଣତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଜିଲାପାଳଙ୍କ ଏହି ପରିଦର୍ଶନ ସମୟରେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ବିଶ୍ୱ ହିନ୍ଦୁ ପରିଷଦର ବୈଠକ: ହିନ୍ଦୁତ୍ୱ ସୁରକ୍ଷା ଉପରେ ଗୁରୁତ୍ୱ

**ସୁନ୍ଦରଗଡ଼, ୩।୧ (ଡି.ଏନ୍.ଏ):** ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ବଣପାହାଡଘେରା ତିଲେଇକାନି ଗ୍ରାମର ଭାଗବତ ଗୁଡିଠାରେ ଶୁକ୍ରବାର ବିଶ୍ୱହିନ୍ଦୁ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସାମୂହିକ ଓଁକାର ଓ ବିଜୟ ମହାମନ୍ତ୍ର ଜପ କଲାପରେ ବୈଠକ ଆରମ୍ଭ ହୋଇଥିଲା । ବୈଠକରେ ବିଶ୍ୱହିନ୍ଦୁ ପରିସରର ପଶ୍ଚିମ ଓଡିଶା ଧର୍ମପ୍ରସାର ସମ୍ପାଦକ ଶାନ୍ତନୁ କୁସୁମ ଯୋଗଦେଇଥିଲେ। ଅଞ୍ଚଳରେ ଦିନକୁଦିନ ବୃଦ୍ଧି ପାଉଥିବା ଧର୍ମାନ୍ତରୀକରଣ ସମ୍ପର୍କରେ ବିସ୍ତୃତତଥ୍ୟ ଉପସ୍ଥାପନ କରିବା ସହ ଏହାକୁ ରୋକା ନ ଗଲେ ଆଗାମୀ ଦିନରେ ହିନ୍ଦୁ ଜୀବନଧାରା ପ୍ରଭାବିତ ହେବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପ୍ରତି ଭାରତକୁ ହିନ୍ଦୁଶୂନ୍ୟ କରିବା ପାଇଁ ବିଶ୍ୱର ଏକ ବୃହତ୍ ଶକ୍ତି ଷଡଯନ୍ତ୍ର କରୁଥିବା ନେଇ ସେ ଉଦ୍‌ବେଗ ପ୍ରକାଶ କରିବା ସହ ହିନ୍ଦୁ ସମାଜ ଓ ସଂସ୍କୃତିର ସୁରକ୍ଷା ପାଇଁ ସମସ୍ତେ ଆଗଭର ହେବାପାଇଁ ଆହ୍ୱାନ ଦେଇଥିଲେ। ବଳରାମ ବାର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୀତାମ୍ବର ସେଠ, ନୂଆଦିନି ବାର୍ଲା ଓ ସେବତୀ ପ୍ରଧାନଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।





ଏକମା ଓ ପାମରା ଗାଁରେ ହାତୀ ଭାଙ୍ଗି ଦେଇଥିବା ଘର ।

### ଥମୁନି ହାତୀ ଉପଦ୍ରବ

# ଏକମା, ପାମରାରେ ହାତୀ ୮ଘର ଭାଙ୍ଗିଲା

**ବଡ଼ଗାଁ, ୩।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅଞ୍ଚଳରେ ଗତବର୍ଷ ହାତୀପଲ ଘର ଭାଙ୍ଗିବା ସହ ପନିପରିବା ଓ ଧାନ ଫସଲ ନଷ୍ଟ କରିଥିଲେ । ଶତାଧିକ ଚାଷୀ ହାତୀ ଉପଦ୍ରବ ଯୋଗୁ କ୍ଷତିଗ୍ରସ୍ତ ହୋଇଥିଲା ବେଳେ ୩ଜଣଙ୍କ ମୃତ୍ୟୁ ଓ ୩୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଘର ଭାଙ୍ଗି ଦେଇଥିଲା । ଚଳିତବର୍ଷ ଆରମ୍ଭରୁ ହାତୀ ଉପଦ୍ରବ ଦେଖାଦେଇଛି । ନୂତନ ବର୍ଷରେ ଝାଡଖଣ୍ଡ ରାଜ୍ୟ ପଟୁ ବଡଗାଁ ଫରେଷ୍ଟ ରେଞ୍ଜର କୁସୁମଡେଗୀ ଗାଁ ନିକଟ ଜଙ୍ଗଲକୁ ଆସିଥିବା ଗୋଟିଏ ହାତୀ ଏକମା ଓ ପାମରା ଗ୍ରାମର ୮ଜଣଙ୍କ ଘର ଭାଙ୍ଗି ଦେଇଛି । ସୂଚନାନୁଯାୟୀ, ବୁଧବାର ସନ୍ଧ୍ୟା ୭ଟାରେ ଗୋଟିଏ ହାତୀ କୁସୁମଡେଗୀ ଦେଇ ଏକମା ଗ୍ରାମକୁ ପଶିଥିଲା । ଏକମା ଗ୍ରାମର ଲଳିତ ଏକ୍କା, ନବୀନ ମାଝୀ, ଏକମା ଭାଟିପଡାର ଜଗଦିଶ ଲାକ୍ରା, ମିତ୍ର ମାଝୀ ଓ ସିଦ୍ଧୁ ଲାକ୍ରାଙ୍କ ଘର ଭାଙ୍ଗି ଦେଇଥିଲା ବେଳେ ପାମରା ଗ୍ରାମର ଗୋସେଇ ବର୍ଲା, ରୂପଶ୍ରୀ ଓ ଅମିତ ଏକ୍କାଙ୍କ ଘର ଭାଙ୍ଗି ଦେଇଛି । ହାତୀ ସନ୍ଧ୍ୟା ୭ଟାରୁ ରାତ୍ରି ୧୨ଟା ମଧ୍ୟରେ ୮ଜଣଙ୍କ ଘର ଭାଙ୍ଗିଥିଲା । ବନ କର୍ମଚାରୀ ଘୋଡାଇବାରୁ ଝାଡଖଣ୍ଡ ରାଜ୍ୟ ଜଙ୍ଗଲକୁ ଚାଲିଯାଇଛି । ବର୍ତ୍ତମାନ ୯ଟି ହାତୀ ବଡଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ଅଛନ୍ତି ।

# ଟିପ୍ପର ଓଲଟି ୩ ମୃତ, ୧ ଗୁରୁତର

**ଲହୁଣୀପଡା, ୩।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଚୋରଧରା ପଞ୍ଚାୟତ କଲ୍ୟାଣ ମଣ୍ଡପ ପାଖରେ ଏକ ଟିପ୍ପର ଗୁରୁବାର ସନ୍ଧ୍ୟା ସାଢ଼େ ୬ଟା ବେଳେ ଓଲଟି ୩ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଗୁରୁତର ହୋଇଥିବାବେଳେ ୬ ଅକ୍ସକେ ବର୍ତ୍ତି ଯାଇଥିବା ଜଣାପଡିଛି। ସୂଚନା ଅନୁସାରେ ୨ ଦିନ ବ୍ୟାପି କେ.ବଲାଙ୍ଗ ଥାନା ଅନ୍ତର୍ଗତ ତାଲଡିହଠାରେ ବେନିୟମ ଭାବେ କୁକୁଡା ଲଢ଼େଇ ଚାଲିଥିଲା । ଚୋରଧରା ତଥା ଆଖ ପାଖ ଅଞ୍ଚଳର ଲୋକମାନେ କୁକୁଡା ଲଢ଼େଇ କରିବା ସହିତ ଦେଖିବା ପାଇଁ ଯାଇଥିଲେ। ଗୁରୁବାର ସନ୍ଧ୍ୟା ସାଢେ ୬ଟା ବେଳେ ତାଲଡିହରୁ ଏକ ଖାଲି ଟିପ୍ପର ଓଆର ୧୪ ଆର- ୮୩୨୨ ଯୋଗେ ଚୋରଧରା ପଟକୁ ଫେରୁଥିଲେ। ଚୋରଧରା ପଞ୍ଚାୟତ ସ୍ଥିତ କଲ୍ୟାଣ ମଣ୍ଡପ ପାଖରେ ଟିପ୍ପର ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିବାରୁ ଟିପ୍ପର ଡାଲା ତଳେ ଚାପିହୋଇ ୩ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ମଞ୍ଚାବେଡା ଗ୍ରାମର ରାମଧନ ସିଂ, ଚୋରଧରା ଗ୍ରାମର ପ୍ରଧାନ ମୁଣ୍ଡା, ଚଇତୁ ମୁଣ୍ଡା ବୋଲି ଜଣାପଡିଛି । ଗୁରୁତର ଆହତ ଆଜାଦ ସିଂ ବଣାଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲା ବେଳେ ୬ ଅକ୍ସକେ ବର୍ତ୍ତି ଯାଇଥିବା ଜଣାପଡିଛି । କେ.ବଲାଙ୍ଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି।



ଓଲଟି ପଡ଼ିଥିବା ଟିପ୍ପର।




ମ୍ୟାଲେରିଆ ତାଲିମ ଶିବିରରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ।

# ମ୍ୟାଲେରିଆ ତାଲିମ ଶିବିର

**ଲେଫ୍ରିପଡ଼ା,୩।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ବୈଠକ ଗୃହରେ ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମ୍ୟାଲେରିଆ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ଜଗଦୀଶ ଦେହୁରୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମ୍ୟାଲେରିଆର ନିରାକରଣ ଉପରେ ସେ ଆଲୋକପାତ କରିଥିଲେ। ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ଡା. ମନୋଜ କୁମାର ମହାପାତ୍ର ଯୋଗଦେଇ ମ୍ୟାଲେରିଆ ଉପରେ ତଥ୍ୟଭତ୍ତିକ ଆଲୋଚନା କରିଥିଲେ। ବ୍ଲକ୍ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦୀପକ କୁମାର ଶର୍ମା ଶିବିରର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଲେଫ୍ରିପଡ଼ା ବ୍ଲକ୍‌ର ଦୁର୍ଗମ ଅଞ୍ଚଳରୁ ୧୫ ଜଣ ଏବଂ ହେମଗିର ବ୍ଲକ୍‌ର ୧୦ ଜଣଙ୍କୁ ଜ୍ୱର ପାଇଁ ରକ୍ତ ପରୀକ୍ଷାର କୌଶଳ ଓ ଚିକିତ୍ସା ସମ୍ବନ୍ଧରେ ତାଲିମ ଦିଆଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସେମାନଙ୍କୁ ପରିଚୟପତ୍ର, ଔଷଧ ବାକ୍ସ, ରକ୍ତ ପରୀକ୍ଷା ବାକ୍ସ ତଥା ଅନ୍ୟାନ୍ୟ ଉପକରଣ ସମେତ ସାର୍ଟିଫିକେଟ ଆଦି ପ୍ରଦାନ କରାଯାଇଥିଲା। ଏହି ଶିବିରରେ ବ୍ଲକ୍ ପ୍ରୋଗ୍ରାମ୍ ମ୍ୟାନେଜର ସତ୍ୟବ୍ରତ ଦାଶ, ହେମଗିର ବ୍ଲକର ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ପଶାୟତ, ଲେଫ୍ରିପଡ଼ା ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଡାକ୍ତର ଡା. ଆଲୋକ କୁମାର ପଟେଲ, ଦନ୍ତ ବିଶେଷଜ୍ଞ ଡ଼ା. ରଜତ ନନ୍ଦ, ଭିବିଡ଼ିଟିଏସ୍ ଘନଶ୍ୟାମ ପଟେଲ, ଫର୍ମାସିଷ୍ଟ ବିଶ୍ୱନାଥ ପଟ୍ଟନାୟକ, ଆକାଉଣ୍ଟାଣ୍ଟ ମ୍ୟାନେଜର ମଣ୍ଟୁ ମହାନ୍ତ ଏବଂ ଜିଲା କାର୍ଯ୍ୟାଳୟର ଲକ୍ଷ୍ମୀକାନ୍ତ ଦୀପ ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ।

# ଲହୁଣୀପଡ଼ା ପଞ୍ଚାୟତ ସମିତି ବୈଠକ

**ଲହୁଣୀପଡା, ୩।୧ (ଡି.ଏନ.ଏ)**

ଲହୁଣୀପଡା ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇଥିଲେ। ଜିଲା ପରିଷଦ ସଦସ୍ୟ କେଦାର ମାହାନ୍ତ, ଏମ୍‌ପି ପ୍ରତିନିଧି ନାରାୟଣ କୁମ୍ଭାର, ଉପାଧ୍ୟକ୍ଷା ସୁକୁମତୀ ମାହାନ୍ତ, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ କିଷାନ, ଜିପିଓ ସାରିଆ ଲାକ୍ରା ମଞ୍ଚାସୀନ ଥିଲେ। ବ୍ଲକ ଅଧ୍ୟକ୍ଷ ପଣ୍ଡିତଚରଣ ମୁଣ୍ଡା ବୈଠକରେ ସଭାପତିତ୍ୱ କରିଥିଲେ। ସମିତି ବୈଠକ ପ୍ରାରମ୍ଭରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧାନାଇଚରଣ ଟୁଡୁ ସମସ୍ତଙ୍କୁ ଇଂରାଜୀ ନବବର୍ଷର ଅଭିନନ୍ଦନ ଜଣାଇବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ମୃତ୍ତିକା ସଂରକ୍ଷଣ, କୃଷି, ଉଦ୍ୟାନ, ପ୍ରାଣୀ ଚିକିତ୍ସା ସମନ୍ୱିତ ଶିଶୁ ବିକାଶ, କ୍ଷୁଦ୍ର ଜଳସେଚନ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ପ୍ରତିନିଧିମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା ।

ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। କେତେକ ବିଭାଗରେ ଅଭିଯୋଗ ହୋଇଥିଲା । ବ୍ଲକ ଅଧିନସ୍ଥ ଅନେକ ସରକାରୀ ଅନୁଷ୍ଠାନମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲେ ମଧ୍ୟ ଅନେକ ବିଭାଗର ଅଧିକାରୀମାନେ ଯୋଗଦେଇ ନାହାନ୍ତି। ଫଳରେ ଉକ୍ତ ବିଭାଗର ଉନ୍ନୟନ କାର୍ଯ୍ୟର ସୂଚନା ମିଳିପାରୁ ନାହିଁ। ଏଣୁ ସଂକ୍ରାନ୍ତରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ବାଚିତ ପ୍ରତିନିଧିମାନେ ଦାବି କରିଥିଲେ। ଶେଷରେ ଏବିଡିଓ ପ୍ରଶାନ୍ତ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିବା ବେଳେ ବ୍ଲକର କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



ଲହୁଣୀପଡା ପଞ୍ଚାୟତ ସମିତି ବୈଠକରେ ବିଧାୟକ ଓ ଅନ୍ୟମାନେ ମଞ୍ଚାସୀନ।

# କୋହଲା ପାଗକୁ ଝିପିଝିପି ବର୍ଷା: ଚିନ୍ତାରେ ପରିବାଚାଷୀ

**କୁତ୍ରା/ରାଜଗାଙ୍ଗପୁର, ୩।୧ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲାର କୁତ୍ରା ଓ ରାଜଗାଙ୍ଗପୁର ଅଞ୍ଚଳରେ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ଲାଗି ରହିଥିବାରୁ ଅଞ୍ଚଳର ପରିବା ଚାଷୀ ଚିନ୍ତାଗ୍ରସ୍ତ ରହୁଥିବା ଜଣାପଡିଛି। ଦୀର୍ଘ ଦିନ ହେବ କୁତ୍ରା ଓ ରାଜଗାଙ୍ଗପୁର ଅଞ୍ଚଳରେ କୋହଲା ପାଗ ଲାଗି ରହିଥିବା ବେଳେ ଗତ ଦୁଇ ଦିନ ହେବ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ହେଉଛି। ଫଳରେ ଟମୋଟା ଚାଷୀଙ୍କ ଦୁଃଖ ବଢ଼ି ଯାଇଥିବା ବେଳେ ପରିବା ନଷ୍ଟ ନେଇ ଚାଷୀଙ୍କ ଚିନ୍ତାକୁ ବଢ଼ାଇ ଦେଇଛି। କୁତ୍ରା ଓ ରାଜଗାଙ୍ଗପୁର ଅଞ୍ଚଳର ବିରଙ୍ଗାଟୋଲି, ଲତାଲଗା, ବିରତୋଲା, ସିଆଲଯୋର, କର୍ମାବାହାଲ, ବଏଲମା, ସୁନାଖଣ୍ଡି, ଡବୁକୁ, କୁକୁଡା, ଅଲଣ୍ଡା ଭଳି ବିଭିନ୍ନ ଗ୍ରାମରେ ବହୁ ମାତ୍ରାରେ ପରିବା ଚାଷ କରାଯାଏ। ଏହି ଗ୍ରାମଗୁଡିକରେ ଉତ୍ପାଦିତ ହେଉଥିବା ପରିବା କୁତ୍ରା ଓ ରାଜଗାଙ୍ଗପୁର ଅଞ୍ଚଳର ଚାହିଦା ପୂରଣ କରିଥାଏ। ଲୋକଙ୍କ ଚାହିଦା ମୁତାବକ ପନିପରିବା ଯୋଗାଇବାରେ ଏହି ଅଞ୍ଚଳର ଚାଷୀ ସକ୍ଷମ ହେଉଥିବା ବେଳେ ଦରଦାମ ମଧ୍ୟ ନିୟନ୍ତ୍ରଣରେ ରହିଥାଏ। ଏବେ କିଛି ଦିନ ହେବ କୋହଲା ପାଗ ରହିଥିବାରୁ ତଥା ଦୁଇ ଦିନ ହେବ ଝିପିଝିପି ବର୍ଷା ହେବାରୁ ପନିପରିବା ଚାଷରେ ରୋଗପୋକ ଲାଗିବା ସାଙ୍ଗକୁ ପରିବା ଫସଲ ନଷ୍ଟ ହେବାରେ ଲାଗିଛି। ବିଲାତି ବାଇଗଣ ଭଳି ବିଭିନ୍ନ ପରିବା ଗଛଗୁଡିକରୁ ଫୁଲ ଝଡିବା ସାଙ୍ଗକୁ ଫଳ ମଧ୍ୟ ନଷ୍ଟ ହେବାର ଦେଖିବାକୁ ମିଳୁଛି । ଫଳରେ କୁତ୍ରା ଓ ରାଜଗାଙ୍ଗପୁର ଅଞ୍ଚଳରେ ହାଟ ବଜାରରେ ପନିପରିବାର ଦର ଦୁଇଗୁଣ ହୋଇଯାଇଛି । ଏକ ପଟେ ପନିପରିବା ଚାଷୀ ପରିବା ଚାଷରେ କ୍ଷତିଗ୍ରସ୍ତ ହୋଇ ଚିନ୍ତାରେ ରହୁଥିବା ବେଳେ ଅନ୍ୟ ପଟେ ପନିପରିବା ଦରକୁ ନେଇ ସାଧାରଣ ଜନତା ମଧ୍ୟ ଚାପଗ୍ରସ୍ତ ରହୁଥିବା ଜଣାପଡିଛି । ଯଦି ଏହି ପାଗ ଆଉ କିଛି ଦିନ ଲାଗି ରହେ ତାହେଲେ ଚାଷୀ ସାଙ୍ଗକୁ ସାଧାରଣ ଜନତାଙ୍କ ମୁଣ୍ଡବ୍ୟଥାର କାରଣ ହେବ ବୋଲି ଚର୍ଚ୍ଚା ହେଉଛି।

# ଝିପିଝିପି ବର୍ଷାରେ ୩୫୩ ନଂ. ରାଜପଥ ଶୋଚନୀୟ

**କୋମନା, ୩।୧ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ କୁରୁମପୁରୀ ଠାରୁ ବଲାଙ୍ଗୀର ଜିଲା ଭାଲୁମୁଣ୍ଡା ପର୍ଯ୍ୟନ୍ତ ୬୭ କି.ମି. ୩୫୩ ନଂ. ଜାତୀୟ ରାଜପଥ ନିର୍ମାଣ ବିଗତ ୫ ବର୍ଷ ବିତି ଯାଇଥିଲେ ମଧ୍ୟ ଏଯାଏଁ ଅସମ୍ପୂର୍ଣ୍ଣ ରହିଛି। ଶୁକ୍ରବାର ଅଞ୍ଚଳରେ ହୋଇଥିବା ସାମାନ୍ୟ ଝିପିଝିପି ବର୍ଷାରେ ମୁଖ୍ୟ ରାଜପଥ ଶୋଚନୀୟ ହୋଇପଡ଼ିଛି। କୋମନା ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ବ୍ଲକଛକ ଆଗକୁ ଥିବା ୧ କି.ମି ଫରେଷ୍ଟ ବଙ୍ଗଳା ରାସ୍ତା ପର୍ଯ୍ୟନ୍ତ ଖାଲଖମା ହୋଇ ସମ୍ପୂର୍ଣ୍ଣ ବେହାଲ ପରିସ୍ଥିତି ହୋଇଥିବା ଦେଖିବାକୁ ମିଳିଛି। ଏହି ରାସ୍ତାରେ ହଜାର ହଜାର ସଂଖ୍ୟାରେ ମାଲବୋଝେଇ ଗାଡି ଯାତାୟାତ କରୁଥିବାରୁ ବଡବଡ ଖାଲଖମାରେ ଏହି ଗାଡି ଯିବାଆସିବା କରିବା ଅସମ୍ଭବ ହୋଇ ପଡିଛି।

# ମାଗଣା ସ୍ୱାସ୍ଥ୍ୟ ଶିବିର: ୮୦୦ ରୋଗୀ ପରୀକ୍ଷା

**ଟେନ୍‌ସା, ୩।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୋଇଡା ମାଇନିଂ ସେକ୍ଟର ଅନ୍ତର୍ଗତ ରାଇକେଲା ଗ୍ରାମରେ ଥିବା ଗୀତାରାଣି ଖଣି ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ୨୦୧୧ରୁ ବନ୍ଦ ଥିବା ଏହି ଖଣି ପୁଣି ଚାଲିବାକୁ ଯାଉଛି । ଖଣି କାର୍ଯ୍ୟ ଚାଲିବା ପରେ ପାରିପାର୍ଶ୍ୱିକ ଅଞ୍ଚଳର ଲୋକମାନଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଖଣି ମାଲିକ ଶ୍ରୀନିବାସ ସାହୁଙ୍କ ନିର୍ଦ୍ଦେଶକ୍ରମେ ଖଣି ପରିସର ମଧ୍ୟରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରରେ ସ୍ତ୍ରୀରୋଗ, ଶିଶୁ ରୋଗ, ଚକ୍ଷୁ, ଦାନ୍ତ, ଚର୍ମ, ମେଡିସିନ ବିଭାଗ ସମେତ ୧୨ଜଣ ବରିଷ୍ଠ ଡାକ୍ତର ଯୋଗ ଦେଇଥିଲେ । କୋଇଡା ବ୍ଲକର ରାଇକଲା, ବନ୍ଧଲ, କୁଲା, କମଣ୍ଡ, ସାଇଗୁଣ୍ଟା, ଭୂତୁଡା, କୋଇଡା, ଟେନସା, ଡେଙ୍ଗୁଲା, କୁସୁମୁଣ୍ଡି, ପାଟମୁଣ୍ଡା, ଗଣୁଆ, କାଲାଟା, ଜାମୁଡିହି, କେବଲାଙ୍ଗ, କାଶିରା ଆଦି ଗ୍ରାମର ୮୦୦ରୁ ଊର୍ଦ୍ଧ୍ୱ ରୋଗୀ ଶିବିରରେ ଯୋଗଦେଇଥିଲେ। ସେମାନେ ମାଗଣାରେ ଔଷଧ ନେବା ସହ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଗୀମାନଙ୍କୁ ନେବା ଆଣିବା ପାଇଁ ଗୀତାରାଣୀ ଖଣି ପକ୍ଷରୁ ସ୍ୱତନ୍ତ୍ର ଗାଡିର ବ୍ୟବସ୍ଥା କରାଯାଇଥିଲା । ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା। ସମସ୍ତ କାର୍ଯ୍ୟକୁ ଖଣିର ମହାପ୍ରବନ୍ଧକ ବିବି ସାହୁ, ଉପ ମହାପ୍ରବନ୍ଧକ ପି.କେ ସାହୁ ପରିଚାଳନା କରିଥିଲେ। ସ୍ଥାନୀୟ ସରପଞ୍ଚ ଅସମତି ମୁଣ୍ଡା ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ ।



ଗୀତାରାଣି ଖଣି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର।


UTKAL UNIVERSITY NAAC ACCREDITED A+

# UTKAL UNIVERSITY
VANI VIHAR, BHUBANESWAR - 751004
ODISHA, INDIA

NATIONAL HIGHER EDUCATION MISSION

No. DRS/RUSA-1041-2016 (HR)/16 /2020 Dated the 3 January 2020

## INDICATIVE ADVERTISEMENT

### Walk in Interview for Empanelment of Human Resources under RUSA 2.0 Project

Applications are hereby invited from eligible candidates for empanelment / engagement of the following human resources in different project activities under RUSA 2.0. of the Utkal University at Vani Vihar, Chandikhole and at different regions of India (North, South, East and West). The University reserves the right to withdraw partial or full notification without assigning any reason. The empanelment / engagement of human resources is purely temporary and for a period up to 31 March 2020 and likely to be extended further depending on the availability of fund under RUSA 2.0.

| Sl | Position | Salary (in ₹/ Month) | No. of Position | Date of Interview |
|---|---|---|---|---|
| RURAL OUTREACH PROGRAM | | | | |
| 1 | Program Director | 80,000 - 1,00,000 | 1 | 14 January 2020 |
| 2 | Program Manager in the fields of (i) Health, (ii) Gender (iii) Agriculture, (iv) Artisans, (v) Youth, & (vi) Indigenous Knowledge | 40,000 - 45,000 | 4 | 14 January 2020 |
| REGIONAL CENTERS AT IN DIFFERENT REGIONS OF INDIA (NORTH, SOUTH, EAST & WEST) | | | | |
| 3 | Academic Coordinator | 1,00,000 | 4 | Will be intimated by e-mail |
| UTKAL ENTREPRENEURSHIP AND CAREER HUB (UECH) | | | | |
| 4 | Director, UECH | 80,000 - 100,000 | 1 | 14 January 2020 |
| 5 | Incubation Manager-IT / Training & Event | 50,000 - 60,000 | 1 | 14 January 2020 |
| 6 | Receptionist | 10,000 | 1 | 10 January 2020 |
| RUSA CELL | | | | |
| 7 | Consultant (Engineer) | 60,000 - 70,000 | 1 | 16 January 2020 |
| PR AND MEDIA CELL | | | | |
| 8 | Public Relation Officer | 50,000 - 60,000 | 1 | 16 January 2020 |
| 9 | Documentation Officer / Creative Writer | 50,000 - 60,000 | 1 | 16 January 2020 |
| 10 | Research Assistant | 15,000 - 20,000 | 1 | 10 January 2020 |

The detailed guideline indicating eligibility criteria and terms of reference and conditions, prescribed application form and other details can be downloaded from the website of the Utkal University **https://www.utkaluniversity.nic.in.**
The candidates seeking empanelment / engagement of human resources are required to send the filled in prescribed application form to **rusauuhr@gmail.com** on or before **9 January 2020** and come for walk in interview with the hard copies of the application along with the self-attested photocopies of the mark-sheets, certificates / degrees and other relevant documents and Original certificates and mark sheet in the prescribed date of walk-in-interview.

**Sd/- REGISTRAR**

ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଝିପିଝିପି ବର୍ଷା,କୋହଲା ପାଗରେ ଷ୍ଟିଲସିଟି ବେହାଲ

ରାଉରକେଲା ଅଫିସ,୩ା ୧
ଷ୍ଟିଲ ସିଟି ରାଉରକେଲାରେ ଗୁରୁବାର ମଧ୍ୟ ରାତ୍ରରୁ ସାମାନ୍ୟ ବର୍ଷା ସାଙ୍ଗକୁ କୋହଲା ପାଗ ଶୁକ୍ରବାର ପର୍ଯ୍ୟନ୍ତ ଲାଗି ରହିଛି। ସକାଳୁ ସୁଲୁସୁଲିଆ ଥଣ୍ଡା ପବନ ସାଙ୍ଗକୁ ମଝି ମଝିରେ ଝିପି ଝିପି ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଏହାଦ୍ୱାରା ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇ ଥିବା ପରିଲକ୍ଷିତ କରାଯାଇଛି। ଆକାଶ ମେଘାଚ୍ଛନ୍ନ ରହିଛି। ଥଣ୍ଡା ପବନ ଯୋଗୁ ଲୋକେ ଶୀତ ପୋଷାକ ଦେହରୁ କାଢିବାକୁ ଆଗ୍ରହ ପ୍ରକାଶ କରୁ ନାହାଁନ୍ତି। ରାତି ପର୍ଯ୍ୟନ୍ତ ଏହି ଅବସ୍ଥା ଲାଗି ରହିଥିବାରୁ ରାସ୍ତାଘାଟ ଜନଶୂନ୍ୟ ହୋଇପଡିଛି। କାଁ ଭାଁ ଗାଡି ମୋଟର ଚଳାଚଳ କରୁଥିବା ବେଳେ ଲୋକେ ପଦାକୁ ବାହାରିବାକୁ ଉଚିତ ମଣୁ ନାହାନ୍ତି। ଏହି କାରଣରୁ ଗହଳଚହଳ ଟ୍ରାଫିକ ମାର୍କେଟ, ଡେଲି ମାର୍କେଟ ଓ ଆମମ୍ବାନ ଆଦି ଅଞ୍ଚଳ ଖାଁ ଖାଁ ଲାଗୁଛି। ଶୁକ୍ରବାର ବଜାର, ରାସ୍ତାଘାଟ ଫାଙ୍କା ରହିଥିବା ବେଳେ ବ୍ୟବସାୟ ଏକ ପ୍ରକାର ମାନ୍ଦା ରହିଛି । ଶନିବାର ପାଗ ଅନୁକୂଳ ରହିବ ନା ନାହିଁ ସେ ନେଇ ବ୍ୟବସାୟୀ ମହଲରେ ଚିନ୍ତା ଘାରିଛି ।

### ଇବ୍ ନଦୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ସୁନ୍ଦରଗଡ, ୩ା୧ (ଡି.ଏନ୍.ଏ)
ସ୍ଥାନୀୟ ଇବ୍ ନଦୀର ସତନାଦରହ ପମ୍ପ ହାଉସ ନିକଟରେ ଶୁକ୍ରବାର ଗାଧୋଇବାକୁ ଯାଇଥିବା ଜଣେ ମହିଳା ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତା ମହିଳାଙ୍କ ନାଆଁ ସୀମା ସୋରେଙ୍ଗ (୪୦)। ତାଙ୍କ ଘର ସ୍ଥାନୀୟ ରାଣୀବଗିଚା ଖଡିଆ ପଡାରେ ବୋଲି ଜଣାଯାଇଛି । ସୀମା ଦିନ ୧୨ଟା ବେଳକୁ ସତନାଦରହ ପମ୍ପ ହାଉସ ତଳକୁ ଗାଧୋଇବାକୁ ଯାଇଥିଲେ । ସେହି ଅଞ୍ଚଳ ନିଷିଦ୍ଧାଞ୍ଚଳ ହୋଇଥିବା ବେଳେ ସେହି ସମୟରେ ଜଳ ଯୋଗାଣ ପାଇଁ ପମ୍ପ ଚାଲିବା ଆରମ୍ଭ କରିବାରୁ ସମ୍ଭବତଃ ପାଣିଟାଙ୍କ ପାଖକୁ ଟାଣି ହୋଇ ଯାଇଥିଲେ । ଫଳରେ ପାଣିରେ ବୁଡି ତାଙ୍କର ମୃତ୍ୟୁ ଘଟିଥିଲା । ଖବରପାଇ ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗ ଓ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ମୃତ ଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ସକାଶେ ସୁନ୍ଦରଗଡ ଡାକ୍ତରଖାନାକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ମୃତା ମହିଳାଙ୍କ ସ୍ୱାମୀ ରାଜେନ୍ଦ୍ରଙ୍କ ପୂର୍ବରୁ ମୃତ୍ୟୁ ଘଟିଥିବା ବେଳେ ବର୍ତ୍ତମାନ ତାଙ୍କର ଏକ ୧୨ ବର୍ଷର କନ୍ୟା ଓ ବୃଦ୍ଧା ମାଆ ଅଛନ୍ତି। ସରକାରଙ୍କ ପକ୍ଷରୁ ମୃତା ମହିଳାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ସହ ଇବ୍ ନଦୀର ସତନାଦରହ ପମ୍ପ ହାଉସ ଅଞ୍ଚଳରେ ଅଧିକ ସୁରକ୍ଷା ବ୍ୟବସ୍ଥା କରିବାକୁ ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ଦାବି ହୋଇଛି ।

### ଏକ୍ସ କ୍ୟାଡର ଶିକ୍ଷକଙ୍କ ଇନକ୍ରିମେଣ୍ଟ ପ୍ରଦାନ ନିର୍ଦ୍ଦେଶ

ସୁନ୍ଦରଗଡ଼, ୩ା୧ (ଡି.ଏନ୍.ଏ)
ସୁନ୍ଦରଗଡ ଜିଲାପାଳଙ୍କ ଅନୁମୋଦନ କ୍ରମେ ଜିଲାଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ପତ୍ରାଙ୍କ ସଂଖ୍ୟା ୪୨୮୮ /ତା ୩୧-୧୨- ୨୦୧୯ ଅନୁସାରେ ଜିଲାର ସମସ୍ତ ବ୍ଲକରେ କାର୍ଯ୍ୟରତ ଗଣଶିକ୍ଷକରୁ ନିୟମିତ ଶିକ୍ଷକ ହୋଇଥିବା ୧୫୦୦ ଏକ୍ସ କ୍ୟାଡର ଶିକ୍ଷକଙ୍କ ପ୍ରଥମ ଓ ଦ୍ୱିତୀୟ ବାର୍ଷିକ ଇନକ୍ରିମେଣ୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲାର ଲେଭଲ -୫ ଏକ୍ସ କ୍ୟାଡର ଶିକ୍ଷକ ସଂଘ ତରଫରୁ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କ ଠାରେ କୃତଜ୍ଞତା ଜଣାଇଛନ୍ତି। ମାର୍ଚ୍ଚ ୨୦୧୭ରୁ ୨୦୧୯ ମଧ୍ୟରେ ଏହି ଶିକ୍ଷକମାନଙ୍କୁ ବାର୍ଷିକ ଇନକ୍ରିମେଣ୍ଟ ଦେବା ପାଇଁ ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ଏହି ପତ୍ରାଙ୍କ ଜରିଆରେ ନିର୍ଦ୍ଦେଶ ଦିଆଯାଇଛି। ଏଥି ସହିତ ମାର୍ଚ୍ଚ ୨୦୧୭ରୁ ମାସିକ ଘରଭଡା ଦେବା ପାଇଁ ଯଥାଶିଘ୍ର ପଦକ୍ଷେପ ନେବାକୁ ସଂଘର ସଭାପତି ସୁଧାକର ସିଂ, ସମ୍ପାଦକ ଦିଗାମ୍ବର ପଟେଲ, କୃଷ୍ଣଚନ୍ଦ୍ର ବେହେରା ଓ ରାଜେଶ ପ୍ରତାପ ଶେଖର ଦେଓ ଦାବି କରିଛନ୍ତି।

# ଅଧିକାରୀ ବଦଳୁଛନ୍ତି, ପରିବର୍ତ୍ତନ ହେଉନି ଷ୍ଟିଲସିଟି ଭାଗ୍ୟ




ଆର୍‌ଏମ୍‌ସି କମିଶନର ଦିବ୍ୟଜ୍ୟୋତି ପରିଡା ଏବଂ ରାଉରକେଲା ଏଡିଏମ୍ ଆବାଲି ସୁନୀଲ୍

ରାଉରକେଲା ଅଫିସ,୩ା୧-ଗତ ୧୫ ବର୍ଷରେ ୧୩ ଏଡିଏମ୍ ପରିବର୍ତ୍ତନ ହୋଇଛନ୍ତି। ୫ବର୍ଷରେ ୬ କମିଶନର ଓ ୪ ବର୍ଷରେ ୫ ସିଇଓଙ୍କ ବଦଳି ହୋଇଛି । ଏହାପରେ ବି ଷ୍ଟିଲସିଟି ବାସିନ୍ଦାଙ୍କୁ ମୌଳିକ ସୁବିଧା ସୁଯୋଗ ମିଳିପାରିନାହିଁ । ଗତ କିଛିଦିନ ତଳେ ଦିବ୍ୟାଜ୍ୟୋତି ପରିଡାଙ୍କୁ ରାଉରକେଲା ମ୍ୟୁନିସିପାଲ କମିଶନର(ଆରଏମ୍‌ସି) ଓ ସ୍ମାର୍ଟ ସିଟି ସିଇଓ ଭାବେ ନିଯୁକ୍ତି ମିଳିଛି। ପୂର୍ବରୁ ଏହି ଦାୟିତ୍ୱରେ ଥିବା ଡ. ୟେଦୁଲ୍ଲା ବିଜୟଙ୍କୁ ଭୁବନେଶ୍ୱର ଫେରାଇ ନିଆଯାଇଛି। ୟେଦୁଲ୍ଲା ଆରଏମ୍‌ସି କମିଶନର, ଆରଡିଏ ଅଧ୍ୟକ୍ଷ ଓ ଅତିରିକ୍ତ ଜିଲାପାଳ ଭାବେ ମାସ କେଇଟା କାମ କରିବା ପରେ ତାଙ୍କର ବଦଳି କରାଯାଇଛି। ନୂଆ ଏଡିଏମ୍ ଆଜି ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେଇ ନାହାଁନ୍ତି। ଏବେ ଆରଏମ୍‌ସି କମିଶନର ଓ ଆରଡିଏ ଅଧ୍ୟକ୍ଷ ଭାବେ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ରାଉରକେଲା ଅଣାଯାଇଛି। ବାରମ୍ବାର ଅଧିକାରୀଙ୍କ ବଦଳି ଯୋଗୁ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି ।

୨୦୧୪ରୁ ରାଉରକେଲାକୁ ସ୍ମାର୍ଟ ସିଟି ଘୋଷଣା କରାଯାଇଥିଲା । ଏହାପରେ ବାରମ୍ବାର ଉଚ୍ଚପଦସ୍ଥ ଅଧିକାରୀଙ୍କ ବଦଳି ଓ ନିଯୁକ୍ତି ଯୋଗୁ ନାନା ସମସ୍ୟା ସୃଷ୍ଟି ହେଉଛି। ଅଧିକାରୀ ଆସୁଛନ୍ତି ଯାଉଛନ୍ତି। ନୂଆ ଏଡିଏମ୍ ଆବୋଲି ସୁନୀଲ ନାରଭାନି ଏପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ଗତ ୫ ବର୍ଷ ଧରି କେବଳ ବଦଳି ଓ ନିଯୁକ୍ତିରେ ଷ୍ଟିଲସିଟିର ବିକାଶ ସୀମିତ ରହିଛି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି । ମହାନଗର ଓ ସ୍ମାର୍ଟ ସିଟି ଘୋଷଣା ସତ୍ତ୍ୱେ ଏ ସହରର ସେମିତି କିଛି ଆଖିଦୃଶିଆ ଉନ୍ନତି ସମ୍ଭବ ହୋଇପାରିନି। କ୍ରମାନ୍ୱୟରେ ଯେତେ ଅଧିକାରୀ ଆସୁଛନ୍ତି ସେତେ ନୂଆ ପ୍ରକଳ୍ପ ଘୋଷଣା କରାଯାଉଛି। ସହରର ରୂପରେଖ ବଦଳିବା ନେଇ ସ୍ୱପ୍ନ ଦେଖାଉଛନ୍ତି କର୍ତ୍ତୃପକ୍ଷ। ହେଲେ ଏଥିରୁ ଗୋଟିଏ ସୁଦ୍ଧା କାର୍ଯ୍ୟକାରୀ ହୋଇପାରୁନି। ମାତ୍ର ବର୍ଷ କି ୬ ମାସ ଭିତରେ ସମ୍ପୃକ୍ତ ଅଧିକାରୀଙ୍କ ବଦଳି ସହରବାସୀଙ୍କୁ ଏକ ପ୍ରକାର ନିରାଶ କରିଛି। ଏମିତି ଅବସ୍ଥାରେ ସହରର ସ୍ୱେରେଜ ବ୍ୟବସ୍ଥା, ରାସ୍ତା, ପାର୍କିଂ, ଟ୍ରାଫିକ, ବିଜୁଳି, ଆବାସିକ ଯୋଜନା, ବର୍ଜ୍ୟ ବସ୍ତୁ ପରିଚାଳନା, ହୋଲ୍‌ଡିଂ ଟ୍ୟାକ୍ସ ଭଳି ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇପାରୁନି। ଅତିରିକ୍ତ ଜିଲାପାଳଙ୍କ ବାରମ୍ବାର ବଦଳି ଯୋଗୁ ଇସ୍ପାତ କାରଖାନା ବାସଚ୍ୟୁତ ନ୍ୟାୟ ପାଇପାରୁ ନାହାଁନ୍ତି। ନିକଟରେ ଏଡିଏମ୍ ଦାୟିତ୍ୱରେ ଥିବା ବିଜୟଙ୍କ ଉପସ୍ଥିତିରେ ବିସ୍ଥାପିତଙ୍କ ସମସ୍ୟା ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଆଶା କରାଯାଉଥିଲା ଖୁବ୍‌ଶୀଘ୍ର ଏହାର ସମାଧାନ ହୋଇଯିବ। ଏବେ ତାଙ୍କ ବଦଳି ପରେ ଦାସେ ଆଇଲେ ମୂଳରୁ ଗାଆ ନୀତି ଅନୁସରଣ କରାଯିବ। ଏମିତି ଅବସ୍ଥାରେ ବିରୋଧୀ ତୁଣ୍ଡ ଚୁପ କରିବାକୁ ସରକାର ସାମୟିକ ପଦକ୍ଷେପ ନେବା ଦେଖାଯାଉଛି। ଯାହାଦ୍ୱାରା ସକହରବାସୀଙ୍କ ଦୀର୍ଘଦିନର ସମସ୍ୟା ସମାଧାନ ହୋଇପାରୁନି। ନୂଆ ଅଧିକାରୀଙ୍କୁ ନେଇ ଉତ୍ସାହିତ ସହରବାସୀଙ୍କୁ ବାରମ୍ବାର ନିରାଶାର ମୁହଁ ଦେଖିବାକୁ ମିଳୁଛି। ପରିସ୍ଥିତି ଏମିତି ଯେ ବଦଳି ଓ ନୂଆ ନିଯୁକ୍ତ ଅଧିକାରଙ୍କ ତାଲିକା ରଖିବାକୁ ଆଉ କାହା ମନରେ ଆଗ୍ରହ ରହୁନି। ନିଯୁକ୍ତିପ୍ରାପ୍ତ ଅଧିକାରୀଙ୍କ ଦିନ କେଇଟା ପରେ ବଦଳି ହେବା ସୁନିଶ୍ଚିତ ଏମିତି ଧାରଣା ଅନେକଙ୍କ ମନରେ ବସା ବାନ୍ଧିଲାଣି। ଏଣୁ ଘଟଣା ନେଇ କେହି ପ୍ରଶ୍ନ ଉଠାଉ ନାହାନ୍ତି। ଅନ୍ୟପକ୍ଷେ ଣେ ଜଣେ ଅଧିକାରୀ ଏଠାରେ ଏକାଧିକ ପଦରେ ରହି ଅଣ ନିଃଶ୍ୱାସୀ ହୋଇ ପଡୁଛନ୍ତି। ନିଜ ଦକ୍ଷତା ପ୍ରତିପାଦନ କରିବାକୁ ସୁଯୋଗ ପାଉନାହାଁନ୍ତି। ଶେଷରେ ବିଦା ହେଉଛନ୍ତି। ସହରବାସୀଙ୍କ ମୌଳିକ ସମସ୍ୟା ଯେଉଁ ତିମିରେକୁ ସେହି ସେହି ତିମିରେ ରହିଛି ବୋଲି ଆଲୋଚନା ହେଉଛି।

## ଡକ୍ଟର ସୁବାସ ଲେଙ୍କା ସମ୍ମାନିତ



ଆୟୋଜିତ କାର୍ଯ୍ୟକ୍ରମରେ କବି ସୁବାସ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଉରକେଲା ଅଫିସ, ୩ା୧

ସେକ୍ଟର-୧୯ ସିଭିକ ସେଣ୍ଟରଠାରେ ୟୁଥ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ସାହିତ୍ୟିକ ତଥା ଭାରତୀୟ ରେଲବାଇ ମଜଦୁର ସଂଘର ରାଷ୍ଟ୍ରୀୟ ମୁଖପାତ୍ର ଡକ୍ଟର ସୁବାସ ଲେଙ୍କାଙ୍କୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଛି । ଓଡ଼ିଆ ଭାଷାର ପ୍ରଚାର ପ୍ରସାର ସହିତ ୫୪ ଖଣ୍ଡ ପୁସ୍ତକ ପାଇଁ ତାଙ୍କୁ ମାନପତ୍ର ସହ ଟ୍ରଫି ଓ ଉପଢୌକନ ପ୍ରଦାନ କରାଯାଇଛି। ଡକ୍ଟର ଲେଙ୍କାଙ୍କ ଦ୍ୱାରା ରଚିତ ୪ଖଣ୍ଡ ପୁସ୍ତକ ମୁମ୍ବାଇର ବଲିଉଡର ନିର୍ଦ୍ଦେଶକଙ୍କ ଦ୍ୱାରା ଫିଲ୍ମ ନିର୍ମାଣ ଓ ଗୋଟିଏ ବିଶ୍ୱସ୍ତରୀୟ ଇଂଲିଶ ଟେଲି ଫିଲ୍ମ ପାଇଁ ସ୍ୱୀକୃତି ଲାଭ କରିଛି। ଏଥି ନିମନ୍ତେ ତାଙ୍କୁ ଓଡ଼ିଶା ସମେତ ଦେଶର ବହୁ କବି, ସାହିତ୍ୟିକ ପ୍ରଶଂସା କରିଛନ୍ତି। ଲେଙ୍କାଙ୍କ ଓଡ଼ିଆ, ଇଂଲିଶ ଓ ହିନ୍ଦୀ ପୁସ୍ତକ ମିଶି ୫୪ ଖଣ୍ଡ ପ୍ରକାଶ ପାଇଛି। ଏହାକୁ ବିଭିନ୍ନ ଭାଷାରେ ମଧ୍ୟ ଅନୁବାଦିତ କରାଯାଇଛି। ଏଥିପାଇଁ ତାଙ୍କୁ ବହୁ ସମ୍ମାନ ମିଳିଛି। ଏଥି ସହିତ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ରାଜ ଭାଷା ସମ୍ମାନ ପାଇଛନ୍ତି ଲେଙ୍କା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଇତ ଚାଷ ସୁନା ଚାଷ**
**ବୈଶାଖ ଚାଷ କୁଟୁମ୍ବ ପୋଷ**
**ଜ୍ୟେଷ୍ଠେ ଚାଷ ରାଜା ପୋଷ**
**ଆଷାଢ଼ ଚାଷ ବେଳହୁଁ ଖସ ।**

ଚଇତ ମାସରେ ଚାଷ କରାଗଲେ ଚାଷବାସରୁ ଭଲ ଅମଳ ମିଳିଥାଏ। ବୈଶାଖ ମାସରେ କରାଯାଇଥିବା ଚାଷରୁ ଯାହା ଉପାର୍ଜନ ହୋଇଥାଏ ତାହା କୁଟୁମ୍ବ ପୋଷିବାରେ ଅସୁବିଧା ରହି ନ ଥାଏ। ସେହିପରି ଜ୍ୟେଷ୍ଠମାସରେ ଚାଷକାର୍ଯ୍ୟ ଆରମ୍ଭ କଲେ ଚାଷରୁ ଯାହା ମିଳେ ସେତକ ଖଜଣା ଦେବାରେ ଖର୍ଚ୍ଚ ହୋଇଯାଇଥାଏ । ପରନ୍ତୁ ଆଷାଢ଼ ମାସରେ ଚାଷ କଲେ ଚାଷରେ କ୍ଷତି ଘଟିବାର ବହୁ ସମ୍ଭାବନା ରହିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଚୂନକୁ ଯେବେ ପାନ ଥାଆନ୍ତା**
**ଦିଁ କଳ ନାଲି ବୋହି ପଡ଼ନ୍ତା ।**

କିଛି ବ୍ୟକ୍ତି ଅନ୍ୟଆଗରେ ନିଜର ବୃଥା ବଡ଼ିମା ଦେଖେଇ ହୁଅନ୍ତି। ନିଜେ ଯେତେ ନୁହଁ କି ଯାହା ନୁହଁ ତାହାଠୁ ଅତିରଞ୍ଜିତ କରି ଅନ୍ୟର ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା ଚଳାଇଥାନ୍ତି। ବ୍ୟକ୍ତିଙ୍କ ଏପରି ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ପାଳିତ

ରାଉରକେଲା ଅଫିସ,୩ା ୧

ବିଶିଷ୍ଟ ସମାଜବାଦୀ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତଙ୍କ ୧୦୧ତମ ଜୟନ୍ତୀ ଶୁକ୍ରବାର ରାଉରକେଲା ସରକାରୀ ଡାକ୍ତରଖାନା କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ହିନ୍ଦ ମଜଦୁର ସଭା ସହବନ୍ଧିତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ସଂଗଠନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ରାଉରକେଲା ବିଧାୟକ ସାରଦା ନାୟକ ଅତିଥି ଭାବେ ଯୋଦେଇ ସ୍ୱର୍ଗତ ପଣ୍ଡିତଙ୍କ ଦୀର୍ଘ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ସଂଗଠନ ଉପଦେଷ୍ଟା ଦେବେନ୍ଦ୍ର ଆଚାର୍ଯ୍ୟ ପଣ୍ଡିତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସାଧାରଣ ମଣିଷଙ୍କ ପାଇଁ ତାଙ୍କ ସଂଗ୍ରାମ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଏଥିରେ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ) ଭାରପ୍ରାପ୍ତ ନିର୍ଦ୍ଦେଶକ ଡାକ୍ତର ଦୀନବନ୍ଧୁ ପଣ୍ଡା, ରାଉରକେଲା ମଜଦୁର ସଭା (ଆରଏମଏସ) ସଭାପତି ପ୍ରଭାକର ଚମ୍ପତିରାୟ, ସାଧାରଣ ସମ୍ପାଦକ ଶଶଧର ନାୟକ, ରାଜ୍ୟ ସମ୍ପାଦକ ପ୍ରମୋଦ ଦାସ, ଜଣାଶୁଣା ଶ୍ରମିକ ନେତା ଦିଗମ୍ବର ମହାନ୍ତି, ଜୁନାଥନ ତିର୍କୀ, ପ୍ରତାପ ଦାସ, ମୀନା ଦାସ, ଚିତ୍ରା ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ବାବୁଲି ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।




ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ଅବସରରେ ସଭାରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

KUBER FINANCE
Kuber ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ ।
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
7056393742

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

UJJIVAN FINANCE
ଭାରତର ନଂ.1 କମ୍ପାନୀ
ଋଣ 1% ସୁଧ 50% ଛାଡ଼
ମୁଦ୍ରା ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ — ସବୁ ଋଣ 24 ଘଣ୍ଟାରେ ପାଆନ୍ତୁ
ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ, ଆଦି ସବୁ ଋଣ
*T&C Apply
ଚାଷୀ, ମହିଳାଙ୍କ ପାଇଁ ବିଶେଷ ଅଫର୍
094738-08189
073762-57896

ଋଣ ଧମାକା
ଋଣ ପାଆନ୍ତୁ ଆଧାରକାର୍ଡରୁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁ ପାଳନ, ସମୂହ ଋଣ ।
ଫୋନ୍ କରନ୍ତୁ
9162071458
8863936059
New Ashok Nagar, East Delhi, Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ଲକ୍ଷ୍ମୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୧% ସୁଧରେ ଘରେ ବସି ପାଆନ୍ତୁ (All Odisha)।
ମହିଳା ଓ ଚାଷୀ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
Neha - 7587695952,
Mansi - 9977126495,
Vedika - 7773046066,
Riya - 9630505047,
Priya - 8269113958,
Anju - 7509661004

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର

## ସଂକ୍ଷେପରେ

### ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ

**ଲଇକେରା,୩୧(ଡିଏନଏ):** ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ନିକ୍ତିମାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଷ୍ଟମ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ଗତ ୨୭ ତାରିଖରେ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏନେଇ ସ୍କୁଲ କମିଟି ଗୁରୁବାର ଏକ ବୈଠକ କରି ଘଟଣା ସଂକ୍ରାନ୍ତରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିବା କମିଟି ସଭାପତି ଦୁର୍ଯ୍ୟୋଧନ ବରିହା କହିଛନ୍ତି। ଅନ୍ୟପକ୍ଷେ ଶୁକ୍ରବାର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ପ୍ରଧାନ ଶିକ୍ଷକଙ୍କ ବିରୋଧରେ

**କାର୍ଯ୍ୟାନୁଷ୍ଠାନ ଦାବି**

କାର୍ଯ୍ୟାନୁଷ୍ଠାନ ଦାବି କରି ସ୍କୁଲ କମିଟି କର୍ମକର୍ତ୍ତା ଏବଂ ଗ୍ରାମର ଯୁବଗୋଷ୍ଠୀ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ଯୁବଗୋଷ୍ଠୀ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ନିକ୍ତିମାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଡୁଲେନ୍ଦ୍ର କୁମାର ସାହାଁସିଆଙ୍କୁ ପଚାରିବାକୁ ଅଭିଯୋଗକୁ ଖଣ୍ଡନ କରିଥିଲେ। ଏପରି କି କିଛି ଖଳ ପ୍ରକୃତିର ଲୋକ ଆକୋଶମୂଳକ ଭାବେ ତାଙ୍କୁ ବଦନାମ କରୁଥିବା କହିଛନ୍ତି।




ମଞ୍ଚରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।




ଅତିଥିଙ୍କ ସହ ଆକାଂକ୍ଷା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବାଳିକାମାନେ।

■ ଝାରସୁଗୁଡ଼ା ଜିଲା ମହୋତ୍ସବ ଦୁଲ୍‌ଦୁଲିର ତୃତୀୟ ଦିବସ

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଝୁମିଲେ

**ଝାରସୁଗୁଡ଼ା ସହର ହେବ ସଂସ୍କୃତିର ପ୍ରାଣକେନ୍ଦ୍ର**

**ଝାରସୁଗୁଡା ଅଫିସ୍/ ଲଖନପୁର, ୩୧ (ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ପ୍ରତିଷ୍ଠା ଦିବସ ଅବସରରେ ଚାଲିଥିବା ୧୮ତମ ଜିଲା ମହୋତ୍ସବ ଦୁଲ୍‌ଦୁଲିର ଶୁକ୍ରବାର ଥିଲା ତୃତୀୟ ଦିବସ। ଏଥିରେ ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନ, ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଜିଲାପାଳ ନିଖିଳ ପବନ କଲ୍ୟାଣ, ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ପିଡିଆର୍‌ଡିଏ ତପିରାମ ମାଝି, ବେଲପାହାଡ଼ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଝାରସୁଗୁଡ଼ା ଜିଲାପାଳ ସରୋଜ କୁମାର ସାମଲ ଅଧ୍ୟକ୍ଷତା କରିଥିବା ବେଳେ ସନ୍ଦିପ ଅଗସ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଅଧ୍ୟକ୍ଷ ଚୌହାନ ବକ୍ତବ୍ୟରେ କହିଥିଲେ, ଝାରସୁଗଡ଼ା ଜିଲା ଏକ ଶିଳ୍ପନଗରୀ ଜିଲା ଭାବେ ଖ୍ୟାତି ଅର୍ଜନ କରିଛି। ଏଠାରେ ବିଭିନ୍ନ ଭାଷାଭାସି ଲୋକ ବସବାସ କରୁଛନ୍ତି। ଫଳରେ ଝାରସୁଗୁଡ଼ାକୁ ମୀନିଇଣ୍ଡିଆ କୁହାଯାଉଛି। ଏହାର କଳା, ସଂସ୍କୃତି, ଐତିହ୍ୟ ପରମ୍ପରାର ସ୍ୱତନ୍ତ୍ରତା ରହିଛି। ଏହାକୁ ବଜାୟ ରଖି ଝାରସୁଗୁଡ଼ା ସହରକୁ ଏକ ସାଂସ୍କୃତିକ ପ୍ରାଣକେନ୍ଦ୍ର ଭାବେ ଗଢିତୋଳିବାକୁ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ର ଓ ସାଧାରଣ ଲୋକଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ବରିଷ୍ଠ ବିଭାଗରେ ରୋଟାରି କ୍ଲବ ବିଜେତା ହୋଇଥିବା ବେଳେ ମହିଳା କଲେଜ ଉପବିଜେତା ହୋଇଥିଲା। ସେହିପରି କନିଷ୍ଠ ବିଭାଗରେ ସେଣ୍ଟମେରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ବିଜେତା ହୋଇଥିବା ବେଳେ ପୁରୁଣାବସ୍ତି ଏମ୍‌ପିଏଲ୍ ଉଚ୍ଚ ବିଦ୍ୟାଳୟ ଉପବିଜେତା ହୋଇଥିଲା। ପ୍ରତିଯୋଗିତାକୁ ରାମକୃଷ୍ଣ ଦାସ, ସୁଧୀର ମହାପାତ୍ର ଓ ସାଞ୍ଚାଲି ମୁଖାର୍ଜୀ ପ୍ରମୁଖ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ବେହେରା, ଧନଞ୍ଜୟ ବେହେରା, ଶଶୀ ଭୂଷଣ ତିୱାରୀ, ବିବେକ ମିଶ୍ର, ଆଶିଷ ଶୁକ୍ଳା, ନନ୍ଦିନୀ ପଟେଲ ଓ ଅକ୍ଷୟ ପତି ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଚାଇଲ୍ଡ ଲାଇନ୍ ପକ୍ଷରୁ ୧୮ବର୍ଷ ବୟସରୁ କମ୍ ବାଳିକାଙ୍କ ପାଇଁ ଆକାଂକ୍ଷା ନାମକ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ସନ୍ଧ୍ୟା ଅଧିବେଶନରେ ରାଜ୍ୟ ଓ ରାଜ୍ୟ ବାହାରର କଳାକାରଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଭୁବନେଶ୍ୱରର ନୃତ୍ୟକ୍ଷେତ୍ର ଅନୁଷ୍ଠାନର ଓଡ଼ିଶୀ ନୃତ୍ୟ, ଝାରସୁଗୁଡ଼ାର ରୁମ୍‌କୁଝୁମା ନୃତ୍ୟ ପରିଷଦ ଅନୁଷ୍ଠାନର ରୁଟ୍‌କୁରୁଟା, ପଶ୍ଚିମବଙ୍ଗ କୋଲକତାର ଇଜେଜ୍‌ସିସି ଅନୁଷ୍ଠାନ କଳାକାରଙ୍କ ପୁରଲିଆ ଛଉ, ଆସାମର ବିହୁ ନୃତ୍ୟ, ମହାରାଷ୍ଟ୍ର ରତ୍ନଗିରିର ଅଥର୍ବବେଦ ପରମ୍ପରା ପଲାମଞ୍ଚ ଅନୁଷ୍ଠାନର ଗୋଓାଲ୍ ନୃତ୍ୟ, ମୟୂରୀ ବ୍ଲକର ରସରକେଲି ନୃତ୍ୟ, ଅନୁଗୋଳ ଜିଲା ତାଳଚେର ଅମୃତ ଅନୁସନ୍ଧାନ ଅନୁଷ୍ଠାନର ଢୁଢୁକି ନୃତ୍ୟ, କୁଚିଣ୍ଡା କଳାପରିଷଦ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ମଣିଷର ଜୀବନରୁ ମରଣ ନାଟକ, ବାମରା ସର୍‌ଗମ୍ କଳାପରିଷଦ ଅନୁଷ୍ଠାନର ପଞ୍ଚରଷି ଆଦି କାର୍ଯ୍ୟକ୍ରମ ହୋଇଥିଲା। ପ୍ରବଳ ଥଣ୍ଡା ସାଙ୍ଗକୁ କୋହଲା ପାଗ ସତ୍ତ୍ୱେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଝୁମି ରହିଥିଲେ।




ଝାରସୁଗୁଡ଼ା ଜିଲା ମହୋତ୍ସବ ଦୁଲ୍‌ଦୁଲିର ତୃତୀୟ ଦିବସରେ ଉପସ୍ଥିତ ଅତିଥିବୃନ୍ଦ।

## ବେଲପାହାଡ଼ କ୍ରିକେଟ ଲିଗ୍ ଟିଆର୍‌ଏଲ କ୍ରୋସାକି, ଟାଇଗର ସେମିରେ

**ବେଲପାହାଡ଼,୩।୨ (ଡ଼ି.ଏନ୍.ଏ)** ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ ଷ୍ଟାଡ଼ିୟମରେ ଶୁକ୍ରବାର କ୍ରିକେଟ ଲିଗ୍‌ର ଷଷ୍ଠ ଦିନରେ ବିଓସିଏମ୍ ଓ ଟିଆର୍‌ଏଲ୍ କ୍ରୋସାକି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏଥିରେ ବିଓସିଏମ ଦଳ ପ୍ରଥମ ଇନିଂସରେ ୧୬ ଓଭରରେ ୫ ଉଇକେଟ ହରାଇ ୧୨୬ ରନ୍ ସଂଗ୍ରହ କରିଥିଲା। ଦ୍ୱିତୀୟ ଇନିଂସରେ ଟିଆର୍‌ଏଲ କ୍ରୋସାକି ଦଳ ୧୪.୫ ଓଭରରେ ୨ ଉଇକେଟ ହରାଇ ୧୨୯ ରନ କରି ମ୍ୟାଚ୍ ବିଜୟୀ ହୋଇଥିଲା। ଟିଆର୍‌ଏଲ କ୍ରୋସାକି ଦଳର ବ୍ୟାଟ୍ସମ୍ୟାନ କିଶୋର ସାହୁ ୩୮ ବଲରେ ୬୫ ରନ୍ କରିଥିବାରୁ ତାଙ୍କୁ ମ୍ୟାନ ଅଫଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଦ୍ୱିତୀୟ ମ୍ୟାଚ୍ ଟାଇଗର ଓ ଲଖନପୁର ଏମସିଏଲ ଦଳ ମଧ୍ୟରେ ଟକ୍କର ହୋଇଥିଲା। ଟାଇଗର ଦଳ ବ୍ୟାଟିଂ କରି ୧୬ ଓଭରରେ ୩ ଉଇକେଟ ହରାଇ ୧୩୯ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଲଖନପୁର ଦଳ ୧୬ ଓଭରରେ ୬ ଉଇକେଟ ହରାଇ ୧୧୫ ରନ୍ ସଂଗ୍ରହ କରିଥିଲା। ଉକ୍ତ ମ୍ୟାଚ୍‌ରେ ଟାଇଗର କ୍ଲବର ସାଧାରଣ ସମ୍ପାଦକ ରଞ୍ଜନ ଦାସ ଅତିଥି ଭାବରେ ଯୋଗ ଦେଇଥିଲେ। ଶନିବାର ୟୁନାଇଟେଡ଼ ଏକାଦଶ ଓ ଟିଆର୍‌ଏଲ କ୍ରୋସାକି ଦଳ ମଧ୍ୟରେ ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଟାଇଗର କ୍ଲବ ଓ ଟାଇଗର ସିନିୟର ଦଳ ମଧ୍ୟରେ ଅନୁଷ୍ଠିତ ହେବ।

# ଖଣି ଅଞ୍ଚଳରେ ପ୍ରଦୂଷଣ ରୋକିବା ନେଇ ଉଦ୍ୟମ

**ଲଖନପୁର,୩୧(ଡି.ଏନ୍.ଏ.)** ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁରକ୍ଷେତ୍ର କୋଇଲାଖଣି ଅଞ୍ଚଳରେ ବାୟୁପ୍ରଦୂଷଣ ରୋକିବା ନେଇ କମ୍ପାନୀ ପକ୍ଷରୁ ଯନ୍ତ୍ରାଂଶ ମାଧ୍ୟମରେ ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ଟ୍ରକ୍ ମାଉଣ୍ଟ ଫଗ୍ ନାମକ ଏକ ମେଶିନକୁ ଶୁକ୍ରବାର ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ ଅନିଲ କୁମାର ସିଂହ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବ ଲଖନପୁର ଖୋଲାମୁହଁ କୋଇଲାଖଣି ରେଲଓ୍ୱ ସାଇଡିଂ ଅଞ୍ଚଳରେ ହୋଇଥିଲା। ଉତ୍ସରେ ମହାପ୍ରବନ୍ଧକ ଅନିଲ କୁମାର ସିଂହ, ଖଣି ପ୍ରକଳ୍ପ ଅଧିକାରୀ ଅରୁଣ କୁମାର ସ୍ୱର୍ଣ୍ଣକର, ଏମ୍‌ଏସ୍ ପାଣ୍ଡେ, ଭିକେ ରାୟ,ଏ.ଚିଦାମ୍ବରମ୍, ଏଚ୍.ଏସ୍.ପି. ସିଂହ, ଆର୍.ପି. ଶରଣ ପ୍ରମୁଖ ଅଧିକାରୀ ଉପସ୍ଥିତି ଥିଲେ। ଏହି ମେଶିନ୍ ୪୦ମିଟର ପର୍ଯ୍ୟନ୍ତ ପାଣି ସ୍ପ୍ରେକରି ବାୟୁମଣ୍ଡଳରେ ଉଡୁଥିବା କୋଇଲାଗୁଣ୍ଡକୁ ନିୟନ୍ତ୍ରଣ କରି ତଳକୁ ଟାଣି ମାଟିରେ ପକାଇବ। ଏହି ମେଶିନ୍ ଖଣିର ବିଭିନ୍ନ ଅଞ୍ଚଳକୁ ଯାଇ ପ୍ରଦୂଷଣ ରୋକିବା ଦିଗରେ କାର୍ଯ୍ୟକରିବ। ଖଣି ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳ ରାସ୍ତାରେ ଉଡୁଥିବା ଧୂଳିକୁ ନିୟନ୍ତ୍ରଣ କରିବା ପାଇଁ ଏହି ମେଶିନ୍‌କୁ ନିୟୋଜିତ କରାଯିବ। ମେଶିନକୁ ପରୀକ୍ଷା ମୂଳକ ଭାବେ ଲଖନପୁର କୋଇଲାକ୍ଷେତ୍ରରେ ନିୟୋଜିତ କରାଯାଇଛି। ଆଗାମୀ ଦିନରେ ଏହାର ସଫଳତା ପରେ ଖଣି ଅଞ୍ଚଳରେ ମେଶିନ ସଂଖ୍ୟା ବୃଦ୍ଧି କରାଯିବ ବୋଲି ମହାପ୍ରବନ୍ଧକ ସିଂହ କହିଛନ୍ତି। ଏମ୍‌ସିଏଲ୍‌ର ଏଭଳି ପଦକ୍ଷେପକୁ ଅଧିକାରୀ ଓ କର୍ମଚାରୀ ମହଲରେ ସ୍ୱାଗତ କରାଯାଇଛି।



ଅଧିକାରୀମାନେ ଖଣି ଅଞ୍ଚଳରେ ମାଉଣ୍ଟ ଫଗ୍ ମେଶିନ୍‌କୁ ଉଦ୍‌ଘାଟନ କରୁଛନ୍ତି।

## ଆନ୍ତଃ ବିଭାଗୀୟ ଆଥଲେଟିକ ପ୍ରତିଯୋଗିତା

**ବ୍ରଜରାଜନଗର, ୩୧(ଡି.ଏନ.ଏ.)** ସ୍ଥାନୀୟ ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଓରିଏଣ୍ଟ କ୍ଷେତ୍ର ଅନୁକୂଲ୍ୟରେ ଆନ୍ତଃ ବିଭାଗୀୟ ଆଥଲେଟିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ଓରିଏଣ୍ଟ କ୍ଷେତ୍ର ପ୍ରବନ୍ଧକ ବି.ସି. ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ପି.ଏସ୍. ସିହ୍ନା, ଶିଖା ଚାଟାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ଶ୍ରମିକ ନେତା ପ୍ରମୁଖ ମଞ୍ଚାସୀନ ଥିଲେ। ମ୍ୟାନେଜର ପ୍ରକାଶ ସୋନି ମଞ୍ଚ ପରିଚାଳନା କରିଥିଲେ। ଚଳିତ ବର୍ଷ ଓରିଏଣ୍ଟ କ୍ଷେତ୍ରର ୩ଟି ବିଭାଗରୁ ୨୭ଟି ଇଭେଣ୍ଟର ୮୫ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ମହିଳା ବିଭାଗରେ କମଳିନୀ ନାୟକ, ପୁରୁଷରେ ବୀରେନ୍ଦ୍ର ଚୌହାନ ଚାମ୍ପିୟନ ହୋଇଥିଲେ। ଖେଳକୁ ଏସ୍.କେ. ପାଇକରାୟ, ଏସ୍.କେ. ଜଗଦେବ, ନିବେଦିତା ରାଉତରାୟ, ଶିବ ପ୍ରଧାନ, ଗଦାଧର ଡାକୁଆ, ନକୁଳ ୟାଦବ ପରିଚାଳନା କରିଥିଲେ।

**The Odisha State Co-operative Milk Producers Federation Limited**
omfed
www.omfed.com
D-2, Sahidnagar, Bhubaneswar-751007
Ph. No.- 0674-2546030, 2540273, 2540417, Fax No. 0674-2540974
Email ID: omfed@yahoo.com

**APPOINTMENT**

Ref: 246/HRD/RFE/19 Date: 01.01.2020

**No. CAD-761:-** Applications are invited for appointment to the post of Manager (P&I), in OMFED. The detailed terms and conditions along with prescribed Application Form is mentioned hereunder.

| Name of the Post | No. of Post | Qualification | Max. Age as on 31.12.2019 | Post Qualification Experience | Scale of Pay |
|---|---|---|---|---|---|
| Manager (P&I) | 01 | 1. Degree in Veterinary/ Animal Husbandry / Dairy Husbandry. 2. Preference will be given for higher qualification in relevant field. | 40 years | Minimum 5 years experience in Managerial Cadre preferably in procurement & input Activities in Dairy Sector | PB-3, Rs. 15,600 - 39,100, Grade Pay: Rs. 6,600/- plus other Allowances as per Federation Rules |

All other information such as Application Form, Last date of submission of Application Form, Scope of Work, Place of posting and other General Conditions for the above post can be downloaded from the OMFED website: www.omfed.com. Federation reserves the right to cancel / amend the Recruitment Notice which will be published in the website only.

06063/11/0005/1920 *General Manager (HR)*

## ଲଇକେରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲଇକେରା,୩୧(ଡି.ଏନ୍.ଏ.)** ଝାରସୁଗୁଡା ଜିଲା ଲଇକେରା ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ମୁଖିଆ ଟଙ୍କଧର ନାଏକଙ୍କ ଅଧ୍ୟକ୍ଷତାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ସୁଭାସ ଚୌହାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କବି ଅଚ୍ୟୁତ ପୁରୋହିତ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ଦିଲୀପ କୁମାର ପଟେଲ, ଡିଗ୍ରୀ କଲେଜ ଅଧ୍ୟକ୍ଷ ସୁଧାଂଶୁ ଶେଖର ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଅଧ୍ୟାପିକା ସୁପ୍ରଭା ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ସୁଦିପ କୁମାର ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ପ୍ରତୀଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR**
**INVITATION FOR BIDS (IFB)**

File No.- C-IIM-IFB-06/2019 No. 54632, Dt.27.12.2019

**1st Corrigendum to Bid Identification No. CE-DPI & R-19/2019-20, dtd.19.12.2019**

**No. B-512:-** The following changes has been made for the work i.e. "Construction of RCC retaining wall along with sand filling on the road from NH-5 to Ardalua from 10/250 km to 11/535 km in the district of Jajpur under State Plan" at Sl. No. 10 invited vide Bid Identification No. CE-DPI & R-19/2019-20 are as follows:

| Sl. No. | Name of Work | Revised value of work (Rs. in lakh) | Security Amount (Rs. in lakh) (Online) |
|---|---|---|---|
| 10. | Construction of RCC retaining wall along with sand filling on the road from NH-5 to Ardalua from 10/250 km to 11/535 km in the district of Jajpur under State Plan | 19,70,80,644.00 | 19,70,900.00 |

2. The The Bid documents for the above work will be available in the website: www.tendersodisha.gov.in from 10.00 AM of 31.12.2019 to 5.00PM of 17.01.2020 for online bidding.

All other terms and conditions remain unchaged.

34117/11/0059/1920 *Sd/- Chief Engineer, DPI & Roads, Odisha*

**ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କରେ**

No. D-245:-



ନାମ : ବିଶାଳ ଲାଖୁଆ
ବୟସ : ୧୪ ବର୍ଷ
ପିତା : ମୁନୁ ଲାଖୁଆ
ଘର : କାର୍ଗିଲ ବସ୍ତି, ଲିଙ୍ଗରାଜ ବିହାର ପାଖ, ପୋଖରୀପୁଟ
ଥାନା : ଏୟାରପୋର୍ଟ, ଭୁବନେଶ୍ୱର କମିଶନରେଟ୍
ଜିଲ୍ଲା : ଖୋର୍ଦ୍ଧା (ଓଡ଼ିଶା)
ଉଚ୍ଚତା : ୪ ଫୁଟ ୩ ଇଞ୍ଚ
ରଙ୍ଗ : କଳା, ପତଳା ଶରୀର, ଲମ୍ବା ମୁହଁ ଏବଂ ସେ ଓଡ଼ିଆ, ହିନ୍ଦୀ ଓ ସାଦ୍ରି ଭାଷାରେ କଥା କହିପାରେ।

ଉକ୍ତ ବାଳକଟି ଗତ ତା୨୭।୧୨।୨୦୧୯ରିଖ ସନ୍ଧ୍ୟା ୬ଘଟିକା ସମୟରେ ଘରୁ କେଉଁଆଡ଼େ ପଳାଇଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ନିଖୋଜ ବାଳକ ବିଷୟରେ ଖବର ପାଇଥାନ୍ତି କିମ୍ବା ପାଆନ୍ତି ତେବେ ନିମ୍ନ ଫୋନ ନମ୍ବରରେ ଜଣାଇବାକୁ ଅନୁରୋଧ।

**ଫୋନ୍ ନମ୍ବର: ୯୪୩୭୨୨୦୦୯୪, ୭୦୦୮୫୮୭୧୭୧, ୭୯୭୮୨୫୯୯୦୪, ୭୭୩୫୪୦୩୭୭୫**

12015/11/0021/1920

**COMMISSIONERATE OF CT AND GST, ODISHA (AT- CUTTACK)**
**(Finance Department, Government of Odisha**

Letter No : 13194/CT&GST Date : 03.10.2019
x-13/BO/2015-Non-Gaz-CCT

**OFFICE ORDER** **No. S-28**

WHEREAS Mr Sayed Ansar Ali, S/o Sayed Mansur Ali, At/P.O-Brahmabarada, P.S-Dharmasala, District-Jajpur, Driver, Commissionerate of CT & GST (Odisha); At-Cuttack erstwhile O/o the Commissioner of Commercial Taxes (Odisha), Cuttack was absent from duty with effect from 25.02.2008 without any prior intimation or permission of the competent Authority.
AND WHEREAS, draft charges were framed against Mr.Ali vide this office Memorandum no: 13649/CT, Date: 30.08.2008 for unauthorized absent from Govt. Duty that amounted to negligence and dereliction of Government duty.
AND WHEREAS, all opportunities as per the provision of OCS (CCA Rule, 1962) had been given to Mr.All by the Enquiring Officer to defend. But he did not avail any of the opportunities.
AND WHEREAS, the Enquiry Officer in his report observed that "He is an absentee from Government duties for more than 5 years who had been remaining absent from Government duty since 25.02.2008. The law deems all absentees beyond 5 years as fit case of removal from service subject to provisions of OCS (CCA Rule 1962)".
AND WHEREAS, Rule 72(2) of Odisha Service Code speaks that " where a Government servant does not resume duty after remaining on leave for a continuous period of a five years, or where a Government servant after the expiry of his leave remains absent from duty otherwise than on foreign service or on account of suspension, for any period which together with the period of the leave granted to him exceeds five years, he shall unless Government in view of the exceptional circumstances of the case otherwise determine, be removed from service after following the procedure laid down in the Odisha Civil Services (Classification, Control and Appeal) Rules, 1962.
AND WHEREAS it was decided to impose punishment on Mr Ansar Ali in pursuant to Rule 72(2) of Odisha Service Code as per the Rule-15 of the OCS(CCA) Rules, 1962 Mr Ali was called upon vide this office letter no : 14029/CT; date: 16.09.2017 to appear before the appointing authority on any state govt. working days within 15 days to show cause as to why major punishment shall not be awarded to him. But he did not appear-before the appointing authority.
AND WHEREAS it was ascertained from the postal acknowledgement the said show cause notice had been received by some Sayena Parween on 19.09.2017 and since Mr Ali did not appear before the appointing authority, another chance was given to him to submit his explanation by appearing before the appointing authority on any state govt working days within 15 days to show cause as to why major punishment shall not be awarded to him vide this office letter no; 7454/CT&GST; date: 16.05.2018. But he did not appear before the appointing authority. Since he is absconded the show cause notice was published in the leading Odia daily i.e Dharitri and Sambad on 03.01.2019. But Mr. Ali did not respond.
AND WHEREAS Mr.Ali has failed to respond to the notice published in the above Odia dailies within the stipulated time frame, the following major penalty is hereby imposed on Mr. Sayed Ansar Ali, Driver of this office U/r 13 of the OCS (CCA) rules, 1962 and Rule 72(2) of Odiaha Service Code.
"Mr. Sayed Ansar Ali Is removed from the Government service which shall not be a disqualification of future employment from the date of Issue of this order.
This is issued wilh the approval of the Commissioner of CT&GST; Odisha.

**Sd./- Addl. Commissioner of CT&GST (SMNG)**
**05006/11/0006/1920**

**OFFICE OF THE ANGUL MUNICIPALITY, ANGUL**
**No.: 10501** **Date: 31.12.2019**
**EXPRESSION OF INTEREST**

No.: C-420: Expression of Interest in sealed cover for single bid proposal invited by the Executive Officer, Angul Municipality from the consultancy firm, for preparation of "DETAILED PROJECT REPORT for construction of sewage treatment plant at Angul under Angul Municipality".
The proposal should be submitted by the bidders along with bid security of Rs.5000/- (Rupees five thousand) only in shape of Bank Draft to be drawn in favour of Executive Officer, Angul Municipality. The cost of tender schedule for Rs.1000/- (Rupees one thousand) only (Non-refundable) to be paid in shape of Cash/Demand Draft. The tender schedule shall be available from 02.01.2020 to 13.01.2020 upto 5.00 P.M. at Cash section of this office. They should quote the rate on percentage basis over the project cost, which will be paid after technical sanction and subject to available of funds. They are required to submit the Xerox copy of the registration certificate of their organization, copy of GSTIN, copy of PAN along with bid documents. They should submit the experience certificate of similar nature of job at least one number already rendered in different ULBs/Line Departments/Govt. Organization etc. from the competent authority of respective organization. The proposal along with all documents shall be received in the office of the Executive Officer, Angul Municipality on or before 14.01.2020 upto 11.00 A.M. in the box provided in the Office of the Executive Officer, Angul Municipality and the same will be opened on same day at 12 Noon in presence of the bidders or their authorized representatives. Tenders received after due date and time shall not be entertained. The authority reserves the right to accept/cancel/reject any or all the proposals without assigning any reason thereof.

**Sd./- Executive Officer**
**Angul Municipality**
13085/11/0021/1920

**GOVT. OF ODISHA**
**OFFICE OF THE COLLECTOR, KANDHAMAL, PHULBANI**
**(ST & SC Development Section)**
Ph/FAX: 06842-253643, e-mail: dwo.kandhamal@gmail.com
Order No. 01/SSD/ XVII-26/19, Date: 02.01.2020

**NOTICE INVITING OBJECTION**

**No. V-68:-** It is hereby informed that the applicants who have applied for the post of TGT, Odia / English / Mathematics / Physical Science / Social Science for Kalinga Model Residential Schools under ST & SC Dev. Deptt. of Kandhamal District in pursuance to Advertisement No. 3933/SSD, Dated 25.10.2019 has been enlisted. The database of applicants is available in the District Portal: www.kandhamal.nic.in as well as in the Notice Board of District Welfare Office, Kandhamal.

The applicants are requested to go through the lists and file their objections if any with justification along with supporting documents by Registered / Speed Post by 18.01.2020. Objections received after 18.01.2020 shall not be entertained.

*By Orders of Collector, Kandhamal*
***Sd./- District Welfare Officer***
***Kandhamal, Phulbani***
24041/11/0014/1920